୫୧

# ଧରିତ୍ରୀ

DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨/୨୦୨୪ (୧୬ ପୃଷ୍ଠା) Bhubaneswar, Monday, December 2/2024 Page 16 ₹ 7.00

୫୧ଶ ଭାଗ ୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 9 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

୫୧ ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଡିସେମ୍ବର ୨/୨୦୨୪ | Bhubaneswar, Monday, December 2/2024




ନୌସେନା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ସମୁଦ୍ର ବେଳାଭୂମିରେ ପ୍ରଦର୍ଶିତ ଯୁଦ୍ଧ କୌଶଳ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ବିପଦ ଆଣୁଛି ଡିଜିଟାଲ ଅପରାଧ

## ଡିଜିପି-ଆଇଜିପି ସମ୍ମିଳନୀରେ ଚିନ୍ତା ବ୍ୟକ୍ତକଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧।୧୨(ପି.ଟି.)

ଅନ୍‌ଲାଇନ୍ ଠକେଇ, ସାଇବରକ୍ରାଇମ୍ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭଳି ଡିଜିଟାଲ ଅପରାଧ ସମାଜ ପାଇଁ ବିପଦ ଆଣୁଛି। ବିଶେଷକରି ଡିପ୍‌ଫେକ୍ ଟେକ୍ନୋଲୋଜି ସାମାଜିକ ଓ ପାରିବାରିକ ସମ୍ପର୍କକୁ ବ୍ୟାହତ କରୁଛି ବୋଲି ରବିବାର ଭୁବନେଶ୍ୱରରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏବଂ ପୋଲିସ ମହାନିରୀକ୍ଷକ (ଆଇଜିପି)ମାନଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସତର୍କ କରାଇଛନ୍ତି।

ଲୋକସେବା ଭବନର କନ୍‌ଭେନ୍ସନ ସେଣ୍ଟରରେ ଶୁକ୍ରବାରଠାରୁ ଚାଲିଥିବା ୫୯ତମ ଡିଜିପି/ଆଇଜିପି ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ସାରା ଦେଶର ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ପୋଲିସର କାର୍ଯ୍ୟଭାର ହ୍ରାସ ପାଇଁ କାରିଗରିର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଥାନାଗୁଡ଼ିକୁ ସମ୍ବଳ ବଣ୍ଟନର କେନ୍ଦ୍ରବିନ୍ଦୁ କରିବାକୁ ପଡ଼ିବ। ତେବେ ପ୍ରଯୁକ୍ତିକୁ ଉପଯୋଗକରି ଘଟାଯାଉଥିବା ଡିଜିଟାଲ ଅପରାଧଗୁଡ଼ିକ ପ୍ରତି ସତର୍କ ହେବାକୁ ପଡ଼ିବ। କାରଣ ଏଆଇ ଏବଂ ପ୍ରଯୁକ୍ତି ଯୋଗୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ବିପଦ ସାମାଜିକ ଓ ପାରିବାରିକ ସମ୍ପର୍କ କ୍ଷେତ୍ରରେ ମଧ୍ୟ ଅନ୍ତରାୟ ସୃଷ୍ଟି କରୁଛି। ଏଭଳି ସ୍ଥିତିରେ ପୋଲିସ ବାହିନୀ କୃତ୍ରିମ ବୁଦ୍ଧିମତ୍ତା ଏବଂ ଆକାଂକ୍ଷୀ ଭାରତକୁ ନେଇ ଦେଶର ଏଆଇ ଶକ୍ତିକୁ ଉପଯୋଗ ପୂର୍ବକ ଏହି ଆହ୍ୱାନକୁ ସୁଯୋଗରେ ପରିବର୍ତ୍ତନ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

କେବଳ ଏତିକି ନୁହେଁ, ସ୍ମାର୍ଟ ପୋଲିସ ପ୍ରଶାସନର ମନ୍ତ୍ରକୁ ମଧ୍ୟ ଅଧିକ ବ୍ୟାପକ କରିବାକୁ ହେବ। ପୋଲିସକୁ ଅଧିକ ରଣନୈତିକ, ନିଷ୍ଠାପର, ଅନୁକୂଳ, ବିଶ୍ୱସନୀୟ ଓ ସ୍ୱଚ୍ଛ ହେବାକୁ ପଡ଼ିବ। ସହରାଞ୍ଚଳ ପୋଲିସ ବ୍ୟବସ୍ଥାରେ ନିଆଯାଇଥିବା ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ଦେଶର ୧୦୦ଟି ସହରରେ ପଦକ୍ଷେପଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି ବୋଲି ସରକାରଙ୍କ ପକ୍ଷରୁ ☞ପୃଷ୍ଠା-୨

# ରାଜ୍ୟର ୩.୫ କୋଟି ଲୋକଙ୍କୁ ମିଳିବ ଆୟୁଷ୍ମାନ କାର୍ଡ

ଭୁବନେଶ୍ୱର,୧।୧୨(ବନ୍ଦନା ସେଠୀ)

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ। ଆୟୁଷ୍ମାନ ଭାରତ ଯୋଜନା ପାର୍ଟ ୧ ଓ ୨କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ପ୍ରାୟ ସାଢେ ୩କୋଟି ଲୋକଙ୍କୁ ବୀମା କାର୍ଡ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରହିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ସରିଛି ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ଚାଲିଛି। ଉଭୟ ଆୟୁଷ୍ମାନ ଯୋଜନା ଓ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଆରୋଗ୍ୟ ଯୋଜନାର ଗୋଟିଏ କାର୍ଡ ହେବ। ଫଳରେ କୌଣସି କାର୍ଡକୁ ନେଇ ଆଉ ଦ୍ୱନ୍ଦ୍ୱ ରହିବ ନାହିଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେହିପରି ଉଭୟ କାର୍ଡ କ୍ୟାସ୍‌ଲେସ୍ ହେବା ସହିତ ଦେଶର ୨୭ହଜାର ହସ୍ପିଟାଲରେ କାର୍ଯ୍ୟକ୍ଷମ ହେବ। ପୁରୁଣା କାର୍ଡରେ ପୂର୍ବରୁ ୯୫୦ଟି ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଥିବାବେଳେ ଆୟୁଷ୍ମାନ କାର୍ଡରେ ଏହାକୁ ବ୍ୟାପକ କରାଯାଇଛି। ଏହି ଗୋଟିଏ କାର୍ଡ ଦେଖାଇ ରୋଗୀ ଉପଲବ୍ଧ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ସଂଖ୍ୟାଲଘୁ ଚରିତ୍ର**

# ଡଲାର ହଟାଇଲେ ବ୍ରିକ୍ସକୁ ୧୦୦% ଟାରିଫ୍

## ଶପଥ ପୂର୍ବରୁ ଟ୍ରମ୍ପଙ୍କ ଧମକ

**ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା(ବ୍ରିକ୍ସ) କିଙ୍ଗ୍ ଡଲାରର ଆଧିପତ୍ୟକୁ ନ୍ୟୂନକରି ନୂଆ ମୁଦ୍ରା ଆପଣାଇଲେ କିମ୍ବା ଅନ୍ୟ କୌଣସି କରେନ୍ସିକୁ ସମର୍ଥନ କଲେ ସମ୍ପୃକ୍ତ ସଦସ୍ୟ ରାଷ୍ଟ୍ରକୁ ଆମେରିକା ପକ୍ଷରୁ ୧୦୦% ଟାରିଫ୍ (ଆମଦାନୀ ଶୁଳ୍କ)ର ସମ୍ମୁଖୀନ ହେବାକୁ ପଡ଼ିବ। ଆମେରିକୀୟ ଡଲାର ଉପରୁ ନିର୍ଭରଶୀଳତା ହ୍ରାସ ପାଇଁ ବ୍ରିକ୍ସ ନୂଆ ବ୍ୟାଙ୍କ ନୋଟ୍ ଆଣିବାକୁ ପ୍ରସ୍ତୁତି ଚଳାଇଥିବାବେଳେ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ରାଷ୍ଟ୍ର ସମୂହକୁ ଏଭଳି ଚେତାବନୀ ଦେଇଛନ୍ତି। ଏତିକି ନୁହେଁ, ବ୍ରିକ୍ସ ଯେପରି ପ୍ରସ୍ତାବିତ କରେନ୍ସି ଆଣିବା ଦିଗରେ ପଦକ୍ଷେପ ନ ନିଏ, ସେ ସମ୍ପର୍କରେ ମଧ୍ୟ ଟ୍ରମ୍ପ୍ ଗ୍ୟାରେଣ୍ଟି ମାଗିଛନ୍ତି। କୌଣସି ବ୍ରିକ୍ସ ରାଷ୍ଟ୍ର ଏହାକୁ ଅବଜ୍ଞା କଲେ ଟ୍ରମ୍ପ୍ ଜାନୁଆରୀ ୨୦ରେ ନୂଆ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆମେରିକା ବଜାରରେ ତାହାର ଉତ୍ପାଦ ବିକ୍ରି କରିବା କାଠିକର ପାଠ ହୋଇଯିବ। ଏହାଦ୍ୱାରା ସମ୍ପୃକ୍ତ ଦେଶର ଅର୍ଥନୀତି ବହୁଳ ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି।**



ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ୍,୧।୧୨

୨୦୦୯ରେ ଗଠିତ ବ୍ରିକ୍ସ ହେଉଛି ଏକମାତ୍ର ବୃହତ୍ ଅନ୍ତର୍ଜାତୀୟ ସମୂହ, ଯହିଁରେ ଆମେରିକା ସାମିଲ ହୋଇନାହିଁ। ପ୍ରଥମେ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା ବ୍ରିକ୍ସ ସଦସ୍ୟ ଥିବାବେଳେ ପରବର୍ତ୍ତୀ ସମୟରେ ଇରାନ୍, ଇଜିପ୍ଟ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏଥିରେ ସଦସ୍ୟ ହୋଇଥିଲେ। ତେବେ ଗତ କିଛି ବର୍ଷ ହେଲା ରୁଷିଆ ଓ ଚାଇନା ସମେତ କେତୋଟି ଦେଶ ଆମେରିକୀୟ ଡଲାରର ବିକଳ୍ପ ମୁଦ୍ରା ବା ବ୍ରିକ୍ସ କରେନ୍ସି ପ୍ରଚଳନ ପାଇଁ ଉଦ୍ୟମ ଚଳାଇ ଆସିଛନ୍ତି। ଏହି ପଦକ୍ଷେପରୁ ଭାରତ ମଧ୍ୟ ବାଦ୍ ପଡ଼ିନାହିଁ। ୨୦୨୩ରେ ଦକ୍ଷିଣ ଆଫ୍ରିକା ବ୍ରିକ୍ସ ସମ୍ମିଳନୀରେ ଏହି ରାଷ୍ଟ୍ର ସମୂହ ନିଜ ନିଜ ମଧ୍ୟରେ ବାଣିଜ୍ୟିକ କାରବାର ପାଇଁ ଏକ ନୂଆ କରେନ୍ସି ଆଣିବା ପାଇଁ ଡିଡଲାରାଇଜେଶନ୍ (ଡଲାର ଉପରୁ ନିର୍ଭରଶୀଳତା ହ୍ରାସ) ଉଦ୍ୟମ ଆରମ୍ଭ କରିଥିଲେ। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡି ସୁଜା ପ୍ରଥମେ ଏହି ପ୍ରସ୍ତାବ ଦେଇଥିଲେ। ସେତେବେଳେ ଭାରତ ମଧ୍ୟ ଏହି ପ୍ରସ୍ତାବରେ ରାଜି ହୋଇଥିଲା।

୨୦୨୪ ଅକ୍ଟୋବର ୨୪ରେ ରୁଷିଆର କଜାନ ସହରରେ ୧୬ତମ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏହି ରାଷ୍ଟ୍ରଗୋଷ୍ଠୀ ପକ୍ଷରୁ ପ୍ରତୀକାତ୍ମକ ଭାବେ ଏକ ସ୍ୱତନ୍ତ୍ର ବ୍ୟାଙ୍କନୋଟ୍ ଜାରି କରାଯାଇଥିଲା। ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଧରିଥିବା ଏକ ବ୍ୟାଙ୍କନୋଟ୍‌ରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଜାତୀୟ ପତାକା ରହିଥିବା ଦେଖିବାକୁ ମିଳିଥିଲା। ସୀମାପାର ବ୍ୟବସାୟିକ କାରବାର ବେଳେ ଡଲାରର ପ୍ରଭୁତ୍ୱ ହ୍ରାସ କରି ଏହାର ବିକଳ୍ପ ଭାବେ ନୂଆ କରେନ୍ସି ବ୍ୟବହାର କରିବା ଲକ୍ଷ୍ୟରେ ବ୍ରିକ୍ସ ବ୍ୟାଙ୍କନୋଟ୍ ଆଣିବାକୁ ପ୍ରସ୍ତୁତି ଚାଲିଥିବା ନେଇ ବିଶେଷଜ୍ଞମାନେ କହିଥିଲେ। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ଟ୍ରମ୍ପଙ୍କ ବିଜୟ ହୋଇସାରିଛି। ୨୦୨୫ ଜାନୁଆରୀ ୨୦ରେ ଟ୍ରମ୍ପ୍ ଶପଥ ନେବାକୁ ଯାଉଛନ୍ତି। ଏହା ପୂର୍ବରୁ ଟ୍ରମ୍ପ୍ ନିଜ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଏକ ପୋଷ୍ଟ କରି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ଉକ୍ତ ପୋଷ୍ଟରେ ପୂର୍ବତନ ତଥା ଭାବୀ ରାଷ୍ଟ୍ରପତି ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି, ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଡଲାରରୁ ମୁହଁ ଫେରାଇ ନେବାକୁ ଉଦ୍ୟମ କରୁଥିବାବେଳେ ଏହି ଘଟଣାକ୍ରମ ଉପରେ ଆମେ ନଜର ରଖିବା ଶେଷ ହୋଇଯାଇଛି। ବ୍ରିକ୍ସ ଦେଶଗୁଡ଼ିକ ନୂଆ କରେନ୍ସି ସୃଷ୍ଟି କରିବେ ନାହିଁ କିମ୍ବା ଅନ୍ୟ କୌଣସି କରେନ୍ସିକୁ ସମର୍ଥନ କରିବେ ନାହିଁ, ଯାହାକି ଶକ୍ତିଶାଳୀ ୟୁଏସ୍ ଡଲାର ପରିବର୍ତ୍ତେ ପ୍ରଚଳିତ ହେବ। ଯେଉଁ ଦେଶ ଏହାକୁ ନ ମାନିବ, ସମ୍ପୃକ୍ତ ରାଷ୍ଟ୍ରର ସାମଗ୍ରୀଗୁଡ଼ିକ ପାଇଁ ଆମେରିକା ୧୦୦ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇବ। ଅର୍ଥାତ୍ ଆମେରିକାର ଚମତ୍କାର ଅର୍ଥନୀତିର ଦ୍ୱାର ସେହି ଦେଶ ଲାଗି ବନ୍ଦ ହୋଇଯିବ। ସେମାନେ ଅନ୍ୟ କୌଣସି ଭକୁଆକୁ ଖୋଜିବାକୁ ଯାଇପାରିବେ। ଅନ୍ତର୍ଜାତୀୟ ବାଣିଜ୍ୟିକ କାରବାରରେ ବ୍ରିକ୍ସ ଡଲାରର ସ୍ଥାନ ନେଇପାରିବ ନାହିଁ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।

### ପ୍ରଭାବିତ ହେବ ଭାରତୀୟ ଅର୍ଥନୀତି

ଆମେରିକା ହେଉଛି ଭାରତର ସବୁଠୁ ବଡ଼ ବାଣିଜ୍ୟିକ ସହଯୋଗୀ। ଦୁଇ ଦେଶ ମଧ୍ୟରେ ବାର୍ଷିକ ପ୍ରାୟ ୧୨୦ ବିଲିୟନ୍ ଡଲାର ମୂଲ୍ୟର ବାଣିଜ୍ୟିକ କାରବାର ହେଉଛି। ଏଭଳି ସ୍ଥିତିରେ ଭାରତ ବ୍ରିକ୍ସ ପକ୍ଷରୁ ପ୍ରସ୍ତାବିତ ବ୍ୟାଙ୍କନୋଟ୍ ବା ବିନିମୟ ମୁଦ୍ରାକୁ ଆପଣାଇଲେ ଦେଶର ଅର୍ଥନୀତି ଓ ଅଭିବୃଦ୍ଧି ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି। କାରଣ ଭାରତ ରପ୍ତାନି କରୁଥିବା ହୀରା ଓ ଅଳଙ୍କାର, କୃଷି ସାମଗ୍ରୀ, ରିଫାଇନ୍‌ଡ ପେଟ୍ରୋଲିୟମ୍, ଚାଉଳ, ବସ୍ତ୍ର, ଯାନବାହନ ଯନ୍ତ୍ରପାତି, ଔଷଧ, ମେଡିକାଲ ଉପକରଣ ଏବଂ ଆଇଟି ସଫ୍ଟୱେର ସେବା ଆଦି ଆମେରିକାକୁ ପ୍ରବେଶ କରିବା ପୂର୍ବରୁ ସେଗୁଡ଼ିକର ଦରଦାମ୍ ପ୍ରାୟ ଦୁଇଗୁଣା ହୋଇଯିବ। ଫଳରେ ସେଗୁଡ଼ିକ ଆମେରିକା ବଜାରରେ ଉପଲବ୍ଧ ହୋଇପାରିବ ନାହିଁ। ଶସ୍ତାରେ ଉପଲବ୍ଧ ଅନ୍ୟ ଦେଶର ସାମଗ୍ରୀ ଆମଦାନୀ କରି ଆମେରିକା ନିଜ ଚାହିଦା ପୂରଣ କରିବ। ତେଣୁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏକ ଅଧିକ ସ୍ୱାଧୀନ ଅର୍ଥନୈତିକ ବ୍ୟବସ୍ଥା ପ୍ରତିଷ୍ଠା ପୂର୍ବକ ପାଶ୍ଚାତ୍ୟର ଆର୍ଥିକ ଢାଞ୍ଚା ଉପରେ ନିଜ ନିର୍ଭରଶୀଳତା ହ୍ରାସ ପାଇଁ ଚଳାଇଥିବା ଉଦ୍ୟମ ଭାରତୀୟ ଅର୍ଥନୀତି ପାଇଁ ବିପଦ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ମନେକରୁଛନ୍ତି। ଏଭଳି ସ୍ଥିତିରେ ଡଲାରର ଉପଲବ୍ଧତାକୁ ସୀମିତ କରି ବିକଳ୍ପର ସନ୍ଧାନ ଏକ ବାସ୍ତବବାଦୀ ଚିନ୍ତାଧାରା ହୋଇ ନ ପାରେ। ଏହାବାଦ୍ ବ୍ରିକ୍ସ ମୁଦ୍ରାରେ କାରବାର କରାଯିବା ଦ୍ୱାରା ଉକ୍ତ ବ୍ଲକ୍‌ର ସଦସ୍ୟମାନେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି ବୋଲି କୁହାଯାଉଛି।

# ତେଲଙ୍ଗାନାରେ ୭ ମାଓବାଦୀ ନିହତ

ମାଲକାନଗିରି,୧।୧୨ (ଦୁର୍ଯ୍ୟୋଧନ ପାତ୍ର)

ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଏବଂ ପୋଲିସ ମହାନିରୀକ୍ଷକ(ଆଇଜିପି) ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆତଙ୍କବାଦ ଓ ମାଓବାଦୀ ମୁକାବିଲା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରୁଥିବା ବେଳେ ରବିବାର ତେଲଙ୍ଗାନା ରାଜ୍ୟ ମୁଲୁଗୁ ଜିଲା ଚାଲାପାକା ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୭ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ତେଲଙ୍ଗାନା ସଚିବ କୁରସାମ ମଙ୍ଗୁ ଓରଫ ଭଦରୁ, ଡିଭିସିଏମ୍ ଏଗାଲପୁ ଓରଫ ମଧୁ, ଏସିଏମ୍ ମୁସାକୀ ଦେବାଲ, ଏସିଏମ୍ ମୁସାକୀ ଯମୁନା, ପାର୍ଟି ମେମ୍ବର ଜାଇ ସିଙ୍ଘ, କିଶୋର ଓ ରମେଶ। ଘଟଣାସ୍ଥଳରେ ଯବାନମାନେ ସର୍ଚ୍ଚ ଅପରେଶନ କରି ଏହି ୭ ଜଣଙ୍କ ମୃତଦେହ ଜବତ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଠାବ କରିଥିବା ☞ପୃଷ୍ଠା-୨

# ଜୟ ଶାହା ଆଇସିସି ଚେୟାରମ୍ୟାନ୍

■ ସର୍ବକନିଷ୍ଠ ଭାବରେ ଇତିହାସ ରଚିଲେ

■ ପଞ୍ଚମ ଭାରତୀୟ ଭାବେ କ୍ରିକେଟର ସର୍ବୋଚ୍ଚ ପଦ

ଦୁବାଇ,୧।୧୨(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି)ର ଚେୟାରମ୍ୟାନ୍ ଭାବରେ ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି ବିସିସିଆଇ ସଭାପତି ଜୟ ଶାହା। ଅଗଷ୍ଟ ୨୭ ତାରିଖରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହୋଇଥିବା ବେଳେ ରବିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ସହିତ ୩୬ ବର୍ଷ ବୟସରେ ଆଇସିସିର ସର୍ବକନିଷ୍ଠ ଚେୟାରମ୍ୟାନ୍ ହେବାର ରେକର୍ଡ ମଧ୍ୟ କରିଛନ୍ତି। କ୍ରିକେଟର ଏହି ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ଶାହା ପଞ୍ଚମ ଭାରତୀୟ ପାଲଟିଛନ୍ତି। ପୂର୍ବରୁ ଜଗମୋହନ ଡାଲମିୟା, ଶରଦ ପାୱାର, ଏନ୍. ଶ୍ରୀନିବାସନ୍ ଓ ଶଶାଙ୍କ ମନୋହର ଯୋଶୀ ଆଇସିସିର ମୁଖ୍ୟ ଭାବରେ କାର୍ଯ୍ୟ କରିସାରିଛନ୍ତି। ଆଇସିସି ଚେୟାରମ୍ୟାନ୍ ରହିଥିବା ନ୍ୟୁଜିଲାଣ୍ଡର ଗ୍ରେଗ୍ ବାର୍କଲେ ତୃତୀୟ ଥର ସଭାପତି ଦୌଡ଼ରୁ ଓହରିବା ପରେ ଏକମାତ୍ର ପ୍ରତ୍ୟାଶୀ ଭାବରେ ଶାହା ନାମାଙ୍କନ ଦାଖଲ କରିଥିଲେ। ଭାରତୀୟ କ୍ରିକେଟ ସହ ଯୋଡ଼ିହେବା ପୂର୍ବରୁ ୨୦୦୯ରେ ଶାହା ପ୍ରଥମେ



ସେଣ୍ଟ୍ରାଲ ବୋର୍ଡ ଅଫ୍ କ୍ରିକେଟ ଅହମଦାବାଦ(ସିବିସିଏ)ରେ କାର୍ଯ୍ୟ କରିଥିଲେ। ପରେ ରାଜ୍ୟସ୍ତରରେ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ୨୦୧୩ରେ ଗୁଜରାଟ କ୍ରିକେଟ ଆସୋସିଏଶନ(ଜିସିଏ)ର ଯୁଗ୍ମ ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଶାହା। ☞ପୃଷ୍ଠା-୨

# ଅନେକ କିଛି ଗୋପନୀୟ ରହିଲା

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

ଭୁବନେଶ୍ୱରଠାରେ ଆୟୋଜିତ ଡିଜିପି ଓ ଆଇଜି ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯୋଗଦେବା ଲାଗି ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମୟାନୁଯାୟୀ ଦିଲ୍ଲୀ ଫେରିଯାଇଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ଏବଂ ଶାହା ଯେତିକି ସମୟ ଏଠାରେ ରହିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଏତେ ଦୀର୍ଘ ସମୟ ରହିଥିବାର ନଜିର ନାହିଁ। ଏହା ରାଜ୍ୟବାସୀଙ୍କୁ ଯେତିକି ଖୁସି କରିଛି ରାଜନୈତିକ ପର୍ଯ୍ୟବେକ୍ଷକଙ୍କୁ ସେତିକି ଦ୍ୱନ୍ଦ୍ୱରେ ପକାଇଛି। କାରଣ ଏହି ଦୁଇ ମୁଖ୍ୟଙ୍କ ଗସ୍ତ ସବୁବେଳେ ରାଜନୈତିକ ଗୁରୁତ୍ୱ ରଖିଥାଏ। ଓଡ଼ିଶା ସରକାରଙ୍କୁ ଗତ ନିର୍ବାଚନରେ ସଫଳତାର ସହିତ ନିଜ ହାତକୁ ନେଇପାରିଥିବା ଭାଜପାର ସେଭଳି କୌଣସି ଆଖିଦୃଶିଆ ସମସ୍ୟା ଉପୁଜି ନାହିଁ। ବିନା ଅଭିଜ୍ଞତାରେ ଦାୟିତ୍ୱ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ କ୍ରମଶଃ ଶାସନଡୋରିକୁ ବୁଝିବାରେ ସଫଳ ହୋଇଛନ୍ତି। ଏଭଳି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଓଡ଼ିଶାରେ ଦୀର୍ଘ ସମୟ ବିତାଇବା ଅନେକ କଥା କହୁଛି।

ପ୍ରଧାନମନ୍ତ୍ରୀ ଓଡ଼ିଶାରେ ମୋଟ୍ ୪୮ ଘଣ୍ଟା ପାଇଁ ଆସି ରହିଛନ୍ତି। ଶୁକ୍ରବାର ଅପରାହ୍ନ ୪ଟା ୨୦ ସମୟରେ ଆସି ଭୁବନେଶ୍ୱର ବିମାନବନ୍ଦରଠାରେ ପ୍ରଧାନମନ୍ତ୍ରୀ ପହଞ୍ଚିଥିଲେ। ରବିବାର ଅପରାହ୍ନ ୪ଟା ୨୦ ବେଳକୁ ସେ ଓଡ଼ିଶା ଫେରିବା ଲାଗି ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ଶୁକ୍ରବାର ଆସିବା ସମୟରେ ତାଙ୍କୁ ଭାଜପା ନେତାମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ବିମାନବନ୍ଦରଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୋଦି ସମ୍ବୋଧିତ ମଧ୍ୟ କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ୫ଟା ୩୦ରେ ରାଜଭବନରେ ପହଞ୍ଚି ଏକ ଘଣ୍ଟା ରହିବା ପରେ ସେଠାରୁ ଦଳୀୟ କାର୍ଯ୍ୟାଳୟ ଯାଇଥିଲେ। ଦଳୀୟ କାର୍ଯ୍ୟାଳୟରେ ୨ ଘଣ୍ଟା ରହିବା ଲାଗି ତାଙ୍କ କାର୍ଯ୍ୟସୂଚୀ ପୂର୍ବରୁ ସ୍ଥିର ଥିବା ସତ୍ତ୍ୱେ ସେ କିନ୍ତୁ ପ୍ରାୟ ସାଢେ ୩ ଘଣ୍ଟା ସେଠାରେ ସମୟ ବିତାଇଥିଲେ। ଏହି ଅବସରରେ ସେ ଭାଜପା ଏମ୍‌ପି, ମନ୍ତ୍ରୀ, ବିଧାୟକ ଏବଂ ଦଳୀୟ ପଦାଧିକାରୀମାନଙ୍କୁ କିପରି ଅଧିକ ଦିନ ଦଳ ସରକାରରେ ରହିପାରିବ, କେମିତି ଲୋକଙ୍କ ସହ ଯୋଡିହେବେ ଏବଂ ନିଜର ରାଜନୈତିକ ଜୀବନର ଅନେକ କଥା ଆଲୋଚନା କରିଥିଲେ। ୨୯ ତାରିଖରେ ମୋଦି ବିମାନବନ୍ଦରଠାରୁ ରାଜଭବନ ଆସିବା, ପୁଣିଥରେ ରାଜଭବନରୁ ଦଳୀୟ କାର୍ଯ୍ୟାଳୟ ଯାଇ ରାତିରେ ରାଜଭବନ ଫେରିବା ଭିତରେ ଅନେକ ଥର ସାଧାରଣ ଲୋକମାନେ ରାସ୍ତାରେ ପ୍ରଧାନମନ୍ତ୍ରୀଙ୍କୁ ଦେଖିବାର ସୁଯୋଗ ପାଇଥିଲେ। ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ୩୦ ଏବଂ ୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ। ମୋଦି ୩୦ ତାରିଖ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଡିଜିପି ସମ୍ମିଳନୀରେ ଯୋଗ ଦେଇଥିଲେ। ଲୋକସେବା ଭବନର ନୂତନ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ଏହି ଡିଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା, କାର୍ଯ୍ୟକ୍ରମ କ'ଣ ଥିଲା ସେକଥା କିଛି ବାହାରକୁ ଜଣାଯାଇ ନାହିଁ। ସେହିପରି ୧ ତାରିଖରେ ମଧ୍ୟ ସେ ସକାଳ ୮ଟାରେ ଡିଜିପି ସମ୍ମିଳନୀରେ ପହଞ୍ଚି ଅପରାହ୍ନ ୪ଟା ୧୦ ମିନିଟ୍‌ରେ ସେଠାରୁ ବାହାରି ବିମାନବନ୍ଦର ଅଭିମୁଖେ ଚାଲିଯାଇଛନ୍ତି। ଏହି ଦୁଇ ଦିନ ଯାକ ଲୋକସେବା ଭବନ ଭିତରେ କଡ଼ା ସୁରକ୍ଷା କଟକଣା ପାଳନ କରାଯାଇଥିଲା। ଲୋକସେବା ଭବନର ପଛପଟ ରାସ୍ତା ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଥିଲା। କେବଳ ଲୋକସେବା ଭବନର ପଛ ରାସ୍ତା ସିଲ୍ କରିଦିଆଯାଇ ନ ଥିଲା ରାଜଧାନୀର କେନ୍ଦ୍ରାଞ୍ଚଳରେ ଅର୍ଥାତ୍ ରାଜଭବନ ଛକଠାରୁ ଆଖପାଖ ଅଞ୍ଚଳର ଯାନବାହନ ଯାତାୟାତରେ ଅନେକ ବାଧା ସୃଷ୍ଟି ହୋଇଥିଲା।

ଏହିସବୁ ବିଷୟଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତସୂଚୀ। ଶାହା ମଧ୍ୟ ୨୯ ତାରିଖ ଦିନ ପ୍ରଧାନମନ୍ତ୍ରୀ ଆସିବାର ପ୍ରାୟ ଦୁଇରୁ ଅଢେଇ ଘଣ୍ଟା ଆଗରୁ ଆସି ଓଡ଼ିଶାରେ ପହଞ୍ଚିଥିଲେ। ହେଲେ ଶାହା ବିମାନବନ୍ଦରଠାରେ ପହଞ୍ଚିବା ପରଠାରୁ କେଉଁଠାରେ ରହିଲେ, କେତେବେଳେ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

ଭାରତର ପ୍ରତ୍ୟେକ ମସ୍‌ଜିଦରେ ସର୍ଭେ କରାଇ ଦେଶକୁ ବିଭାଜିତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏପରି କି ଏମାନେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ପରାମର୍ଶକୁ ମଧ୍ୟ ସମ୍ମାନ ଦେଉନାହାନ୍ତି।

**– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ସମ୍ମିଳନୀ ଓ ଭିନ୍ନକ୍ଷମଙ୍କ ନିମନ୍ତେ ସେମିନାର, ସ୍ଥାନ: କିଟ୍ ଷ୍ଟାଡିୟମ୍, ୫ନଂ. ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ(ଏମ୍) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିପିଆଇ(ଏମ୍) ରାଜ୍ୟ ଅଫିସ, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଏମ୍‌ସି ୱାର୍କର୍ସ ୟୁନିୟନ ପକ୍ଷରୁ ଘେରାଉ, ସ୍ଥାନ: ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଜାତୀୟ ପ୍ରଦୂଷଣ ନିରାକରଣ ଦିବସ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୩ଟା।
- ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୩ଟା।
- ଗୁରୁକୁଳ ଗୀତାଞ୍ଜଳିର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସିଏଚ୍‌ଏସ୍ ୮୩ ୱେଲଫେୟାର ସୋସାଇଟିର ପ୍ରଥମ ପ୍ରତିଷ୍ଠା ଦିବସ, ସ୍ଥାନ: ଜିକେସିଏମ୍, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଙ୍ଗୀତାୟନ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ବାପୁଜୀ କ୍ରିକେଟ୍ କ୍ଲବ ପକ୍ଷରୁ ଶଙ୍ଖାମେରୀ ପ୍ରିମିୟର ଲିଗ୍ ଶୁଭାରମ୍ଭ, ସ୍ଥାନ: ଶଙ୍ଖାମେରୀ ହାଇସ୍କୁଲ ପଡ଼ିଆ, ବଡ଼ମ୍ବା ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଆନ୍ତଃମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସତ୍ୟବ୍ରତ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସମୀର ଦେ ସ୍ମୃତି କମିଟି ପକ୍ଷରୁ ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ପୁରୀ

- ୪ର୍ଥ ଟୁବୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ କାର୍ଟର ଫାଇନାଲ ମ୍ୟାଚ, ସ୍ଥାନ: ବାରବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।
- ଦେବଦୀପାବଳୀ ଉପଲକ୍ଷେ ଦୀପଦାନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଜିଲା ସ୍ତରୀୟ ଜନ ଶୁଣାଣୀ ଶିବିର, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- 'ଫିଟ୍ ଇଣ୍ଡିଆ ସପ୍ତାହ'ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ କିଷାନ କ୍ୟାମ୍ପ, ସ୍ଥାନ: କୃଷି କାର୍ଯ୍ୟାଳୟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଇଷ୍ଟଜୋନ୍ ଇଣ୍ଟର ୟୁନିଭରସିଟି (ପୁରୁଷ) ଖୋ-ଖୋ ଟୁର୍ନାମେଣ୍ଟ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଫାଣ୍ଟାସି, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଭଞ୍ଜଶ୍ରୀ ଭବନ, ନୂଆବଜାର, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।
- ବାଲେଶ୍ୱର ଲୋକ ମହୋତ୍ସବ-୨୦୨୪ର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କୀୟ ପ୍ରଶିକ୍ଷଣ ଶିବିର,ସ୍ଥାନ:ଆରଡ଼ି, ନାନ୍ଦପୁର, ସୁନ୍ଦରପୁର ଏବଂ ଓଳଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇଏମ୍ ରାଜ୍ୟ ଅଭିଯାତ୍ରୀ ଦଳର ପଦଯାତ୍ରା, ସ୍ଥାନ: ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବଜାୟୀ ରଖିବା ଦାବିରେ ଧାରଣା, ସ୍ଥାନ: କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା।
- ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା, ସ୍ଥାନ: ପାଟଣା ବ୍ଲକ୍ ତୁରୁମୁଙ୍ଗା ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।
- ସତ୍ୟସାଇଙ୍କ ଅଖଣ୍ଡ ଜ୍ୟୋତି ପରିକ୍ରମା, ଭଜନ ପରିବେଷଣ, ସ୍ଥାନ: ଡ଼ୁଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କଳିଙ୍ଗା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ 'ଧୁମୁସା'ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ, ସ୍ଥାନ:ଉଦଳା ସନ୍ଧାନୀ ସଭାଗୃହ,ସମୟ:ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ବାଙ୍ଗିରିପୋଷିରେ ୩ଟି ନୂତନ ରେଳ ପ୍ରକଳ୍ପର ଶୁଭାରମ୍ଭ ପରିପ୍ରେକ୍ଷୀରେ ରେଲୱେ ଜିଏମ୍‌ଙ୍କ ଉତ୍ସବସ୍ଥଳ ନିରୀକ୍ଷଣ, ସ୍ଥାନ: ବାଙ୍ଗିରିପୋଷି ଷ୍ଟେଶନ ନିକଟସ୍ଥ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୨ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।
- କୁଳଦୀପ ଓ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ, ଛଉ ପଡ଼ିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ଜାତୀୟ ବାଣିଜ୍ୟ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

ଦେବ ଦିପାବଳୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୮ଟା।

୬୩ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଲିଗ୍ ମ୍ୟାଚରେ ୟୁନାଇଟେଡ ସ୍ପୋଟସ୍ କ୍ଲବ ବରଗଡ଼ ବନାମ ସାଇ ଏଚ. ଏ.ଏଲ. ସୁନାବେଡା, ସ୍ଥାନ: ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ଜିଲାପାଳଙ୍କ ସଦର ମହକୁମାରେ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ପାରମ୍ପରିକ ବେଶଭୁଷା ପ୍ରତିଯୋଗିତା, ସ୍ଥାନ: ଶାସ୍ତ୍ରୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡେଇ ମଞ୍ଚ ନାଟକ ଉଦ୍‌ଯାପନୀ ଦିବସ, ସ୍ଥାନ: ଶାସ୍ତ୍ରୀ ଭବନ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା ।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ବିରାଟ ମେଧା ବୃତ୍ତି ପରୀକ୍ଷା ଫଳ ଘୋଷଣା କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ଛକ ସ୍ଥିତ ବିରାଟ ଶିକ୍ଷାନୁଷ୍ଠାନ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା ।
- ଟିପିଡବ୍ଲୁଓଡିଏଲ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : କଚେରୀ ଛକ, ସମୟ : ପୂର୍ବାହ୍ନ ୧୧ଟା ।
- ସମ୍ବଲପୁରୀ ଧନୁଯାତ୍ରା କଳାକାରଙ୍କ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।
- ଶୀତ ମହୋତ୍ସବ ଉତ୍ସବରେ ସୌଖୀନ କଳାକାରଙ୍କ ଦ୍ୱାରା ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା ।

## ସୁବର୍ଣ୍ଣପୁର

- ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସୂର୍ଯ୍ୟପୂଜା, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ସକାଳ ୭ଟା ୩୦।
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭେଡ଼େନ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପାରାୟଣ, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ଅପରାହ୍ନ ୩ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ମହାମୃତ୍ୟୁଞ୍ଜୟ ମନ୍ତ୍ରଜପ, ସ୍ଥାନ: ରାମପୁର ଶିବ ମନ୍ଦିର, ସମୟ: ସକାଳ ୮ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କର୍ଣ୍ଣାଟିକ୍ରା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଚାଷୀମାନଙ୍କ ପ୍ରସ୍ତୁତି ବୈଠକ, ସ୍ଥାନ: ଖୁଣ୍ଟଲାମାଳ, ସମୟ: ମଧ୍ୟାହ୍ନ ୧୨ଟା।
- ଯୋଗର ଉପକାରିତା ସମ୍ବନ୍ଧରେ ସଚେତନତା ସଭା, ସ୍ଥାନ: ପଣ୍ଡ୍ରି ପଥର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଇସ୍ପାତ ନାଟ୍ୟ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।
- ବାଟ ମା' ମଙ୍ଗଳା ଶକ୍ତିପୀଠ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ ଆଦ୍‌ମୀ ପାର୍ଟି ବୈଠକ, ସ୍ଥାନ: ଏମ୍ ବ୍ଲକ କାର୍ଯ୍ୟାଳୟ, ବାସନ୍ତୀ କଲୋନୀ, ସମୟ: ଅପରାହ୍ନ ୪ଟା ୩୦।
- ଡିପିଏସ୍‌ର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୧୪, ସମୟ: ଅପରାହ୍ନ ୪ଟା ୩୦।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ୫ ଦଫା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଶ୍ରୀ ଗୋପାଳଜୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରୋନକ ପ୍ଲାଜା, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜୋରାଡବରା କୃଷି ସମବାୟ ସମିତି ପକ୍ଷରୁ ମଣ୍ଡି ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭଟାପଲା, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ନୂତନ ହିତାଧିକାରୀ ସର୍ଭେ ତାଲିମ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡେନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିରାଟ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ରଜନୀ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ରାତ୍ର ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାର ବିଭିନ୍ନ ସମସ୍ୟା ନେଇ କଂଗ୍ରେସର ପଦଯାତ୍ରା, ସ୍ଥାନ: ବୋଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଭୈରବୀ ମହୋତ୍ସବର ଚତୁର୍ଥ ଦିନ, ସ୍ଥାନ: ମିନି ଷ୍ଟାଡିୟମ, ପୁରୁଣାକଟକ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ରାଶ୍ୟାଧିପଙ୍କ ଦୁର୍ବଳତାଜନିତ ଶାରୀରିକ ଓ ମାନସିକ ସୁସ୍ଥତା ନଷ୍ଟ ହୋଇପାରେ। ସାମାନ୍ୟ ଥଣ୍ଡାଜନିତ ପୀଡାନୁଭବ କରିବା ସାଙ୍ଗକୁ ନୈରାଶ୍ୟ, ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ।

**ବୃଷ** – ଆଜି ବନ୍ଧୁଙ୍କ ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇ କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ଧାର ଟଙ୍କାକୁ ନେଇ ଟେନ୍‌ସନ୍ ବଢ଼ିଯାଇପାରେ।

**ମିଥୁନ** – ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ ରହିବ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବା ସାଙ୍ଗକୁ ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା ଓ ସାଙ୍ଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ।

**କର୍କଟ** – ଭୁଲ ବୁଝାମଣା ହେତୁ ବନ୍ଧୁଙ୍କ ସହ ବିବାଦ, ନୂତନ କାମରେ ପ୍ରତିବନ୍ଧକଜନିତ ଚିନ୍ତିତ ରହିବେ। ଅପେକ୍ଷା କରିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ।

**ସିଂହ** – ଧନାଧିପ ବ୍ୟୟାଧିପ ଯୁକ୍ତ ହେତୁ ଅର୍ଥ ପ୍ରଦାନ ନ କରିପାରିଲେ ମଧ୍ୟ ପ୍ରତିଶ୍ରୁତି ପାଇ ଖୁସି ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବ। ଆଲୋଚନା ପରିସରରେ ସତକଥା କହି ବିବାଦ ଘେରରେ ପଡିପାରନ୍ତି। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବା ସାଙ୍ଗକୁ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** – ସପ୍ତମସ୍ଥ ରାହୁଙ୍କ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିପାରିବେ। ସନ୍ତାନଙ୍କ ସମସ୍ୟା ବ୍ୟସ୍ତବିବ୍ରତ କରାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିପାରନ୍ତି। ବନ୍ଧୁଙ୍କ ସହ ଟଙ୍କା ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ।

**ତୁଳା** – ବ୍ୟୟାଧିପ ଯୁକ୍ତ କର୍ମାଧିପ କାରଣରୁ କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହୋଇପାରେ। ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ବିଛା** – ଆଳସ୍ୟ ଓ ମାନସିକ ଉଦାସୀନତାଜନିତ କାମରେ ଅବହେଳା ସୃଷ୍ଟି ହୋଇପାରେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେବେ। ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ ବଢିଯିବ।

**ଧନୁ** – ବହୁତ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ଅନ୍ୟମାନଙ୍କ ବିନା ସାହାଯ୍ୟରେ ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡୋଶୀଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହିବାରୁ ସହକର୍ମୀ ଦୂରେଇ ରହିପାରନ୍ତି।

**ମକର** – ସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହୋଇପାରନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡିକ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ ପାଇଁ ଆଗଭର ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ପ୍ରଭୃତିରୁ ଲାଭ ପାଇବେ।

**କୁମ୍ଭ** – କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଆଶା ଓ ଅଭିଳାଷ ପୂରଣ ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଜିନିଷ କ୍ରୟ ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ମୀନ** – କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ ମାତ୍ର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ଯାତ୍ରାରେ ସଫଳତା ପାଇବେ କିନ୍ତୁ ପ୍ରତ୍ୟାବର୍ତ୍ତନ ପ୍ରୀତିପ୍ରଦ ହୋଇ ନ ପାରେ।

ଆଜି ଡିସେମ୍ବର ୨ ତାରିଖ, ମାର୍ଗଶିର ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ସୋମବାର, ଶ୍ରୀମନ୍ଦିରରେ ଶେଷ ଦେବଦୀପାବଳି, ଶ୍ରୀଜୀଉଙ୍କର ଶ୍ରାଦ୍ଧବେଶ, ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୦୯ ଗତେ, ଘ.୦୭।୩୧ ମଧ୍ୟେ, ଘ.୦୯।୦୩ ମି. ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୩୧ ମି. ଗତେ, ଘ.୦୮।୫୨ ମି. ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଅନେକ କିଛି..

ଆଉ କାହାକୁ ଭେଟିଲେ ସେସବୁ କିଛି ଲୋକଲୋଚନକୁ ଆସିନାହିଁ। କୌଣସି ଗଣମାଧ୍ୟମ ସଂସ୍ଥା ମଧ୍ୟ ଶାହାଙ୍କ ଏହି ଗସ୍ତକାଳ ସମୟରେ ତାଙ୍କ କାର୍ଯ୍ୟସୂଚୀ ଉପରେ ଖବର ସଂଗ୍ରହ କରିନାହାନ୍ତି। ପୂର୍ବରୁ ଶାହାଙ୍କ ଓଡ଼ିଶା ଗସ୍ତ ସମୟରେ ତାଙ୍କ ହୋର୍ଡିଂ ଓ ପୋଷ୍ଟରରେ ଭୁବନେଶ୍ୱରକୁ ଛାଉଣି କରିଦିଆଯାଉଥିଲା। ହେଲେ ଏଥରର ଶାହାଙ୍କ ଗସ୍ତ ସମ୍ପୂର୍ଣ୍ଣ ଅଲଗା ଥିଲା। କାଁ ଭାଁ କ୍ୱଚିତ୍ ଶାହାଙ୍କ ଫଟୋଚିତ୍ର ରାସ୍ତାରେ ଦେଖିବାକୁ ମିଳିଥିଲା। ପ୍ରଥମ ଦିନ ଡିଜିପି ସମ୍ମିଳନୀର ଉଦ୍‌ଘାଟନ ଶେଷ ହେବାପରେ ଶାହା ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ମଧ୍ୟ ଯାଇ ନ ଥିଲେ। ବିଗତ ଦିନରେ ଭାଜପାକୁ ରାଜ୍ୟରେ ମଜଭୁତ କରିବା ଲାଗି ସବୁଠାରୁ ଅଧିକ ପ୍ରଚାର ପ୍ରସାର କରିବା ପାଇଁ ଶାହା ଓଡ଼ିଶା ଗସ୍ତରେ ଆସୁଥିଲେ। ହେଲେ ଶାହା ତାଙ୍କର ଏହି ୩ ଦିନିଆ ଗସ୍ତ ସମୟରେ ଚନ୍ଦ୍ରଶେଖରପୁର ଯିବା ରାସ୍ତାରେ ପଡୁଥିବା ଆଇପିଏସ୍ ମେସ୍‌ରେ ରହୁଥିବା କଥା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କାରଣ ଶାହାଙ୍କ ରହିବା ବିଷୟ ମଧ୍ୟ କେହି କେଉଁଠାରେ ଆଲୋଚନା କରିନାହାନ୍ତି। ତେବେ ଶାହାଙ୍କ ଭଳି ଜଣେ କ୍ଷମତାଶାଳୀ ଏବଂ ଦକ୍ଷ ରାଜନେତାଙ୍କ ଏଭଳି ଗୋପନୀୟ କାର୍ଯ୍ୟସୂଚୀ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ରାଜ୍ୟରେ ଭାଜପା ସରକାର କରିବା ପରେ ମୋଦି ଏବଂ ଶାହାଙ୍କ ଏହା ମିଳିତ ପ୍ରଥମ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିଲା।

## ଜୟ ଶାହା ଆଇସିସି ...

୨୦୧୯ରେ ପ୍ରଥମ ଥର ବିସିସିଆଇ ସମ୍ପାଦକ ହୋଇଥିବା ଶାହା ଜାନୁଆରୀ ୨୦୨୧ରେ ଏସିଆନ କ୍ରିକେଟ କାଉନ୍‌ସିଲର ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। ଏବେ ଅଧ୍ୟକ୍ଷ ପଦ ଗ୍ରହଣ ପରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ରହିବ। ଆସନ୍ତା ଫେବୃଆରୀ-ମାର୍ଚ୍ଚ ମାସରେ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବାକୁ ମନା କରିଥିଲା ଭାରତ। ସୁରକ୍ଷା ଦୃଷ୍ଟିକୋଣରୁ ଭାରତ ସରକାର ଯିବା ପାଇଁ ଅନୁମତି ଦେଇ ନ ଥିଲେ। ଦୀର୍ଘଦିନର ବୈଠକ ପରେ ଶେଷରେ ହାଇବ୍ରିଡ୍ ମଡେଲ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ ସହମତି ପ୍ରକାଶ କରିଥିଲେ ମଧ୍ୟ ସର୍ତ୍ତ ରଖିଥିଲା। ୨୦୩୧ ଯାଏ ଭାରତରେ ହେବାକୁ ଥିବା କୌଣସି ଟୁର୍ନାମେଣ୍ଟରେ ପାକିସ୍ତାନ ଅଂଶଗ୍ରହଣ କରିବ ନାହିଁ ବୋଲି ସର୍ତ୍ତ ରଖାଯାଇଥିବା ବେଳେ ଏହା ଉପରେ ଆଇସିସିର ପ୍ରତିକ୍ରିୟା ମିଳିପାରିନାହିଁ।

ନିର୍ବାଚିତ ହେବା ପରେ ଶାହା ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ କ୍ରିକେଟକୁ ବିଶ୍ୱସ୍ତରରେ ପ୍ରସିଦ୍ଧ କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଆସନ୍ତା ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିବା ବେଳେ ଏହା ଲଞ୍ଚପ୍ୟାଡ୍ ଭଳି କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଆଇସିସିର ଟିମ୍ ଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ମିଳିତ ଭାବରେ ସେ କ୍ରିକେଟକୁ ଏକ ଗ୍ଲୋବାଲ ସ୍ପୋର୍ଟ୍ସରେ ପରିଣତ କରିବେ ବୋଲି କହିଛନ୍ତି। କ୍ରିକେଟରେ ଏକାଧିକ ଫର୍ମାଟ ମଧ୍ୟରେ ସମନ୍ୱୟ ଓ ନୂତନ ବୈଷୟିକ କୌଶଳର ବ୍ୟବହାର ଉପରେ ମଧ୍ୟ ସେ ଗୁରୁତ୍ୱ ଦେବେ ବୋଲି ଶାହା କହିଛନ୍ତି। ଆସନ୍ତା ଲସ୍‌ଏଞ୍ଜେଲ୍ସ ଗେମ୍‌ରେ କ୍ରିକେଟ୍‌କୁ ବିଶ୍ୱର ଘରେ ଘରେ ଲୋକପ୍ରିୟ କରିବା ନେଇ ଆଶା କରୁଥିବା ଶାହା କହିଛନ୍ତି ।

## ତେଲଙ୍ଗାନାରେ ୭ ...

ତେଲଙ୍ଗାନା ପୋଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ, ମୁଲୁଗୁ ଜିଲା ଚାଲାପାକା ଜଙ୍ଗଲରେ ମାଓବାଦୀ ନେତା ଭଦରୁ ଏକ ଟିମ୍ ସହ କ୍ୟାମ୍ପ କରି ରହିଥିବା ପୋଲିସକୁ ସୂଚନା ମିଳିଥିଲା। ଗ୍ରେହାଉଣ୍ଡ ଯବାନମାନେ ଉକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଯବାନମାନେ ସୂଚନା ପାଇ ଭୋର ପ୍ରାୟ ୫.୩୦ରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।




ଭୁବନେଶ୍ୱର ଲୋକସେବା ଭବନରେ ଡିଜିପି-ଆଇଜିପି ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ଅନ୍ୟମାନେ।



ସମ୍ମିଳନୀରେ ଯୋଗଦେଇଥିବା ଡିଜିପି, ଆଇଜିପି ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକର ଅଧିକାରୀ।

## ବିପଦ ଆଣୁଛି ଡିଜିଟାଲ ...

ଜାରି ଏକ ବିବୃତିରେ କୁହାଯାଇଛି। ବିବୃତି ଅନୁଯାୟୀ, ଉକ୍ତ ସମ୍ମିଳନୀରେ ଆତଙ୍କବାଦ ଓ ମାଓବାଦୀ ମୁକାବିଲା, ଉପକୂଳ ସୁରକ୍ଷା, ନୂଆ ଆପରାଧିକ ଆଇନ ଏବଂ ବେଆଇନ ନିଶାଦ୍ରବ୍ୟ କାରବାର ଏଡ଼ାଇବା ସମେତ ଜାତୀୟ ନିରାପତ୍ତା ଉପରେ ବିଶଦ ଭାବେ ଆଲୋଚନା କରାଯାଇଛି। ସେହିପରି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ଭାରତ ପକ୍ଷରୁ ଆପଣାଯାଉଥିବା ରଣନୀତିକୁ ନେଇ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୦୧୪ରେ ଗୁଆହାଟୀ ସମ୍ମିଳନୀରେ ଆରମ୍ଭ କରାଯାଇଥିବା ସ୍ମାର୍ଟ ପୋଲିସିଂ ବିଚାରଧାରା ଭାରତୀୟ ପୋଲିସ ବ୍ୟବସ୍ଥାରେ ବ୍ୟବସ୍ଥିତ ଢଙ୍ଗରେ ବଡ଼ ପରିବର୍ତ୍ତନ ଆଣିପାରିଛି। ବିଶେଷକରି ପୋଲିସ କର୍ମଚାରୀଙ୍କୁ ଏହା ଅଧିକ ମଜଭୁତ ଓ ସମ୍ବେଦନଶୀଳ, ମର୍ଡନ ଓ ମୋବାଇଲ, ସତର୍କ, ଉତ୍ତରଦାୟୀ ବିଶ୍ୱସନୀୟ, ରେସ୍‌ପନ୍ସିଭ୍, ଟେକ୍ନୋ-ସେଭି ଏବଂ ଟ୍ରେନ୍‌ଡ (ଏସ୍‌ଏମ୍‌ଏଆର୍‌ଟି) କରିଛି। ଏହାବାଦ୍ ନୂଆକରି ପ୍ରଣୟନ କରାଯାଇଥିବା ୩ ଆପରାଧିକ ଆଇନ, ପଦକ୍ଷେପ ଏବଂ ପୋଲିସ ବ୍ୟବସ୍ଥା ତଥା ସୁରକ୍ଷା ସ୍ଥିତିରେ ଉତ୍ତମ କାର୍ଯ୍ୟପନ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଉପରେ ମଧ୍ୟ ସମ୍ମିଳନୀରେ ସମୀକ୍ଷା କରାଯାଇଛି। କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ଦିଗରେ ହ୍ୟାକାଥନ୍‌ର ସଫଳତା ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦି ଜାତୀୟସ୍ତରରେ ଏକ ପୋଲିସ ହ୍ୟାକାଥନ ଆୟୋଜନ କରିବାକୁ ବିଚାରବିମର୍ଶ ପାଇଁ ପରାମର୍ଶ ଦେଇଛନ୍ତି। ସେ ବନ୍ଦର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ଏଥିପାଇଁ ଭବିଷ୍ୟତ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଆବଶ୍ୟକତାକୁ ରେଖାଙ୍କିତ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରତି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ମଧ୍ୟ ସେ ସ୍ମରଣ କରିଛନ୍ତି। ମୋଦି କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ଆରମ୍ଭକରି ଥାନାସ୍ତର ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ପ୍ରତିଷ୍ଠାନରେ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବ। ପୋଲିସ ପେସାଦାର ମନୋଭାବ ନେଇ ସୁଧାର ଓ ସାମର୍ଥ୍ୟ ବିକାଶ ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ଓ ହାସଲ କରିପାରିଲେ ତାହା ସର୍ଦ୍ଦାର ପଟେଲଙ୍କ ପ୍ରତି ଉପଯୁକ୍ତ ସମ୍ମାନ ହେବ। ଉଲ୍ଲେଖଯୋଗ୍ୟ, ଉଦ୍‌ଯାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ଗୋଇନ୍ଦା ବିଭାଗର ଅଧିକାରୀମାନଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ବଣ୍ଟନ କରିଛନ୍ତି।

ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ.ମିଶ୍ର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀମାନେ ଯୋଗଦେଇଥିଲେ। ହାଇବ୍ରିଡ୍ ଫର୍ମାଟ୍‌ରେ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଡିଜିପି, ଆଇଜିପି ଏବଂ ସିଏପିଏଫ୍/ସିପିଓ ମୁଖ୍ୟମାନେ ଉପସ୍ଥିତ ରହିଥିବାବେଳେ ୭୫୦ରୁ ଅଧିକ ପୋଲିସ ଅଧିକାରୀ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ।

## ଦାୟିତ୍ୱରେ ଅବହେଳା ଯୋଗୁ ଡାକ୍ତର ନିଲମ୍ବିତ

ରାୟଗଡ଼ା,୧।୧୨(ଆଶିଷ ରଞ୍ଜନ ପଣ୍ଡା): ଦାୟିତ୍ୱରେ ଅବହେଳା କାରଣରୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ରୋହିତ କୁଣ୍ଡୁଙ୍କୁ ସ୍ୱାସ୍ଥ୍ୟ ସଚିବ ଆଶ୍ୱସ୍ଥି ଏସ୍ ନିଲମ୍ବିତ କରିଛନ୍ତି। ଡା. କୁଣ୍ଡୁଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଚାଲିଥିବା ଯୋଗୁ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ନିଲମ୍ବନ ଆଦେଶ ବଳବତ୍ତର ରହିବ ବୋଲି ରାୟଗଡ଼ା ସିଡିଏମଓ ଡା. ଲାଲମୋହନ ରାଉତରାୟ ସୂଚନା ଦେଇଛନ୍ତି।

# ଉତ୍ତର ପ୍ରଦେଶରୁ ଆସୁଛି ୩୦୦ ଟ୍ରକ୍ ଆଳୁ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ଗାଡ଼ି ଛାଡ଼ିବା ଲାଗି ମନା କରିବା ପରେ ରାଜ୍ୟରେ ବର୍ତ୍ତମାନ ସାଧାରଣ ଖାଉଟିଙ୍କ ହାଣ୍ଡିଶାଳ ଉପରେ ମାଡ଼ ହୋଇଛି। ଆଳୁ ଯୋଗାଣରେ ବାଧା ସୃଷ୍ଟି ହେବାପରେ ଖାଉଟିଙ୍କୁ ଅନେକ ସ୍ଥାନରେ ଏବେ ଆଳୁ କେଜି ୫୦ରୁ ୬୦ ଟଙ୍କାରେ କିଣିବାକୁ ପଡୁଛି, ଯାହାକୁ ନେଇ ସରକାର ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ତେବେ ଏଭଳି ସ୍ଥିତିରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ଉତ୍ତର ପ୍ରଦେଶରୁ ୩୦୦ ଟ୍ରକ୍ ଆଳୁ ଆସୁଛି। ସୋମବାର ସୁଦ୍ଧା ଏହି ଆଳୁ ଓଡ଼ିଶାରେ ପହଞ୍ଚିବ। ଫଳରେ ରାଜ୍ୟରେ ଆଉ ଆଳୁ ସଙ୍କଟ ରହିବନି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

ଏହା ସହିତ ମନ୍ତ୍ରୀ ପାତ୍ର ଅସାଧୁ ବ୍ୟବସାୟୀଙ୍କୁ ଚେତାବନୀ ଦେଇ କହିଛନ୍ତି, ଏବେ ଆଳୁ କିଲୋ ୩୫ ଟଙ୍କାରେ ବିକ୍ରି ହେଉଛି। କେଉଁଠିକେଉଁଠିଅତିବେଶିରେ ୪୦ ଟଙ୍କାରେ ବିକ୍ରି ହେଉଛି। ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ଯଦି କୌଣସି ବ୍ୟବସାୟୀ ଅଧିକ ଦରରେ ଆଳୁ ବିକ୍ରି କରିବେ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଙ୍ଗଳବାରଠୁ ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀମାନେ ଆନ୍ଦୋଳନ ଡାକରା ଦେଇଥିବା ବେଳେ ମନ୍ତ୍ରୀ କହିଛନ୍ତି, ପଶ୍ଚିମବଙ୍ଗରେ ବର୍ତ୍ତମାନ ୭ ଲକ୍ଷ ମେଟ୍ରିକ ଟନ୍ ଆଳୁ ଗଚ୍ଛିତ ଅଛି। ତାଙ୍କର ଚାହିଦା ଅତି ବେଶିରେ ୫ ଲକ୍ଷ ମେଟ୍ରିକ ଟନ୍ ହେବ। ତେଣୁ ବାକି ୨ ଲକ୍ଷ ମେଟ୍ରିକ ଟନ୍ ଆଳୁ ସେମାନେ ଅନ୍ୟ ରାଜ୍ୟକୁ ଦେଇପାରିବେ। ପଶ୍ଚିମବଙ୍ଗ ବ୍ୟବସାୟୀମାନେ ଓଡ଼ିଶାକୁ ଆଳୁ ପଠାଇବା ପାଇଁ ଚାହୁଁଛନ୍ତି। କାରଣ ବେଶି ଦିନ ଆଳୁ ରହିଲେ ପଚିଯିବ। କିନ୍ତୁ ପଶ୍ଚିମବଙ୍ଗ ସରକାର ଅନୁମତି ଦେଉ ନ ଥିବାରୁ ବ୍ୟବସାୟୀ କ୍ଷତି ସହିବେ। ସେଥିପାଇଁ ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଯେଉଁ ରାଜ୍ୟରେ ଯାହାସବୁ ସାମଗ୍ରୀ ଅଧିକ ଉତ୍ପାଦନ ହୁଏ, ସେ ରାଜ୍ୟ ଅନ୍ୟ ରାଜ୍ୟକୁ ରପ୍ତାନି କରେ। ହେଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଦ୍ୱାରା ଏହି ଭଲ ବାତାବରଣ ଉପରେ ଭଙ୍ଗା ପଡୁଛି। ଅନ୍ୟ ରାଜ୍ୟକୁ ଆଳୁ ଦେବେନି ବୋଲି ସେ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଠିକ୍ ନୁହେଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁ ରାଜ୍ୟ ପ୍ରତି ସମଭାବନା ରଖିବା ଦରକାର ବୋଲି ସେ କହିଛନ୍ତି।

# ତୈଳଭଣ୍ଡାର ବନାମ କଳାପଥର ଖାଦାନ

## ବରଡ଼ା ମୌଜାରେ ଭୂତଳ ଡିଜେଲ ଭଣ୍ଡାର ପ୍ରସ୍ତାବ

## ଝୁଲିରହିଛି ଚଣ୍ଡିଖୋଲ ଭୂତଳ ତୈଳ ଭଣ୍ଡାର ପ୍ରକଳ୍ପ

ଯାଜପୁର,୧।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଡଙ୍କାରୀ ପାହାଡ଼ ପାଦଦେଶରେ ଦେଶର ୪ର୍ଥ ବୃହତ୍ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପାଇଁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଥିଲା। ହେଲେ ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ପ୍ରାୟ ୧୬ଟି କଳାପଥର ଖାଦାନରୁ ଆଦାୟ ହେଉଥିବା ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା ରାଜ୍ୟ ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏଭଳି ଭାବେ ପରୋକ୍ଷରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରାଇ ନ ଦେବାକୁ ସେତେବେଳେ ଷଡଯନ୍ତ୍ର ରଚାଯାଇଥିଲା ବୋଲି ଚର୍ଚ୍ଚା ହୋଇଥିଲା। ଲଘୁ ଖଣିଜ ଦ୍ରବ୍ୟ ତଥା ମୂଲ୍ୟବାନ ଗ୍ରାନାଇଟ ପଥରରେ ଭରପୂର ଡଙ୍କାରୀ ପାହାଡର ମାତ୍ର ୧୫ ପ୍ରତିଶତ ଅଞ୍ଚଳ ଏହି ତୈଳ ଭଣ୍ଡାର ପରିସରଭୁକ୍ତ ହେବ ବୋଲି ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିଃ (ଆଇଏସ୍‌ପିଆର୍‌ଏଲ୍)ର ଡେପୁଟି ସିଇଓ ଅଜୟ ଦାସୋରେ ସ୍ପଷ୍ଟ କରିଥିଲେ। ତଥାପି ୬ ବର୍ଷ ହେଲା ଏହି ପ୍ରକଳ୍ପ ଝୁଲିରହିଛି। ଇତିମଧ୍ୟରେ ରାଜ୍ୟ ସରକାର ସେହି ଡଙ୍କାରୀ ପାହାଡ ପାର୍ଶ୍ୱ ବରଡ଼ା ମୌଜାରେ ଅଣ୍ଡର ଗ୍ରାଉଣ୍ଡ ଡିଜେଲ ଷ୍ଟୋରେଜ(ଭୂତଳ ଡିଜେଲ ଭଣ୍ଡାର) ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଅନୁରୂପ ଭାବେ ବରଡ଼ା ମୌଜାରେ ମଧ୍ୟ ୫ଟି ମୂଲ୍ୟବାନ କଳାପଥର ଖାଦାନ ରହିଛି। ତେଣୁ ସୁରକ୍ଷା ଓ ନିରାପଦ ଦୃଷ୍ଟିରୁ ଉକ୍ତ ଖାଦାନଗୁଡ଼ିକୁ ବନ୍ଦ କରାଯାଇପାରେ। ଏହିକ୍ରମରେ ପ୍ରସ୍ତାବିତ ଭୂତଳ ଡିଜେଲ ଭଣ୍ଡାର ପ୍ରକଳ୍ପ ବି ସଫଳ ହେବ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହେଉଛି।

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରରୁ ମିଳିଥିବା ସୂଚନା ଅନୁସାରେ ବରଡ଼ା ମୌଜାରେ ଏକ ଭୂତଳ ଡିଜେଲ ଭଣ୍ଡାର ପ୍ରତିଷ୍ଠା କରିବାକୁ ଯୋଜନା ରହିଛି। ୧୨।୧୧।୨୦୨୪ରେ ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୫୦୭୬ରେ ଯାଜପୁରର ଅତିରିକ୍ତ ଜିଲାପାଳଙ୍କୁ ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ କୌଣସି ସମସ୍ୟା ହେବ ନାହିଁ ବୋଲି ଏନ୍‌ଓସି ପ୍ରଦାନ କରିଛନ୍ତି। ତେବେ ଏହି ପ୍ରକଳ୍ପର ଅନ୍ୟାନ୍ୟ ବିଷୟ ତଥା ବ୍ୟୟ ଅଟକଳ, ଜମି ପରିମାଣ ଇତ୍ୟାଦି ସଂକ୍ରାନ୍ତରେ ଏଯାଏ ସୂଚନା ମିଳି ପାରିନାହିଁ। ସୂଚନାଯୋଗ୍ୟ ଯେ, ବରଡ଼ା ମୌଜାରେ ପ୍ରାୟ ୪୦ ଏକର ଅଞ୍ଚଳରେ ୫ଟି କଳାପଥର ଖାଦାନ ରହିଛି। ସେଥିରୁ ଅଜିତ ସାହୁଙ୍କୁ ୪ଟି ଏବଂ ପ୍ରକାଶ ନାୟକଙ୍କୁ ୧ଟି ଖାଦାନ ଲିଜ୍ ସୂତ୍ରରେ ଦିଆଯାଇଛି। ତେବେ ଜରିମାନା ଦାଖଲ ନୋଟିସ ପରେ ଅଜିତଙ୍କ ୪ଟି ଖାଦାନ ବନ୍ଦ ପଡ଼ିଥିବା ସୂଚନା ମିଳିଛି। ଏହି ମୌଜାରୁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୨ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। ଡଙ୍କାରୀ ପାହାଡ଼ରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରକଳ୍ପ ଝୁଲିରହିବା ପଛରେ କଳାପଥର ଖାଦାନରୁ ରାଜସ୍ୱ ଆୟ ଏବଂ ପ୍ରଭାବଶାଳୀଙ୍କ ପ୍ରଭାବ ବୋଲି କୁହାଯାଉଛି। ତେଣୁ କଳାପଥର ଖାଦାନ ଅଞ୍ଚଳରେ ପୁଣି ଭୂତଳ ଡିଜେଲ ଭଣ୍ଡାର ନିର୍ମାଣ ପ୍ରସ୍ତାବ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଜୟପୁରରୁ ଭୁବନେଶ୍ୱର ଉଡ଼ିଲା ୨ ବିମାନ

ଜୟପୁର,୧।୧୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବିମାନବନ୍ଦରରୁ ଭୁବନେଶ୍ୱରକୁ ରବିବାର ୨ ବିମାନ ଉଡ଼ାଣ କରିଛି। ଦ୍ୱିତୀୟ ବିମାନ ଦୈନିକ ଉଡାଣ କଲା ବୋଲି ଜୟପୁର ବିମାନବନ୍ଦର ନିର୍ଦ୍ଦେଶକ ଅବକାଶ ପରିଡ଼ା ସୂଚନା ଦେଇଛନ୍ତି। ପ୍ରତିଦିନ ସକାଳ ୬ଟା ୫୫ରେ ପ୍ରଥମ ଏବଂ ପୂର୍ବାହ୍ନ ୧୦ଟା ୫୫ରେ ଦ୍ୱିତୀୟ ବିମାନ ଭୁବନେଶ୍ୱରରୁ ଜୟପୁର ଅଭିମୁଖେ ଚଳାଚଳ କରିବ। ଏଠାରେ ପହଞ୍ଚିବା ପରେ ଉଭୟ ବିମାନ ସକାଳ ୮ ଟା ୫୫ ଏବଂ ଅପରାହ୍ଣ ୩ଟା ୧୫ରେ ପୁଣି ଜୟପୁରରୁ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ କରିବ। ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିୟାନ୍ ଏୟାର ଲାଇନ୍ସ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦିଆଯାଇଛି। ଯାତ୍ରୀଙ୍କ ସଂଖ୍ୟା ବିମାନବନ୍ଦରରେ ବଢିବା ଯୋଗୁ କେନ୍ଦ୍ରୀୟ ଉଡାଣ ଯୋଜନାରେ ଜୟପୁର ବିମାନ ଚଳାଚଳକୁ ସରକାର ଗୁରୁତ୍ୱ ଦେଇଛନ୍ତି।

# ବୋହୂ ମୃତ, ପୁଅ ସଙ୍କଟାପନ୍ନ

## ପେଟ୍ରୋଲ ପକାଇ ନିଆଁ ଲଗାଇଥିଲେ ବାପା

ବାରଙ୍ଗ/ତ୍ରିଶୂଳିଆ,୧।୧୨ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ ଗୋଡ଼ିସାହି ବାରଶିଙ୍ଗା ଗ୍ରାମର ଗୋବର୍ଦ୍ଧନ ରାଉତ ଶନିବାର ରାତିରେ ପୁଅକୁ ଟଙ୍କା ମାଗି ନ ପାଇବାରୁ ନୃଶଂସ ପାଲଟି ଯାଇଥିଲେ। ସେ ପୁଅ ଦୀନବନ୍ଧୁ ରାଉତ(୪୦) ଏବଂ ବୋହୂ ସସ୍ମିତା ରାଉତ (୩୭)ଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ବୋହୂ ସସ୍ମିତାଙ୍କ ରବିବାର ମୃତ୍ୟୁ ଘଟିଥିବାବେଳେ ଦୀନବନ୍ଧୁଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତ ବାପା ଗୋବର୍ଦ୍ଧନ ରାଉତଙ୍କୁ ଗିରଫ କରିଛି। ଏନେଇ ୪୬୭/୨୪ ନମ୍ବରରେ ଏକ ମାମଲା ରୁଜୁ କରିଛି। ହେଲେ ଅଭିଯୁକ୍ତ ଗୋବର୍ଦ୍ଧନଙ୍କ ବାମପାର୍ଶ୍ୱ ମୁହଁ ଓ ଶରୀରର କିଛି ଅଂଶରେ ନିଆଁ ଲାଗି ପୋଡ଼ି ଯାଇଥିବାରୁ ତାଙ୍କୁ ପୋଲିସ ହେପାଜତରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ସେ ପୁଅବୋହୂଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ, ଶନିବାର ରାତିରେ ଦୀନବନ୍ଧୁ ଘରେ ଖାଉଥିବାବେଳେ ଗୋବର୍ଦ୍ଧନ ପହଞ୍ଚି ତାଙ୍କୁ ଟଙ୍କା ମାଗିଥିଲେ। ସେ ଦୁଇ ଦିନ ପୂର୍ବରୁ ୫ ହଜାର ଟଙ୍କା ଦେଇଥିବାବେଳେ ଆଉ ଟଙ୍କା ଦେବାକୁ ମନା କରିଦେଇଥିଲେ। ଏହାକୁ ନେଇ ବାପ-ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଗୋବର୍ଦ୍ଧନ ଉତ୍କ୍ଷିପ୍ତ ହୋଇ ପେଟ୍ରୋଲ ଫିଙ୍ଗି ନିଆଁ ଲଗାଇ ଦେଇଥିଲେ। ଦୀନବନ୍ଧୁଙ୍କ ଦେହରେ ନିଆଁ ଲାଗିଯିବାରୁ ତାଙ୍କୁ ବଞ୍ଚାଇବାବେଳେ ତାଙ୍କ ସ୍ତ୍ରୀ ସସ୍ମିତାଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା। ସେହି ସମୟରେ ଖଟ ଉପରେ ରହିଥିବା ସେମାନଙ୍କ ୩ ବର୍ଷର ପୁଅକୁ ତା'ର ଜେଜେମା ନେଇ ପଳାଇଯିବାରେ ସକ୍ଷମ ହେବାରୁ ଉଭୟେ ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଥିଲେ। ତେବେ ସେମାନଙ୍କ ଚିତ୍କାର ଶୁଣି ପଡ଼ୋଶୀ ସେଠାରେ ପହଞ୍ଚି ପାଣି ଢାଳି ନିଆଁ ଲିଭାଇଥିଲେ। ତୁରନ୍ତ ଦୀନବନ୍ଧୁ ଏବଂ ସସ୍ମିତାଙ୍କୁ ସେମାନେ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ନେବା ସହ ପୋଲିସରେ ଖବର ଦେଇଥିଲେ। ଦୁହିଁଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସସ୍ମିତାଙ୍କ ମୃତ୍ୟୁ ଘଟିଥିବାବେଳେ ଦୀନବନ୍ଧୁ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ଅନ୍ୟପକ୍ଷରେ ଘଟଣା ପରେ ପଡ଼ୋଶୀ ଆସିଯିବା ଜାଣି ଗୋବର୍ଦ୍ଧନ ଛାତ ଉପରେ ଲୁଚି ଯାଇଥିଲେ, ପୋଲିସ ତାଙ୍କୁ କାବୁ କରିଥିଲା।

# ୨୦୩୦ ସୁଦ୍ଧା ଓଡ଼ିଶା ଏଡ୍‌ସ ସଂକ୍ରମଣଶୂନ୍ୟ ହେବ

- ସମନ୍ତେ ସଙ୍କଳ୍ପ ନେବାକୁ ଆହ୍ୱାନ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ
- ଗଞ୍ଜାମରେ ସର୍ବାଧିକ, ସୁବର୍ଣ୍ଣପୁରରେ ସର୍ବନିମ୍ନ ୧୪୬ ରୋଗୀ

ଭୁବନେଶ୍ୱର, ୧।୧୨(ବନ୍ଦନା ସେଠୀ)


ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଅନ୍ୟ ଅତିଥିମାନେ ଓସାକ୍ସର ନ୍ୟୁଜ୍‌ଲେଟର ଉନ୍ମୋଚନ କରୁଛନ୍ତି।


ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ମାନବଶୃଙ୍ଖଳ।

୨୦୦୨ ମସିହାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୫୦ ହଜାରରୁ ଊର୍ଦ୍ଧ୍ୱ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୧୯୧୫୫ଜଣ ଏବଂ ସୁବର୍ଣ୍ଣପୁର ଜିଲାରେ ସର୍ବନିମ୍ନ ୧୪୬ଜଣ ପଜିଟିଭ୍ ବାହାରିଛନ୍ତି। ତେବେ ୨୦୩୦ ସୁଦ୍ଧା ଓଡ଼ିଶାକୁ ଏଚ୍‌ଆଇଭି/ଏଡ୍‌ସ ସଂକ୍ରମଣ ଶୂନ୍ୟ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସରକାରଙ୍କ ସହ ସମନ୍ତେ ସଂକଳ୍ପବଦ୍ଧ ହୋଇ ଜନସଚେତନତାକୁ ବ୍ୟାପକ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି। ରବିବାର ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ନୀଳାଚଳ ପଲିଟେକ୍ନିକ୍‌ଠାରେ ରାଜ୍ୟସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଛାତ୍ରୀଛାତ୍ର ଏଚ୍‌ଆଇଭିର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ ହେଲେ ସମାଜ ସଚେତନ ହେବ ଏବଂ ଆମେ ଏଡ୍‌ସକୁ ସମ୍ପୂର୍ଣ୍ଣ ପ୍ରତିହତ କରିପାରିବା। ଏହି ସଂକ୍ରମଣ ସହ ରହିଥିବା ଘୃଣା, ଭେଦଭାବକୁ ଦୂର କରିବା ଆମର ସାମୂହିକ ଦାୟିତ୍ୱ ଏବଂ ଏଥିପାଇଁ ଆମର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବା ଆବଶ୍ୟକ। ଏଥିସହ ସମସ୍ତ ସଂକ୍ରମିତ ବ୍ୟକ୍ତିବିଶେଷଙ୍କ ଅଧିକାରକୁ ସମର୍ଥନ କରୁଥିବା ନିୟମକୁ ପ୍ରୋତ୍ସାହନ ଦେବା ଜରୁରୀ। କେହି ବି ସଂକ୍ରମିତ କିମ୍ବା ସଂକ୍ରମଣର ଆଶଙ୍କା ଥିବା ବ୍ୟକ୍ତି ତାଙ୍କ ଅଧିକାରରୁ ଯେପରି ବଞ୍ଚିତ ନ ହେବେ, ସେଥିପାଇଁ ସମସ୍ତେ ସଂକଳ୍ପ ନେବାକୁ ମନ୍ତ୍ରୀ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. କହିଲେ, ରାଜ୍ୟର ସବୁ ଜିଲାରେ ଏଡ୍‌ସ ସଂକ୍ରମିତ ଅଛନ୍ତି। ଅନ୍ୟ ରୋଗୀମାନେ ନିଜ ରୋଗ ସହିତ ଲଢୁଥିବାବେଳେ, ଏଡ୍‌ସ ରୋଗୀମାନେ ସମାଜରେ ରହିଥିବା ଭେଦଭାବ ସହିତ ଲଢୁଛନ୍ତି। ତେଣୁ ଏଡ୍‌ସର ଭୟାବହତା ନିହାତି ଭାବେ ଅଧିକ। ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ସଚେତନତାକୁ ଆହୁରି ବ୍ୟାପକ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଓସାକ୍ସ ପ୍ରକଳ୍ପ ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ସ୍ୱାଇଁ ସ୍ୱାଗତଭାଷଣ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ନାଥ ବେବର୍ତ୍ତା, ବିଭାଗୀୟ ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ଡା. ନୀଳକଣ୍ଠ ମିଶ୍ର, ଡା. ଅମରେନ୍ଦ୍ର ମହାନ୍ତିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ଓସାକ୍ସର ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଓସାକ୍ସର ୱେବ୍‌ସାଇଟ ଏବଂ ନ୍ୟୁଜ୍‌ଲେଟର ଉନ୍ମୋଚିତ ହୋଇଥିଲା। ନାକୋ ପ୍ରାୟୋଜିତ ଦୁଇ ମାସିଆ ସଚେତନତା କାର୍ଯ୍ୟକ୍ରମରେ ସର୍ବାଧିକ ଗ୍ରାମକୁ ସାମିଲ କରିଥିବା ଜିଲାଗୁଡିକ ମଧ୍ୟରେ ଗଞ୍ଜାମ, ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ରେଡ୍ ରିବନର ମାନବ ଶୃଙ୍ଖଳକରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ।

# ଯାତ୍ରାମଞ୍ଚରେ ଜିଅନ୍ତା ଘୁଷୁରି ଖାଇଲେ କଳାକାର


ଯାତ୍ରା ମଞ୍ଚରେ କଳାକାର ସାପ ଖେଳାଉଛନ୍ତି।

## ଭିଡିଓ ଭାଇରାଲ ପରେ ତୀବ୍ର ପ୍ରତିକ୍ରିୟା

ହିଞ୍ଜିଳିକାଟୁ,୧।୧୨(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ରାଳବ ଗାଁରେ ଯାତ୍ରାମଞ୍ଚରେ ଅମାନବୀୟ ଆଚରଣ ପ୍ରଦର୍ଶନ କରାଯାଇଛି। ରାକ୍ଷସ ଚରିତ୍ରରେ ଅଭିନୟ କରୁଥିବା କଳାକାରମାନେ ଏକ ଜିଅନ୍ତା ଘୁଷୁରିକୁ ମାରି ଖାଉଥିବା ଓ ବିଷଧର ସାପ ଖେଳାଉଥିବାର ଏକାଧିକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଗତ ୨୪ ତାରିଖରେ ଘଟିଥିବା ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଳା ନାଁରେ ଏଭଳି ନିଷ୍ଠୁରତା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

ରାଳବ ଗ୍ରାମରେ କାଞ୍ଜିଅଁଳା ଉପଲକ୍ଷେ ଯାତ୍ରା ଚାଲିଥିଲା। ଉକ୍ତ ଦିନ ଦୁଇଟି ସାହିରେ ରାମାୟଣ ନାଟକ ମଞ୍ଚସ୍ଥ ହେଉଥିଲା। ଏହି ବାଦି ନାଟକକୁ ଶହ ଶହ ଲୋକ ଉପଭୋଗ କରୁଥିଲେ। ମ୍ୟାଜିକ ଶୋ'ରୁ ଆରମ୍ଭ ହୋଇ ବିଷଧର ସାପ ଆଣି ମଞ୍ଚରେ ଖେଳ ପ୍ରଦର୍ଶିତ ହୋଇଥିଲା। ନାଟକ ମଧ୍ୟରେ ରାକ୍ଷସ ବେଶ ହୋଇ କେତେଜଣ କଳାକାର ମଞ୍ଚକୁ ଆସିଥିଲେ। ସେମାନଙ୍କ ଆଗରେ ଏକ ଜିଅନ୍ତା ଘୁଷୁରିର ଗୋଡ଼ ବାନ୍ଧି ଝୁଲାଯାଇଥିବା ଦେଖାଯାଇଥିଲା। ଜଣେ କଳାକାର ଘୁଷୁରିର ପେଟ ଚିରି କିଛି ଅଂଶ ନିଜ ପାଟିରେ ପୂରାଇ ଥିଲେ। ଦର୍ଶକମାନେ ଏସବୁ କାର୍ଯ୍ୟ ଦେଖୁଥିଲେ ବି କେହି ବିରୋଧ କରି ନ ଥିଲେ। ସେହିପରି ଅନ୍ୟ ମଞ୍ଚରେ ମଧ୍ୟ କଳାକାରମାନେ ବନ୍ୟପ୍ରାଣୀ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏ ନେଇ ବ୍ରହ୍ମପୁରର ଜଣେ ପରିବେଶବିତ୍ ଏକ୍ସ(ଟୁଇଟର) ଯୋଗେ ପିସିସିଏଫ,ୱାଇଲ୍ଡ ଲାଇଫଙ୍କୁ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ହିଞ୍ଜିଳିକାଟୁ ବନରକ୍ଷୀ ଘରମଣୀ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ସମ୍ପୃକ୍ତ ୨ ଜଣ କଳାକାର ଓ ନାଟକ ପରିଚାଳନା କମିଟିକୁ ଡକାଯାଇ ପଚରାଉଚରା ଚାଲିଥିବା କହିଛନ୍ତି। ଦୋଷୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଓଟିଏସ୍ ମାଧ୍ୟମରେ ଆଦାୟ ହେବ ବକେୟା ଜରିମାନା ଟଙ୍କା: ମନ୍ତ୍ରୀ

## ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ମିଳିପାରେ ଆଶ୍ୱସ୍ତି

ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ପ୍ରତ୍ୟେକ ଦିନ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଶହ ଶହ ଦୁଇ ଚକିଆ, ଚାରି ଚକିଆ ଏବଂ ବଡ଼ ଗାଡ଼ିବାଲାଙ୍କୁ ଜରିମାନା ଅର୍ଥ ଇ-ଚାଲାଣ ମାଧ୍ୟମରେ ଯାଉଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଇ-ଚାଲାଣ କଟିଥିବା ଗାଡ଼ି ମାଲିକଙ୍କୁ ଆଗକୁ ଆଶ୍ୱସ୍ତି ମିଳିପାରେ। ୱାନ୍ ଟାଇମ୍ ସେଟେଲମେଣ୍ଟ(ଓଟିଏସ୍) ବ୍ୟବସ୍ଥା ସରକାର ଆଣିପାରନ୍ତି। କିନ୍ତୁ ତା'ପରେ ଟ୍ରାଫିକ୍ ନିୟମକୁ ସରକାର ଅଧିକ କଡ଼ାକଡ଼ି କରିବେ। ଚାଲାଣ ଅର୍ଥ ଆଦାୟ ପାଇଁ କୋର୍ଟରୁ ସମନ ପଠାଯିବ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଗଲା ୪ ବର୍ଷରେ ଇ-ଚାଲାଣ ବାବଦ ଅର୍ଥକୁ ଓଟିଏସ୍ ଜରିଆରେ ଆଦାୟ କରାଯିବା ପରେ ନିୟମ କଡ଼ାକଡ଼ି ହେବ। ପରବର୍ତ୍ତୀ ସମୟରେ ଅର୍ଥ ଆଦାୟ ପାଇଁ କୋର୍ଟରୁ ସମନ ମଧ୍ୟ ପହଞ୍ଚିବ।

ପରିବହନ ବିଭାଗର ତଥ୍ୟ ଅନୁସାରେ ୨୦୨୦ରୁ ୨୦୨୪ ମଧ୍ୟରେ ରାଜ୍ୟରେ ଇ-ଚାଲାଣ ବାବଦକୁ ଆଦାୟ ହୋଇ ନ ପାରି ୧୨୧୫ କୋଟି ଟଙ୍କା ପଡ଼ିରହିଛି। ୨୯ ଲକ୍ଷ ୭୭ ହଜାର ୭୧୮ଟି ଇ-ଚାଲାଣ ବାବଦକୁ ପରିବହନ ବିଭାଗରେ ଜରିମାନା ଗାଡ଼ି ମାଲିକ ଦାଖଲ କରି ନାହାନ୍ତି। ଏତେ ପରିମାଣର ଅନାଦେୟ ଜରିମାନା ଅର୍ଥ ଆଦାୟ କରିବାକୁ ରାଜ୍ୟ ସରକାର ଏବେ ୱାନ୍ ଟାଇମ୍ ସେଟେଲମେଣ୍ଟ ବା ଓଟିଏସ୍ ପରିକଳ୍ପନା କରୁଛନ୍ତି। ପରିବହନ ବିଭାଗ ତଥ୍ୟାନୁଯାୟୀ, ୨୦୨୦ରୁ ଚଳିତ ବର୍ଷ ମେ ମାସ ଭିତରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ ୫୬ ଲକ୍ଷ ୮୧ ହଜାର ୯୯୩ଟି ଇ-ଚାଲାଣ କଟାଯାଇଥିଲା। ସେଥିମଧ୍ୟରୁ ଏବେ ମଧ୍ୟ ୨୯ ଲକ୍ଷ ୭୭ ହଜାର ୭୧୮ଟି ଚାଲାଣ ବାବଦକୁ ଜରିମାନା ଅର୍ଥ ଆଦାୟ ହୋଇପାରିନି।

# ଏଥର ଭୁବନେଶ୍ୱର ପ୍ରଧାନ ବରଗଡ଼ କଂସ

ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)


ଭୁବନେଶ୍ୱର ପ୍ରଧାନ, କଂସ ଅଭିନେତା

ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ରବିବାର କଂସ କଳାକାର ଚୟନ ହୋଇଥିଲା। ଏଥିରେ ବରଗଡ଼ ବ୍ଲକ ସର୍ଲା ଗ୍ରାମର ଭୁବନେଶ୍ୱର ପ୍ରଧାନ ପ୍ରଥମ ସ୍ଥାନରେ ରହି ଆସନ୍ତା ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର କଂସ ଅଭିନେତା ଭାବେ ଭୁବନେଶ୍ୱରଙ୍କ ନାମକୁ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ତେବେ କଂସ ଅଭିନେତା ଭାବେ ଭୁବନେଶ୍ୱର ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ନୂଆ ନୁହଁନ୍ତି। ସେ ଏହାପୂର୍ବରୁ ୫ଥର କଂସ ଭୂମିକାରେ ଅଭିନୟ କରିସାରିଛନ୍ତି। ତେବେ ଆସନ୍ତା ଧନୁଯାତ୍ରା ମହୋତ୍ସବ ନବବର୍ଷରୁ ଆରମ୍ଭ ହେଉଛି। ଧନୁଯାତ୍ରାରେ ସେ ତାଙ୍କ ଦୃଶ୍ୟାଭିନୟରେ କିଛି ନୂଆ ପ୍ରଦର୍ଶନ କରିବେ ଏବଂ ତାହା ଅନ୍ୟବର୍ଷ ତୁଳନାରେ ଦର୍ଶକମାନଙ୍କୁ ଅଧିକ ଆକୃଷ୍ଟ କରିବ ବୋଲି ଭୁବନେଶ୍ୱର କହିଛନ୍ତି।

ପ୍ରକାଶଥାଉକି, ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସାଧାରଣତଃ ପ୍ରତି ୩ବର୍ଷ ବ୍ୟବଧାନରେ କଂସ ଅଭିନେତା ଚୟନ ପରମ୍ପରା ରହିଛି। ୨୦୨୨ରେ କଂସ ଚୟନ ହୋଇଥିଲା ବେଳେ କଂସ କଳାକାର ଭାବେ ମନୋନୀତ ହୃଷୀକେଶ ଭୋଇଙ୍କ ପାଇଁ ଆସନ୍ତା ଧନୁଯାତ୍ରା ଶେଷ ସୁଯୋଗ ଥିଲା। କିନ୍ତୁ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଡ୍ରାଇଭର ଭାବେ କାର୍ଯ୍ୟରତ ହୃଷୀକେଶ ଏକ ଲାଞ୍ଚ ମାମଲାରେ ନିଲମ୍ବିତ ହୋଇଥିଲେ। ଏପରିକି ଧନୁଯାତ୍ରା ମହୋତ୍ସବ ସମିତି ମଧ୍ୟ ତାଙ୍କୁ କଂସ ଅଭିନେତାରୁ ବିଦା କରିଥିଲା ଏବଂ ନୂତନ କଂସ କଳାକାର ଚୟନ ପାଇଁ ନିଷ୍ପତ୍ତି ନେଇଥିଲା। ସେହି ନିଷ୍ପତ୍ତି ଅନୁଯାୟୀ, ୨୦୨୨ର ଚୟନ ପ୍ରକ୍ରିୟାରେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଥିବା ଜଗଦାନନ୍ଦ ମିଶ୍ର, ଆର୍ତ୍ତତ୍ରାଣ ସୁନାନୀ, ଭୁବନେଶ୍ୱର ପ୍ରଧାନ ଏବଂ ସୁଶିଲ କୁମାର ମେହେର ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରକ୍ରିୟାରେ ଅନ୍ୟ ୩ଜଣଙ୍କୁ ପଛରେ ପକାଇ ଭୁବନେଶ୍ୱର ବରଗଡ଼ ଧନୁଯାତ୍ରାରେ କଂସ ଅଭିନେତା ଭାବେ ସୁଯୋଗ ପାଇଛନ୍ତି। ଚୟନ ପ୍ରକ୍ରିୟାରେ ଉମେଶ ଚନ୍ଦ୍ର ଶତପଥୀ, ଚୂଡ଼ାମଣି ରଥ, ସନ୍ଦୀପ ଆଚାର୍ଯ୍ୟ ପ୍ରମୁଖ ବିଚାରକ ଥିବାବେଳେ ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, କଳାକାର ସମନ୍ୱୟ ସମିତିର ଅଶୋକ ବେହେରା, ନକୁଳ ବାଦୀ, ପ୍ରଶାନ୍ତ ମହାପାତ୍ର, ସୁନିଲ ମହାପାତ୍ର, ପ୍ରଭାସ ରଞ୍ଜନ ମହଲା, ଗୁରୁଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଦାଶ, ଆଖଣ୍ଡଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଦଳିବେ ଶ୍ରୀକୃଷ୍ଣ, ବଳରାମ, ଶ୍ରୀରାଧା

ଆଗାମୀ ଧନୁଯାତ୍ରା ମହୋତ୍ସବ ପାଇଁ କଂସ କଳାକାର ବଦଳିଛନ୍ତି। ଅନୁରୂପ ଭାବେ ଶ୍ରୀକୃଷ୍ଣ, ବଳରାମ ଏବଂ ଶ୍ରୀରାଧା କଳାକାର ମଧ୍ୟ ବଦଳିବେ ବୋଲି ସୂଚନା ମିଳିଛି। ଏ ନେଇ ବିଧିବଦ୍ଧ ଘୋଷଣା ହୋଇ ନ ଥିବାବେଳେ ଅତିଶୀଘ୍ର ଏଥିପାଇଁ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଗତବର୍ଷ ସମ୍ରାଟ ମହାପାତ୍ର ଶ୍ରୀକୃଷ୍ଣ, କିଶନ କୁମାର ବିର୍ତ୍ତିଆ ବଳରାମ ଏବଂ ବୈଷ୍ଣବୀ ବିର୍ତ୍ତିଆ ଶ୍ରୀରାଧା ଭୂମିକାରେ ଅଭିନୟ କରିଥିଲେ।

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା ଏବଂ ଝଡଝଞ୍ଜାକୁ ବାଟ ଛାଡିଦେବା। -ଶ୍ରୀମା

-ଦେବଦୀପାବଳି ସମାପ୍ତ ଓ ଚନ୍ଦ୍ରଦର୍ଶନ



# ସଂଖ୍ୟାଲଘୁ ଚରିତ୍ର

ବାଂଲାଦେଶ ଏକମାତ୍ର ପଡ଼ୋଶୀ ଦେଶ ଭାବେ ଭାରତକୁ ଦେଇଆସୁଥିବା ସମ୍ମାନ ଏବେ ଭୂଲୁଣ୍ଠିତ ହୋଇଯାଇଛି। ଗତ କିଛିବର୍ଷ ହେବ ଅନ୍ୟାନ୍ୟ ପଡ଼ୋଶୀ ଭାରତର ଶତ୍ରୁ ପାଲଟି ଯାଇସାରିଛନ୍ତି। ବାଂଲାଦେଶ ସୃଷ୍ଟି କରିବାରେ ଭାରତର ଅନନ୍ୟ ଭୂମିକା ଥିବାରୁ ଆଶା ଥିଲା ଏହା ସହ ସମ୍ପର୍କ ଦୀର୍ଘ ସମୟ ଅତୁଟ ରହିବ। ହେଲେ ତା'ର ଆଭ୍ୟନ୍ତରୀଣ ବ୍ୟାପାରରେ ଯେବେ ଭାରତ ହସ୍ତକ୍ଷେପ କଲା ସେବେଠୁ ଭାରତକୁ ବାଂଲାଦେଶୀ ନାଗରିକ ସନ୍ଦେହ ଚକ୍ଷୁରେ ଦେଖିଲେ। ଅର୍ଥାତ୍ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ନିଜ ଦେଶରୁ ବିତାଡ଼ିତ ହେବା ପରେ ତାଙ୍କୁ ଭାରତ ମାଟିରେ ଆଶ୍ରୟ ଦିଆଯିବା ବର୍ତ୍ତମାନ ସେଠାକାର ଦେଶବାସୀଙ୍କୁ କ୍ରୋଧିତ କରିଛି ବୋଲି କୁହାଯାଉଛି। ଏଠାରେ ଦୃଷ୍ଟି ପକାଇବାକୁ ହେବ ଯେ, ଭାରତର ବୈଦେଶିକ ନୀତି ପଡ଼ୋଶୀ ଦେଶ ସହିତ ବିଫଳ ହେବାରେ ଲାଗିଛି। ୨୦୧୭ରେ ମାଧେସୀମାନଙ୍କୁ ଭାରତ ସରକାର ଖୋଲାଖୋଲି ସମର୍ଥନ ଜଣାଇବା ପରେ ସାଧାରଣ ନେପାଳୀ ନାଗରିକ ଭାରତ ବିରୋଧୀ ପାଲଟିଗଲେ। ସେହିଭଳି ଭାବେ ମାଳଦ୍ୱୀପ ସହିତ ଆମର 'ବଡ଼ ଭାଇ' ବ୍ୟବହାର ସେଠାକାର ଜନସାଧାରଣଙ୍କୁ ଉତ୍‌କ୍ଷିପ୍ତ କରିଛି। ଅନୁରୂପ ଭାବେ ବର୍ମା (ମ୍ୟାନ୍‌ମାର)ର ମିଲିଟାରୀ ଜୁଣ୍ଟାଙ୍କୁ ସକ୍ରିୟ ସାହାଯ୍ୟ ଯୋଗାଇଦେବାରୁ ସାଧାରଣ ବର୍ମା ନାଗରିକ ଭାରତ ବିରୋଧୀ ହୋଇ ରହିଛନ୍ତି। ସେହି ଦେଶରେ ଯଦି, ଶୀଘ୍ର ହେଉ ବା ବିଳମ୍ବରେ, ଗଣତନ୍ତ୍ର ପୁନଃ ପ୍ରତିଷ୍ଠା ହେବ ସେତେବେଳକାର ନିର୍ବାଚିତ ସରକାର ଭାରତ ବିରୋଧୀ ହେବାକୁ ବାଧ୍ୟ ହେବ। କାରଣ ଦେଶର ଜନସାଧାରଣ ଭାରତ ବିରୋଧୀ ଶକ୍ତିମାନଙ୍କୁ ହିଁ ନିର୍ବାଚିତ କରିପାରନ୍ତି। ସେହିଭଳି ପରିସ୍ଥିତି ବାଂଲାଦେଶରେ ଦେଖିବାକୁ ମିଳିଲା।

ବାଂଲାଦେଶର ସଦ୍ୟ ଘଟଣାକୁ ଦେଖାଯାଉ। ଅରାଜକତା ଆରମ୍ଭ ହେବା ପରେ ସେଠାରେ ଅନେକ ମନ୍ଦିର ଭାଙ୍ଗାଯିବା ସହ ହିନ୍ଦୁ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର କରାଯାଉଥିବା ଖବର ଶୁଣିବାକୁ ମିଳୁଛି। ଏମାନେ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସମର୍ଥକ ଥିଲେ ବୋଲି କୁହାଯାଉଛି। ଏବେ ହିନ୍ଦୁଙ୍କ ମଧ୍ୟରେ ଥିବା ଏକ ସଂଖ୍ୟାଲଘୁ ଗୋଷ୍ଠୀ ଅନ୍ତର୍ଜାତୀୟ କୃଷ୍ଣ ସଦ୍‌ଭାବନା ସଂଘ (ଇସ୍କନ) ପ୍ରତି ବାଂଲାଦେଶୀ ନାଗରିକଙ୍କ ଅସୂୟାଭାବ ବଢ଼ିଯାଇଛି। କାରଣ ସେଠାରେ ଏହାର ମୁଖ୍ୟ ଥିବା ଚିନ୍ମୟ ଦାସ ସରକାର ବିରୋଧୀ ମତ ଓ ଶୋଭାଯାତ୍ରା କରିବାରେ ଆଗୁସାର ଥିଲେ। ଏଥିସହିତ ତାଙ୍କ ନେତୃତ୍ୱରେ ହୋଇଥିବା ଏକ ଶୋଭାଯାତ୍ରାରେ ସଂଖ୍ୟାଲଘୁ ଲୋକମାନେ ଗୈରିକ ପତାକା ଧରିଥିଲେ, ଯେଉଁଥିରେ ବାଂଲାଦେଶର ଜାତୀୟ ପତାକାକୁ ଅପମାନିତ କରାଯାଇଥିଲା ବୋଲି ଅଭିଯୋଗ ଅଣାଯାଇ ଚିନ୍ମୟଙ୍କୁ ରାଷ୍ଟ୍ରଦ୍ରୋହ ମାମଲାରେ ଗିରଫ କରାଯାଇଛି। ତେବେ ଯେଉଁ ଘଟଣାକୁ ନେଇ ବାଂଲାଦେଶରେ ବର୍ତ୍ତମାନ ସଂଖ୍ୟାଲଘୁ ହିନ୍ଦୁଙ୍କ ପ୍ରତି ଉତ୍ତେଜନା ଦେଖାଦେଇଛି, ତାହା ପଛରେ ଆଇନଜୀବୀ ସଇଫୁଲ ଇସ୍‌ଲାମ ଅଲିଫ୍‌ଙ୍କ ମୃତ୍ୟୁ ଜଡ଼ିତ। କୁହାଯାଉଛି ଚିନ୍ମୟଙ୍କ ପାଇଁ ସଇଫୁଲ ମାମଲା ଲଢୁଥିଲେ। ଯେତେବେଳେ ତାଙ୍କ ଜାମିନ ଖାରଜ ହୋଇଗଲା ସେତେବେଳେ ଚିଟାଗଙ୍ଗ କୋର୍ଟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ହିନ୍ଦୁମାନେ କୋର୍ଟ ରାୟକୁ ପ୍ରତିବାଦ କରି ବିରୋଧ ପ୍ରଦର୍ଶନ କରିଥିଲେ। ଏହି ସମୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ହେବାରୁ ସଇଫୁଲଙ୍କ ମୃତ୍ୟୁ ଘଟିଥିଲା। ହେଲେ ସଇଫୁଲଙ୍କୁ ସଂଖ୍ୟାଲଘୁମାନେ ମାରି ଦେଇଥିବା ବାଂଲାଦେଶର ବିଭିନ୍ନ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହାର ପରିଣତି ସଂଖ୍ୟାଲଘୁମାନେ ଭୋଗୁଛନ୍ତି।

ଗତ ନିର୍ବାଚନ ସମୟରେ ଶେଖ୍ ହାସିନାଙ୍କ ଏକଚ୍ଛତ୍ରବାଦୀ କାର୍ଯ୍ୟଶୈଳୀ ବାଂଲାଦେଶୀ ଭୋଟରଙ୍କୁ ବିରୋଧୀ କରିଦେଇଥିଲା। ସେଠାକାର ନିର୍ବାଚନ କମିଶନଙ୍କୁ ହାତେଇ ସରକାର ଗଢ଼ିପାରିଥିଲେ ଶେଖ୍ ହାସିନା। କିନ୍ତୁ ସାଧାରଣ ନାଗରିକଙ୍କ କ୍ରୋଧ ସମ୍ଭାଳିବାରେ ଅସଫଳ ହୋଇଥିଲେ। ତାଙ୍କ କାର୍ଯ୍ୟକଳାପକୁ ଭାରତ ସରକାର ସମର୍ଥନ କରିଆସୁଥିବା ହେତୁ ଏବେ ସାଧାରଣ ବାଂଲାଦେଶୀ ସ୍ୱାଭାବିକ ଭାବେ ଭାରତ ବିରୋଧୀ ପାଲଟିଛନ୍ତି। ଯେହେତୁ ସେଠାକାର ସଂଖ୍ୟାଲଘୁ ହିନ୍ଦୁ ବିଭିନ୍ନ ସମୟରେ ନିଜର କ୍ଷମତା ଦେଖାଇବାକୁ ଯାଇ ହାସିନା ସରକାରଙ୍କ ସମର୍ଥନ ଲାଭ କରିଥିଲେ, ସେହେତୁ ଏବେ ସେଠାରେ ହିନ୍ଦୁ ବିରୋଧୀ ମନୋଭାବ ବୃଦ୍ଧି ପାଉଛି। ଏହାର ସମାନ୍ତରାଳ ପରିସ୍ଥିତି ଦେଖିବାକୁ ହେଲେ ଭାରତୀୟଙ୍କ ପାଇଁ ତାହା କଷ୍ଟକର ନୁହେଁ। କଂଗ୍ରେସ ଶାସନ ସମୟରେ ସଂଖ୍ୟାଲଘୁଙ୍କ ଭୋଟ ଗୋଟାଇବା ନାମରେ ଯେଉଁଭଳି ମୁସଲମାନ ସମ୍ପ୍ରଦାୟକୁ ବିଭିନ୍ନ ପ୍ରକାରର ସମର୍ଥନ ଏବଂ ସାହସ ଯୋଗାଇ ଦିଆଯାଇଥିଲା, ତାହା ଗୋଟେପଟେ ପ୍ରଶାସନିକ ସହଯୋଗ ଯୋଗୁ ମୁସଲମାନ ସମ୍ପ୍ରଦାୟର ଅତ୍ୟଧିକ ମାତ୍ରାର ଉତ୍ପାତ ବୃଦ୍ଧି ପାଇଥିଲା। ବିଭିନ୍ନ ସ୍ଥାନରେ ବୋମା ବିସ୍ଫୋରଣ, ତୁହାକୁତୁହା ସରକାରଙ୍କ ତରଫରୁ 'ରେଡ୍ ଆଲର୍ଟ' ଜାରି କରିବାର ଘୋଷଣା ଏବଂ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଲା ଯେ ମୁସଲମାନ ସମ୍ପ୍ରଦାୟର ରାଜନେତା କିମ୍ବା ଶିକ୍ଷିତ ବୁଦ୍ଧିଜୀବୀ ସିମି ଭଳି ଆତଙ୍କବାଦୀ ସଙ୍ଗଠନକୁ ସମାଲୋଚନା ମଧ୍ୟ କଲେ ନାହିଁ। ଆଜି ଭାରତରେ ମୁସଲମାନ ବିରୋଧୀ ମନୋଭାବ ଯେଉଁଭଳି ବ୍ୟାପିଛି ସେଥିପାଇଁ ସେହି ସମ୍ପ୍ରଦାୟର ଶିକ୍ଷିତ ଓ ଚିନ୍ତାଶୀଳ ବ୍ୟକ୍ତିମାନେ ହିଁ ଦାୟୀ। ଗୋଟିଏପଟେ କଂଗ୍ରେସର ନାମକୁ 'ଖାନ୍‌ଗ୍ରେସ୍'ରେ ପରିବର୍ତ୍ତନ କରିବା ସହିତ ଭାରତରେ ଦୀର୍ଘ ସମୟ ଧରି ଶାସନ କରିଆସୁଥିବା ସେହି ଦଳର ନିର୍ବାଚନୀ ପରାଜୟ ଘଟିଲା। ଫଳସ୍ୱରୂପ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା କ୍ଷମତାକୁ ଆସିବାର ସୁଯୋଗ ପାଇଲା ଏବଂ ସେହି ଦଳର ସଂଖ୍ୟାଲଘୁ ବିଶେଷକରି ମୁସଲମାନ ବିରୋଧୀ ମନୋଭାବ ଓ କାର୍ଯ୍ୟକଳାପକୁ ସାଧାରଣ ହିନ୍ଦୁ ଭାରତୀୟ ସମର୍ଥନ ଜଣାଉଛନ୍ତି।

ଏହି ପ୍ରଚ୍ଛଦପଟରେ ବାଂଲାଦେଶରେ ଘଟୁଥିବା ଅରାଜକତା ଓ ହିନ୍ଦୁବିରୋଧୀ ମନୋଭାବ ଭାରତୀୟମାନଙ୍କୁ ବୁଝିବା କଷ୍ଟକର ହେବନାହିଁ। ସବୁ ସମାଜର ସବୁବେଳେ ସଂଖ୍ୟାଲଘୁ ଗୋଷ୍ଠୀ ମାର୍ଜିତ ହୋଇ ରହିବା ଦରକାର। ଅନେକ ସମୟରେ ଗାନ୍ଧିଜୀ ଶିଖାଇଥିବା ଗୋଟିଏ ଗାଲରେ ଚାପୁଡ଼ା ମାରିଲେ ଆର ଗାଲ ଦେଖାଇଦେବାର ନୀତି ଦୀର୍ଘ ସମୟର ଶାନ୍ତି ସୃଷ୍ଟି କରିବାରେ ସହାୟକ ହୋଇଥାଏ। କିନ୍ତୁ ସଂଖ୍ୟାଲଘୁର ଚରିତ୍ର ଯଦି ଉଗ୍ର ହେବ, ତେବେ ସଂଖ୍ୟାଗରିଷ୍ଠମାନେ ସେମାନଙ୍କୁ ଦମନ କରିବେ। ଅର୍ଥାତ୍ ଭାରତରେ ମୁସଲମାନଙ୍କ ପ୍ରତି ଯାହା ଘଟୁଛି ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ତାହା ହିଁ ଘଟୁଛି। ଭାରତରେ ମୁସଲମାନମାନେ କଂଗ୍ରେସର ଭୋଟବ୍ୟାଙ୍କ୍ ହୋଇ ଯେତିକି ଦଶନ୍ଧି ଲାଭ ଉଠାଇବା କଥା ତାହା ଉଠାଇନେଲେ। ଏବେ ସେମାନଙ୍କର ଶୁଭବେଳା କଟିଗଲା ଭଳି ମନେହେଉଛି। ଅନୁରୂପ ଭାବେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରିଥିବା ହାସିନାଙ୍କ ଆୱାମୀ ଲିଗ୍ ଯେତେବେଳେ ଲୋକପ୍ରିୟତା ହରାଇଲା ସେତେବେଳେ ସେଠାକାର ହିନ୍ଦୁ ସ୍ୱାଭାବିକ ଭାବେ କେଞ୍ଚା ଖାଉଛନ୍ତି । ପୃଥିବୀବ୍ୟାପୀ ଏହା ହିଁ ମନୁଷ୍ୟର ବ୍ୟବହାର ଅନୁଯାୟୀ ଫଳ ପାଇବାର ନୀତି ବୋଲି ବୁଝିବାକୁ ହେବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 1 | 3 | 5 |
| | | | | | 2 | | 7 | 6 |
| | | | 9 | | | | | 8 |
| | | 1 | 5 | 3 | 7 | | | |
| | 7 | | 6 | | | | 4 | |
| | | 9 | 4 | | | | | |
| | | 3 | | | | | | |
| | 8 | | | | | | | 7 |
| | | | | 1 | 6 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 4 | 5 | 3 | 7 | 8 | 9 |
| 9 | 3 | 7 | 1 | 6 | 8 | 4 | 5 | 2 |
| 5 | 4 | 8 | 9 | 7 | 2 | 1 | 6 | 3 |
| 2 | 5 | 6 | 7 | 3 | 4 | 9 | 1 | 8 |
| 8 | 9 | 3 | 6 | 2 | 1 | 5 | 7 | 4 |
| 4 | 7 | 1 | 5 | 8 | 9 | 2 | 3 | 6 |
| 3 | 2 | 4 | 8 | 1 | 5 | 6 | 9 | 7 |
| 7 | 1 | 9 | 3 | 4 | 6 | 8 | 2 | 5 |
| 6 | 8 | 5 | 2 | 9 | 7 | 3 | 4 | 1 |

ଗତକାଲିର ଉତ୍ତର

# ରାଜନୀତିରେ ବୟସ ସୀମା



ସହଦେବ ସାହୁ

ଡୋନାଲ୍ଡ ଟ୍ରମ୍ପଙ୍କ ସହ ମୁହାଁମୁହିଁ ତର୍କମାଳାର ପ୍ରଥମ ଅବସରରେ ଜୋ ବାଇଡେନ୍ ଥଙ୍ଗେଇଗଲେ ବୋଲି ଡେମୋକ୍ରାଟ୍ ଦଳର ବହୁତ ନେତା କହିହେଲେ ତାଙ୍କୁ ବାର୍ଦ୍ଧକ୍ୟ ଘାରିଲାଣି ଓ ସେ ନିର୍ବାଚନ ରଣାଙ୍ଗନରୁ ଓହରି ଯାଆନ୍ତୁ, ସେ ବି ମାନିନେଲେ । ଆଉ ଥରେ ଲଢ଼ିବି କହିବାର ଦୁଇ ଦିନ ଭିତରେ ଜୋ ବାଇଡେନ୍ କହିଲେ ଦଳର ଲୋକେ ଚାହୁଁ ନ ଥିବାରୁ ସେ ରାଷ୍ଟ୍ରପତି ପଦ ପାଇଁ ଲଢ଼େଇରୁ ଓହରି ଯାଉଛନ୍ତି । ଫଳରେ କମଳା ହାରିସ୍ ରାଷ୍ଟ୍ରପତି ପ୍ରାର୍ଥୀ ହେଲେ । ଜିତିଲେ ଟ୍ରମ୍ପ୍, ବର୍ତ୍ତମାନ ବୟସ ୭୮, କାର୍ଯ୍ୟକାଳ ସରିବା ବେଳକୁ ହେବେ ୮୨, ତଥାପି ରିପବ୍ଲିକାନ୍‌ମାନେ ତାଙ୍କୁ ଜରାଗ୍ରସ୍ତ କହୁନାହାନ୍ତି। ଟ୍ରମ୍ପଙ୍କଠାରୁ ବାଇଡେନ୍ ମାତ୍ର ୪ ବର୍ଷ ବଡ଼ ହୋଇଥିଲେ ହେଁ ଡେମୋକ୍ରାଟ୍‌ମାନେ ତାଙ୍କୁ ଅତି ବୁଢ଼ା କରିଦେଲେ । ତାହାର କାରଣ ବୟସ ବେଶି ହୋଇଗଲେ ଡିମେନ୍‌ସିଆ, ଆମ ଭାଷାରେ ମତିଭ୍ରମତା ବଢ଼େ, ପ୍ରତ୍ୟୁତ୍ପନ୍ନମତିତା ହ୍ରାସ ପାଏ, କ'ଣ କରିଲିଣି ବା କ'ଣ କରିବାକୁ ଅଛି ମନେ ପଡ଼େନାହିଁ, ଆଗରୁ ପରିଚିତ ଥିବା ଲୋକର ନାଁ ମନେପଡ଼େ ନାହିଁ, ଚାବିକାଠି କେଉଁଠି ରଖିଲ ଖୋଜିବୁଲ। ବୈଜ୍ଞାନିକମାନେ କହନ୍ତି ମସ୍ତିଷ୍କର ହିସାବୀ ଶକ୍ତି ବା କଗ୍ନିଟିଭ୍ କାପାବିଲିଟି ହ୍ରାସ ପାଏ । ୨୦୧୪ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବହୁମତ ପାଇ ସରକାର ଗଢ଼ିବାକୁ ଗଲାବେଳେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇଗଲେ ; ଦଳର ପୁରୁଖା ଓ ପ୍ରମୁଖ ନେତା ଏଲ୍. କେ. ଆଡ୍‌ଭାନୀ, ଏମ୍. ଏମ୍. ଯୋଶୀ, ସୁମିତ୍ରା ମହାଜନ ପ୍ରମୁଖଙ୍କୁ ପାର୍ଲିଆମେଣ୍ଟାରି ବୋର୍ଡରୁ ଅବସର ଦିଆଗଲା ; ମୋଦି ସରକାର ଗଢ଼ିବା ବେଳେ କହିଥିଲେ, ରାଜନେତାମାନେ ୭୫ ବର୍ଷ ବୟସ ପରଠୁ ସକ୍ରିୟ ରାଜନୀତିରେ ନ ରୁହନ୍ତୁ। କଗ୍ନିଟିଭ୍ କାପାବିଲିଟି ହ୍ରାସ ବା ସ୍ୱାସ୍ଥ୍ୟହାନି ଆଦି କାରଣ ନ ଦେଖାଇ ସେ କହିଥିଲେ, ସରକାର ଚଳାଇବାରେ ସେମାନେ ପରାମର୍ଶ ଓ ଉପଦେଶ ଦେବାର ବୟସ ଆସିଗଲାଣି । ତାଙ୍କ ମତକୁ ସମର୍ଥନ କରି ଅଖିଳ ଭାରତୀୟ କଂଗ୍ରେସ କମିଟି ଜେନେରାଲ୍ ସେକ୍ରେଟାରୀ ଜନାର୍ଦ୍ଦନ ଦ୍ୱିବେଦୀ ୨୦୧୪ ଅଗଷ୍ଟରେ କହିଥିଲେ, ୭୫ ତ ବେଶି ହୋଇଗଲା, ୬୫ରୁ ବେଶି ବୟସର ରାଜନେତାମାନେ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇ ଉପଦେଶ ବା ପରାମର୍ଶ ଦେବା କାମରେ ଲାଗନ୍ତୁ। (ଅବଶ୍ୟ ସେ ସୋନିଆ ଗାନ୍ଧୀଙ୍କୁ ଏ ଅଯୋଗ୍ୟତାରୁ ବାଦ ଦେଇଥିଲେ।) ଅନ୍ୟତମ କଂଗ୍ରେସ ନେତା ଜୟରାମ ରମେଶ କହିଲେ, ବୟସ ୭୦ ପାର ହେଲେ ରାଜନେତାମାନେ ଋଷିମାନଙ୍କ ଭଳି ଜ୍ଞାନ ବିତରଣ କରିବାରେ ଲାଗନ୍ତୁ। ସେ କହିଲେ, ସକ୍ରିୟ ରାଜନୀତିରେ ବହୁତ ଦଉଡ଼ାଦଉଡ଼ି କରିବାକୁ ପଡ଼େ, ବେଳେବେଳେ ଘଟଣାସ୍ଥଳରେ ସୁଦୂର ପ୍ରସାରୀ ନିଷ୍ପତ୍ତି ନେବାକୁ ପଡ଼େ ଓ ସେଥିପାଇଁ ନିର୍ବାଚନ ପ୍ରଚାରରେ ଦଳର ନେତୃତ୍ୱ ନେବାକୁ ପଡ଼େ । ଏସବୁ ପରିପ୍ରେକ୍ଷୀରେ ଶାରୀରିକ



ସାମର୍ଥ୍ୟ ଓ ମାନସିକ ପ୍ରତ୍ୟୁତ୍ପନ୍ନମତିତା ଦରକାର, ତାହା ପାଇଁ ଉପଯୁକ୍ତ ବୟସସୀମା ୭୦ ରହିବା ଦରକାର ବୋଲି ଜୟରାମ କହିଥିଲେ । ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାରେ ଅବସର ନେଇ ପାଣ୍ଡିଆନ୍ ୨୦୨୪ ନିର୍ବାଚନରେ ଯେଉଁ ପ୍ରକାରର ଧୂଆଁଧାର ପ୍ରଚାର କଲେ ତାହା ବିଜେଡି ଦଳର ସଭାପତିଙ୍କ କଗ୍ନିଟିଭ୍ କାପାବିଲିଟି ଉପରେ ପ୍ରଶ୍ନ ଉଠାଇଥିଲା।

ରାଜରାଜୁଡ଼ା ଶାସନରେ ମୃତ୍ୟୁ ନ ହେବାଯାକେ ରାଜା ଶାସନମୁଖ୍ୟ ହୋଇ ରହୁଥିଲେ, ସନ୍ତାନକୁ ଗାଦିରେ ବସାଇବା ରାଜାଙ୍କ ଲକ୍ଷ୍ୟ ଥିଲା । ବିଦ୍ରୋହ ଆସିଲେ ରାଜ-ପରିବାରର ଚକ୍ରାନ୍ତକାରୀ କୌଣସି ସଦସ୍ୟ ବା ରାଜାଙ୍କ ଅଧୀନରେ ଥିବା ସେନାପତି ଶାସନଭାର ସମ୍ଭାଳୁଥିଲା । ଜରାଗ୍ରସ୍ତ ହେଲେ ବାବା, ଗଡ୍‌ମାନ୍ ବା ତାନ୍ତ୍ରିକ ଉପରେ ଆସ୍ଥା ରଖିବା ଆରମ୍ଭ କରୁଥିଲେ, ପାରିଷଦମାନେ ଓ ଉପଦେଷ୍ଟାମାନେ ପ୍ରକୃତ ପାୱାର ଜାହିର କରୁଥିଲେ । ଆମ ଦେଶରେ ବି ବୟସାଧିକ ବ୍ୟକ୍ତିଙ୍କୁ ରାଜ୍ୟପାଳ କରିବା ଏକ ପରମ୍ପରା ହୋଇଯାଇଛି । ଯଦି ଯୁକ୍ତରାଷ୍ଟ୍ରରେ ଓ ଆମ ଦେଶରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ ଆଉ ଲୋକ ସଭାରେ ଜରାଗ୍ରସ୍ତମାନେ ଦଳ ଦ୍ୱାରା ବଛା ହୋଇ ନିର୍ବାଚନରେ ବିଜୟୀ ହୁଅନ୍ତି, ତେବେ ଦେଶର ଶାସନ ପାଇଁ ସେମାନେ ଲୋକଙ୍କ ଉପଯୁକ୍ତ ପ୍ରତିନିଧି ହୋଇପାରିବେ କି? ସେମାନେ ତ ଧୃତରାଷ୍ଟ୍ରୀୟ ନ୍ୟାୟରେ ପରିବାରର ଓ ଦଳପତିଙ୍କ ଇଙ୍ଗିତରେ କାମ କରିବେ । ଯଦି ସେମାନଙ୍କ ଯଥେଷ୍ଟ ଧନ ଅଛି, ସିଏ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତିପାରନ୍ତି, ଯଥା ୨୦୦୫ରୁ ହରିଆନା ବିଧାନସଭାର ସଦସ୍ୟ ହୋଇ ଆସିଥିବା ଶ୍ରୀମତୀ ଜିନ୍ଦଲ (ଜିନ୍ଦଲ କମ୍ପାନୀ ଗୋଷ୍ଠୀର ମାଲିକାଣୀ) ୨୦୨୪ ନିର୍ବାଚନରେ ବି ବିଧାନସଭାକୁ ଯାଇଛନ୍ତି, କୌଣସି ଦଳ ନ ଚାହିଁଥିଲେ ବି ଏବଂ ୭୪ ବର୍ଷ ବୟସରେ ସ୍ୱାଧୀନ ପ୍ରାର୍ଥୀ ହୋଇ ବି। ଭର୍ତ୍ତୃହରି ମହତାବ ୨୦୨୪ ନିର୍ବାଚନ ପରବର୍ତ୍ତୀ ଲୋକ ସଭା ପ୍ରଥମ ଅଧିବେଶନରେ ପ୍ରୋଟେମ୍ ସ୍ପିକର ହେଲା ବେଳେ କଂଗ୍ରେସ ଦଳ ତ ପ୍ରଶ୍ନ କଲା, ସିନିଅର୍‌ମୋଷ୍ଟ ଅର୍ଥାତ୍ ସବୁଠୁ ବୟସ୍କଙ୍କୁ କାହିଁକି କଲ ନାହିଁ । ଆମେରିକାର ସିନେଟ୍‌ରେ ବି ସେଇକଥା, ମେଜରିଟି ପାର୍ଟିରେ ସବୁଠୁ ବୟସ୍କ ସଦସ୍ୟ ପ୍ରୋଟେମ୍ ସ୍ପିକର୍ ହୋଇଥାଏ। ୱେଷ୍ଟ ଭର୍ଜିନିଆ ଡେମୋକ୍ରାଟ୍ ଦଳର ସିନେଟର୍ ବାଇର୍ଡ ପ୍ରୋଟେମ୍ ସ୍ପିକର୍ ହେବାବେଳକୁ ୯୯ ବର୍ଷ, କଥା କହିପାରୁନଥିଲେ କି ଚାଲିପାରୁ ନ ଥିଲେ, ସେ ପୁଣି ୧୦୦ ବର୍ଷରେ ମୃତ୍ୟୁ ଯାଏ ସିନେଟର୍ ଥିଲେ। ଆଉ ଜଣେ ସିନେଟର୍ ଷ୍ଟର୍ମ ଥରମଣ୍ଡ ୧୦ ବର୍ଷଯାଏ ସ୍ମୃତିଭ୍ରମ ହୋଇଥିଲେ, ଚାଲି ଚାଲି ଆସିଛନ୍ତି କି ଘୋଡ଼ାପିଠିରେ ଆସିଛନ୍ତି, ସିନେଟ୍ ହଲ୍ କେଉଁଠି କହିପାରୁନଥିଲେ ବି ୯୯ ବର୍ଷ ଯାଏ ସିନେଟର୍ ଥିଲେ। ଆମେରିକାରେ ୨୦୨୩ରେ ଆରମ୍ଭ ୧୧୮ତମ କଂଗ୍ରେସ (ଆମର ସଂସଦ ଭଳି)ରେ ସଦସ୍ୟମାନଙ୍କ ହାରାହାରି ବୟସ ୬୩:୭ ଜଣ ୮୦ ଉପରେ, ତହିଁରେ ଜଣେ ୮୮ ବର୍ଷର, ନାମ ଡିଆନେ ଫିନେଷ୍ଟିନ୍, ଯିଏ ୧୯୯୨ରୁ ସିନେଟର୍ ଅଛନ୍ତି ୨୦୨୫ ଯାଏ (ବୟସ ୯୧ ହେଲାଯାଏ) ସିନେଟର୍ ରହିବେ।

ଗଣତନ୍ତ୍ରରେ ନିର୍ବାଚିତ ନେତାମାନଙ୍କ ହାତରେ ଥାଏ ପ୍ରକୃତ ପାୱାର । ନେତା ବୃଦ୍ଧ ହୋଇ ଚଳତ୍‌ଶକ୍ତିରହିତ ହେଲାଯାଏ, ବିଚାରଶକ୍ତି ହ୍ରାସ ଓ ପୂରାପୂରି ସ୍ମରଣ ଶକ୍ତିଶୂନ୍ୟ ହେଲେ ବି ତାଙ୍କୁ ଦଳର ଲୋକେ କହନ୍ତି ନାହିଁ 'ବୟସ ଅଧିକ ହେଲାଣି ଏବେ ରାଜନୀତି ଛାଡ଼ିଦିଅନ୍ତୁ'। ଅଥଚ ସେମାନେ ଲେଜିସ୍‌ଲେଚରରେ ନିୟମ କରି ଥାଆନ୍ତି। ସରକାରୀ ବ୍ୟବସ୍ଥାର ଅନ୍ୟ ଦୁଇଟି ଶାଖା -ଜୁଡିସିଆରି ଓ ଏକ୍‌ଜିକ୍ୟୁଟିଭ୍‌ରେ ନିଯୁକ୍ତ ଅଧିକାରୀମାନେ ଶାରୀରିକ ଅକ୍ଷମତା ବା ବୟସାଧିକ କାରଣରୁ କାର୍ଯ୍ୟରୁ ଅବସର ନେବେ ; କାହାର ପ୍ରଭାବରେ କି ଟଙ୍କା ଗୁଞ୍ଜାରେ ନିଯୁକ୍ତି ପାଇପାରିବେ ନାହିଁ। ଅଥଚ ଲେଜିସ୍‌ଲେଚରରେ ପଶିବା ପାଇଁ ନିଜର ଅକ୍ଷମତା ଏବଂ ନିର୍ବାଚନୀ ଖର୍ଚ୍ଚ ତୁଲାଇବା ପାଇଁ ବଡ଼ ବଡ଼ ଠିକାଦାର ଓ କମ୍ପାନୀ ମାଲିକଙ୍କଠାରୁ ଟଙ୍କା ନେବା କଥା ଭୁଲିଯା'ନ୍ତି, ଲେଜିସ୍‌ଲେଚରରେ ଆସନ ପାଇଁ ଲୋକଙ୍କ ଭୋଟ କିଣନ୍ତି । ଜଣେ ଏମ୍‌ପି ମାସକୁ ଦରମା ଲକ୍ଷେ ଲେଖାଏ ୫ ବର୍ଷରେ ୬୦ ଲକ୍ଷ ପାଇବାର ଥିଲା ବେଳେ ସେମାନେ ନିର୍ବାଚନୀ ଖର୍ଚ୍ଚ ୯୦ ଲକ୍ଷ ଯାଏ କରିପାରିବେ ବୋଲି ନିର୍ବାଚନ ଆଚରଣ ବିଧିରେ ନିର୍ବାଚନ କମିଶନ ଆଗରେ ଦସ୍ତଖତ କରୁଛନ୍ତି । କ'ଣ ୯୦ ଲକ୍ଷ ମୂଳ ଓ ତା' ସୁଧ ଦେଉଛନ୍ତି? ୯୦ ଲକ୍ଷ ପାଇଁ ଯାହା ଉପରେ ନିର୍ଭର କରନ୍ତି, ତା' କାମ କରିଦେବାକୁ ବାଧ୍ୟ ହେବେ। ତେଣୁ ସମାଜର ହିତରେ କାମ କରିବା ଇଚ୍ଛା ଗୌଣ ! ମୃତ୍ୟୁଯାଏ ଏମ୍‌ଏଲ୍‌ଏ ବା ଏମ୍‌ପି ଆସନକୁ ମାଡ଼ିବସିବା, ଅର୍ଥାତ୍ ଜେରୋଣ୍ଟୋକ୍ରାସି (ବୃଦ୍ଧବୃଦ୍ଧାଙ୍କ ଶାସନ) ଚାଲୁରହେ। ସମ୍ବିଧାନ ପ୍ରଣେତାମାନେ କେବେ ଏହା ଆଶା କରିନଥିଲେ, ସର୍ବନିମ୍ନ କେତେ ବୟସରେ ଜଣେ ଲୋକପ୍ରତିନିଧି ହୋଇପାରିବ କହିଥିଲେ ବି କେତେ ବୟସଯାଏ ଏପରି ରହିପାରିବେ କହିନାହାନ୍ତି ; ସେମାନେ ଭୋଟରଙ୍କ ବିବେକ ଉପରେ ଛାଡିଦେଇଥିଲେ, କିନ୍ତୁ ଆମ ଦେଶରେ ରାଜନୈତିକ ଦଳଗୁଡ଼ିକ ୧୯୮୫ର ଦଳବଦଳ ଆଇନ ଓ ୨୦୦୩ର ସମ୍ବିଧାନ ସଂଶୋଧନ ଆଇନ (ବିଜୟୀର ଅଯୋଗ୍ୟତା ଆଇନ- ୧୦ମ ତଫସିଲ) ବଳରେ ଭୋଟରମାନଙ୍କ ବିବେକକୁ ତୁଚ୍ଛ କରିଦେଇଛନ୍ତି । ଦଳର ମୁଖ୍ୟଙ୍କ କଥା ନ ମାନିଲେ ପ୍ରାର୍ଥୀ ହୋଇପାରିବେ ନାହିଁ ତ ଏମ୍‌ଏଲ୍‌ଏ/ଏମ୍‌ପି ଆସନ ହରାଇବେ। ମୃତ୍ୟୁ ହେଲାଯାଏ ବା ଇସ୍ତଫା- ଇଚ୍ଛା କଲାଯାଏ ଦଳପତି ଦେଶ/ପ୍ରଦେଶର ଭାଗ୍ୟନିୟନ୍ତା ହୋଇ ରହିବେ ଓ ତାଙ୍କର ପ୍ରିୟ ଲୋକେ ଲୋକପ୍ରତିନିଧି ବୋଲାଉଥିବେ।

sahadevas@yahoo.com

# ଆଭ୍ୟନ୍ତରୀଣ ପ୍ରଦୂଷଣ



ଈପ୍ସିତା ମହାନ୍ତି

ଆମ ଚତୁଃପାର୍ଶ୍ୱସ୍ଥ ବାୟୁମଣ୍ଡଳ ଦିନକୁ ଦିନ ବିଷାକ୍ତ ହୋଇ ଚାଲିଛି। ବାୟୁ ପ୍ରଦୂଷଣ କଥା ଆସିଲେ ଆମ ଆଖିଆଗରେ ଧୂଆଁ, ଧୂଳି ଓ ମାରାତ୍ମକ ଭାସମାନ ରାସାୟନିକ କଣିକାର ଛବି ନାଚି ଉଠେ। ଏହି ପ୍ରଦୂଷଣ ଆଜି ଆମ ରୋଷେଇ କକ୍ଷ, ଶୟନ କକ୍ଷ ଓ ବୈଠକ କକ୍ଷ ଉପରେ ଆକ୍ରମଣ କରିବା ଆରମ୍ଭ କରିଛି। ଏକଥା ଆମେ ସ୍ୱପ୍ନରେ କଳ୍ପନା କରି ନ ଥିଲୁ। ଏହା ଅତି ଚିନ୍ତାଜନକ ବିଷୟ। କାରଣ ଘର ଭିତରର ପ୍ରଦୂଷଣ ବାହ୍ୟ ପ୍ରଦୂଷଣ ଅପେକ୍ଷା ଅଧିକ ବିପଜ୍ଜନକ ସାବ୍ୟସ୍ତ ହୋଇଛି। ଏ କ୍ଷେତ୍ରରେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ ଓ ବେଙ୍ଗାଲୁରୁ ଭଳି ସହରର ସ୍ଥିତି ଅତୀବ ସଙ୍ଗିନ। ଏସବୁ ମହାନଗରୀରେ ବାହ୍ୟ ପ୍ରଦୂଷଣ ସହିତ ଘର ଭିତରର ବାତାବରଣ ଆଦୌ ସୁରକ୍ଷିତ ନାହିଁ। ଏଭଳି ଦୟନୀୟ ସ୍ଥିତି ଯୋଗୁ ଘର ଭିତରର ବାୟୁ ଏତେ ମାତ୍ରାରେ ପ୍ରଦୂଷିତ ଯେ ଲୋକେ ଶ୍ୱାସକ୍ରିୟା ସକାଶେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଅନେକ ରୋଗର କାରକ ଅନାୟାସରେ ଶରୀର ମଧ୍ୟକୁ ପହଞ୍ଚୁଛି। ଲୋକଙ୍କ ଫୁସ୍‌ଫୁସ୍ ବହୁମାତ୍ରାରେ କ୍ଷତି ଘଟୁଛି। ସାଧାରଣ କାଶ, ଛିଙ୍କଠାରୁ ଆରମ୍ଭ କରି ଲୋକେ ଶ୍ୱାସରୋଗ, ହୃଦ୍‌ରୋଗ, ହୃଦ୍‌ଘାତ, ଯକ୍ଷ୍ମା ଓ କର୍କଟ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି।

କିଛି ବର୍ଷ ତଳେ ଦିଲ୍ଲୀସ୍ଥିତ ବଲ୍ଲଭଭାଇ ପଟେଲ ଚେଷ୍ଟ ଇନ୍‌ଷ୍ଟିଚ୍ୟୁଟ ଦିଲ୍ଲୀ ଓ ନୋଏଡା ଅଞ୍ଚଳର ଆଭ୍ୟନ୍ତରୀଣ ପ୍ରଦୂଷଣ ଉପରେ ଏକ ସର୍ବେକ୍ଷଣ କରିଥିଲା। ଏଠିକାର ଘରଗୁଡ଼ିକର ଆଭ୍ୟନ୍ତରୀଣ ପ୍ରଦୂଷଣର ସ୍ଥିତି ଯାଞ୍ଚ ଦ୍ୱାରା ଯେଉଁ ତଥ୍ୟ ମିଳିଥିଲା, ତାହା କେବଳ ବିବ୍ରତ କରି ନ ଥିଲା ବରଂ ଏହା ଆମ ଦେଶର ଆଖି ଖୋଲି ଦେଇଥିଲା। ଦିଲ୍ଲୀର କେତେକ ସ୍ଥାନର ଘର ଭିତରର ପ୍ରଦୂଷଣ ଅତିମାତ୍ରାରେ ବୃଦ୍ଧି ପାଇଥିବା ଏହି ଗବେଷଣାରୁ ଜଣାପଡ଼ିଥିଲା। ଯେଉଁଥିପାଇଁ ଏଠିକାର ୧୪%ରୁ ଊର୍ଦ୍ଧ୍ୱ ପିଲା ଆଜି ଶ୍ୱାସରୋଗରେ ପୀଡ଼ିତ। ଦିଲ୍ଲୀର ଔଦ୍ୟୋଗିକ ଅଞ୍ଚଳରେ ବାସ କରୁଥିବା ୧୧.୮% ପିଲା ଶ୍ୱାସରୋଗୀ ହୋଇଥିବା ବେଳେ ଜନବସତି ଅଞ୍ଚଳରେ ଏହି ସଂଖ୍ୟା ସାଢ଼େ ୭%ରୁ କିଛି ଅଧିକ। ପୂର୍ବରୁ ସହରାଞ୍ଚଳର ୪୩.୯% ପିଲା କଫ ଓ ଶ୍ୱାସଜନିତ ସମସ୍ୟା ଭୋଗୁଥିଲେ। ଏହି ମାମଲାରେ ଗାଁଗୁଡିକର ସ୍ଥିତି ସାମାନ୍ୟ ଭଲ ଅଛି। ତଥ୍ୟ ଅନୁସାରେ ଯେଉଁସବୁ ଘରେ କାଠ ଓ କୋଇଲାରେ ରନ୍ଧନ ହେଉଥିଲା, ସେହି ଅଞ୍ଚଳର ବାୟୁରେ ସଲଫର୍ ଡାଇଅକ୍ସାଇଡ ୪ଗୁଣ ଅଧିକ ରହିଛି। ଅଧ୍ୟୟନର ତଥ୍ୟ ଅନୁଯାୟୀ ଘର ଭିତରେ ଧୂପବତି, ଧୂପକାଠି ଓ ମଶାଧୂପର ଧୂଆଁ ପ୍ରଦୂଷଣ ସ୍ତରକୁ ସାଧାରଣ ସ୍ତର ଅପେକ୍ଷା ୧୫ଗୁଣ ବୃଦ୍ଧି କରିଛି। ଏହି ଅଧ୍ୟୟନ କେତେକ ନିର୍ଦ୍ଦିଷ୍ଟ କକ୍ଷରେ ହୋଇଥିଲା। କକ୍ଷ ମଧ୍ୟରେ ଧୂଆଁ ଜମାହୋଇ ନ ରହିବା ପାଇଁ ଏହାର ଦ୍ୱାର ଓ ଝରକାକୁ ଖୋଲି ଦିଆଯାଇଥିଲା। ଧୂପବତି, ଧୂପକାଠି ଓ ମଶାଧୂପ ଜଳାଇବା ପୂର୍ବରୁ ଓ ପରେ କକ୍ଷର ପ୍ରଦୂଷଣ ମାତ୍ରା ମାପ କରାଯାଇଥିଲା। ସ୍ଥିରୀକୃତ ମାନକ ଅନୁଯାୟୀ ୨.୫ ମାଇକ୍ରୋନ ଆକାରର କଣିକା ସ୍ତର ୬୦ ମାଇକ୍ରୋଗ୍ରାମ୍ ରହିବା କଥା କିନ୍ତୁ ଧୂପବତି, ଧୂପକାଠି ଓ ମଶାଧୂପ ଜାଳିବା ସମୟରେ କକ୍ଷ ଭିତରେ ଏହି ସ୍ତର ୧୮୭୯.୭ ମାଇକ୍ରୋଗ୍ରାମ୍



ଥିଲା। ୧୦ ମାଇକ୍ରୋନ ଆକାରର କଣିକା ସ୍ତର ୧ଶହ ମାଇକ୍ରୋଗ୍ରାମ ରହିବା କଥା କିନ୍ତୁ ଧୂପବତି, ଧୂପକାଠି ଓ ମଶାଧୂପ ଜାଳିବା ସମୟରେ କକ୍ଷ ଭିତରେ ଏହି ସ୍ତର ୧୬୭୫ମାଇକ୍ରୋଗ୍ରାମକୁ ଅତିକ୍ରମ କରିଥିଲା। ଧୂପବତୀ ଜାଳିଲେ ସବୁଠାରୁ ଅଧିକ ଧୂଆଁ ସୃଷ୍ଟି ହୋଇଥାଏ। ତା' ପଛକୁ ରହିଛି ଧୂପକାଠି ଓ ମଶାଧୂପ। ତେଣୁ ଘରେ ଧୂପବତି, ଧୂପକାଠି ଓ ମଶାଧୂପ ଜଳାଉଥିଲେ ଅଧିକ ସତର୍କ ରହିବା।

ବାହ୍ୟ ପ୍ରଦୂଷଣ ଅପେକ୍ଷା ଆଭ୍ୟନ୍ତରୀଣ ପ୍ରଦୂଷଣ ୧୦ଗୁଣ କ୍ଷତିକାରକ ବୋଲି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ସେଣ୍ଟର ଫର୍ କମ୍ୟୁନିଟି ମେଡିସିନ ନିଜ ଅଧ୍ୟୟନରେ ପ୍ରକାଶ କରିଛି। ଘରେ ରନ୍ଧା ସମୟରେ ନିର୍ଗତ ବାୟୁ ଯୋଗୁ ୨୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ୫୦% ଯୁବକଙ୍କ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଛି। ଏହା ଯକ୍ଷ୍ମା ରୋଗର ଏକ ପ୍ରମୁଖ କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁଯାୟୀ ରୋଷେଇ ଘରୁ ନିର୍ଗତ ଧୂଆଁ ଓ ବାଷ୍ପ ଦ୍ୱାରା ପ୍ରତିବର୍ଷ ବିକାଶଶୀଳ ଦେଶରେ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାନ୍ତି। ଅର୍ଥାତ୍ ରୋଷେଇଘରୁ ନିର୍ଗତ ଧୂଆଁ ଓ ବାଷ୍ପ ପ୍ରତି ସେକେଣ୍ଡରେ ଜଣଙ୍କ ମୁଣ୍ଡ ନେଇ ଚାଲିଛି। ବାହ୍ୟ ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀରେ ଅନେକ ସମୟରେ ଯୁଗ୍ମ ଅଯୁଗ୍ମ ନିୟମ ଲାଗୁ ହେଉଛି। ଯାତାୟାତ ଉପରେ କଟକଣା ଲାଗୁଛି। ଏହାଦ୍ୱାରା ଦିଲ୍ଲୀ ଅଞ୍ଚଳର ବାୟୁମଣ୍ଡଳ ପ୍ରଦୂଷଣ ଉପରେ କେତେ ଲଗାମ ଲାଗିଛି ତାହା ଭିନ୍ନ ପରିସଂଖ୍ୟାନରୁ ଜଣାପଡିବ, କିନ୍ତୁ ଘର ଭିତରର ପ୍ରଦୂଷଣ ଉପରେ ଏହି ପରିସଂଖ୍ୟାନ ଅନେକ ପ୍ରଶ୍ନ ଠିଆ କରିଛି। କାରଣ ଶିଶୁ, ମହିଳା ଓ ବୟସ୍କମାନେ ମାତ୍ରାଧିକ ସମୟ ଘର ଭିତରେ କାଟନ୍ତି। ବିଗତ ଦିନରେ କରୋନା ସଂକ୍ରମଣରୁ ରକ୍ଷା ପାଇଁ ତଥା ଲକ୍‌ଡାଉନ ଓ ଶଟ୍ ଡାଉନ ଭଳି କଟକଣାର ବାଧ୍ୟବାଧକତା ଯୋଗୁ ସଭିଙ୍କୁ ଘର ଭିତରେ ରହିବାକୁ ପଡିଥିଲା। ଏଭଳି ସ୍ଥିତିରେ ଆଭ୍ୟନ୍ତରୀଣ ପ୍ରଦୂଷଣ ଆମକୁ ରୋଗିଣା କରି ଦେଇପାରେ।ଘର ଭିତରର ପ୍ରଦୂଷଣ ଫୁସ୍‌ଫୁସ୍ ପାଇଁ ଅତ୍ୟନ୍ତ କ୍ଷତିକାରକ, ଅଥଚ ସେ ବିଷୟରେ ଆମେ ସଚେତନ ନୁହନ୍ତି।

ସୁସ୍ଥ ଶରୀରରେ ସୁସ୍ଥ ବିଚାର ଜନ୍ମ ନିଏ। ଘର ଭିତରେ ସୁସ୍ଥ ଜୀବନଯାପନ ପାଇଁ ଚାହୁଁଥିଲେ, ଆମକୁ କେତେକ ଉପାୟ ଅବଲମ୍ବନ କରିବାକୁ ହେବ। ପ୍ରଥମତଃ ଆମେ ଠାକୁରଙ୍କୁ ଯେଉଁ ଧୂପବତି ଦେଉ ସେଥିରେ ଘର ଭିତରର ବାୟୁ ପ୍ରଦୂଷିତ ହୁଏ। ତେଣୁ ପ୍ରାକୃତିକ ଧୂପବତି ଜାଳି ଆମେ ବାୟୁ ପ୍ରଦୂଷଣକୁ ବି ଅନେକ ମାତ୍ରାରେ ରୋକି ପାରିବା। ୨ୟରେ ମଶା ମାରିବା ପାଇଁ ମଶାଧୂପ ନ ଲଗାଇ ଏମାନଙ୍କ ବଂଶ ଲୋପ ପାଇଁ ଉପାୟ ବାହାର କରି ଆମେ ଏହାର ବ୍ୟବହାରକୁ କମାଇ ପାରିବା। ଶୋଇବା ବେଳେ ମଶାରି ବ୍ୟବହାର କରିବା। ୩ୟରେ କେହିକେହି ଘର ଭିତରେ ଧୂମପାନ କରିଥାନ୍ତି। ଏଭଳି ବଦଭ୍ୟାସରୁ ନିବୃତ୍ତ ରହିବା। ୪ର୍ଥରେ ଘରଗୁଡ଼ିକରେ ଥିବା ରେଫ୍ରିଜରେଟର୍ ଓ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରରୁ କ୍ଲୋରୋଫ୍ଲୋର କାର୍ବନ ନାମକ ବିଷାକ୍ତ ଗ୍ୟାସ ନିର୍ଗତ ହୋଇଥାଏ। ଏହା କେବଳ ଘର ଭିତରର ବାୟୁକୁ ପ୍ରଦୂଷିତ କରି ନ ଥାଏ ବରଂ ଓଜୋନ ସ୍ତରକୁ ମଧ୍ୟ କ୍ଷତି ପହଞ୍ଚାଏ। ତେଣୁ ଏଗୁଡିକଠାରୁ ଯଥା ସମ୍ଭବ ଦୂରେଇ ରହିବା ଅବା ଆବଶ୍ୟକ ଅନୁଯାୟୀ ବ୍ୟବହାର କରିବା।

ବୈପାରୀଗୁଡ଼ା, କୋରାପୁଟ
ମା: ୬୩୭୦୬୭୯୪୦୫

## ଏଇ ଭାରତରେ

ଚାକିରି ସହ ଚାଷ କରିବା କଷ୍ଟକର ହୋଇଥିଲେ ମଧ୍ୟ ସେଥିରେ ସଫଳ ହୋଇଛନ୍ତି କେରଳର ଇଞ୍ଜିନିୟର ପାର୍ବତୀ ମୋହନାନ୍। ପାର୍ବତୀ ଫୁଲଚାଷ କରି ସେଥିରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ନିକଟକୁ ଦିନକୁ ୧୦୦ ପର୍ଯ୍ୟନ୍ତ ଅର୍ଡର ଆସୁଛି। ପାର୍ବତୀଙ୍କ ଘର ଆଲପୁଜା ଜିଲା ମୁହାମ୍ମା ପଞ୍ଚାୟତରେ। ସେ ଅଧ ଏକର ଜମିରେ ପର୍ତ୍ତୁଲାକା ଫୁଲଚାଷ କରୁଛନ୍ତି। ବଡ଼ କଥା ହେଉଛି ସେ ଚାକିରିରୁ ସମୟ ବାହାର କରି ଏହି ଚାଷ ଜାରି ରଖିଛନ୍ତି। ପାର୍ବତୀ କୋଚିରେ ଏକ ଆଇଟି କମ୍ପାନୀରେ ସଫ୍ଟୱେର ଟେଷ୍ଟର ଭାବେ କାମ କରୁଛନ୍ତି। ସେ ସପ୍ତାହାନ୍ତରେ ଘରକୁ ଆସି ଫଳ ବଗିଚାର ଯତ୍ନ ନେବା ସହ ବ୍ୟବସାୟ ସମ୍ପର୍କରେ ବୁଝନ୍ତି। ସେ ପ୍ରଥମେ ବଗିଚାରେ ୩୦ ପ୍ରକାର ପର୍ତ୍ତୁଲାକା ଫୁଲଚାଷ କରୁଥିଲେ। ଏବେ ୩୦୦୦ କିସମର ଫୁଲଚାଷ କରୁଛନ୍ତି। ଏହାକୁ ସେ ଭାରତର ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୭୫

- ଜାତିସଂଘ ପକ୍ଷରୁ ରାଜ୍ୟର ଉପକୂଳବର୍ତ୍ତୀ ସମୁଦ୍ର ଗର୍ଭରେ ମତ୍ସ୍ୟସମ୍ପଦର ଅନୁଧାନ।
- ବନାରସୀ ଦାସଗୁପ୍ତଙ୍କ ହରିଆନାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ।
- ଡକ୍ଟର ତୁଳସୀ ଗିରି ନେପାଳର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ ହୋଇଥିବାର ନେପାଳ ରେଡିଓ ସୂତ୍ରରୁ ପ୍ରକାଶ।

## ଚିରନ୍ତନୀ

ଓଢ଼ନା ତଳରୁ ଚାହିଁବା ସେ ତ
ଅଧିକ ପାପ
ଧରାପଡ଼େ ତହୁଁ ଗୋପନ ସବୁ
ମନର ମାପ।
-(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜୈବବିବିଧତାର ସୁରକ୍ଷା ହେଉ

ମହାଶୟ,

ଦେଶର ଅର୍ଥନୈତିକ ବିକାଶ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଜଙ୍ଗଲର ଯଥେଷ୍ଟ ଭୂମିକା ରହିଛି। କିନ୍ତୁ ମନୁଷ୍ୟ ପ୍ରଗତି ଓ ଶିଳ୍ପାୟନ ନାମରେ ଉଭୟ ପରିବେଶ ଓ ପ୍ରକୃତିକୁ ଧ୍ୱଂସ କରିଚାଲିଛି। ମଣିଷର ଏହି ଅପରିଣାମଦର୍ଶିତା ପାଇଁ ଧ୍ୱଂସପାଉଛି ହଜାର ହଜାର ହେକ୍ଟର ସବୁଜ ବନାନୀ। ଋତୁଚକ୍ରରେ ବିଭ୍ରାଟ ଆସିବାରୁ ଜଙ୍ଗଲ ଏବଂ ଏହାର ଚତୁଃପାର୍ଶ୍ୱରେ ଦେଖାଯାଉଥିବା ବାଘ, ସିଂହ, ହାତୀ, କୁଟୁରା, ବାରହା, ଶମ୍ବର, ହରିଣ, ଗୟଳ, ବାଦୁଡି, ଶାଗୁଣା, ମୟୂର, ହଳଦୀବସନ୍ତ, ବାୟା ଚଢ଼େଇ, ପେଚା, ଘରଚଟିଆ ଇତ୍ୟାଦିଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ବର୍ଦ୍ଧିତ ସହରୀକରଣ, ଦ୍ରୁତ ଶିଳ୍ପାୟନ ଏବଂ କୃଷିର ପ୍ରସାର ତଥା ଭିତ୍ତିଭୂମି ବିକାଶ ଉଦ୍ଦେଶ୍ୟରେ ଭୂମିର ରୂପାନ୍ତରଣ ଏବେ ୫୩%ରେ ପହଞ୍ଚିଥିବାରୁ ଏସବୁ ପ୍ରକ୍ରିୟାରେ ପ୍ରାକୃତିକ ବାସସ୍ଥଳୀ ନଷ୍ଟ ହେବା ଏବଂ ପରିସଂସ୍ଥା ବିଖଣ୍ଡିତ ହେବା ଜୈବବିବିଧତା ପାଇଁ ବିପଦ ପାଲଟିଛି। ପରିବେଶ ଅବକ୍ଷୟକୁ ରୋକିବାକୁ ହେଲେ ଆମକୁ ଜୈବିକ କୃଷିକୁ ଆପଣେଇବାକୁ ପଡ଼ିବ। ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବନୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କଲେ ଜୈବବିବିଧତାର ସୁରକ୍ଷା ସହ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ। ଏଥିପାଇଁ ଜନସଚେତନତାର ମଧ୍ୟ ଆବଶ୍ୟକତା ରହିଛି।

-କମଳଲୋଚନ ପଣ୍ଡା, ନୀଳଗିରି, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୂଆଦିଲ୍ଲୀର ରାମଲୀଳା ମୈଦାନରେ ରବିବାର ଚାଲିଥିବା କଂଗ୍ରେସର ସମ୍ବିଧାନ ସୁରକ୍ଷା ସଭାରେ ଦଳୀୟ ସମର୍ଥକମାନେ ହାତରେ ଇଭିଏମ୍ ବିରୋଧୀ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଦିଲ୍ଲୀରେ ଆପ୍-କଂଗ୍ରେସ ମେଣ୍ଟ ହେବ ନାହିଁ: କେଜ୍‌ରିୱାଲ

**ନୂଆଦିଲ୍ଲୀ, ୧।୧୨**

ଆସନ୍ତା ଫେବୃଆରୀରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ଆମ ଆଦ୍‌ମୀ ପାର୍ଟି(ଆପ୍)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍‌ରିୱାଲ ରବିବାର ଏକ ବଡ଼ ଘୋଷଣା କରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ କୌଣସି ମେଣ୍ଟ ନ କରି ଏକାକୀ ସମସ୍ତ ୭୦ ଆସନରେ ଲଢ଼ିବ ବୋଲି ସେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଏହି ବୟାନ ଆସିବା ପରେ ଇଣ୍ଡିଆ ବ୍ଲକ୍‌କୁ ଝଟକା ଲାଗିଛି। ଏହାସହ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍, ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ମୁକାବିଲା ହେବା ନେଇ ସ୍ପଷ୍ଟ ହୋଇଛି। ତେବେ କେଜ୍‌ରିୱାଲ ଏହି ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ରାଜଧାନୀରେ ଆଇନ ଶୃଙ୍ଖଳା ପରିସ୍ଥିତି


ଅରବିନ୍ଦ କେଜ୍‌ରିୱାଲ

ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦର୍ଶାଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଶନିବାର ତାଙ୍କ ଉପରକୁ ଫିଙ୍ଗାଯାଇଥିବା ତରଳ ପଦାର୍ଥ ବିପଜ୍ଜନକ ନ ଥିଲା। କିନ୍ତୁ ଏଭଳି ଘଟଣା ସମାଜ ପାଇଁ ବିପଜ୍ଜନକ ବୋଲି ସେ କହିଛନ୍ତି। ଗତ ୩୫ ଦିନ ମଧ୍ୟରେ ତାଙ୍କ ଉପରକୁ ୩ ଥର ଆକ୍ରମଣ ହୋଇଛି। ବାରମ୍ବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଏ ବିଷୟରେ ଜଣାଇଥିଲେ ମଧ୍ୟ ଫଳ ଶୂନ ବୋଲି କେଜ୍‌ରିୱାଲ କହିଛନ୍ତି।

# ମଜଭୁତ ଅର୍ଥନୀତି ପାଇଁ ନୂଆ ବିଚାରଧାରା ଲୋଡ଼ା: ରାହୁଲ

**ନୂଆଦିଲ୍ଲୀ, ୧।୧୨**

ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୨ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଆସିଛି। ହାତଗଣତି କେତେଜଣ ବିଲିଅନେୟାର ଏଥିରୁ ସୁବିଧା ପାଉଥିବାଯାଏ ଦେଶର ଅର୍ଥନୀତି କେବେ ହେଲେ ଆଗେଇପାରିବ ନାହିଁ ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଦେଶର ଜିଡିପି ହାର ୫.୪%କୁ ଖସିବା ନେଇ ରିପୋର୍ଟ ପ୍ରକାଶିତ ହୋଇଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏକ୍ସ'ରେ ରାହୁଲ ଲେଖିଛନ୍ତି, ଭାରତୀୟ ଅର୍ଥନୀତିକୁ ମଜଭୁତ କରିବାକୁ ହେଲେ ନୂଆ ଚିନ୍ତାଧାରା ଆବଶ୍ୟକ। ବ୍ୟବସାୟିକ ନୂଆ ଡିଲ୍‌କୁ ଏହାର ଗୁରୁତ୍ୱପୂର୍ଣ୍ଣ ଅଂଶ ମନେକରିବା ଅନୁଚିତ। ସମସ୍ତେ ଆଗକୁ ବଢ଼ିବା ପାଇଁ ସମାନ ସୁଯୋଗ ପାଇଲେ ଯାଇ ଅର୍ଥନୀତିର ଚକ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି।

# ଆଇନ ମନ୍ତ୍ରୀ ପଦମର୍ଯ୍ୟାଦା କ୍ଷୁଣ୍ଣ କରୁଛନ୍ତି: କଂଗ୍ରେସ

**ଭୁବନେଶ୍ୱର, ୧।୧୨ (ସୁନିତ୍ ମିଶ୍ର)**

ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜର ପଦମର୍ଯ୍ୟାଦା କ୍ଷୁଣ୍ଣ କରୁଛନ୍ତି। ସେ ଆଚରଣ ଓ ଉଚ୍ଚାରଣ ସିଦ୍ଧ ନୁହନ୍ତି। ଶନିବାର ପ୍ରଦେଶ ଯୁବ କଂଗ୍ରେସ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ସାଧାରଣ ସମସ୍ୟା ପ୍ରସଙ୍ଗରେ ଗଣତାନ୍ତ୍ରିକ ପଦ୍ଧତିରେ ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ବେଳେ ଭାଜପାର ନିର୍ବାଚନ ପ୍ରତିଶ୍ରୁତି ଏବଂ ତାହାକୁ ପାଳନ କରିବାରେ ସରକାରର ବିଫଳତା ବିଷୟ ଦୃଷ୍ଟି ଆକର୍ଷଣ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଠାରେ ଯେଉଁ ଡିଜି-ଆଇଜି ସମ୍ମିଳନୀ ଚାଲିଥିଲା, ସେ ସମ୍ପର୍କରେ ଯୁବ କଂଗ୍ରେସ କୌଣସି ମନ୍ତବ୍ୟ ଦେଇନାହିଁ। କିନ୍ତୁ ନିର୍ବାଚନ ସମୟରେ ହାତୀ ଦେବି, ଘୋଡ଼ା ଦେବି କହି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇ ଭୋଟ ହାତେଇଥିବା ଭାଜପା ଓ ପ୍ରଧାନମନ୍ତ୍ରୀ ରାଜ୍ୟରେ ସରକାର ହେବାର ୬ ମାସ ପରେ ପ୍ରଦତ୍ତ ପ୍ରତିଶ୍ରୁତି ପାଳନ କରିପାରି ନାହାନ୍ତି ବୋଲି ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନୱାଜ କହିଛନ୍ତି, ମୋଦି-ଶାହାଙ୍କ ଗସ୍ତକୁ ଯୁବ କଂଗ୍ରେସ ବିରୋଧ କରିଥିଲା। କଂଗ୍ରେସକୁ ଆଇନ ମନ୍ତ୍ରୀ ଯେଉଁଭଳି ଢଙ୍ଗରେ ସମାଲୋଚନା କରିଛନ୍ତି, ସେଥିରୁ ତାଙ୍କର ଆଚରଣ ଓ ଉଚ୍ଚାରଣରେ କେତେ ଶାଳୀନତା ରହିଛି ତାହା ସ୍ପଷ୍ଟ ବାରି ହୋଇପଡୁଛି। ମନ୍ତ୍ରୀ ହରିଚନ୍ଦନ ଯୁବ କଂଗ୍ରେସର ଅଭିଯୋଗଗୁଡ଼ିକୁ ଏଡ଼ାଇ ଯାଇ ତାଙ୍କ ବକ୍ତବ୍ୟରେ କିଛି ଅପ୍ରସଙ୍ଗ କଥା କହିଛନ୍ତି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଓଡ଼ିଶାର ଲୋକେ ଆମ୍ବଟାକୁଆ ଖାଇ ମୃତ୍ୟୁବରଣ କରୁଥିବା ବେଳେ ମନ୍ତ୍ରୀ ବିକାଶର ଡେଙ୍ଗୁରା ପିଟୁଛନ୍ତି। କଂଗ୍ରେସ ବିକାଶକୁ ବିରୋଧ କରୁନାହିଁ, ମାତ୍ର ଭାଜପାକୃତ ବିନାଶକୁ ଦୃଢ଼ ବିରୋଧ କରୁଛି ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରଣଜିତ ପାତ୍ର, ମନୋଜ ବିଶ୍ୱାଳ, ସୁଦୀପ ସାମଲ ଓ ନୀହାର ବେହେରା ଉପସ୍ଥିତ ଥିଲେ।


କଂଗ୍ରେସ ଭବନଠାରେ ରବିବାର ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ।

# ଭାଜପାର ମୁଖ୍ୟମନ୍ତ୍ରୀ ନିଷ୍ପତ୍ତିକୁ ସମର୍ଥନ କରିବି: ଶିନ୍ଦେ

**ମୁମ୍ବାଇ, ୧।୧୨ (ପି.ଟି.)**

ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ସମ୍ପର୍କରେ ଭାଜପା ନିଷ୍ପତ୍ତି ନେବ ଏବଂ ସେ ଏହାକୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି ବିଦାୟୀ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ରବିବାର ପ୍ରତିଶ୍ରୁତି ଦେଇଛନ୍ତି। ସରକାର ଗଠନ ନେଇ ମହାୟୁତି ମେଣ୍ଟରେ କୌଣସି ମତପାର୍ଥକ୍ୟ ନ ଥିବା ସେ ସ୍ପଷ୍ଟ କରିଦେଇଛନ୍ତି। ଶିନ୍ଦେଙ୍କ ପୁଅ ଶ୍ରୀକାନ୍ତ ଶିନ୍ଦେ ଉପମୁଖ୍ୟମନ୍ତ୍ରୀ ହେବା ସହ ଶିବସେନା ଗୃହ ବିଭାଗ ରଖିବା ନେଇ ହେଉଥିବା କଳ୍ପନାଜଳ୍ପନା ସମ୍ପର୍କରେ କାମଚଳା ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଗଠନ ସମ୍ପର୍କରେ ମହାୟୁତିର ସହଯୋଗୀ ଦଳ ଭାଜପା, ଏନ୍‌ସିପି ଏବଂ ଶିବସେନା ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେବେ।


ଏକନାଥ ଶିନ୍ଦେ

## ମହାୟୁତିରେ ମତଭେଦ ନାହିଁ

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ୧୩୨ ଆସନ ଜିତିଥିବାବେଳେ ଶିନ୍ଦେଙ୍କ ଶିବସେନା ଏବଂ ଅଜିତ ପାୱାରଙ୍କ ଏନ୍‌ସିପିକୁ ଯଥାକ୍ରମେ ୫୭ ଏବଂ ୪୧ ଆସନ ମିଳିଛି। ମହାୟୁତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ସତ୍ତ୍ୱେ ସପ୍ତାହେରୁ ଊର୍ଦ୍ଧ୍ୱ ହେଲାଣି ନୂଆ ସରକାର ଗଢ଼ାଯାଇ ପାରିନାହିଁ। ଶିବସେନା ଏବଂ ଏନ୍‌ସିପି ସେମାନଙ୍କ ବିଧାୟକ ଦଳ ନେତା ବାଛିଥିବାବେଳେ ଭାଜପା ଏପର୍ଯ୍ୟନ୍ତ ନେତା ତଥା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାଛିନାହିଁ। ତେବେ ଆସନ୍ତା ୫ ତାରିଖରେ ମୁମ୍ବାଇର ଆଜାଦ ମଇଦାନରେ ନୂଆ ସରକାର ଶପଥଗ୍ରହଣ କରିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ ବୋଲି ରାଜ୍ୟ ଭାଜପା ପକ୍ଷରୁ ଶନିବାର ଘୋଷଣା କରାଯାଇଥିଲା। ପୂର୍ବରୁ ଦୁଇଥର ମୁଖ୍ୟମନ୍ତ୍ରୀ ଏବଂ ଶିନ୍ଦେଙ୍କ ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇଥିବା ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ୍ ମୁଖ୍ୟମନ୍ତ୍ରୀ ପଦବୀ ଦୌଡ଼ରେ ଆଗରେ ରହିଛନ୍ତି। ୩ କିମ୍ବା ୪ ତାରିଖରେ ଭାଜପା ବିଧାୟକ ଦଳ ବୈଠକ ବସିବ ବୋଲି ଏହାର ଜଣେ ବରିଷ୍ଠ ନେତା କହିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ସରକାର ଗଠନ ନେଇ ଆଲୋଚନା କରିବା ପରେ ଶିନ୍ଦେ ହଠାତ୍ ତାଙ୍କ ଗାଁକୁ ଚାଲିଯିବାରୁ ସେ ସରକାର ଗଠନ ନିଷ୍ପତ୍ତି ନେଇ ଖୁସି ନ ଥିବା ଚର୍ଚ୍ଚା ହୋଇଥିଲା। ତେବେ ତାଙ୍କୁ ଜ୍ୱର ହୋଇଥିଲା ବୋଲି ମୁମ୍ବାଇ ଫେରିବା ପୂର୍ବରୁ ଶିନ୍ଦେ ରବିବାର ଗଣମାଧ୍ୟମକୁ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଟରେ ସରୁ କଣା**
**ମୋତେ ରୁଚୁନାହିଁ ନବାତ ପଣା**
**ଦୂରୁଯାଏ ତୁଣ୍ଡ ଶୁଣା ।**

କିଏ ଆସୁଛନ୍ତି ଜାଣିବାକୁ କବାଟରେ ସରୁ ବା ଛୋଟିଆ କଣାଥାଏ। ବାହାରୁ କିଏ ଆସିବାର ଦେଖିଲେ ଦେହ ଖରାପ, ଖାଲି ପଣା ପିଇ ରହୁଥିବା ନେଇ ମିଛ ଅଭିନୟ। ହୁସିଆର ତଥା ଛଳନାମୟ ବ୍ୟକ୍ତିଙ୍କ ଏପରି ସିଆଣିଆ ମତିଗତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଳିଆ କୁକୁର କାନ**
**ଆଗେ କରିଥିଲ ଜୀବନ ଧନ**
**ଏବେ କଲ ହୀନିମାନ ।**

ଯେତେବେଳେ ବୟସ ଥିଲା, ସ୍ୱାମୀ ବହୁତ ଭଲ ପାଉଥିଲା। ପାଖରୁ ମୋତେ ଛାଡୁ ନ ଥିଲା, ଏବେ ଆଉ ପଚାରୁନି। ଫଳସ୍ୱରୂପ ସ୍ୱାମୀର ସ୍ନେହ ଶ୍ରଦ୍ଧା ହ୍ରାସ ପାଇବା ଦେଖି ସ୍ତ୍ରୀ ବିଚାରି ମନ ଊଣା କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଦିଶାହୀନ କଂଗ୍ରେସ ଅଯଥା ପ୍ରଳାପ କରୁଛି: ଭାଜପା ଯୁବମୋର୍ଚ୍ଚା

**ଭୁବନେଶ୍ୱର, ୧।୧୨ (ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଗାତର ୩ ଦିନ ଧରି ରାଜ୍ୟର ରାଜଧାନୀରେ ଉପସ୍ଥିତ ରହି ବିଭିନ୍ନ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସେ ତାଙ୍କ ଗସ୍ତ ଶେଷ କରି ରାଜ୍ୟରୁ ବାହୁଡ଼ିଛନ୍ତି। ସେ ଓଡ଼ିଶାରେ ୩ ଦିନ ପାଇଁ ରହିବା ଆମ ସମସ୍ତଙ୍କ ପାଇଁ ଏକ ଗୌରବର ବିଷୟ। ସ୍ୱାଧୀନତା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆରମ୍ଭକରି ସମସ୍ତ ଡିଜି, ଆଇଜି ଓ ଉଚ୍ଚପଦସ୍ଥ ସୁରକ୍ଷା ଅଧିକାରୀମାନେ ଏଥିରେ ଯୋଗଦେଇ ଆଇନଶୃଙ୍ଖଳା ବିଷୟରେ ଆଲୋଚନା କରିଛନ୍ତି। ଏଥିସହ ସେମାନେ ଓଡ଼ିଶାର ପରମ୍ପରା ଓ ସଂସ୍କୃତିକୁ ପାଖରୁ ଦେଖିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏତେ ବଡ଼ ସମ୍ମିଳନୀକୁ ସଫଳ ଭାବେ ପରିଚାଳନା କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ ହୋଇଥିବାବେଳେ ଦିଶାହୀନ କଂଗ୍ରେସ ଅଯଥା ପ୍ରଳାପ କରୁଛି। ଦେଶର ଯେବେ ବି ବିକାଶ ପ୍ରସଙ୍ଗ ଉଠିଛି ସେତେବେଳେ କଂଗ୍ରେସ ଦେଶକୁ ଅପମାନିତ କରିଛି ବୋଲି ଭାଜପା ରାଜ୍ୟ ଯୁବମୋର୍ଚ୍ଚା


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଓ ଅନ୍ୟମାନେ।

ସଭାପତି ଅଭିଲାଷ ପଣ୍ଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଲାଷ କହିଛନ୍ତି, ୫୦ ବର୍ଷ ପରେ ମଧ୍ୟ ନିଜକୁ ଯୁବନେତା ବୋଲି କହୁଥିବା କଂଗ୍ରେସର ଜଣେ ଶୀର୍ଷ ନେତା ସାରା ବିଶ୍ୱରେ ବୁଲିବୁଲି ଦେଶର ସଂସ୍କୃତି ଓ ଗରିମାକୁ ତଳେ ପକାଉଛନ୍ତି। ଦେଶର ମର୍ଯ୍ୟାଦା କ୍ଷୁଣ୍ଣ କରିବା ପାଇଁ ସର୍ବଦା ଉଦ୍ୟମ ଜାରି ରଖିଛନ୍ତି। ତାଙ୍କ ପଦାଙ୍କ ଅନୁସରଣ କରି ଯୁବ କଂଗ୍ରେସ ମଧ୍ୟ ସେଭଳି କାର୍ଯ୍ୟ କରୁଛି। ରାଜ୍ୟର ଏହି ଐତିହାସିକ କ୍ଷଣର ମର୍ଯ୍ୟାଦା କ୍ଷୁଣ୍ଣ କରିବା ପାଇଁ କଂଗ୍ରେସ ଦଳର କେତେଜଣ ଉଦ୍‌ଭ୍ରାନ୍ତ ଯୁବକ ଖବରଦାତା ସମ୍ମିଳନୀ ଡାକି ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛନ୍ତି। ଅତୀତରେ କଂଗ୍ରେସର ଏହି ଯୁବକମାନେ ରାଜ୍ୟରେ ଅନେକ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛନ୍ତି। ଅନେକଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଥିବାବେଳେ ଆଇନଶୃଙ୍ଖଳା ଭଙ୍ଗ କରିଥିବା ଅଭିଯୋଗମାନ ରହିଛି। ସବୁବେଳେ ଅଶାନ୍ତି, ବିଶୃଙ୍ଖଳା ସୃଷ୍ଟି କରି ଆଇନଶୃଙ୍ଖଳାକୁ ହାତକୁ ନେଉଥିବା କଂଗ୍ରେସ ଯୁବ ସଙ୍ଗଠନର ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ କହିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ସେ କହିଛନ୍ତି।

# ଭାଜପା ବୈଠକରେ ଯୋଗଦେଲେନି ସୀତା ସୋରେନ୍

**ରାଞ୍ଚି, ୧।୧୨**

ଝାଡ଼ଖଣ୍ଡ ନିର୍ବାଚନରେ ଭାଜପାର ପରାଜୟ ନେଇ ସମୀକ୍ଷା ବୈଠକ ବସିଥିବାବେଳେ ଏଥିରେ ଦଳର ଡୁମ୍‌କା ପ୍ରାର୍ଥୀ ସୀତା ସୋରେନ୍ ଯୋଗଦେଇ ନାହାନ୍ତି। ନିର୍ବାଚନ ପୂର୍ବରୁ ଦଳ ଛାଡ଼ିଥିବା ଅସନ୍ତୁଷ୍ଟ ନେତାଙ୍କୁ ଫେରାଇ ଆଣିବା ପାଇଁ ଜେଏମ୍‌ଏମ୍ ଉଦ୍ୟମ ଚଳାଇଥିବାବେଳେ ଭାଜପା ବୈଠକରେ ସୀତାଙ୍କ ଅନୁପସ୍ଥିତିକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଚମ୍ପାଇ ସୋରେନ୍ ଜେଏମ୍‌ଏମ୍‌କୁ ଫେରିବାକୁ ଚାହିଁଲେ ତାଙ୍କୁ ସ୍ୱାଗତ କରାଯିବ ବୋଲି ନିକଟରେ ଦଳର ମୁଖପାତ୍ର ଗଣମାଧ୍ୟମକୁ କହିଥିଲେ। ନିର୍ବାଚନରେ ପରାଜୟର ସମୀକ୍ଷା ପାଇଁ ଭାଜପା ରାଜ୍ୟ ସଭାପତି ବାବୁଲାଲ ମାରାଣ୍ଡି ପରାଜିତ ଦଳୀୟ ପ୍ରାର୍ଥୀମାନଙ୍କ ବୈଠକ ଡାକିଥିଲେ। କେବଳ ସୀତାଙ୍କୁ ବାଦ୍‌ଦେଲେ ଅନ୍ୟ ସମସ୍ତ ପରାଜିତ ପ୍ରାର୍ଥୀ ବୈଠକରେ ଉପସ୍ଥିତ ଥିଲେ। ବୈଠକ ସମ୍ପର୍କରେ ତାଙ୍କୁ କେହି ଜଣାଇ ନ ଥିଲେ ବୋଲି ସୀତା କହିଛନ୍ତି। ଜେଏମ୍‌ଏମ୍ ଅସନ୍ତୁଷ୍ଟ ନେତାମାନଙ୍କୁ ଦଳରେ ମିଶାଇବା ଲାଗି ଉଦ୍ୟମ ଚଳାଇଥିବା ନେଇ ପ୍ରଶ୍ନ ହେବାରୁ ଏହା ସେମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାର ବୋଲି ସୀତା ସୋରେନ୍ କହିଛନ୍ତି।

GOVERNMENT OF ODISHA No.B-697
OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR
Mail ID : sepwdsbp@rediffmail.com
e-Procurement
BID IDENTIFICATION NO. CCENC (R AND B) / 17 / 2024-25
No. 4124 Dtd.28.11.2024

| | | | |
|---|---|---|---|
| 1 | The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Building Work** as detailed in the DTCN from the eligible class of contractors. | | |
| 2 | No. of works | : | 06 (SIX NOS) (Building Works) |
| 3 | Tender Cost | : | Rs. 10,000/- |
| 4 | Class of contractor | : | "B" Class and "A" Class |
| 5 | Date & Time of available in website & receipt of Bids From **07.12.2024** to **17.00 Hours of 21.12.2024** | | |
| 6 | Date of opening of Technical Bid **23.12.2024 at 11.00 Hours** | | |
| 7 | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. | | |
| 8 | Any corrigendum / Addendum will be displayed in the website www.tendersodisha.gov.in. | | |

Sd./- Chief Construction Engineer
Northern (R&B) Circle, Sambalpur
OIPR-34035/11/0019/2425

# ବିଡିଓଙ୍କୁ ରିପୋର୍ଟ ମାଗିଲା ଡିପିଏମ୍‌ୟୁ ଅଫିସ

**ଚର୍ଚ୍ଚାରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ**

**ଭବାନୀପାଟଣା, ୧।୧୨ (ଉତ୍ତମ କୁମାର ଦାଶ)**

## ଜୁନାଗଡ଼ ବ୍ଲକର ୨ ପଞ୍ଚାୟତକୁ ୧ କୋଟି ଆର୍ଥିକ ଅନୁଦାନ

ରାଜ୍ୟ ସଭା ଏମ୍‌ପି ତଥା କଟକ-ବାରବାଟୀର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ୨ଟି ପଞ୍ଚାୟତକୁ ୧ କୋଟି ଟଙ୍କା ଆର୍ଥିକ ଅନୁଦାନ ଦେଉଥିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜୁନାଗଡ଼ ବ୍ଲକର ସନ୍ନ୍ୟାସୀ କୁଣ୍ଡାମାଲ ଓ ମାଲିଗୁଡା ପଞ୍ଚାୟତର ୧୦ଟି ପ୍ରକଳ୍ପ ପାଇଁ ଏହି ଆର୍ଥିକ ଅନୁଦାନ ଦେବାକୁ ସେ ଏକ ପତ୍ର ମାଧ୍ୟମରେ କଳାହାଣ୍ଡି ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଅଫିସ (ଡିପିଏମ୍‌ୟୁ)କୁ ଫିଜିବିଲିଟି (କାର୍ଯ୍ୟକାରିତା) ରିପୋର୍ଟ ମାଗିଛନ୍ତି। ଡିପିଏମ୍‌ୟୁ ଏହି ପତ୍ରକୁ ଜୁନାଗଡ଼ ବିଡିଓଙ୍କୁ ପ୍ରେରଣ କରି ଆସନ୍ତା ୭ଦିନ ମଧ୍ୟରେ ଏହିସବୁ ପ୍ରକଳ୍ପର କାର୍ଯ୍ୟକାରିତା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ପତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ସମସ୍ତ ୧୦ ପ୍ରକଳ୍ପ କଂକ୍ରିଟ ରାସ୍ତା (ସିସି ରୋଡ଼) ଥିବାବେଳେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

GOVERNMENT OF ODISHA No.O-755
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, ANGUL
E-mail : sencrwangul@yahoo.co.in, Ph. : 06764-236404
No. 2906// Dt. 29.11.2024//
e-Procurement Notice for Maintenance work in Odisha
1. Name of the work : Maintenance works 2. Total No. of work : 07 Nos. 3. Estimated cost : Rs.93.17 Lakh to Rs. 154.55 Lakhs 4. Class of Contractor : 'B' & 'A' Class 5. Period of completion : 04 (Four) Calendar Months
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Maintenance Online - AGL-16/2024-25 | 06.12.24 at 10.00 A.M. | 20.12.24 up to 5.00 P.M. | 19.12.24 up to 1.00 P.M. | 21.12.24 at 11.00 A.M. | Will be intimated later on |

For detailed Notice inviting Tenders, Please visit to the website www.tendersorissa.gov.in
Sd./- Chief Engineer, Rural Works Circle, Angul
OIPR-25180/11/0019/2425

# ଚୂଡ଼ଙ୍ଗ କଳିକା ଶିଶୁ ପ୍ରତିଭା ପ୍ରତିଯୋଗିତା

ବାରଙ୍ଗ,୧।୧୨(ଲିଙ୍ଗରାଜ ରାଉତ)

ବାରଙ୍ଗ ଚୂଡ଼ଙ୍ଗଗଡ଼ ଶିକ୍ଷକ ସାହିତ୍ୟ ସଂସଦ ଆନୁକୂଲ୍ୟରେ ରବିବାର ନରଣପୁର ଉ.ପ୍ରା. ବିଦ୍ୟାଳୟ ଓ ଜୟନ୍ତୀଦେବୀ ବିଦ୍ୟାପୀଠ ପରିସରରେ ଏକକାଳୀନ ଚୂଡଙ୍ଗ କଳିକା ଶିଶୁ ପ୍ରତିଭା-୨୦୨୪ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ଉଭୟ କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୫୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ଶ୍ରୁତଲିଖନ, ପୌରାଣିକ ଗଳ୍ପ, କବିତା, ପ୍ରବନ୍ଧ ଲିଖନ ଓ କୁଇଜ୍ ଆଦି ପ୍ରତିଯୋଗିତା କରାଯାଇଛି। ସଂସଦ କୋଷାଧ୍ୟକ୍ଷ ଶ୍ରୀନିବାସ ସେଠୀ ଓ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂସଦର କର୍ମକର୍ତ୍ତା ପରିଚାଳନା କରିଥିଲେ। ସଂସଦର ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର ଯୋଜନା ରହିଛି ବୋଲି ସଂସଦ ପକ୍ଷରୁ କୁହାଯାଇଛି।

# ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ

## ୪ ଶିକ୍ଷାବିତ୍‌ଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର,୧।୧୨(ସୁଚିସ୍ମିତା ସାହୁ)



ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ସମ୍ମିଳନୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅତିଥିମାନେ।

ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ। ରାଷ୍ଟ୍ର ହିତରେ ଶିକ୍ଷକ, ଶିକ୍ଷକ ହିତରେ ସରକାର, ସରକାରଙ୍କ ହିତରେ ସମାଜ ହେଉଛି ମୂଳମନ୍ତ୍ର। ୨୦୩୬ ମସିହାରେ ଓଡ଼ିଶା ଶତବାର୍ଷିକୀ ପାଳନ କରିବ, ଏହା ଆମ ପାଇଁ ଏକ ଗୌରବର ମୁହୂର୍ତ୍ତ। ଆମ ରାଜ୍ୟର ଶୈକ୍ଷିକ ସମୃଦ୍ଧି ସାରାବିଶ୍ୱରେ ଏକ ଐତିହାସିକ ଶ୍ରେଷ୍ଠତ୍ୱ। ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପୃଥିବୀର ସର୍ବପ୍ରଥମ ବିଶ୍ୱବିଦ୍ୟାଳୟ, ଯାହା ଆମ ଓଡ଼ିଶାରେ ଥିଲା ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ରାଜ୍ୟଶାଖାର ରାଜ୍ୟ ସମ୍ମିଳନୀ ରବିବାର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ଏହି ଅବସରରେ ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଗୋପାଳ କୃଷ୍ଣ ଦାଶ, ଗୋପାଳ ପ୍ରସାଦ ମହାପାତ୍ର ଓ ଅନିଲ କୁମାର ମିଶ୍ରଙ୍କୁ 'ଜୀବନବ୍ୟାପି ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ନିରଞ୍ଜନ ମହାନ୍ତି ସମ୍ମିଳନୀର ସଂଯୋଜନା କରିଥିଲେ। ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସାଧାରଣ ସମ୍ପାଦକ ମହେନ୍ଦ୍ର କାପୁର, ଉପସଭାପତି ମହେନ୍ଦ୍ର କୁମାର, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ଅଗ୍ରୱାଲ, ରାଜ୍ୟ ସଭାପତି ନିଲୁରାମ ଜେନା, ପୂର୍ବାଞ୍ଚଳ ସଂଗଠନ ସମ୍ପାଦକ ଆଲୋକ ଚଟ୍ଟୋପାଧ୍ୟାୟ ଓ ରାଜ୍ୟ ସାଂଗଠନିକ ସମ୍ପାଦକ ଡ. ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ୧୯୮୮ ମସିହାରେ ଅଖିଳ ଭାରତ ଶୈକ୍ଷିକ ମହାସଂଘ ଆରମ୍ଭ ହୋଇଥିଲା। ବର୍ତ୍ତମାନ ମହାସଂଘରେ ୧୩ ଲକ୍ଷରୁ ଅଧିକ ସଦସ୍ୟ ରହିଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ହେବାରେ ମହାସଂଘ ସହଯୋଗ କରି ଆସୁଥିବାବେଳେ ଶିକ୍ଷକଙ୍କ ହିତରେ ଆନ୍ଦୋଳନ କରିବାକୁ ହୁଏ ବୋଲି କର୍ମକର୍ତ୍ତାମାନେ କହିଥିଲେ। ଶିବ ବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନାସ୍ଥା ପ୍ରସ୍ତାବ ବିରୋଧରେ ମୁହଁ ଖୋଲିଲେ ଉମାଦେଈ ସରପଞ୍ଚ

ବାଲକାଟୀ,୧।୧୨(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଉମାଦେଈ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ଭୁବନେଶ୍ୱର ଉପଜିଲାପାଳଙ୍କ ନିକଟରେ ଶନିବାର ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତର ୪ ୱାର୍ଡ ସଭ୍ୟ ଅଭିଯୋଗ କରିବା ପରେ ରବିବାର ନିଜ ସପକ୍ଷରେ ଖବରଦାତା ସମ୍ମିଳନୀ ଡାକି ସରପଞ୍ଚ ରମାଲତା ନାୟକ ମୁହଁ ଖୋଲିଛନ୍ତି।

ୱାର୍ଡ ସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ସରପଞ୍ଚଙ୍କ କାର୍ଯ୍ୟକଳାପ ଆଇନ ବିରୁଦ୍ଧ ଏବଂ ସନ୍ତୋଷଜନକ ନୁହେଁ। ପଞ୍ଚାୟତରେ ହେଉଥିବା କୌଣସି କାମରେ ସରପଞ୍ଚ ୱାର୍ଡ ସଭ୍ୟଙ୍କ ସହ ଆଲୋଚନା ନ କରି ମନମୁଖି କରୁଛନ୍ତି। ଫଳରେ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନି। ସରପଞ୍ଚଙ୍କ ମନମୁଖି କାମ ଫଳରେ ଟଙ୍କା ଖର୍ଚ୍ଚ ହୋଇ ନ ପାରି ପଞ୍ଚାୟତ ପାଣ୍ଠିରେ ପଡ଼ିରହିଛି। ମିଳିମିଶି ଆଲୋଚନା କରି ଉନ୍ନତିମୂଳକ କାମ କରିବାକୁ ୱାର୍ଡ ସଭ୍ୟ ସରପଞ୍ଚଙ୍କୁ ପ୍ରସ୍ତାବ ଦେଲେ ମଧ୍ୟ ସରପଞ୍ଚ ସେମାନଙ୍କ କଥାକୁ ଅବମାନନା କରୁଥିବା ନେଇ ଅଭିଯୋଗ ହୋଇଛି। ଏ ସବୁ ଅଭିଯୋଗକୁ ବିଚାର କରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ୱାର୍ଡସଭ୍ୟମାନେ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି, ଯାହାକୁ ନେଇ ରବିବାର ସରପଞ୍ଚ ରମାଲତା ଖବରଦାତା ସମ୍ମିଳନୀରେ ସଫେଇ ଦେଇ ତାଙ୍କ କାର୍ଯ୍ୟକାଳ ୨ ବର୍ଷ ୮ ମାସ ମଧ୍ୟରେ ବିଭିନ୍ନ ଜନହିତକର ଓ ବିକାଶମୂଳକ କାର୍ଯ୍ୟର ରିପୋର୍ଟ ପ୍ରଦାନ କରି ସୂଚନା ଦେଇଛନ୍ତି। ୯୮ ଲକ୍ଷ ଟଙ୍କା ବ୍ୟୟରେ ଏକ ହାଇସ୍କୁଲ ନିର୍ମାଣ, ୩୩ ଲକ୍ଷ ଟଙ୍କା ବ୍ୟୟରେ ଯଶୁଆପୁରଠାରେ ଉପସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତରେ ଆଲୋକୀକରଣ ପାଇଁ ବିଭିନ୍ନ ଛକରେ ୨୦ଟି ହାଇମାଷ୍ଟ ଲାଇଟ, ୧୪ଟି କମ୍ୟୁନିଟି ସେଣ୍ଟର ସ୍ଥାପନ କରାଯାଇଛି। ଏଥିସହ ପଞ୍ଚାୟତର ଦାବିକୁ ସମିତି ବୈଠକରେ ଉପସ୍ଥାପନ କରାଯାଇଥିବାବେଳେ ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟଙ୍କୁ ନେଇ ସେ କାମ କରିଛନ୍ତି ବୋଲି କହିଛନ୍ତି। ଗୋଟେ ପଟେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଗତ ନେଇ ଅଭିଯୋଗ, ଅନ୍ୟପଟେ ସରପଞ୍ଚଙ୍କ ଖବରଦାତା ସମ୍ମିଳନୀ କରି ସ୍ଥାନୀୟ ରାଜନୀତିକୁ ସରଗରମ କରିଥିବା ଚର୍ଚ୍ଚା ହେଉଛି।

# ୫ଜଣଙ୍କୁ 'ପ୍ରାଇଡ୍ ଅଫ ଓଡ଼ିଶା ପୁରସ୍କାର'

ଭୁବନେଶ୍ୱର,୧।୧୨(ସୁଚିସ୍ମିତା ସାହୁ)

## କଳିଙ୍ଗ କର୍ମଯୋଗୀ କନ୍‌କ୍ଲେଭ୍

ଓଡ଼ିଶା ପ୍ରଶାସନିକ ସେବା, ଜେଇ ଓ ନିଟ୍ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ନିମନ୍ତେ କର୍ମଯୋଗୀ କନ୍‌କ୍ଲେଭ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଟେକ୍ନୋଲୋଜିର ଉପଯୋଗ କରାଯିବା ଆବଶ୍ୟକ ବୋଲି କହିଥିଲେ। ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ଓ ଏମ୍‌ପି ଅମର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ସଫଳ ବ୍ୟକ୍ତିତ୍ୱ ଧାବିକା ଦୂତିଚାନ୍ଦ, କ୍ରୀଡାବିତ ପ୍ରମୋଦ ଭଗତ, ଅମିତ ରୋହିତ ଦାସ, କଣ୍ଠଶିଳ୍ପୀ ବର୍ଣ୍ଣାଳି ହୋତା ଓ ଦିପ୍ତିରେଖା ମହାପାତ୍ରଙ୍କୁ 'ପ୍ରାଇଡ୍ ଅଫ ଓଡ଼ିଶା ପୁରସ୍କାର' ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ଆଇଏଏସ୍ ଅଧିକାରୀ ବିବେକ ପଟ୍ଟନାୟକ, ପ୍ରାଶାସନିକ ଅଧିକାରୀ ଅକ୍ଷୟ ମହାନ୍ତି, ପ୍ରଫେସର ସତ୍ୟନାରାୟଣ ମିଶ୍ର, ମେଜର ଜେନେରାଲ ଅତନୁ ପଟ୍ଟନାୟକ ଏବଂ ଅଭିନେତା ଦିପାୟନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ କଳିଙ୍ଗ ଆଇଏଏସ୍ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକାଡେମୀ ନିର୍ଦ୍ଦେଶକ ଦୀପକ ରାଉତ ଧନ୍ୟବାଦ ଦେଇଥିଲେ।



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅମିତ ରୋହିତ ଦାସଙ୍କୁ 'ପ୍ରାଇଡ୍ ଅଫ୍ ଓଡ଼ିଶା ପୁରସ୍କାର' ଦେଉଛନ୍ତି।

# ଏଡ୍‌ସ ସଚେତନତା କଲା ଗ୍ରାମ-ଉତ୍ଥାନ



ଭୁବନେଶ୍ୱର, ୧।୧୨(ବନ୍ଦନା ସେଠୀ)

ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ଆନୁକୂଲ୍ୟରେ ଗ୍ରାମ-ଉତ୍ଥାନ ଟିଆଇ ପ୍ରକଳ୍ପ ମାଳିସାହି ଅଞ୍ଚଳର ଯୌନକର୍ମୀଙ୍କୁ ସ୍ୱାସ୍ଥ୍ୟଗତ ସେବା ୨୦୧୪ରୁ ଯୋଗାଇ ଦେଇଆସୁଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମାଳିସାହି ଅଞ୍ଚଳରେ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଗ୍ରାମ-ଉତ୍ଥାନ ଟିଆଇ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରିଜେଶ ଦାସ ଉପସ୍ଥିତ ରହି ଏଚ୍‌ଆଇଭି ଭୂତାଣୁ ବ୍ୟାପିବାର ମାଧ୍ୟମ ସମ୍ପର୍କରେ ସାହିବାସିନ୍ଦାଙ୍କୁ ଅବଗତ କରାଇଥିଲେ। ପ୍ରକଳ୍ପ ପରିଚାଳକ ପି.ଭି. ଲାବନ୍ୟା ପ୍ରକଳ୍ପ ମାଧ୍ୟମରେ ଚାଲିଥିବା କାର୍ଯ୍ୟକ୍ରମର ଲାଭ ବିଷୟରେ ଜଣାଇଥିଲେ। ଏଠାରେ ରହୁଥିବା ଯୌନକର୍ମୀଙ୍କ ନିୟମିତ ରକ୍ତ ପରୀକ୍ଷା ସହ ଉଚିତ୍ ପରାମର୍ଶ ଏବଂ କଣ୍ଡୋମ ବ୍ୟବହାର ଜ୍ଞାନ ତଥା ମାଗଣା କଣ୍ଡୋମ ବିତରଣ ଇତ୍ୟାଦି ସେବା ଗ୍ରାମ-ଉତ୍ଥାନ ପକ୍ଷରୁ ନିୟମିତ କରାଯାଉଛି ବୋଲି ସେ କହିଥିଲେ। ପ୍ରତିବର୍ଷ ଭଳି ଏଥର ମଧ୍ୟ ୨ ଦିନିଆ କାର୍ଯ୍ୟକ୍ରମ ନଭେମ୍ବର ୩୦ ଏବଂ ଡିସେମ୍ବର ୧ରେ ହୋଇଥିଲା। ଏଥିରେ ମ୍ୟୁଜିକ୍ ଚେୟାର, ନାଚ, ଝୋଟି, ଚିତା/ରଙ୍ଗୋଲି ଆଦି କାର୍ଯ୍ୟକ୍ରମ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର କବିତା ସ୍ୱାଇଁ, ଗ୍ରାମ-ଉତ୍ଥାନ ଟିଆଇ ପ୍ରକଳ୍ପ ନିର୍ଦ୍ଦେଶକ ଦାସ ଏବଂ ଅଞ୍ଚଳର ସେକ୍ରେଟାରୀ ବାସନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକଳ୍ପ ପରିଚାଳିକା ଲାବନ୍ୟା ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ଅଫିସ୍‌ରେ ବସ୍ତି ବାସିନ୍ଦାଙ୍କ ଧାରଣା

ଭୁବନେଶ୍ୱର,୧।୧୨(ସୂର୍ଯ୍ୟକାନ୍ତ ବେହେରା)

## ବକେୟା ବିଲ୍ ପୈଠ ନ କରିବାରୁ ଲାଇନ୍ କାଟିଦେଲେ

ବକେୟା ବିଲ୍ ପୈଠ ନ କରିବାରୁ ଲାଇନ କାଟିଦେଲେ ବିଦ୍ୟୁତ କର୍ମଚାରୀ। ଫଳରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଅରବିନ୍ଦ ନଗର ଏବଂ ତାରିଣୀ ବସ୍ତିର ଲୋକମାନେ ଅନ୍ଧାରରେ ରହିଛନ୍ତି। ଏହାର ପ୍ରତିବାଦରେ ବସ୍ତିର ମହିଳା ଓ ପୁରୁଷ ରବିବାର ରାତିରେ ବିଦ୍ୟୁତ ବିଭାଗ ଅଫିସ ଭିତରେ ଧାରଣା ଦେଇଥିଲେ। ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀଙ୍କ କହିବା ଅନୁସାରେ, ଦୁଇ ବସ୍ତିର ପାଖାପାଖି ୨ ଲକ୍ଷ ଟଙ୍କା ବକେୟା ଥିବାରୁ ଏପରି ପଦକ୍ଷେପ ନିଆଯାଇଛି। ସେପଟେ ବସ୍ତି ବାସିନ୍ଦାଙ୍କ କହିବା କଥା, ଯଦି ସେମାନଙ୍କୁ କଞ୍ଜୁମର କରାଯିବ ତେବେ ପୂର୍ବର ବକେୟା ଟଙ୍କା ଦେବେ। ବିଦ୍ୟୁତ୍ ସଂଯୋଗ ନ ମିଳିବା ପର୍ଯ୍ୟନ୍ତ ଧାରଣାରେ ବସିବେ। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବସ୍ତିବାସିନ୍ଦାମାନେ ଜିଦ୍‌ରେ ଅଟଳ ରହି ଧାରଣାରେ ବସିଥିଲେ।

# ଓୟୁଟିଆର୍ ପ୍ରଫେସର ଚନ୍ଦ୍ରଭାନୁ ମିଶ୍ରଙ୍କୁ ଅବସର ସମ୍ବର୍ଦ୍ଧନା

ଭୁବନେଶ୍ୱର,୧।୧୨ (ସୁଚିସ୍ମିତା ସାହୁ)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ଚନ୍ଦ୍ରଭାନୁ ମିଶ୍ରଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳସଚିବ ରେଣୁପ୍ରଭା ନାୟକ ଓ ଶତାଧିକ ପ୍ରଧାପକ ଉପସ୍ଥିତ ଥିଲେ। ଦୀର୍ଘ ୩୬ ବର୍ଷ ୭ମାସ ଚାକିରି କାଳରେ ପ୍ରଫେସର ମିଶ୍ର ବାୟୋ ମେଡିକାଲ ଇନ୍ ଷ୍ଟ୍ରୋମେଣ୍ଟେଶନ ମ୍ୟାନ୍, ଆଇକ୍ୟୁଏସିର ପ୍ରଥମ କନ୍‌ଭୋକେଶନ ଚେୟାରମ୍ୟାନ ସମେତ ବହୁ ପଦବୀରେ ରହିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଏକାଡେମିକ୍ସ ଡିନ୍ ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ସମସ୍ତ ବିଭାଗର ମୁଖ୍ୟ ପ୍ରଫେସର ଏବଂ ପ୍ରାଧ୍ୟାପକ ଉପସ୍ଥିତ ରହି ପ୍ରଫେସର ମିଶ୍ରଙ୍କ ଚାକିରି ଜୀବନ ସମ୍ପର୍କରେ କହିଥିଲେ। ପ୍ରଫେସର ମିଶ୍ର ନିଜର ଅତୀତକୁ ମନେପକାଇ ଏକ ସ୍ୱରଚିତ କବିତା ପାଠ କରିଥିଲେ। ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ବିଶ୍ୱାଳ ପ୍ରଫେସର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ସମ୍ବର୍ଦ୍ଧନା ଅବସରରେ କର୍ମଚାରୀଙ୍କ ଗହଣରେ ଓୟୁଟିଆର୍ ପ୍ରଫେସର ଚନ୍ଦ୍ରଭାନୁ ମିଶ୍ର।

# ମହର୍ଷି ମହାବିଦ୍ୟାଳୟ ଅଧ୍ୟକ୍ଷ ହେଲେ ଡ. ଲୋକନାଥ ପରିଡ଼ା

ଭୁବନେଶ୍ୱର,୧।୧୨(ସୁଚିସ୍ମିତା ସାହୁ)

ମହର୍ଷି ମହାବିଦ୍ୟାଳୟର ନୂଆ ଅଧ୍ୟକ୍ଷ ଭାବେ ଡ. ଲୋକନାଥ ପରିଡ଼ା ଯୋଗଦେଇଛନ୍ତି। ମଞ୍ଜୁ ପଟ୍ଟନାୟକ ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କରିବା ପରେ ଡ. ପରିଡ଼ାଙ୍କୁ ନୂଆ ଅଧ୍ୟକ୍ଷ ଭାବେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଉନ୍ନତି ସହ ସୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱ ଦେବେ ବୋଲି ଡ. ପରିଡ଼ା କହିଛନ୍ତି।

# ବୀରେନ୍ଦ୍ର ସାମନ୍ତରାୟଙ୍କୁ ଜୀବନବ୍ୟାପୀ ସାରସ୍ୱତ ସାଧକ ସମ୍ମାନ

## ବଣମଲ୍ଲୀ ସାରସ୍ୱତ ସମାରୋହ

ପୁରୁଣା ଭୁବନେଶ୍ୱର,୧।୧୨(ସୁବାଷ ଚନ୍ଦ୍ର ପ୍ରଧାନ)



ବଣମଲ୍ଲୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ୩୨ତମ ବଣମଲ୍ଲୀ ସାରସ୍ୱତ ସମାରୋହ ରବିବାର ରାଜଧାନୀ ଉପକଣ୍ଠ ଗୁଡ଼ିଆପୋଖରୀସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପ୍ରାକ୍ତନ ଜିଲାପାଳ ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ଚଳଚ୍ଚିତ୍ର ସଂଳାପକାର ବିଶିଷ୍ଟ କବି ଡ. ରଜନୀ ରଞ୍ଜନ ଯୋଗଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ, ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ସାମନ୍ତରାୟଙ୍କୁ ଜୀବନ ବ୍ୟାପୀ ସାରସ୍ୱତ ସାଧକ ସମ୍ମାନ ପ୍ରଦାନ କରାଯାଇଥିଲା। ଭୂଦାନ କର୍ମୀ ତଥା ସ୍ୱାଧୀନତା ସଂଗ୍ରାମୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ଶତାୟୁ ପୁରୁଷ ଏବଂ ବିଶିଷ୍ଟ ଶିକ୍ଷାବିତ୍ କୃତ୍ତିବାସ ପାଣିଗ୍ରାହୀଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକର୍ମରେ କବି ପ୍ରମୋଦ କୁମାର ଶତପଥୀଙ୍କ ଗୀତରେ ଗୀତରେ କଥାଟିଏ, କବୟିତ୍ରୀ ଜ୍ୟୋସ୍ନାରାଣୀ ପଣ୍ଡାଙ୍କ ଉଆଁସୀ ଲଗ୍ନା, ସୌଦାମିନୀ ତ୍ରିପାଠୀଙ୍କ ଶତାୟୁ ନମନ କବିତା ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଏହି ଅବସରରେ କବି ରାମହରି ମହାରଣା, ଗୁଣନିଧି ଭୋଇ, ରବୀନ୍ଦ୍ର ସାହୁଙ୍କ ପରି ୫୦ରୁ ଊର୍ଦ୍ଧ୍ୱ ସ୍ରଷ୍ଟା ତାଙ୍କ ନିଜସ୍ୱ କବିତା ପାଠ କରିଥିଲେ। ସହ ସମ୍ପାଦକ ସନ୍ତୋଷ ଦାସ କବିତା ପାଠଉତ୍ସବ ପରିଚାଳନା କରିଥିଲେ। କବି ସୌଦାମିନୀ ତ୍ରିପାଠୀ ଏଥିରେ ସଂଯୋଜନା, ଅନୁଷ୍ଠାନର ମୁଖ୍ୟ ପ୍ରମୋଦ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। କବି ସଚିକାନ୍ତ ମହାପାତ୍ର, ପିପିଲି ସାଂସ୍କୃତିକ ପରିଷଦ ଉପସଭାପତି ଦୀନବନ୍ଧୁ ଦେହୁରିଆ, ସ୍କୁଲ ଅଧ୍ୟକ୍ଷା ମଧୁସ୍ମିତା ମହାନ୍ତି, ରବୀନ୍ଦ୍ର ପଣ୍ଡା, ମୁକ୍ତିକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଗୁରୁକୁଳ ଗୀତାଞ୍ଜଳିର 'ସ୍ୱରାର୍ଣ୍ଣବ' ଉଦ୍‌ଘାଟିତ

ଭୁବନେଶ୍ୱର,୧।୧୨(ସୌମ୍ୟରଞ୍ଜନ ରାଉତ)

ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ ଗୁରୁକୁଳ ଗୀତାଞ୍ଜଳିର ୧୭ତମ ବାର୍ଷିକୋତ୍ସବ 'ସ୍ୱରାର୍ଣ୍ଣବ' ରବିବାର ସୂଚନା ଭବନରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ଜିଏମ୍‌ର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅନୁଷ୍ଠାନର ଶିଳ୍ପୀମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଶିବ ପ୍ରସାଦ, ସୌମ୍ୟା, ପ୍ରିୟଙ୍କା ଓ ନିବେଦିତାଙ୍କ ବୃନ୍ଦ ଗାୟନ ଉପସ୍ଥିତ ଅତିଥି ଓ ଶ୍ରୋତାଙ୍କ ମନମୋହିଥିଲା। ଅଭିଷେକ ପୁରୋହିତ ଏବଂ ମଧୁସ୍ମିତା ପରିଡ଼ାଙ୍କ ଦ୍ୱୈତ ଗାୟନ ମନଛୁଆଁ ଥିଲା। ଏହି ଅବସରରେ ସାହିତ୍ୟିକ ପ୍ରାଧାପକ ରମେଶ ଦାସଙ୍କୁ 'ଗୁରୁକୁଳ ଗୀତାଞ୍ଜଳି ସାହିତ୍ୟ ସମ୍ମାନ' ଏବଂ ଆର୍ଯ୍ୟା ମିଶ୍ର ଓ ନବୀନ ବେହେରାଙ୍କୁ 'ସଙ୍ଗୀତ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ମଧୁଲିତା ଓ ଅରୋଶିଷ ମଞ୍ଚ ପରିଚାଳନା କରିଥିଲେ।




ଗୁରୁକୁଳ ଗୀତାଞ୍ଜଳିର ବାର୍ଷିକ ଉତ୍ସବ 'ସ୍ୱରାର୍ଣ୍ଣବ'ରେ ଅତିଥିଙ୍କ ସହ ଅନ୍ୟମାନେ।

# ବିଜ୍ଞାନକୁ ପରିବେଶ ସୁରକ୍ଷାରେ ଉପଯୋଗ କରିବାକୁ ଗୁରୁତ୍ୱ

## ବିଜ୍ଞାନ ଓ ପରିବେଶ କଂଗ୍ରେସର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ଭୁବନେଶ୍ୱର, ୧।୧୨(ବନ୍ଦନା ସେଠୀ)




ବିଜ୍ଞାନ ଓ ପରିବେଶ କଂଗ୍ରେସର ରୌପ୍ୟ ଜୟନ୍ତୀର ଉଦ୍‌ଯାପନୀ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ିଶା ପରିବେଶ ସମିତି ଏବଂ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମ୍‌ଟି) ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ପ୍ରତିଷ୍ଠାନ ପରିସରରେ ଚାଲିଥିବା ଓଡିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ରୌପ୍ୟ ଜୟନ୍ତୀ ଅଧିବେଶନ ଉଦ୍‌ଯାପିତ ହୋଇଯାଇଛି। ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର କାରନାଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଭ୍ୟୁଦୟ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଭିନ୍ନ ପ୍ରଯୁକ୍ତି ଉପରେ ମାନବ ଜୀବନର ନିର୍ଭରଶୀଳତାକୁ ନିୟନ୍ତ୍ରଣରେ ରଖି ସାମଗ୍ରିକ ବିକାଶ ଓ ସନ୍ତୁଳିତ ସମାଜ ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ସଂଘମିତ୍ରା ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଗବେଷଣା କିପରି ମାନବ ସମସ୍ୟାର ସକାରାତ୍ମକ ସମାଧାନ ହାସଲରେ ସକ୍ଷମ ତାହା ବର୍ଣ୍ଣନା କରିଥିଲେ। ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଅଧ୍ୟକ୍ଷତା କରି ବିଜ୍ଞାନକୁ ପରିବେଶ ସୁରକ୍ଷାରେ ବିନିଯୋଗ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। କଂଗ୍ରେସ ଆବାହକ ଡ. ନବୀନ କୁମାର ଧଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ତଥା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଭୟ ମୌଖିକ ଓ ପୋଷ୍ଟର ନିବନ୍ଧ ଉପସ୍ଥାପନାରେ ଶ୍ରେଷ୍ଠ ୨୦ଜଣ ଗବେଷକଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଆଲୋଚନା ଅଧିବେଶନର ସିଇଟିର ପୂର୍ବତନ ଡିନ୍ ପ୍ରଫେସର ବି. ସୀତାରାମ ପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜ୍ଞାନ ଏକାଡେମୀର ସମ୍ପାଦକ ପ୍ରଫେସର ଆଶିଷ କୁମାର ମହାନ୍ତି, ଭାରତୀୟ ବିଜ୍ଞାନ କଂଗ୍ରେସର ଉପଦେଷ୍ଟା ଡ. ଅମିତ କ୍ରିଷ୍ଣ ଦେ, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଉପସଭାପତି ଇଂ. ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟରତ ଗବେଷକମାନେ ଉଭୟ ପୋଷ୍ଟର ଏବଂ ମୌଖିକ ଭାବେ ୨୦୦ରୁ ଅଧିକ ନିବନ୍ଧ ଉପସ୍ଥାପନ କରିଥିଲେ।

## ସଂକ୍ଷେପରେ

### କଲଭର୍ଟ ଭାଙ୍ଗିଲା, ଯାତାୟାତ ବାଧାପ୍ରାପ୍ତ



କଟକ ସଦର,୧।୧୨(ସୁଶାନ୍ତ କୁମାର ଜେନା)– କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ଆୟତପୁର–କନ୍ଦରପୁର ମୁଖ୍ୟରାସ୍ତାରେ ଥିବା ଏକ କଲ୍‌ଭର୍ଟ ୨ ଦିନ ହେବ ଭାରିଯାନ ଚଳାଚଳ ଯୋଗୁ ଭାଙ୍ଗିଯାଇଛି। ଏଥିଯୋଗୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ଏପରି କି ରାତିବେଳା ଅନ୍ଧାରରେ ଯାତାୟାତ କରିବା ପାଇଁ ଲୋକମାନେ ଭୟ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଉକ୍ତ କଲ୍‌ଭର୍ଟର ପୁନଃ ନିର୍ମାଣ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଉଦ୍‌ଘାଟନୀ ମ୍ୟାଚରେ ସାନଭିକା ଫାଇଟର୍ସ ବିଜୟୀ

#### ସୁବୁଦ୍ଧେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ୍

ବାଙ୍କୀ,୧।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରାସ୍ଥିତ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ ଖେଳପଡ଼ିଆରେ ରବିବାର ସୁବୁଦ୍ଧେଶ୍ୱର ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସାମାଜିକକର୍ମୀ ମନୋଜ କୁମାର ସାହୁ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚ ସିଦ୍ଧାର୍ଥ ଫାଇଟର୍ସ ଓ ସାନଭିକା ଫାଇଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଦ୍ଧାର୍ଥ ଫାଇଟର୍ସ ନିର୍ଦ୍ଧାରିତ ୧୨ ଓଭରରେ ୧୮୨ରନ ସଂଗ୍ରହ କରିଥିଲା। ଜବାବ୍‌ରେ ସାନଭିକା ଫାଇଟର୍ସ ୭ ଓଭରରେ ୨ଉଇକେଟ୍ ବିନିମୟରେ ୧୮୩ ରନ କରି ବିଜୟୀ ହୋଇଛି। ଏହି ମ୍ୟାଚକୁ ପପିନା ରାଉତ, ଗୁଡୁ ରାଉତ, ଦେବାଶିଷ ରାଉତ, ପ୍ରସିଦ୍ଧ ରାଉତ, ସୌମେନ୍ଦ୍ର ରାଉତ, ପିଣ୍ଟୁ ରାଉତ, ସୁବ୍ରତ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ଦେଶୀ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଲେ ପଶ୍ଚିମବଙ୍ଗ ଚାଷୀ

ନିଆଳି,୧।୧୨ (ସୁକାନ୍ତ କୁମାର ସିଂହ)– ନିଆଳି ଅଞ୍ଚଳର ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକ ସମବାୟ ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ୫୦ ଜଣ ଚାଷୀଙ୍କୁ ଦେଶୀ ଚାଷ ଓ ପ୍ରାକୃତିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ପରେ ଏହି ଚାଷୀମାନେ ନରିଶୋ କୃଷି ସଂଗ୍ରହାଳୟ ଓ ଜୈବିକ କ୍ଷେତ୍ର ବୁଲି ଦେଖିଥିଲେ। ଅନୁଷ୍ଠାନର ପରିଚାଳକ ଯୁବରାଜ ସ୍ୱାଇଁ ଉପସ୍ଥିତ ରହି ଚାଷୀଙ୍କୁ ପ୍ରଶିକ୍ଷଣରେ ସହଯୋଗ କରିଥିଲେ। ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ନଟବର ଷଡ଼ଙ୍ଗୀ ଉପସ୍ଥିତ ଚାଷୀଙ୍କୁ ଦେଶୀ ଚାଷ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ।

# ‘ଖେଳପଡ଼ିଆରେ ବେଆଇନ ନିର୍ମାଣ ବନ୍ଦ ହେଉ’

### ମର୍କତନଗରବାସୀଙ୍କ ବିକ୍ଷୋଭ

କଟକ,୧।୧୨ (କାର୍ତ୍ତିକ ସାହୁ): ସିଡିଏ ଅଞ୍ଚଳର ସବୁ ସେକ୍ଟରରେ ସାମୂହିକ ଖୋଲା ପଡ଼ିଆ ଦେବା ସହ ସେକ୍ଟର–୯ସ୍ଥିତ ଏକମାତ୍ର ଖେଳପଡ଼ିଆରେ ବେଆଇନ ନିର୍ମାଣ ବନ୍ଦ କରିବାକୁ ମର୍କତନଗରବାସୀ ଦାବି କରିଛନ୍ତି। ଏନେଇ ସେଠାକାର ଯୁବବର୍ଗ, ପିଲା ଓ ଅଭିଭାବକମାନେ ମିଳିତ ଭାବେ ସେକ୍ଟର–୯ସ୍ଥିତ ପଡ଼ିଆରେ ରବିବାର ସକାଳେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସେକ୍ଟର–୯ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ସମ୍ମୁଖ ପଡ଼ିଆରେ ବିଗତ କିଛିଦିନ ତଳେ ନିର୍ମାଣାଧୀନ କଲ୍ୟାଣମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସକୁ ବିରୋଧକରି ଜନସାଧାରଣ ଓ ସାମାଜିକ ସଂଗଠନ ବାରମ୍ବାର ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ବି ନିର୍ମାଣକାର୍ଯ୍ୟ ବନ୍ଦ ହୋଇ ନ ଥିଲା। ବରଂ ବାକି ଜାଗାରେ ସିଏମ୍‌ସି ପକ୍ଷରୁ ଏକ ପାର୍କ ତିଆରି ଯୋଜନା ପାଇଁ ବାଡ଼ ଦିଆଯିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ପ୍ରକୋଷ୍ଠ, ମନ୍ତ୍ରୀ ଓ ଅନ୍ୟାନ୍ୟ ପଦାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ବିଦ୍ୟାଳୟ ସମ୍ମୁଖରେ ମଣ୍ଡପ ହେଲେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ସମସ୍ତ ସେକ୍ଟରର ପୁରବି, ପୂଜା କମିଟି କର୍ମକର୍ତ୍ତା, ଯୁବ ସଂଗଠକ ଓ ପିଲାମାନେ ଧାରଣା ଦେଇ ସରକାରଙ୍କୁ ପ୍ରତି ସେକ୍ଟରରେ ସାମୂହିକ ଖୋଲାପଡ଼ିଆ କରିବାକୁ ଦାବି କରିଛନ୍ତି। ଏଥିସହ ବିବାଦୀୟ ପଡ଼ିଆରୁ ବେଆଇନ ନିର୍ମାଣ ହଟାଇବା ନିମନ୍ତେ ଦାବି କରିଛନ୍ତି। ଏହି ପ୍ରତିବାଦ ସଭାରେ ରାମଚନ୍ଦ୍ର ବେହେରା, ଅକ୍ଷୟ ଦାସ, ମହମ୍ମଦ ଇମାମୁଲ ହକ୍, ନରୋତ୍ତମ ସାମଲ, ମୈତ୍ରଜିତ ମହାନ୍ତି, ଦ୍ୱାରିକା ମହାନ୍ତି, ପ୍ରଶାନ୍ତରାୟ ତପଚାରୀ, ପ୍ରକାଶ ନାୟକ, ଗୌତମ କୁମାର ପଣ୍ଡା, ପ୍ରତାପ ଜେନା, ଜିତେନ୍ଦ୍ର ନାୟକ, କୃଷ୍ଣ ମୋହନ ସ୍ୱାଇଁ, ଅଦ୍ୱୈତ ଚରଣ ନାୟକ ଓ ସବିତାରାଣୀ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟ ବନ୍ଦ କରିବାକୁ ଦାବି କରିଥିଲେ। ପ୍ରକାଶଯୋଗ୍ୟ, ସେକ୍ଟର ୬ରୁ ୧୩ ମଧ୍ୟରେ ଏହି ପଡ଼ିଆକୁ ଛାଡ଼ି କୌଣସି ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ସାମାଜିକ କାର୍ଯ୍ୟକ୍ରମ, ବାର୍ଷିକ ଉତ୍ସବ, ଟୁର୍ନାମେଣ୍ଟ ଓ ପିଲାଙ୍କ ଖେଳକୁଦ ପାଇଁ ସାମୂହିକ ଖୋଲାପଡ଼ିଆ ନାହିଁ।



ମର୍କତ ନଗର ସମନ୍ୱୟ ସମିତି ଓ ସାମାଜିକ ସଙ୍ଗଠନ ସମୂହ ପକ୍ଷରୁ ସିଡିଏ ସେକ୍ଟର–୯ସ୍ଥିତ ଖେଳ ପଡିଆରେ ଧାରଣା ଦିଆଯାଇଛି।

# ରାସ୍ତାରେ ହାତୀ: ଲୋକେ ଭୟଭୀତ

ବଡ଼ମ୍ବା, ୧।୧୨(ମାୟାଧର ମଲ୍ଲିକ ): ବଡ଼ମ୍ବା ରାଜ ରାସ୍ତାରେ ରବିବାର ସକାଳେ ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ତେବେ ହାତୀର ଗତିବିଧି ତଥା ଚାଲିଚଳନ ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ପରେ ବଡ଼ମ୍ବା ବନ ବିଭାଗକୁ ଖବର ଦିଆଯାଇଥିଲା। ବଡ଼ମ୍ବା ବନ ଅଧିକାରୀ ତଥା ରେଞ୍ଜର ପ୍ରଭାତ କୁମାର ରାଉତଙ୍କ ନେତୃତ୍ୱରେ ସଦର ଫରେଷ୍ଟର କୃଷ୍ଣ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ବନ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ କରି ଶେଷରେ ହାତୀ ଘଉଡ଼ାଇବାକୁ ସଫଳ ହୋଇଛନ୍ତି। ସେ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଛି। ତେବେ ଉକ୍ତ ଦନ୍ତା ଦ୍ୱାରା କାହାର କୌଣସି କ୍ଷୟକ୍ଷତି ଘଟି ନ ଥିବା ରେଞ୍ଜର ପ୍ରଭାତ କୁମାର ରାଉତ କହିଛନ୍ତି।


ବଡ଼ମ୍ବା କଚେରି ନିକଟସ୍ଥ ରାଜରାସ୍ତାରେ ଦନ୍ତା ବୁଲୁଛି।

# ଜାକୋବିନ କ୍ଲବ୍ ଚାମ୍ପିୟନ


ଜିଲାସ୍ତରୀୟ ଚୌଦ୍ୱାର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

### ଜିଲାସ୍ତରୀୟ ଚୌଦ୍ୱାର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଚୌଦ୍ୱାର,୧।୧୨(ଆଶୁତୋଷ ଦାସ) ଚୌଦ୍ୱାରର ମା’ ବିରଜା କ୍ରିକେଟ୍ କ୍ଲବ୍ ଅନୁକୂଲ୍ୟରେ ୭ଦିନ ଧରି ଚାଲିଥିବା ଦ୍ୱିତୀୟ ଜିଲାସ୍ତରୀୟ ଚୌଦ୍ୱାର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ବିଭିନ୍ନ ଜିଲାର ୧୨ଟି ଟିମ୍ ଅଂଶଗ୍ରହଣ କରିଥିଲା। ଯାଜପୁର ଜିଲା ଚଣ୍ଡିଖୋଲର ମହାବୀର ସ୍ପୋର୍ଟିଂ କ୍ଲବ ଓ ଚୌଦ୍ୱାରର ଜାକୋବିନ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

ଜାକୋବିନ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୯ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ମହାବୀର ସ୍ପୋର୍ଟିଂ କ୍ଲବ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୬୬ ରନ୍‌ରେ ସୀମିତ ରହିଥିଲା । ଫଳରେ ଜାକୋବିନ କ୍ଲବ ଚାମ୍ପିୟନ ହୋଇଥିଲା। ଜାକୋବିନ କ୍ଲବ୍‌ର ଦୀପକ ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଦିବ୍ୟରଞ୍ଜନ ମଲ୍ଲ ଓ ଅଭୟ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶାଳଗାଁ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ, ୧୧ନଂ. ୱାର୍ଡ କାଉନସିଲର ବିନୋଦିନୀ ରାଉତରାୟ, ସସ୍ମିତ ପ୍ରସନ୍ନ ନାୟକ, ଟୁକୁ ପ୍ରଧାନ, ଅଶ୍ୱିନୀ କୁମାର ଜେନା, ଭୀମସେନ ବିଶ୍ୱାଳ, ସଞ୍ଜୟ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ଲବ୍ ସଭାପତି ଅବିନାଶ ଗଡନାୟକ, ଦୀପକ ବାରିକ, ବଇଜେନ୍ଦ୍ର ସ୍ୱାଇଁ, ରୋହିତ ସ୍ୱାଇଁ, ସାର୍ଥକ ମହାନ୍ତି ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଶିକ୍ଷା ସହ କ୍ରୀଡ଼ାକୁ ଗୁରୁତ୍ୱ ଦିଅ

### ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଟିଗିରିଆ, ୧।୧୨(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ସ୍ଥିତ ନୂଆପାଟଣା ଜେମାଦେଇପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨ ଦିନ ଧରି ଚାଲିଥିବା ୧୩ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଶନିବାର ବିଦ୍ୟାମନ୍ଦିର ସମ୍ପାଦକ ସନ୍ତୋଷ କୁମାର ପାଳ ଉଦ୍‌ଘାଟନ କରିଥିଲେ। ରବିବାର ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାମନ୍ଦିର ସଭାପତି ସଚ୍ଚିଦାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ଅମର କୁମାର ମହାରଣା ଯୋଗଦେଇ ଶିକ୍ଷା ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଉପସ୍ଥିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାମନ୍ଦିର ଉପଦେଷ୍ଟା ରାମଚନ୍ଦ୍ର ବାରିକ, ସମ୍ପାଦକ ସନ୍ତୋଷ ପାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଅମତୁଲ ରସିଦ ମଞ୍ଚ ପରିଚାଳନା କରିଥିଲେ।

# ରାଜସ୍ୱ ପର୍ଷଦ ସଭ୍ୟ ଭେନୁଗୋପାଳଙ୍କୁ ସମ୍ବର୍ଦ୍ଧନା



କଟକ,୧।୧୨ (କାର୍ତ୍ତିକ ସାହୁ): ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ରାଜସ୍ୱ ପର୍ଷଦର ସଭ୍ୟ ସି.ଜେ. ଭେନୁଗୋପାଳ ସରକାରୀ ଚାକିରିରୁ ଶନିବାର ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ରାଜସ୍ୱ ପର୍ଷଦ ପକ୍ଷରୁ ଭେନୁଗୋପାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ ଆଶିଷ ଠାକ୍‌ରେ, ଭୀନିଲ କ୍ରୀଷ୍ଣା, ସୁବ୍ରତ ଶତପଥୀ, ସଞ୍ଜିତା ଦାସ, ବୀରେନ୍ଦ୍ର କରକରା, ବିଜୟ କୁମାର ଖଣ୍ଡାୟତରାୟ, ସୁମିତ୍ରା ସରକାର, ବରେନ୍ଦ୍ର ନାଥ ଧଳ, ସରୋଜ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ବିଦାୟୀ ସଭ୍ୟଙ୍କ ଦୀର୍ଘଦିନର ସରକାରୀ ଚାକିରିରେ ପାରଦର୍ଶିତା, ସାଧୁତା ଓ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, ଭେନୁଗୋପାଳ ୧୯୮୮ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଥିଲେ।

# ବିଜ୍ଞାନମେଳା, ହସ୍ତକଳା ପ୍ରଦର୍ଶନୀ


ବିଜ୍ଞାନମେଳାରେ ସ୍ଥାନ ପାଇଥିବା ପ୍ରକଳ୍ପ।

କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ): ମଡର୍ନ ପବ୍ଲିକ ସ୍କୁଲର ବାଦାମବାଡି ଶାଖା ପକ୍ଷରୁ ବିଜ୍ଞାନମେଳା ଓ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ବିଜ୍ଞାନ ପ୍ରକଳ୍ପ ଓ ୬୦ ହସ୍ତକଳା ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡାନାସୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନୀହାର ରଞ୍ଜନ ଭୂୟାଁ, ବିଦ୍ୟାଳୟର ପରିଚାଳନା କମିଟିର ଆର୍ଯ୍ୟମଣି ସେନାପତି ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ପିୱାଇସି ଅଟ୍ରି ଚାମ୍ପିୟନ

ବାଙ୍କୀ,୧।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଲକ୍ଷ୍ମୀଧର ବେହେରା ସ୍ମାରକୀ ଟୁର୍ନାମଣ୍ଟର ଫାଇନାଲ ଫାଇନାଲ ମ୍ୟାଚ ରବିବାର ରାଇଜିଂ ଷ୍ଟାର୍ କୁମାରବସ୍ତ ଓ ପିୱାଇସି ଅଟ୍ରି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିତି ପିୱାଇସି ଅଟ୍ରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ଉଇକେଟ୍ ବିନିମୟମରେ ୨୯୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ପ୍ରଦୀପ ରାଉତ ୪୨ ବଲ୍‌ରୁ ୧୯୧ ରନ ସଂଗ୍ରହ କରିଥିଲେ। ତେବେ କୁମାରବସ୍ତ ଦଳ ତା’ର ସମସ୍ତ ଉଇକେଟ୍ ହରାଇ ୧୯୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପିୱାଇସି ଅଟ୍ରି ବିଜୟ ଲାଭ କରି ଚାମ୍ପିୟନ ହୋଇଛି। ଚୂଡ଼ାନ୍ତ ଟୁର୍ନାମେଣ୍ଟରେ ପ୍ରଦୀପ ରାଉତ ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିବାବେଳେ ଆଇ.ସି.ଗିରି ମ୍ୟାନ୍ ଅଫ ଦି ସିରିଜ ଏବଂ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ୍‌ଭାବେ ବିବେଚିତ ହୋଇଥିଲେ। ଏହି ଅବସରରେ ରନର୍ସ ଅପ୍ ଦଳକୁ ନଗଦ ୨୦ହଜାର ଟଙ୍କା ସହ ଟ୍ରଫି ଏବଂ ଚାମ୍ପିୟନ ଅଟ୍ରି ଦଳକୁ ନଗଦ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା ଏବଂ ପୋଲିସ ମହାସଂଘ ସମ୍ପାଦକ ମାନସ ବାରିକ ବିଶେଷ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ବାଙ୍କୀ କ୍ରୀଡ଼ା ସଂସଦ ଉପସଭାପତି ବିବେକାନନ୍ଦ ସାମଲ ଓ ଉପଦେଷ୍ଟା ଆଇନଜୀବୀ ଧର୍ମପ୍ରସାଦ ମଙ୍ଗରାଜ ପରିଚାଳନା କରିଥିବାବେଳେ କ୍ରିକେଟ୍ ସମ୍ପାଦକ ସତ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କେଶବ ମଙ୍ଗୁଆଳ ଓ ବସନ୍ତ ଦାସ ଏହାକୁ ପରିଚାଳନା କରିଥିବା ବେଳେ ମନୋଜ କୁମାର ରାଉତ ବିବରଣୀ ପ୍ରଦାନ କରିଥିଲେ ।

# ପୁନର୍ବାର ବ୍ୟବସାୟୀ ସଂଘ ସଭାପତି ହେଲେ ପ୍ରମୋଦ


ବଜାର ସଂଘର ସଦସ୍ୟଙ୍କ ଗହଣରେ ନବନିର୍ବାଚିତ ସଭାପତି ପ୍ରମୋଦ କୁମାର ପଣ୍ଡା।

ନିଶ୍ଚିନ୍ତକୋଇଲି,୧।୧୨ (ଅଶୋକ କୁମାର ମହାପାତ୍ର) : କଟକ ଜିଲା ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ସଭାପତି ଭାବେ ପ୍ରାକ୍ତନ ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କୁ ପୁନଃ ମନୋନୀତ କରାଯାଇଛି। ସେ ଦୀର୍ଘ ବର୍ଷ ଧରି ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘକୁ ଶୃଙ୍ଖଳାର ସହ ପରିଚାଳନା କରିଥିଲେ। ତାଙ୍କ ନେତୃତ୍ୱରେ ବଜାର ବ୍ୟବସାୟୀ ସଂଘ କଟକ ଜିଲାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ମାତ୍ର କେତେଜଣ ଖଳ ପ୍ରକୃତିର ରାଜନୈତିକ ବ୍ୟକ୍ତି ଚଳିତ ବର୍ଷ ବଜାର ବ୍ୟବସାୟୀ ସଂଘ ଦଶହରା ପର୍ବ ପାଳନରେ ଅନ୍ତରାୟ ସୃଷ୍ଟି କରିଥିଲେ। ପୋଲିସ ଓ ପ୍ରଶାସନକୁ ହାତବାରିସୀ କରି ବଜାରର ମେଲୋଡି ଓ ଭସାଣୀ ଉତ୍ସବ କରାଇ ଦେଇନଥିଲେ। ଏଥିରେ ମର୍ମାହତ ହୋଇ ପଣ୍ଡା ବଜାର ବ୍ୟବସାୟୀ ସଂଘର ସଭାପତି ପଦରୁ ଓହରି ଯାଇଥିଲେ। କିଛି ଦିନର ଅନ୍ତର ପରେ ରବିବାର ବ୍ୟବସାୟୀ ସଂଘ ତରଫରୁ ଏକ ଜରୁରୀ ବୈଠକ ଡକାଯାଇ ପଣ୍ଡାଙ୍କୁ ସଭାପତି ଭାବେ ପୁନଃ ମନୋନୀତ କରାଯାଇଛି। ଏହି ଅବସରରେ ସଂଘ ସମ୍ପାଦକ ଜୀବନାନନ୍ଦ ଦାଶ, ଉପସଭାପତି ବଳରାମ ସାହୁ, କୋଷାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ବରିଷ୍ଠ ସଭ୍ୟ କେଦାରନାଥ ସାଥୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଏଡ୍‌ସ ଦିବସ ପାଳିତ: ସଚେତନ ହେଲେ ଏଡ୍‌ସ ରୋକିହେବ

କଣ୍ଟାପଡ଼ା/ଚୌଦ୍ୱାର/ନିଆଳି/ ବାଙ୍କୀ, ୧।୧୨ (ସୁରନାରାୟଣ ସାହୁ/ଆଶୁତୋଷ ଦାସ/ ସୁକାନ୍ତ କୁମାର ସିଂହ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରସ୍ଥିତ ଗୋବିନ୍ଦପୁର କନିଷ୍ଠ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ରବିବାର ପାଳିତ ହୋଇଯାଇଛି। କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମିୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଯୁବ ରେଡ୍‌କ୍ରସ୍ ଅଧିକାରୀ ପ୍ରେମଜିତ ରାୟ ଯୋଗଦେଇ କହିଛନ୍ତି, ସଚେତନ ହେଲେ ଏଡ୍‌ସ ରୋକିହେବ। ଜାତୀୟ ସେବା ଯୋଜନା ଅଧିକାରୀ ଶଙ୍କର୍ଷଣ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାକୁ ମହାବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ଗଗନ ବିହାରୀ ବେଉରା ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଗୋବିନ୍ଦପୁର ଗ୍ରାମ ପରିକ୍ରମା କରି ଏଡ୍‌ସ ସମ୍ପର୍କରେ ସଚେତନ କରିଥିଲେ।

ଚୌଦ୍ୱାର କଲେଜରେ ବିଶ୍ୱ ଏଡ୍‌ସ ଦିବସ ରବିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମିରାଉତରାୟଙ୍କ ତତ୍ତ୍ୱାବଧାନରେ କଲେଜ ପରିସରରୁ ସଚେତନତା ଶୋଭାଯାତ୍ରା ବାହାରି ଲୋକମାନଙ୍କୁ ସଚେତନ କରିଥିଲା। କଲେଜର ୱାଇଆର୍‌ସି ୟୁନିଟ୍ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ସିସି, ଏନ୍‌ଏସ୍‌ଏସ୍, ରୋଭର୍ସ ଆଣ୍ଡ ରେଞ୍ଜର୍ସ ୟୁନିଟ୍‌ର ସ୍ୱେଚ୍ଛାସେବୀ ଓ ଅଧିକାରୀ ଅଂଶଗ୍ରହଣ କରିଥିଲେ। କାଉନସିଲର ତଥା ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ, ଡ. ମମତା ସାହୁ, ଏନ୍‌ସିସି ଅଧିକାରୀ ରତିକାନ୍ତ ସ୍ୱାଇଁ, ରଚିତା ବେହେରା, ଦିଲୀପ ନାୟକ, ସ୍ୱାଭିମାନ ସାମନ୍ତରାୟ, ଶୁଭସ୍ମିତା ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନିଆଳି କଲେଜର ଏନ୍‌ଏସ୍‌ଏସ୍ ୟୁନିଟ୍, ସ୍କାଉଟ୍ ଆଣ୍ଡ ଗାଇଡ୍, ୱାଇଆର୍‌ସିର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ବିନୋଦ ବିହାରୀ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ପରିସରରୁ ଶତାଧିକ ଛାତ୍ରୀଛାତ୍ର ପଦଯାତ୍ରାରେ ବାହାରି ବିଭିନ୍ନ ଗ୍ରାମରେ ଲୋକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ଶ୍ରୀଧର ବାରିକ, ଅଧ୍ୟାପକ ହିରଣ୍ୟ ବିଦାରକ ମହାପାତ୍ର, ମନୋଜ କୁମାର ସାହୁ, ଅଧ୍ୟାପିକା ପୁନମ୍ ଧଳ, ଅସୀମା ମିଶ୍ର, ଭିନମ୍ ଦାସଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ସଂସ୍ଥା ଓ ରେଡ୍ରିବନ୍ କ୍ଲବର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ କଲେଜ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏଡ୍‌ସ ସମନ୍ଧୀୟ ପ୍ରବନ୍ଧ ଓ ଚିତ୍ରକଳା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଯୁବ ରେଡ୍‌କ୍ରସ କାଉନ୍‌ସିଲର ଅଧ୍ୟାପିକା ସରସ୍ୱତୀ ଦେଉରୀଙ୍କ ସଭାପତିତ୍ୱ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ମୁଖ୍ୟ ବକ୍ତାଭାବେ ପ୍ରଶାସନିକ ଅଧିକାରୀ ଡ.ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ସମ୍ମାନିତ ଅତିଥିଭାବେ ପୂର୍ବତନ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋରଞ୍ଜନ ସାହୁ, ପୁରୁଷ ଯୁବ ରେଡ୍‌କ୍ରସ କାଉନ୍‌ସିଲର ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଅଧ୍ୟାପକ ଆଶିଷ କୁମାର ପାଢୀ ଓ ରଞ୍ଜିତ କୁମାର ରାଉତ ପ୍ରମୁଖ ଯୋଗଦେଇ ଏଡ୍‌ସ ରୋଗ କିପରି ଓ ଏହାର କାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଲେଜ ପରିସରରେ ଯୁବରେଡ୍‌କ୍ରସ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଏକ ସଚେତନତା ରାଲି କରାଯାଇଥିଲା।



ଗୋବିନ୍ଦପୁର କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅନ୍ୟମାନେ ଶୋଭାଯାତ୍ରାରେ ଏଡ୍‌ସ ସମ୍ପର୍କରେ ସଚେତନ କରୁଛନ୍ତି।

## ସଂକ୍ଷେପରେ

### ଠିକ୍ ମାର୍ଗ ଗ୍ରହଣ କଲେ ବିଶ୍ୱ ଏଡ୍ସମୁକ୍ତ ହୋଇପାରିବ

ବାଲୁଗାଁ,୧।୧୨( ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ୟୁଥ ରେଡ଼କ୍ରସ, ରେଡ ରିବନ କ୍ଲବ ଓ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଉଦ୍ୟମରେ ରବିବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ଛାତ୍ରୀଛାତ୍ର ମହାବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଏଡ୍ସ ସଚେତନତା ନାରା ଦେଇ ଚିଲିକା କୂଳର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ଏହାପରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ରୀଛାତ୍ର ଏକାଠି ହୋଇ ଡା. ସୁନୀଲ ସ୍ୱାଇଁଙ୍କଠାରୁ ବାଲୁଗାଁ ସମନ୍ୱିତ ଏଚ୍ଆଇଭି କେନ୍ଦ୍ରରେ ପଞ୍ଜୀକୃତ ଏଡ୍ସ ସଂକ୍ରମିତଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଏକ ସଭା ବସିଥିଲା। ଏଡ୍ସର ସାମ୍ପ୍ରତିକ ଭୟାବହତା ସମ୍ପର୍କରେ ଡ. ସୁବୁଦ୍ଧି ଆଲୋଚନା କରିବା ସହ ଯୁବବର୍ଗ ଠିକ୍ ମାର୍ଗ ଗ୍ରହଣ କଲେ ବିଶ୍ୱ ଏଡ୍ସମୁକ୍ତ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ଅତିଥି ତଥା ଚିଲିକା ବାଲୁଗାଁ ରୋଟାରୀ କ୍ଲବ ସଭାପତି ଡ. ମାନସ ମୋହନ ବଳିୟାରସିଂହ ଏଚ୍ଆଇଭି ସଂକ୍ରମଣର ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ। ୟୁଥ ରେଡ଼କ୍ରସ୍ ଓ ରେଡ ରିବନ କ୍ଲବ ଉପଦେଷ୍ଟା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍, ସ୍ଲୋଗାନ ଓ ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ଅଧ୍ୟକ୍ଷ ମିଳିତ ଭାବେ ପୁରସ୍କାର ପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଏନ୍ଏସ୍ଏସ୍ ଅଧିକାରୀ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ୟୁଥ ରେଡ଼କ୍ରସ୍ ଅଧିକାରୀ ଅଧ୍ୟାପକ ଧୋବୀ ଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ମା' ଭଗବତୀ କଳାନିକେତନ ପୁରସ୍କୃତ

ବାଲୁଗାଁ,୧।୧୨(ସଂଗ୍ରାମ ପାଇକରାୟ)

ଭୁବନେଶ୍ୱରସ୍ଥିତ କସ୍ତୁରବା ନାରୀ ମହଲରେ ଆୟୋଜିତ ରବିବାର ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ବାଲୁଗାଁ ଅଞ୍ଚଳର ମା' ଭଗବତୀ କଳା ନିକେତନର ଛାତ୍ରୀମାନେ ସଫଳତା ହାସଲ କରି ପୁରସ୍କୃତ ହୋଇଛନ୍ତି। କସ୍ତୁରୀ ସୋସିଆଲ ଆୱେରନେସ ଅର୍ଗାନାଇଜେଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାର କଳାକାରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ମା' ଭଗବତୀ କଳାନିକେତନର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ବିଚାରକଙ୍କୁ ଆକୃଷ୍ଟ କରିପାରିଥିଲେ। ସେଥିମଧ୍ୟରୁ ସମ୍ବଲପୁରୀ ଲୋକନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୨ଜଣ ସେମାନେ ହେଲେ ଅନନ୍ୟା ପ୍ରିୟଦର୍ଶିନୀ ଲେଙ୍କା, ସାନ୍ଭି ସକ୍ସିତା ପଟ୍ଟନାୟକ, ଦ୍ୱିତୀୟ ସ୍ଥାନ ଓଡ଼ିଶୀ ନୃତ୍ୟରେ ସୁପ୍ରଭା ବାରିକ୍ ଏବଂ ତୃତୀୟ ସ୍ଥାନ ସ୍ମୃତିସ୍ମିତା ପଣ୍ଡା ଅଧିକାର କରିଥିଲେ। ସେହିପରି ସେମି କ୍ଲାସିକାଲ ନୃତ୍ୟରେ ପ୍ରଥମ ସ୍ଥାନ ସାଧନା ବିଶ୍ୱାଳ ଓ ରମ୍ୟକ ରୋଶନୀ ରଥ ଏବଂ ତୃତୀୟ ସ୍ଥାନରେ ଶୟାଶ୍ରୀତା ମହାରଣା ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ପାଇଁ ଛାତ୍ରୀମାନେ ଏହାର ଶ୍ରେୟ ଗୁରୁମାନଙ୍କୁ ଦେଇଛନ୍ତି।

# ମୁକୁଳାପଡ଼ିଛି ଟ୍ରାନ୍ସଫର୍ମର: ବିପଦରେ ଜୀବନ

କଳାପଥର,୧।୧୨(ଗଙ୍ଗାଧର ସାହୁ)



କଳାପଥର ବିଦ୍ୟୁତ୍ ସେକ୍ସନ ଅଧୀନ ୧୫ଟି ପଞ୍ଚାୟତରେ କଳାପଥରଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳରେ ଇଲେକ୍ଟ୍ରି ଟ୍ରାନ୍ସଫର୍ମର ବସାଯାଇଥିଲେ ମଧ୍ୟ ସେଥିରେ ସ୍ଥାୟୀ ପ୍ରାଚୀର ନ ଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏନେଇ ବିଦ୍ୟୁତ୍ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅଳ୍ପ କିଛି ଦିନ ତଳେ ଧଳାପଥର ଗ୍ରାମ ହନୁମାନ ମନ୍ଦିର ପଛପଟ ଟ୍ରାନ୍ସଫର୍ମର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ହୋଇଥିଲେ ମଧ୍ୟ ସେଠାରେ ଆଜି ପର୍ଯ୍ୟନ୍ତ ପ୍ରାଚୀର ହୋଇପାରୁନାହିଁ। ସେହିପରି ଖଜୁରିପଦା ନୂଆସାହି ରାସ୍ତାକଡ଼ରେ ଥିବା ଏଭଳି ଟ୍ରାନ୍ସଫର୍ମରରେ ପ୍ରାଚୀର ନ ଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ଖଜୁରିପଦା କୃଷକ ବଜାର, ଧଳାପଥର ଗୋଲେଇ ଛକ, କଳାପଥର ଉ.ପ୍ରା. ପ୍ରାଥମିକ ବିଦ୍ୟାଳୟ ପ୍ରାଚୀର କଡ଼ରେ ଉଚ୍ଚ ଶକ୍ତିସମ୍ପନ୍ନ ୨ଟି ଟ୍ରାନ୍ସଫର୍ମର ଅସୁରକ୍ଷିତ ଅବସ୍ଥାରେ ଥିବାବେଳେ ସେଠାରେ ସ୍କୁଲ, ମହାଦେବ ମନ୍ଦିର, ଗ୍ରାମଦେବତୀ ମନ୍ଦିର, ହିଙ୍ଗୁଳା ମନ୍ଦିର ରହିଛି। ଏହି ସ୍ଥାନ ସବୁ ସମୟରେ ଜନଗହଳିପୂର୍ଣ୍ଣ ହୋଇଥିବାରୁ ବିପଦକୁ ଏଡେଇ ଦିଆଯାଇ ନ ପାରେ। ବିଦ୍ୟୁତ୍ ବିଭାଗ ଅଳ୍ପ କିଛି ସ୍ଥାନରେ ଟ୍ରାନ୍ସଫର୍ମରରେ ପ୍ରାଚୀର ନିର୍ମାଣ କରିଥିବାବେଳେ ଅନେକ ଜାଗାରେ ଏହା ମୁକୁଳା ପଡ଼ିଛି। ତେବେ ଏଗୁଡ଼ିକ ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଏବେ ସାଧାରଣରେ ଦାବି ହେଉଛି।

# ରାସ୍ତା ସମ୍ପ୍ରସାରଣରେ ଅନିୟମିତତା ଅଭିଯୋଗ

ବାଲୁଗାଁ,୧।୧୨( ସଂଗ୍ରାମ ପାଇକରାୟ)

## ଜନ ସୁରକ୍ଷା ମଞ୍ଚର ପ୍ରତିବାଦ

ବାଲୁଗାଁ ବଜାର ଦେଇ ଯାଇଥିବା ୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କ୍ଷେତ୍ରରେ ଅନିୟମିତତା ହେଉଥିବା ନେଇ ଜନ ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଇଛି। ରବିବାର ଏ ନେଇ ଉତ୍ତରାୟଣୀ ରୋଡ଼ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ସଭାପତି ଭୋବନୀ ସେଠୀ, ସମ୍ପାଦକ ରାଜୀବ ସେନାପତି ଏବଂ ପରାମର୍ଶଦାତା ତଥା ଅବସରପ୍ରାପ୍ତ ଅଧ୍ୟାପକ ଅକ୍ଷୟ କୁମାର ମହାପାତ୍ର ଓ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ଚିଲିକା ତହସିଲ ଅଧୀନ ଗୋବର୍ଦ୍ଧନପୁର ମୌଜାଠାରୁ ଗବପଦର ମୌଜା ପର୍ଯ୍ୟନ୍ତ ଦୀର୍ଘ ୪ କି.ମି. ରାସ୍ତା ସମ୍ପ୍ରସାରଣ ନିମନ୍ତେ ପ୍ରଶାସନ ପକ୍ଷରୁ ବାରମ୍ବାର ମାପଚୁପ ସରିଛି। ସହରର ଉନ୍ନତୀକରଣ ନିମନ୍ତେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ରାସ୍ତାପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ପ୍ରତ୍ୟେକ ଥର ମାପଚୁପରେ ଭିନ୍ନତା ପରିଲକ୍ଷିତ ହୋଇଥିବାରୁ ଏନେଇ ସନ୍ଦେହ ଉପୁଜିଥିବାବେଳେ ଲୋକେ ଠିକ୍ ନିର୍ଣ୍ଣୟ ନେଇ ପାରୁନାହାନ୍ତି। ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆଉ ମାତ୍ର ଗୋଟିଏ ଦିନ ରହିଥିବାବେଳେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏଥିସହ ବାଲୁଗାଁ ବଜାର ସଦାସର୍ବଦା ଜନଗହଳିପୂର୍ଣ୍ଣ ହେତୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଉକ୍ତ ବଜାର ଅଞ୍ଚଳରେ ୪୦ରୁ ୫୦ ଫୁଟ ଓସାର ବିଶିଷ୍ଟ ରାସ୍ତା ସମ୍ପ୍ରସାରଣ ପାଇଁ ଯୋଜନା ଚାଲିଛି। ଅଥଚ ଯେଉଁଠି ଆବଶ୍ୟକତା ନାହିଁ, ବଜାର ବାହାର ଅଞ୍ଚଳରେ ୭୦ରୁ ୮୦ ଫୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଚିହ୍ନଟ ଦିଆଯାଉଛି, ଯାହାକି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ରାସ୍ତା ସମ୍ପ୍ରସାରଣରେ ପ୍ରତ୍ୟେକ ସ୍ଥାନରେ ସମାନ୍ତରାଳ ବ୍ୟବଧାନ ରଖି କାର୍ଯ୍ୟ କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ଏହା ନ ହେଲେ ଅନୁଷ୍ଠାନ ପକ୍ଷରୁ ଦୃଢ ପ୍ରତିବାଦ କରାଯିବ ବୋଲି କୁହାଯାଇଛି।

# ତପନ ଜିଲା ସଭାପତି, ଲୋହିତ ସମ୍ପାଦକ



ଖୋର୍ଦ୍ଧା,୧।୧୨(ପ୍ରଭାତ ପାଣିଗ୍ରାହୀ)

## କେଡିୟୁଜେ ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ

ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ (ଓୟୁଜେ) ସହ ଅନୁବନ୍ଧିତ ଖୋର୍ଦ୍ଧା ଜିଲା ସାମ୍ବାଦିକ ୟୁନିୟନ୍ (କେଡିୟୁଜେ)ର ସାଧାରଣ ପରିଷଦ ବୈଠକ ଓ ଦ୍ୱିବାର୍ଷିକ ନିର୍ବାଚନ ରବିବାର ସ୍ଥାନୀୟ ଜଳସେଚନ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସହ ଜଡିତ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଖବରଦାତାମାନେ ଏଥିରେ ଯୋଗଦେଇଥିଲେ। ଜିଲା ସଭାପତି ବରିଷ୍ଠ ଖବରଦାତା ତପନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ ମୁଖ୍ୟଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ବିଶ୍ୱାଳ, ବରିଷ୍ଠ ସଦସ୍ୟ ସନତ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ବାର୍ଷିକ ଜିଲା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଗାମୀ ଦୁଇ ବର୍ଷ ନିମନ୍ତେ ଜିଲା ସାଙ୍ଗଠନିକ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଜିଲା ମୁଖ୍ୟ ଉପଦେଷ୍ଟା ଭାବେ ପ୍ରସନ୍ନ ପାଇକରାୟ, ଉପଦେଷ୍ଟା ଭାବେ ସନତ ପଟ୍ଟନାୟକ ଓ ରବୀନ୍ଦ୍ର କୁମାର ମିଶ୍ର ମନୋନୀତ ହୋଇଛନ୍ତି। ଜିଲା ସଭାପତି ଭାବେ ପୁଣି ଥରେ ଖବରଦାତା ତପନ କୁମାର ନାୟକ, ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର, ଉପସଭାପତି ନାରାୟଣ ମହାନ୍ତି ଓ ସୟଦ ଅନୱର ଅଲ୍ଲୀ ନିର୍ବାଚିତ ହୋଇଛନ୍ତି। ଖୋର୍ଦ୍ଧା ବ୍ଲକ ସମ୍ପାଦକ ଭାବେ ରାଜେଶ ଚନ୍ଦ୍ର ଶ୍ରୀକାନ୍ତ ପ୍ରଧାନ, ଟାଙ୍ଗୀ ବ୍ଲକ ସମ୍ପାଦକ ଭାବେ ହିମାଂଶୁ ଚମ୍ପତି ଏବଂ ଖୋର୍ଦ୍ଧା ପୌରପରିଷଦ ପାଇଁ ସମ୍ପାଦକ ଭାବେ ଜିତେନ୍ଦ୍ର ଭଞ୍ଜ, କୋଷାଧ୍ୟକ୍ଷ ଅଜିତ ମିଶ୍ର, ମିଡ଼ିଆ ସଂଯୋଜକ ଭାବେ ଶୁଭଲକ୍ଷ୍ମୀ ସାମନ୍ତରାୟ, ସେକ୍ ଅନୱର୍ ଅଲ୍ଲୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁଶାନ୍ତ ବିଶ୍ୱାଳ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦିଲୀପ ହୋତାଙ୍କୁ ମନୋନୀତ କରାଯାଇଛି। ସଙ୍ଗଠନ ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ବାଲୁଗାଁ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ

ବାଣପୁର,୧।୧୨(ଦିଲ୍ଲୀପ କୁମାର ସ୍ୱାଇଁ)

ବାଣପୁରସ୍ଥିତ ମା' ଉତ୍ତରାୟଣୀଙ୍କ ପୀଠରେ ବାଲୁଗାଁ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ରବିବାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ୫୦ ଜଣ ସଦସ୍ୟଙ୍କ ମଧ୍ୟରୁ ୪୭ ଜଣ ସଭ୍ୟ ଉପସ୍ଥିତ ରହିଥିଲେ। ଉତ୍ସବରେ ସମସ୍ତ ବରିଷ୍ଠ ନାଗରିକଙ୍କ ଦ୍ୱାରା ଏକ ବଣଭୋଜି ଏବଂ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ବହୁ ସଭ୍ୟ ବାହାରୁ ଆସି ଏଥିରେ ଯୋଗ ଦେଇଥିଲେ। ପ୍ରଥମେ ଏକ ସୌଜନ୍ୟମୂଳକ ଆଲୋଚନା ଯଥା ପୂର୍ବ ବିବରଣୀ ପାଠ କରିବା ସହ ମଞ୍ଚର ଉନ୍ନତି ନେଇ ମଞ୍ଚ ସମ୍ପାଦକ ମୁରଲୀଧର ସାମନ୍ତସିଂହାର ଆଲୋକପାତ କରିଥିଲେ। ସାମାଜରେ ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମ କରାଯିବ, ତାହା ଉପରେ ବିଭିନ୍ନ ମହଲରୁ ଅବସର ନେଇଥିବା ବୁଦ୍ଧିଜୀବୀ ମତ ରଖିଥିଲେ। କାର୍ଯ୍ୟକ୍ରମରେ କିଛି ନୂଆ ସଦସ୍ୟଙ୍କୁ ସାମିଲ କରାଯାଇଥିଲା। ଉତ୍ସବରେ ମଞ୍ଚର ସଭାପତି ଡ. ଯୋଗେନ୍ଦ୍ରନାଥ ସେନାପତି, ପୂର୍ବତନ ବିଧାୟକ ରଘୁନାଥ ସାହୁ, ବିଭୁତି ଭୂଷଣ ସାମନ୍ତରାୟ, ଏସିଏଫ୍ ଗୋଲଖ ରାଉତ, ବିନୋଦ ସାହୁ, ରମେଶ୍ୱର ପାତ୍ର, ସୁବାସ ଚନ୍ଦ୍ର ଭୋଳ, ଖଗେଶ୍ୱର ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ବୈଦେଶ୍ୱର ଚାମ୍ପିୟନ



ବେଗୁନିଆ,୧।୧୨(ସନ୍ଧ୍ୟାରାଣୀ ମିଶ୍ର)

## କୁଶପଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବେଗୁନିଆ ବ୍ଲକ ଅଧୀନ କୁଶପଲା ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ସିରିଜ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଅଠରାଙ୍ଗକୁ ହରାଇ ବୈଦେଶ୍ୱର ଚାମ୍ପିୟନ ହୋଇଛି। ପ୍ରଥମେ ବୈଦେଶ୍ୱର ଟସ୍ ଜିତି ବ୍ୟାଟିଂ କରି ୨୧୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଅଠରାଙ୍ଗ ୮ ଉଇକେଟ୍ ହରାଇ ୧୬୨ ରନ୍ ସଂଗ୍ରହ କରି ପରାଜୟ ବରଣ କରିଛି। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ପୂର୍ବତନ ସରପଞ୍ଚ ନବ କିଶୋର ସାହୁ, ଶ୍ରୀନିବାସ ରାୟ, ଏସ୍.କେ. ମନସୁର, ପୂର୍ବତନ ରାଜ୍ୟ ଫୁଟବଲ ଖେଳାଳି ଦୟାନ ଖାଁ ଓ ନୀଳକଣ୍ଠ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ପରିବେଶ ସୁରକ୍ଷା ପାଇଁ ଅତିଥିମାନେ ଚାରାରୋପଣ କରିଥିଲେ।

# ଗ୍ରାମ ପରିକ୍ରମା କରି ଏଡ୍ସ ସଚେତନ କଲେ

ବୋଲଗଡ,୧।୧୨(ଦେବବ୍ରତ ହୋତା)




ଏଡ୍ସ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଭା, ଶୋଭାଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ଅସରଳା ଗ୍ରାମସ୍ଥିତ ହରିହର ବିଦ୍ୟାପୀଠ ଜୁନିୟର ରେଡ୍କ୍ରସ, ରେଡ୍ ରିବନ କ୍ଲବ ପକ୍ଷରୁ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ରଣାଙ୍କ ପୌରହିତ୍ୟରେ ଏକ ସଭା ବସିଥିଲା। ଏଡ୍ସ ପୀଡ଼ିତଙ୍କୁ ବାଛ ବିଚାର ନ କରି ସେମାନଙ୍କୁ ସହଯୋଗ ସହ ସଚେତନ କରିବାକୁ ଅତିଥି ଶିକ୍ଷୟତ୍ରୀ ଶିକ୍ଷକ ମତବ୍ୟକ୍ତ କରିଥିଲେ। 'ଠିକ୍ ମାର୍ଗ ଅନୁସରଣ କର, ମୋ ସ୍ୱାସ୍ଥ୍ୟ ମୋ ଅଧିକାର' ଶୀର୍ଷକ ଆଲୋଚନାରେ ଏଡ୍ସ ମହାମାରୀକୁ ପ୍ରତିହତ କରିବାର ଉପାୟ ଅବଲମ୍ବନ, ଚିକିତ୍ସାକୁ ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ବିଦ୍ୟାଳୟ ଜୁନିୟର ରେଡକ୍ରସ ଛାତ୍ରୀଛାତ୍ର ଶିକ୍ଷୟତ୍ରୀ ତିଳୋତ୍ତମା ମହାପାତ୍ର ଓ ଶିକ୍ଷକ ପ୍ରସନ୍ନ କରଙ୍କ ତତ୍ତ୍ୱାବଧାନରେ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।

# ଓଡ଼ିଶା ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ

ବାଘମାରି/ବେଗୁନିଆ,୧।୧୨(ମିହିର ରଞ୍ଜନ ମହାପାତ୍ର/ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆସ୍ଥିତ ମାଟ ବରମୂଳେଇ ପୀଠରେ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଓଡ଼ିଶା ବ୍ରାହ୍ମଣ ସମାଜର ୩ୟ ବାର୍ଷିକ ବୈଠକ ସାମାଜିକ କର୍ମୀ ଶିଶିର କୁମାର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଭାଗବତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅନ୍ତରାଷ୍ଟ୍ରୀୟ ବ୍ରାହ୍ମଣ ସମାଜର ସମ୍ପାଦକ ରାଜୀବ ଲୋଚନ ଷଡ଼ଙ୍ଗୀ, ଜିଲା ସଭାପତି ହରିପ୍ରସାଦ ହୋତା, ସମ୍ପାଦକ ମହେନ୍ଦ୍ର ଶତପଥି, ପ୍ରତିଷ୍ଠାତା ସଭାପତି ପଦ୍ମନାଭ ରଥ, ରାଜ୍ୟ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଦାଶ, ଅବସରପ୍ରାପ୍ତ ସେନା କର୍ମଚାରୀ ବସନ୍ତ ହୋତା ଓ ଶିକ୍ଷାବିତ୍ ଲମ୍ବୋଦର ଶତପଥି ପ୍ରମୁଖ ଯୋଗଦେଇ ବେଗୁନିଆ ନିର୍ବାଚନମଣ୍ଡଳୀରେ ବ୍ରାହ୍ମଣଙ୍କୁ ଏକତ୍ରୀକରଣ କରି ସେମାନଙ୍କ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ସମସ୍ତ ବ୍ଲକ, ପଞ୍ଚାୟତସ୍ତରରେ ଏଭଳି କାର୍ଯ୍ୟକ୍ରମ ବ୍ରାହ୍ମଣ ସମାଜର ଉନ୍ନତି କଳ୍ପେ ଆୟୋଜନ କରାଯିବ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

# ଭୟ ଦୂର କରି ସଚେତନ ହେଲେ ହଟିବ ଏଡ୍ସ



ବେଗୁନିଆ,୧।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ରବିବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପାଳିତ ହୋଇଆସୁଥିବା ଏହି ଦିବସ ବିଦ୍ୟାଳୟ ଏନ୍‌ସିସି, ରେଡ୍କ୍ରସ ଓ ଜୁନିୟର ଗାଇଡ଼ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏନ୍‌ସିସି ଅଧିକାରୀ ସୂର୍ଯ୍ୟକାନ୍ତ ମହାପାତ୍ର ଏଥିରେ ସଂଯୋଜନା କରିଥିଲେ। ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ର ଜନସାଧାରଣଙ୍କୁ ସତର୍କ ଓ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଡ. ହରିପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡା. ଅମରେନ୍ଦ୍ର ନାଥ ମହାପାତ୍ର ବକ୍ତା ଏବଂ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଡ୍ସ ଏକ ଭୂତାଣୁଜନିତ ରୋଗ ହେଲେ ମଧ୍ୟ ଡାକ୍ତରଙ୍କ ସହ ପରାମର୍ଶ କରି ଭୟ ଦୂର କରି ସଚେତନ ହେଲେ ବିଶ୍ୱରୁ ଏଡ୍ସ ହଟିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। 'ଏଡ୍ସକୁ ଜାଣ ଓ ଜିଣ' ଶୀର୍ଷକ ଆଲୋଚନାଚକ୍ର ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ପ୍ରଭାତ କୁମାର ନିଶଙ୍କ, ସାମାଜିକ କର୍ମୀ ରାମଚନ୍ଦ୍ର ସାହୁ ଓ ଶ୍ରୀବତ୍ସ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରିସ୍ମା ରଶ୍ମିତା ପାଇକରାୟ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବି ତେଜିଲା, କାର୍ଯ୍ୟବନ୍ଦ ଚେତାବନୀ

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଡ଼ ଘଟଣା

ଖୋର୍ଦ୍ଧା,୧।୧୨(ପ୍ରଭାତ ପାଣିଗ୍ରାହୀ)

ଚିଲିକା ବ୍ଲକ ସୋରଣ ପଞ୍ଚାୟତରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ପ୍ରକାଶ କୁମାର ବେହେରାଙ୍କୁ ସରପଞ୍ଚ ଓ ତାଙ୍କ ସମର୍ଥିତ ୱାର୍ଡ ସଭ୍ୟ ସଭ୍ୟା ଆକ୍ରମଣ ଘଟଣାକୁ ଖୋର୍ଦ୍ଧା ଜିଲା ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ତୀବ୍ର ବିରୋଧ କରିଛି। ଏହା ପ୍ରତିବାଦରେ ରବିବାର ସ୍ଥାନୀୟ ବାଟମଙ୍ଗଳାଠାରେ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପିଇଓଙ୍କୁ ଆକ୍ରମଣ ଘଟଣାକୁ ଦୃଢ ନିନ୍ଦା ସହ ଆକ୍ରମଣକାରୀଙ୍କ ଗିରଫ ଦାବି କରିଛି ସଂଘ। ସୋମବାର ସଂଘ ପକ୍ଷରୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରାଯିବ। ଏହାପରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ଜିଲା ସଂଘ ସଭାପତି ପ୍ରସନ୍ନ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ମନୋରଞ୍ଜନ ଜେନା, କୋଷାଧ୍ୟକ୍ଷ ଦେବାଶିଷ ସେଠୀ, ଉପସଭାପତି ନିହାର ରଞ୍ଜନ ଦାଶ, ସୌମ୍ୟରଞ୍ଜନ ପ୍ରଧାନ, ରବୀନ୍ଦ୍ର ପୃଷ୍ଟି, ଅନିତା ମହାନ୍ତି ଏବଂ ଆକ୍ରମଣର ଶିକାର ହୋଇଥିବା ଅଧିକାରୀ ପ୍ରକାଶ କୁମାର ବେହେରାଙ୍କ ସହିତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

ଅଭିଯୋଗ ଅନୁଯାୟୀ, ଗତ ନଭେମ୍ବର ୨୮ରେ ପଞ୍ଚାୟତର ମାସିକ ବୈଠକ ଚାଲିଥିଲା। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇବା ପାଇଁ ମନୋନୀତ ହିତାଧିକାରୀଙ୍କ ତାଲିକାକୁ ନେଇ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟମାନେ ନିର୍ବାହୀ ଅଧିକାରୀଙ୍କୁ ଏହି ତାଲିକା ବିଷୟରେ ପ୍ରଶ୍ନ କରିଥିଲେ। ଏହି ତାଲିକା ଜିଲା ପ୍ରଶାସନ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମ୍ ଦ୍ୱାରା ସ୍ଥିର ହୋଇଥିବା ନିର୍ବାହୀ ଅଧିକାରୀ କହିଥିଲେ। ଏ ସମ୍ପର୍କରେ ବିଡିଓଙ୍କ ସହିତ ଆଲୋଚନା କରିବାକୁ କହିଥିଲେ। ସରପଞ୍ଚ ଏଥିରେ ଉତ୍ୟକ୍ତ ହୋଇ ନିର୍ବାହୀ ଅଧିକାରୀଙ୍କୁ ଶକ୍ତ ଚାପୁଡ଼ା ମାରିଥିଲେ। ପରେ ଉପସ୍ଥିତ ଅନ୍ୟ ୱାର୍ଡ ସଭ୍ୟ ସଭ୍ୟା ତାଙ୍କୁ ଗାଳିଗୁଲଜ ସହିତ ଚୌକି ଫିଙ୍ଗିଥିଲେ ଓ ଅଧିକାରୀଙ୍କୁ ଚାବି ପକାଇ ଦେଇଥିଲେ। ଏ ନେଇ ଆକ୍ରମଣର ଶିକାର ନିର୍ବାହୀ ଅଧିକାରୀ ଚିଲିକା ବିଡିଓ, କୁହୁଡି ଫାଣ୍ଡି ଅଧିକାରୀଙ୍କୁ ଜଣାଇବା ପରେ ସେମାନେ ଆସି ଉଦ୍ଧାର କରିଥିଲେ। ଏ ନେଇ ସେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଥାନାରେ କେସ୍ ପଞ୍ଜୀକରଣ ହୋଇ ନ ଥିବା ଏବଂ ଆକ୍ରମଣକାରୀଙ୍କୁ ଗିରଫ କରା ନ ଯିବାକୁ ନେଇ ସଙ୍ଘ ଅସନ୍ତୋଷ ପ୍ରକାଶ କରିଛି।



ଖୋର୍ଦ୍ଧା ଜିଲା ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୧।୧୨।୨୦୨୪

| | |
|---|---|
| ୫,୬୮,୩୫୦ ଟଙ୍କା | |
| ସୁନା | ୫.୧୫୦ ଗ୍ରାମ୍ |
| ରୁପା | ୭୨.୭୦୦ ଗ୍ରାମ୍ |





ନୌସେନା ଦିବସ ପୂର୍ବରୁ ରବିବାର ନୌସେନା ପକ୍ଷରୁ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଫୁଲ୍‌ଡ୍ରେସ୍ ରିହର୍ସାଲ କରାଯାଇଛି।

# ନୌସେନାର ଚିତ୍ତାକର୍ଷକ ଫୁଲ୍‌ଡ୍ରେସ୍ ରିହର୍ସାଲ

- ୪ ତାରିଖରେ ମୁଖ୍ୟ କାର୍ଯ୍ୟକ୍ରମ
- ଯୁଦ୍ଧ କୌଶଳ ପ୍ରଦର୍ଶନ କରିବେ ୧୫ ଜାହାଜ, ୪୦ ଏୟାରକ୍ରାଫ୍ଟ ସହ ଅନେକ ଟ୍ୟାଙ୍କ

ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)

ଭାରତୀୟ ନୌସେନା ପକ୍ଷରୁ ଚଳିତ ମାସ ୪ ତାରିଖରେ ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ପ୍ରଥମ ଥର ପାଇଁ ନୌସେନା ଦିବସ ପାଳନ ହେବାକୁ ଯାଉଛି। ଏହି ଉପଲକ୍ଷେ ରବିବାର ବ୍ଲୁ ଫ୍ଲାଗ ବିଚ୍‌ରେ ନୌସେନା ପକ୍ଷରୁ ଚିତ୍ତାକର୍ଷକ ଫୁଲ୍‌ଡ୍ରେସ୍ ରିହର୍ସାଲ କରାଯାଇଛି। ପୁରୀ ଆକାଶରେ ଭାରତୀୟ ସେନାର ଯବାନମାନେ ଅନେକ ଲଢୁଆ ହେଲିକପ୍ଟର, ମିଗ୍ ଓ ଯୁଦ୍ଧ ବିମାନ ସମେତ ସମୁଦ୍ରରେ ଯୁଦ୍ଧ ଜାହାଜ ମାଧ୍ୟମରେ ଚିତ୍ତାକର୍ଷକ ରଣକୌଶଳ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ପାରାଚୁଟ୍‌ରେ ଆକାଶରୁ ଖସିବା, ସମୁଦ୍ର ପଥରେ ଆତଙ୍କବାଦୀଙ୍କୁ କାବୁ କରିବା ଓ ମିଗ୍ ବିମାନଗୁଡ଼ିକ ଚକ୍କର କାଟି ଶତ୍ରୁପକ୍ଷଙ୍କୁ ମୁକାବିଲା କରିବା ଆଦି କୌଶଳ ବେଶ୍ ମନଛୁଆଁ ହୋଇଥିବାବେଳେ ଉପସ୍ଥିତ ଲୋକଙ୍କ ମନରେ ରୋମାଞ୍ଚ ଓ ସାହସ ଭରିଦେଇଥିଲା।

ଏନେଇ ରବିବାର ନୌସେନା ଆଇଏନ୍‌ଏସ୍ ଚିଲିକାର ମୁଖ୍ୟ ଦୀପକ ଅନିଲ କହିଛନ୍ତି, ୧୯୭୧ ମସିହାଠାରୁ ପ୍ରତ୍ୟେକ ବର୍ଷ ଡିସେମ୍ବର ୪କୁ ନୌସେନା ଦିବସ ଭାବେ ପାଳନ କରାଯାଇଆସୁଛି। ଆସନ୍ତା ୪ତାରିଖରେ ହେବାକୁ ଥିବା ନୌସେନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ସେହିପରି ଦେଶର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ନୌସେନାର ବରିଷ୍ଠ ଅଧିକାରୀମାନେ ଯୋଗଦାନ କରିବେ। ଏହା ସମସ୍ତଙ୍କ ନିମନ୍ତେ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାବାସୀ ନୌସେନା ବିଷୟରେ ଅଧିକ ଜାଣିପାରିବେ। ୧ ଓ ୨ ତାରିଖରେ ଫୁଲ୍‌ଡ୍ରେସ ରିହର୍ସାଲ କରାଯିବ। ୪ତାରିଖରେ ମୁଖ୍ୟ କାର୍ଯ୍ୟକ୍ରମ ହେବ। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ନୌସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସୂଚନା ଅନୁଯାୟୀ, ୪ତାରିଖ ଅପରାହ୍ନ ୩ଟା ୫୫ରେ ରାଷ୍ଟ୍ରପତି ପୁରୀ ରାଜଭବନରୁ ବାହାରି ଅପରାହ୍ନ ୪ଟାରେ ଉତ୍ସବସ୍ଥଳକୁ ଆସିବେ। ଅପରାହ୍ନ ୪ଟା ୧୦ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୫ଟା ୩୦ ପର୍ଯ୍ୟନ୍ତ ଚାଲିବ। ନୌସେନା ପକ୍ଷରୁ ୧୫ଟି ଯୁଦ୍ଧ ଜାହାଜ, ମାର୍କୋସ କମାଣ୍ଡ ଏବଂ ୪୦ଟି ଏୟାରକ୍ରାଫ୍ଟ ସହ ବିଏମ୍‌ପି ଯୁଦ୍ଧ ଟ୍ୟାଙ୍କ ୨୨ ପ୍ରକାରର ଯୁଦ୍ଧ କୌଶଳ ପ୍ରଦର୍ଶନ କରିବେ। ନୌସେନା ବ୍ୟାଣ୍ଡ ପରିବେଷଣ କରାଯିବ। କ୍ୟାଡେଟ୍‌ମାନେ ବିଭିନ୍ନ ଡ୍ରିଲ୍ ପ୍ରଦର୍ଶନ କରିବେ। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଉଛି। ପର୍ଯ୍ୟାପ୍ତ ପରିମାଣର ପୋଲିସ ନିୟୋଜିତ ରହିଛନ୍ତି। ଜନସାଧାରଣ ଯେପରି ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ଦେଖିପାରିବେ ସେଥିପାଇଁ ବେଳାଭୂମିର ବିଭିନ୍ନ ସ୍ଥାନରେ ଏଲ୍‌ଇଡି ଲଗାଯାଉଛି। ପରିସ୍ରାଗାର ଓ ଶୌଚାଳୟ ବ୍ୟବସ୍ଥା ହେବ। ଯେପରି କୌଣସି ଅଘଟଣ ନ ଘଟିବ, ସେଥିପାଇଁ ବେଳାଭୂମିରେ ୩୦୦ ଅତିରିକ୍ତ ଲାଇଫଗାର୍ଡ ନିୟୋଜିତ ରହିବେ। ସମୁଦ୍ରକୁ କେହି ନ ଯାନ୍ତୁ ଓ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ଦେଖନ୍ତୁ। ପେଣ୍ଠକଟା ବେଳାଭୂମି ଠାରୁ ଷ୍ଟର୍ଲିନ ମୁହାଣ ପର୍ଯ୍ୟନ୍ତ ଜନସାଧାରଣ ଠିଆହୋଇ କାର୍ଯ୍ୟକ୍ରମ ଦେଖି ପାରିବେ। କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।



## ସଂକ୍ଷେପରେ

### ଟାଟା ମ୍ୟାଜିକ୍‌କୁ ପିଟିଲା କାର୍, ୩ ଶିଶୁଙ୍କ ସହ ମହିଳା ଆହତ

ଗୋପ,୧।୧୨ (ଭାରତୀ ଭୂଷଣ ଉପାଧ୍ୟାୟ)

କୋଣାର୍କ-ଗୋପ ରାସ୍ତା କୁଶୁପୁର ନିକଟରେ ଗୋଟିଏ ପର୍ଯ୍ୟଟକଙ୍କ ଗାଡ଼ି ଧକ୍କାରେ ଜଣେ ପଥଚାରୀ ଗୁରୁତର ହୋଇଥିବା ବେଳେ ୩ ଶିଶୁଙ୍କ ସହ ମହିଳା ପର୍ଯ୍ୟଟକ ଆହତ ହୋଇଛନ୍ତି। ପୋଲିସ ୨ଟି ଗାଡ଼ିକୁ ଜବତ କରିଛି।

ପ୍ରକାଶ ଯେ, ରବିବାର ଦିଲ୍ଲୀର ଶରତଜିତ ସିଂଙ୍କ ପରିବାର ଇନୋଭା ଯୋଗେ କୋଣାର୍କ ବୁଲିବାକୁ ଯାଉଥିଲେ। ଭାରସାମ୍ୟ ହରାଇ କାର୍‌ଟି ଟାଟା ମ୍ୟାଜିକ୍‌କୁ ଧକ୍କା ଦେଇଥିଲା। ଫଳରେ ରାସ୍ତାକଡ଼ରେ ଥିବା କୁଶୁପୁର ବାଲିସାହି ଗ୍ରାମର ମହେଶ୍ୱର ଭୋଇ (୭୦)ଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବାବେଳେ ମୁଣ୍ଡରେ ଆଘାତ ଲାଗିଛି। ପର୍ଯ୍ୟଟକଙ୍କ ଗାଡ଼ିରେ ଥିବା କାଜଲ ସିଂ (୩୦) ଓ ୩ ଶିଶୁ ଆହତ ହୋଇ ଗୋପ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହି ଦୁର୍ଘଟଣା ପରେ ଗୋପ ପୋଲିସ ପହଞ୍ଚି ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

### ସିରିଜ ବାଇକ୍ ଧକ୍କାରେ ୬ ଆହତ

ନିମାପଡ଼ା,୧।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ବନମାଳୀପୁର କେନାଲ ବନ୍ଧ ରାସ୍ତାର ଡେଣୁଆଁବସ୍ତ ଗ୍ରାମ ଛକ ନିକଟରେ ଏକ ବାଇକ୍‌ର ସିରିଜ୍ ଦୁର୍ଘଟଣାରେ ୬ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଯେ, ବାଇକ୍‌ରେ ୨ଜଣ ଛେନୁଆଁ ଗ୍ରାମରୁ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ନିମାପଡ଼ାରୁ ଛେନୁଆଁ ଅଭିମୁଖେ ଯାଉଥିବା ଅନ୍ୟ ୨ ବାଇକ୍‌କୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ରେ ଯାଉଥବା ୪ଜଣ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବରପାଇ ପୋଲିସ ଦୁର୍ଘଟଣାସ୍ଥଳରେ ଓ ମେଡିକାଲ୍‌ରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ଦେଖି ସାଇକେଲରେ ଆସୁଥିବା ଓମ୍ ପ୍ରକାଶ ସ୍ୱାଇଁ ନାମକ ବାଳକ ଦୁର୍ଘଟଣାରେ ଚେତାଶୂନ୍ୟ ହୋଇପଡ଼ିଥିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ବେପରୁଆ ଭାବେ ବାଇକ୍ ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଇଛି।

# ଦଶରଥ, କୌଶଲ୍ୟାଙ୍କୁ ଶ୍ରାଦ୍ଧ ଦେଲେ ମହାପ୍ରଭୁ

ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଶନିବାରଠାରୁ ଶ୍ରୀମନ୍ଦିରରେ ଦେବଦୀପାବଳି ନୀତି ଆରମ୍ଭ ହୋଇଛି। ଏହା ୩ଦିନ ଚାଲିବ। ପ୍ରଥମ ଦିନ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଅଦିତି ଓ କଶ୍ୟପଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ଦୀପଦାନ ଓ ଶ୍ରାଦ୍ଧ ଦେଇଥିଲେ। ଦ୍ୱିତୀୟ ଦିନ ରବିବାର ମାର୍ଗଶିର ଅମାବାସ୍ୟା ତିଥି ଅବସରରେ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଦଶରଥ ଏବଂ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ ଓ ଶ୍ରାଦ୍ଧ ଦେଇଛନ୍ତି। ପୁଷ୍ପାଳକ ସେବାୟତମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧ ବେଶରେ ନାଗପୁରୀ ଶାଢ଼ି ଚାଦରରେ ଭୂଷିତ କରାଇଥିଲେ। ଏହି ବେଶରେ ଶ୍ରୀବିଗ୍ରହମାନେ ଧଳାବସ୍ତ୍ର ପରିଧାନ କରିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁ ୧୬ ହାତ, ପ୍ରଭୁ ଶ୍ରୀବଳଭଦ୍ର ୧୪ ହାତ ଓ ଦେବୀ ସୁଭଦ୍ରା ୧୨ ହାତ ଲମ୍ବ ବିଶିଷ୍ଟ ସୂତା ଶାଢି ବା ନାଗପୁରୀ ଶାଢି ପରିଧାନ କରିଥିଲେ। ଠାକୁରମାନେ ତଡ଼ଗୀ, ନଳୀଭୁଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡକାନି, ହରିଡ଼ାମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ସେହିପରି ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ହେବା ପରେ ରତ୍ନସିଂହାସନ ତଳେ ଭଣ୍ଡାର ମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରିଥିଲେ। ପାଳିଆ ମେକାପ ଘୃତ ପୂର୍ଣ୍ଣକରି ଚାଉଳ ଗଛରେ ସମୁଦାୟ ୨୮ଟି ବତି ବସାଇଥିଲେ। ତନ୍ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ୧୦, ଶ୍ରୀବଳଭଦ୍ରଙ୍କ ନିମନ୍ତେ ୯ ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ୯ଟି ଦୀପ ବସାଯାଇଥିଲା। ୩ଟି ସୁନାଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପକୁ ସଂସ୍କାର କରିଥିଲେ। ପରେ ୩ଜଣ ପୂଜାପଣ୍ଡା ମହାଦୀପଗୁଡ଼ିକୁ ଧରି ଜୟବିଜୟ ଦ୍ୱାର ଭିତର ପାଖକୁ ଆସିଥିଲେ। ସେଠାରେ ଆସ୍ଥାନ ପଢ଼ିଆରୀ କରିଥିବା ଚାଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରି ପାଣି ପକାଇଥିଲେ। ସେହି ମହାଦୀପ କଳସଗୁଡ଼ିକୁ ପାଳିଆ ଚୂନରାଙ୍କୁ ଦିଆଯାଇଥିଲା। ଚୂନରା ସେବକ ଶ୍ରୀମନ୍ଦିର ଅଁଳାବେଢ଼ା ଉପରେ ଦୀପଗୁଡ଼ିକୁ ଜାଳିଥିଲେ। ଏହି ଅବସରରେ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଦୀପ ପ୍ରଜ୍ୱଳନ କରାଯାଇଥିଲା।



ଦେବଦୀପାବଳି ଅବସରରେ ରବିବାର ଶ୍ରୀମନ୍ଦିର ଆଗରେ ଦୀପ ସଜାଯାଇଛି।

## ପରସ୍ପର ମଧ୍ୟରେ ଭାଇଚାରା ସହ ସଶକ୍ତ ହେଉଛି ବିଜେଡି

ଅସ୍ତରଙ୍ଗ,୧।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପରସ୍ପର ଭିତରେ ଭାଇଚାରା ବଜାୟ ରଖିବା ସହ ଖୁସିରେ ସମୟ ଅତିବାହିତ କରିବା ଉଦ୍ଦେଶ୍ୟରେ କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକର ସମସ୍ତ ବିଜେଡି କର୍ମୀମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ୧ନଂ. ଜୋନ୍ ଜିଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ (ବୁଟୁ) ପ୍ରମୁଖ ଯୋଗଦେଇଥିଲେ। ସମସ୍ତେ ମିଳିମିଶି ପରସ୍ପର ଭିତରେ ଭାଇଚାରା ବଜାୟ ରଖିବା, ଆଗାମୀ ଦିନରେ ବିଜେଡିକୁ ସଶକ୍ତ ଓ ସୁଦୃଢ଼ କରିବା ସେ ନେଇ ଆଲୋଚନା ହୋଇଥିଲା। ବିଜେଡି ସଂଗଠନକୁ ମଜଭୁତ କରିବା, ଦଳର ସମସ୍ତ କର୍ମୀ ଓ ନେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ଲୋକମାନଙ୍କ ନିକଟରେ ପହଞ୍ଚି ସମସ୍ୟା ବୁଝିବା ସମ୍ପର୍କରେ ଅତିଥି ମତପ୍ରକାଶ କରିଥିଲେ। ବୈଠକରେ ଶତାଧିକ ବିଜେଡି କର୍ମୀ ଯୋଗଦେଇ ବିଭିନ୍ନ ପଞ୍ଚାୟତର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

# ପ୍ରତିଟି ସଭ୍ୟାସଭ୍ୟ ଦଳର ମୂଲ୍ୟବାନ୍ ସମ୍ପତ୍ତି





ସତ୍ୟବାଦୀ ବିଜେଡିର ସଭ୍ୟସଂଗ୍ରହ ଅଭିଯାନରେ ଉପସ୍ଥିତ ନେତା ଓ କର୍ମୀମାନେ।

## ସତ୍ୟବାଦୀ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

ସାକ୍ଷୀଗୋପାଳ,୧।୧୨ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)

ବିଜେଡିର ଯୋଜନା ଅନ୍ୟ ଦଳଗୁଡ଼ିକ ପାଇଁ ଆଦର୍ଶ ହୋଇଛି। ପ୍ରତିଟି ସଭ୍ୟ ହେଉଛନ୍ତି ଦଳର ମୂଲ୍ୟବାନ ସମ୍ପତ୍ତି। ସଭ୍ୟ ସଂଗ୍ରହ ଅଭିଯାନ ମାଧ୍ୟମରେ ବିଜେଡି ସହ ଲୋକଙ୍କୁ ଯୋଡ଼ିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସଭ୍ୟ ସଂଗ୍ରହ ଅଭିଯାନର ସାଧାରଣ ସଭାରେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ମତ ଦେଇଛନ୍ତି। ସତ୍ୟବାଦୀ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବୀରଗୋବିନ୍ଦପୁର ନିକଟସ୍ଥ ଏକ ମଣ୍ଡପରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଆମ୍ବା ଅଧ୍ୟକ୍ଷ ମହମ୍ମଦ ଜିକିରୀୟା, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ମହୁରା ପଞ୍ଚାୟତ ସମିତିସଭ୍ୟ ପ୍ରେମାନନ୍ଦ ବେହେରା, ଯୁବ ସଭାପତି ଶରତ ରାଉତରାୟ, ମହିଳା ସଭାନେତ୍ରୀ ପୁଷ୍ପାଞ୍ଜଳି ବିଶ୍ୱାଳ, ଛାତ୍ର ସଭାପତି ଦିନେଶ ମହାପାତ୍ର, ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଓ ସଭ୍ୟାଙ୍କ ସହିତ ବିଜୁ ଜନତା ଦଳର ଆଗଧାଡ଼ିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନରେ ସଭ୍ୟ ସଂଗ୍ରହ ଚାଲିବ। ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ଜଣେ ସକ୍ରିୟ କର୍ମୀଙ୍କ ଜରିଆରେ ୨୪ ଜଣ ଲେଖାଏ ନୂତନ ସଭ୍ୟ ସଂଗ୍ରହ କରାଯାଇପାରିବ ବୋଲି ମିଡିଆ ସଂଯୋଜକ ତୁଷାର ନାୟକ ସୂଚନା ଦେଇଥିଲେ। ବିଜେଡି ରାଜ୍ୟ ସଭ୍ୟ ସଂଗ୍ରହ ଅଭିଯାନର ଆବାହକ ବିଜୟ ନାୟକ ବିଜେଡିକୁ ତୃଣମୂଳସ୍ତରରେ ଆଗେଇନେବା ପାଇଁ କହିଥିଲେ। ନରେନ୍ଦ୍ରପୁର ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ ମହାପାତ୍ର ଉପସ୍ଥିତ ଥିଲେ।

# ୧୦ରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିଶାଳ ସମାବେଶ

ସାକ୍ଷୀଗୋପାଳ,୧।୧୨ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀର ନଡ଼ିଆ ଫାର୍ମ ଚଣ୍ଡୀମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ପୁରୀ ଜିଲା ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପେନ୍‌ସନ ସହିତ ଚାକିରି ସର୍ତ୍ତାବଳୀ ଅନୁଯାୟୀ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନ୍ୟାଶ୍‌ନାଲ ଇନ୍‌କ୍ରିମେଣ୍ଟ ଓ ବରିଷ୍ଠତା ମାନ୍ୟତା ପ୍ରଦାନ କରିବା, ଗ୍ରେଡ୍ ପେ' ପାଉଥିବା ଶିକ୍ଷକ କର୍ମଚାରୀଙ୍କ ଦରମା ଅସଙ୍ଗତି ଦୂର, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମା ବୃଦ୍ଧି। ଚାକିରି ସୀମା ୬୦ରୁ ୬୨କୁ ବୃଦ୍ଧି ଆଦି ଅନେକ ପ୍ରମୁଖ ସମସ୍ୟା ଥିବା ଦାବି ସମୂହକୁ ଯଥାଶୀଘ୍ର ପୂରଣ କରିବା ନିମନ୍ତେ ଆଲୋଚନା କରାଯାଇଥିଲା।

ଦାବିପୂରଣ ନିମନ୍ତେ ବିଧିବଦ୍ଧ ଭାବେ ସଂଗଠନ ଆସନ୍ତା ୧୦ରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ରାଜ୍ୟର ବିଭିନ୍ନ ବର୍ଗର ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀଙ୍କ ଏକ ବିଶାଳ ସମାବେଶ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂଗଠନର ଆବାହକ ତଥା ଓଷ୍ଟା ସମ୍ପାଦକ ବିଭୁଦତ୍ତ ନାୟକ, ସଭାପତି ବିଜୟ କୁମାର ବରାଳ, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାସ, ଉପ ସଭାପତି ଲକ୍ଷ୍ମୀଧର ଉପାଧ୍ୟାୟ, ରାଜ୍ୟ ନେତୃତ୍ୱ ଶଙ୍କର ସୁବୁଦ୍ଧି, ଅଲ୍ ଓଷ୍ଟା ନେତା ଅକ୍ଷୟ କୁମାର ରାୟ ସିଂ, ସଂସ୍କୃତ ଟୋଲ ପକ୍ଷରୁ ହଟକିଶୋର ପାଇକରାୟ, ସଦାଶିବ ପ୍ରଧାନଙ୍କ ସମେତ ଅନ୍ୟ ନେତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲା ନେତୃତ୍ୱ ତପନ କୁମାର ଜେନା, ଯାମିନୀକାନ୍ତ ନାୟକ, ଲିଙ୍ଗରାଜ ସାହୁ ଓ ଅନ୍ୟମାନେ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଶିକ୍ଷକ ନେତା ଓ କର୍ମଚାରୀମାନେ।

# ସେମିଫାଇନାଲରେ କିଶୋର ସ୍ପୋର୍ଟିଂ

## ୪ର୍ଥ ଟୁକୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ

ନିମାପଡ଼ା,୧।୧୨ (ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)

ନିମାପଡ଼ାର ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବାରବାଟୀ କପ୍ ଓ ୪ର୍ଥ ଟୁକୁଲି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱରର କିଶୋର ସ୍ପୋର୍ଟିଂ ଏବଂ ନିମାପଡ଼ା କ୍ରିକେଟ ଏକାଡେମୀ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରର କିଶୋର ସ୍ପୋର୍ଟିଂ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି।

କିଶୋର ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଟୁକୁନା ସାହୁ ୭୨ ଓ ନରେନ୍ଦ୍ର ଦାଶଙ୍କ ୫୩ ସହାୟତାରେ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୫୬ ରନ ସଂଗ୍ରହ କରିଥିଲା। ନିମାପଡ଼ା କ୍ରିକେଟ ଏକାଡେମୀର ଜ୍ୟୋତିରଞ୍ଜନ ବିଶ୍ୱାଳ ୩ ଏବଂ ତନ୍ମୟ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ନିମାପଡ଼ା କ୍ରିକେଟ ଏକାଡେମୀ ମୟଙ୍କ ପଟ୍ଟନାୟକ ୭୩ ଓ ଆଲୋକ ଜେନା ୨୧ ରନ ସହାୟତାରେ ୨୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୬୬ ରନ କରିଥିଲା। ପ୍ରତିପକ୍ଷ ଦଳର ସିଦ୍ଧାନ୍ତ ଜେନା ଓ ଭବେଶ ଲେଙ୍କା ୪ଟି ଲେଖାଏ ଉଇକେଟ ନେଇଥିଲେ। କିଶୋର ସ୍ପୋର୍ଟିଂ ୯୦ ରନରେ ଜିତିଥିଲା। ଅତିଥି ଭାବେ ଅଷ୍ଟିନ ପ୍ଲାଏ ଉତ୍ତର ଓଡ଼ିଶା ମୁଖ୍ୟ ବିଜୟ ମିଶ୍ର ଯୋଗଦେଇ କିଶୋର ସ୍ପୋର୍ଟିଂର ଟୁକୁନା ସାହୁଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଅବସରପ୍ରାପ୍ତ ଅଧ୍ୟାପକ ବସନ୍ତ ମହାନ୍ତି, ମେଜର ଅମରେଶ ନନ୍ଦନ ସାହୁ, କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର ଏବଂ ପ୍ରଭାତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚକୁ ଅୟସକାନ୍ତ ମିଶ୍ର ଓ ସମ୍ବିତ ପଟ୍ଟନାୟକ ପରିଚାଳନା କରିଥିଲେ।





କିଶୋର ସ୍ପୋର୍ଟିଂର ଟୁକୁନା ସାହୁ ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ବରିଷ୍ଠ ନାଗରିକମାନେ ସାଇବର ଠକଙ୍କଠାରୁ ସତର୍କ ରୁହନ୍ତୁ

ବାଲିଅନ୍ତା,୧।୧୨(ନୀଳମାଧବ ସାହୁ)

ବାଲିଅନ୍ତା ବରିଷ୍ଠ ନାଗରିକ ସଂଘର ତୃତୀୟ ବାର୍ଷିକ ସାଧାରଣ ଅଧିବେଶନ ରବିବାର ସ୍ଥାନୀୟ ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧୀରେନ କୁମାର କର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ଯୋଗଦେଇ ସାଇବର ଠକଙ୍କଠାରୁ ସତର୍କ ରହିବାକୁ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକମାନେ ଏକୁଟିଆ ରହୁଥିବା ଦୃଷ୍ଟିରୁ ସାଇବର ଠକଙ୍କୁ ଆକୃଷ୍ଟ କରିଥାଏ। ଅଜଣା ବ୍ୟକ୍ତି ଓ ଅଜଣା ଫୋନ ନମ୍ବର ପ୍ରତି ସତର୍କତା ଅବଲମ୍ବନ କରିବାକୁ ସେ କହିଥିଲେ। ଅନ୍ୟତମ ଅତିଥି ରୂପେ ଯୁଗଳ କିଶୋର ସାହୁ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଗନ୍ଧର୍ବ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶରତ ସ୍ୱାଇଁ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ଏହି ବାର୍ଷିକ ସାଧାରଣ ଅଧିବେଶନରେ ଶତାଧିକ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ।

### ବନ ନିଗମ ଅବସରପ୍ରାପ୍ତ କଲ୍ୟାଣ ସମିତିର ବୈଠକ

**ବଂଶୀଧର ପରିଡ଼ା ସଭାପତି, ନଟବର ଆଚାର୍ଯ୍ୟ ସାଧାରଣ ସମ୍ପାଦକ**

ଭୁବନେଶ୍ୱର, ୧।୧୨(ବନ୍ଦନା ସେଠୀ)

ବନ ନିଗମ ଅବସରପ୍ରାପ୍ତ କଲ୍ୟାଣ ସମିତିର ଚତୁର୍ଥ ବାର୍ଷିକ ସାଧାରଣ ସଭା ରବିବାର ନାଗଭୂଷଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସନ୍ତା ୨ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ବଂଶୀଧର ପରିଡ଼ା, ସାଧାରଣ ସମ୍ପାଦକ ଭାବେ ନଟବର ଆଚାର୍ଯ୍ୟ ପ୍ରମୁଖଙ୍କୁ ଚୟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଇପିଏଫ ପେନ୍‌ସନ୍ ଉପଭୋକ୍ତା ସଂଘର ପ୍ରତିଷ୍ଠାତା ତଥା ଜାତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ଯୋଗଦେଇ ସଂଗଠନ ମଜଭୁତ୍ କରିବାକୁ ଆହ୍ୱାନ ଦେଇଥିଲେ। ସଭାପତି ପ୍ରଭାକର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଏଆଇସିସିଟିୟୁର ରାଜ୍ୟ ସଭାପତି ବଂଶୀଧର ପରିଡା ଯୋଗଦେଇ ଦେଶ ତଥା ରାଜ୍ୟର ଶ୍ରମିକ ମାରଣ ନୀତି, ଆର୍ଥିକ ଅବସ୍ଥା ଓ ସଂଗଠନ ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ନିଗମ କର୍ମଚାରୀ ମହାସଂଘ ଅଧ୍ୟକ୍ଷ ସରୋଜକାନ୍ତ ମଲ୍ଲିକ ସଂସ୍ଥାର ଦାବିପ୍ରତି ସମର୍ଥନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ନିଗମ ମହାସଂଘ ମହାସଚିବ ପ୍ରଭାତ ପରିଡା, ଉପଦେଷ୍ଟା ମୁକ୍ତିକାନ୍ତ ମହାପାତ୍ର, ଅନ୍ୟତମ ଉପଦେଷ୍ଟା ତଥା ଇପିଏଫ ପେନ୍‌ସନ୍ ଉପଭୋକ୍ତା ସଂଘର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ ଯୋଗଦେଇ ନିଜ ମତ ରଖିଥିଲେ। ନୀଳକଣ୍ଠ ସାହୁ ଧନ୍ୟବାଦ ଦେଇଥିଲେ।

# ଶାନ୍ତି ପାଇଁ ସମ୍ପତ୍ତି ନୁହେଁ, ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ

**କିମ୍ସରେ ହେଲ୍‌ଥ ନ୍ୟାଶ୍‌ନାଲ କନ୍‌କ୍ଲେଭ**

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)



କନ୍‌କ୍ଲେଭରେ କିଟ୍, କିସ୍ ଓ କିମ୍‌ସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ଉପସ୍ଥିତ ଅତିଥି।

ଭୁବନେଶ୍ୱରସ୍ଥିତ କିମ୍‌ସରେ ପ୍ରଥମଥର ପାଇଁ ହେଲ୍‌ଥ ନ୍ୟାଶନାଲ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। କିଟ୍, କିସ୍ ଓ କିମ୍‌ସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କନ୍‌କ୍ଲେଭରେ ଦେଶର ବିଭିନ୍ନ ଖ୍ୟାତିସମ୍ପନ୍ନ ଚିକିତ୍ସା ପ୍ରତିଷ୍ଠାନ ଓ ଅନ୍ୟ ଅନୁଷ୍ଠାନରୁ ହଜାରେରୁ ଅଧିକ ଡାକ୍ତର, ବିଶେଷଜ୍ଞ, ଚିକିତ୍ସାବିତ୍, ଜୈବପ୍ରଯୁକ୍ତି ବିଶେଷଜ୍ଞ, ଆଧ୍ୟାତ୍ମିକ ଗୁରୁ, ଡାକ୍ତରୀ ଶିକ୍ଷା କ୍ଷେତ୍ରର ବିଶେଷଜ୍ଞ, ସ୍ୱାସ୍ଥ୍ୟସେବା ପ୍ରଶାସକ ଓ ଉଦ୍ୟୋଗୀ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ତଥା ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ମୁଖ୍ୟ ପଦ୍ମଭୂଷଣ ପ୍ରଫେସର ଡି. ନାଗେଶ୍ୱର ରେଡ୍ଡୀ ଯୋଗଦେଇ କହିଲେ, ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟ ସେବାରେ ଆଧ୍ୟାତ୍ମିକତାର ସମ୍ପର୍କ ତଥା ସ୍ୱାସ୍ଥ୍ୟସେବା ଏବଂ ଔଷଧ ଉଦ୍ୟୋଗ ସମ୍ପର୍କିତ ଆଲୋଚନା ସ୍ୱାସ୍ଥ୍ୟ ସେବା କ୍ଷେତ୍ର ପାଇଁ ଉଲ୍ଲେଖନୀୟ ଯୋଗଦାନ ରଖିବ। ଡ. ସାମନ୍ତ କହିଲେ, ଆମ ପାଖରେ ଯେତେ ସମ୍ପତ୍ତି ଥାଉ ନା କାହିଁକି ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ଶାନ୍ତିରେ ରହିପାରିବା ନାହିଁ। ସ୍ୱାସ୍ଥ୍ୟ ସେବା ସହ ଆଧ୍ୟାତ୍ମିକତାର ମଧ୍ୟ ସଂଯୋଗ ରହିଛି। ଶାନ୍ତି ପାଇଁ ସମ୍ପତ୍ତି ନୁହେଁ, ବରଂ ସ୍ୱାସ୍ଥ୍ୟର ଗୁରୁତ୍ୱ ଅଧିକ। କିମ୍‌ସ ପକ୍ଷରୁ ଆସନ୍ତା ବର୍ଷକ ମଧ୍ୟରେ ରାଜ୍ୟର ୨୦ଟି ଜିଲାରେ ୧୦୦ ଶଯ୍ୟାବିଶିଷ୍ଟ କର୍ପୋରେଟ ଢଙ୍ଗରେ ହସ୍ପିଟାଲ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଓଡ଼ିଶାର ବହୁ ଗ୍ରାମାଞ୍ଚଳ ତଥା ଗରିବ ରୋଗୀ ଉପକୃତ ହୋଇପାରିବେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ହାଇଦ୍ରାବାଦସ୍ଥିତ ଡ. ମୋହନସ୍ ଡାଇବେଟିସ ସ୍ପେଶାଲିଟି କେନ୍ଦ୍ରର ଅଧ୍ୟକ୍ଷ ପଦ୍ମଶ୍ରୀ ଡା. ଭି. ମୋହନ କହିଲେ, ଦୟା ଓ ନୈତିକତା ବିନା ଜଣେ ସଫଳ ଉଦ୍ୟୋଗୀ ହୋଇପାରିବ ନାହିଁ। ତା'ର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଅଚ୍ୟୁତ ସାମନ୍ତ। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପଦ୍ମଶ୍ରୀ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଉପକୁଳପତି ପ୍ରଫେସର ସି.ବି.କେ. ମହାନ୍ତି, କିମ୍‌ସ ପ୍ରଫେସର ଏମେରିଟସ୍ ପଦ୍ମଶ୍ରୀ ଡା. ଯୋଗେଶ ଚାୱଲା, କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ଆର. ସି. ଦାସ ପ୍ରମୁଖ ଯୋଗଦେଇଥିଲେ।




ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ରବିବାର ଶିଖରଚଣ୍ଡୀ ପାହାଡ଼ ନିକଟରୁ କିଟ୍ ଷ୍ଟାଡିୟମ ଅଭିମୁଖେ ବାହାରିଥିବା ସଚେତନତା ୱାକାଥନ୍।

# ଦିବ୍ୟାଙ୍ଗଙ୍କ ମୌଳିକ ଆବଶ୍ୟକତାକୁ ସୁନିଶ୍ଚିତ କରାଯିବା ଆବଶ୍ୟକ

ଭୁବନେଶ୍ୱର, ୧।୧୨(ବନ୍ଦନା ସେଠୀ)

ଭିଉଜ୍ ଅନୁଷ୍ଠାନ ପକ୍ଷରୁ ରବିବାର ଉତ୍କଳ ଦୃଷ୍ଟିହୀନ ସଂଘଠାରେ ଓଡ଼ିଶା ଡିଜାବିଲିଟି କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପସଚିବ ସନ୍ନ୍ୟାସୀ ବେହେରା ଉଦ୍‌ଘାଟନ କରି କହିଲେ, ୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ୧୧ଲକ୍ଷ ୪୪ହଜାର ୯୦୨ଜଣ ଦିବ୍ୟାଙ୍ଗ ଥିଲେ। ତେବେ ଆଗାମୀ ଜନଗଣନାରେ ଏହି ସଂଖ୍ୟା ବଢ଼ିପାରେ। ସରକାର ଦିବ୍ୟାଙ୍ଗଙ୍କ ପାଇଁ ଖାଦ୍ୟ, ପୋଷାକ ଓ ବାସଗୃହ ଭଳି ମୌଳିକ ଆବଶ୍ୟକତାକୁ ସୁନିଶ୍ଚିତ କରିବା ନିହାତି ଆବଶ୍ୟକ। ଏଥିସହ ନିକଟରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରା ନ ଗଲେ, ଦିବ୍ୟାଙ୍ଗଙ୍କୁ ସଶକ୍ତ କରାଯାଇ ପାରିବ ନାହିଁ ବୋଲି ସେ ମତ ଦେଇଥିଲେ। ପୂର୍ବତନ ରାଜ୍ୟ ଭିନ୍ନକ୍ଷମ କମିଶନର କସ୍ତୁରୀ ମହାପାତ୍ର ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ସହ ସେମାନଙ୍କୁ ଭଲପାଇବା, ସ୍ନେହ ଓ ସମ୍ମାନ ଦେବାକୁ ନିବେଦନ କରିଥିଲେ। ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ସୁଶାନ୍ତ ପଣ୍ଡା ଦିବ୍ୟାଙ୍ଗଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଦିବ୍ୟାଙ୍ଗଙ୍କ ସମସ୍ୟାର ସମାଧାନ ପାଇଁ ଗ୍ରାମ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ସଚେତନତା ଅଭିଯାନ ଚଳାଇବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ସାମାଜିକ କର୍ମୀ ଘାସିରାମ ପଣ୍ଡା, ଅଜିମ ପ୍ରେମ୍‌ଜୀ ଫାଉଣ୍ଡେଶନର ରାଜୀବ କୁମାର ରାଉଳ ଓଏବିର ଅଧ୍ୟକ୍ଷ ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭିଉଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍. ଭୀମା ରାଓ ସ୍ୱାଗତ ଅଭିଭାଷଣ ଦେଇଥିଲେ।

# ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବିଶ୍ୱବ୍ୟାପୀ ଇସ୍କନର ପ୍ରାର୍ଥନା



ଭୁବନେଶ୍ୱର,୧।୧୨(ସୌମ୍ୟରଞ୍ଜନ ରାଉତ)

ବାଂଲାଦେଶରେ ମୌଳବାଦୀଙ୍କ ଦ୍ୱାରା ଇସ୍କନର ଭକ୍ତବୃନ୍ଦ ଓ ହିନ୍ଦୁମାନେ କଠୋର ଅତ୍ୟାଚାରର ଶିକାର ହେଉଛନ୍ତି। ଏହାକୁ ନେଇ ଇସ୍କନ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯିବା ସହ ସେମାନଙ୍କ ପାଇଁ ବିଶ୍ୱବ୍ୟାପୀ ପ୍ରାର୍ଥନା କରାଯାଇଛି। ଏନେଇ ରବିବାର ଇସ୍କନ ମନ୍ଦିର ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା ଗୁରୁ ପ୍ରସାଦ ସ୍ୱାମୀ ମହାରାଜ କହିଲେ, ବାଂଲାଦେଶରେ ଇସ୍କନର ଭକ୍ତବୃନ୍ଦ ଓ ହିନ୍ଦୁମାନେ ଅତ୍ୟାଚାରର ଶିକାର ହେଉଛନ୍ତି। ମନ୍ଦିରଗୁଡ଼ିକ ଧ୍ୱସ୍ତ ବିଧ୍ୱସ୍ତ ହେଉଛି। ଏ ଦିଗରେ ପ୍ରତିବାଦ କରୁଥିବା ଧାର୍ମିକ ନେତାମାନଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯାଉଛି। କିଭଳି ଭାବରେ ସମାଧାନର ବାଟ ଫିଟିବ, ସେଥିଲାଗି ଇସ୍କନର ଗଭର୍ନିଂ ବଡି କମିଶନର ନିର୍ଦ୍ଦେଶ ମୁତାବକ ସେଠାକାର ଭକ୍ତସମୂହ ଓ ହିନ୍ଦୁଙ୍କ ପାଇଁ ସମଗ୍ର ବିଶ୍ୱରେ ଇସ୍କନ ମନ୍ଦିରରେ ପ୍ରାର୍ଥନା ସଭା ସଂଗଠିତ କରାଯାଉଛି ବୋଲି ସେ କହିଛନ୍ତି।

**ଚାମ୍ପିୟନ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ**

### ଭେଟେରାନ ଲାୟନ୍ସ ଚାମ୍ପିୟନ

ବାଲିଅନ୍ତା ୧।୧୨ (ନୀଳମାଧବ ସାହୁ)

ନହରକଣ୍ଟାସ୍ଥିତ ଦୁର୍ଗାପୂଜା ପଡ଼ିଆରେ ଚାଲିଥିବା ଚାମ୍ପିୟନ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ଭେଟେରାନ ଲାୟନ୍ସ ଏଥିରେ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଜେବିସିସି ୱାରିୟର ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଭେଟେରାନ ଲାୟନ୍ସ ୮ ଓଭରରେ ୩ ଉଇକେଟ୍ ହରାଇ ୧୦୮ ରନ୍ କରି ବିଜୟୀ ହୋଇଥିଲା। ଅଲ୍‌ରାଉଣ୍ଡର ପ୍ରଦର୍ଶନ କରିଥିବା ଭବାନୀ ଶଙ୍କର ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ରୂପେ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ସୁରେନ୍ଦ୍ର ଖୁଣ୍ଟିଆ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ବିଶ୍ୱଜିତ୍ ଓ ବିଷ୍ଣୁପ୍ରସାଦ ପରିଚାଳନା କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସ୍ୱାବଲମ୍ବୀ କରାଯିବା ଆବଶ୍ୟକ



କିଟ୍ ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟକ୍ରମରେ ଅତିଥିମାନେ।

- ୱାକାଥନ୍‌ରେ ସଚେତନତାର ବାର୍ତ୍ତା
- ପାରାକ୍ରୀଡ଼ା ପ୍ରତିଯୋଗିତା ଓ ଦିବ୍ୟାଙ୍ଗଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀ

ଭୁବନେଶ୍ୱର, ୧।୧୨(ବନ୍ଦନା ସେଠୀ)

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୩ଦିନ ଧରି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କରାଯାଉଛି। ଏହି ଅବସରରେ ରବିବାର କିଟ୍ ଇନ୍‌ଡୋର ଷ୍ଟାଡିୟମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆଣ୍ଡ୍ରି ବରେଲି ଦିବ୍ୟାଙ୍ଗ ହୋଇ ମଧ୍ୟ ସବୁ ଭାଷାରେ ଗୀତ ଗାଇଛନ୍ତି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ କେବଳ ଶିକ୍ଷା ଦେଇ ଛାଡି ଦେଲେ ହେବ ନାହିଁ, ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କ ପାଇଁ ନିଯୁକ୍ତି ଦେବା ମଧ୍ୟ ଆବଶ୍ୟକ। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ, କୌଣସି କାର୍ଯ୍ୟ ଛୋଟ ନୁହେଁ, ସବୁକାର୍ଯ୍ୟ ଛୋଟରୁ ହିଁ ବଡ ହୋଇଥାଏ। ତେଣୁ ଛୋଟଛୋଟ ପଦକ୍ଷେପ ନେଇ ଦିବ୍ୟାଙ୍ଗଙ୍କ ପାଇଁ ବହୁତ କିଛି କରାଯାଇପାରିବ। ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସକାଳେ ୱାକାଥନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଶିଖରଚଣ୍ଡିଠାରୁ ଆରମ୍ଭ ହୋଇ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଶେଷ ହୋଇଥିଲା। ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ପାରାକ୍ରୀଡ଼ା ପ୍ରତିଯୋଗିତା ଏବଂ ଦିବ୍ୟାଙ୍ଗଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ କାର୍ଯ୍ୟକ୍ରମକୁ ବିଭାଗର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କାମଧେନୁ ଖଦି ଉଲ୍ ପାନିପଥ ହରିୟାଣା ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ହ୍ୟାଣ୍ଡ୍‌ଲୁମ୍ ଆଣ୍ଡ୍ ହାଣ୍ଡିକ୍ରାଫ୍ଟ ମେଳା ପରିସରରେ ଥିବା ବୟନିକା ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼।

# ୧୦ ଜଣଙ୍କୁ 'ପେନ୍ ଇନ୍ ବୁକ୍ସ ଯୁବ ଲେଖକ ସମ୍ମାନ'

ଭୁବନେଶ୍ୱର,୧।୧୨(ସୌମ୍ୟରଞ୍ଜନ ରାଉତ)

**ନିଜ ସୃଜନର ଦୁର୍ବଳତା ଖୋଜିବା ଜଣେ ସୁଲେଖକର ଲକ୍ଷଣ**

ପେନ୍ ଇନ୍ ବୁକ୍ସ ପ୍ରକାଶନୀ ସଂସ୍ଥା ପକ୍ଷରୁ ୮ମ ଯୁବ ଲେଖକ ସମ୍ମାନ ପ୍ରଦାନ ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷ ପାଇଁ ୧୦ ଜଣ ଯୁବଲେଖକଙ୍କୁ ସେମାନଙ୍କ ପାଣ୍ଡୁଲିପି ନିମନ୍ତେ 'ପେନ୍ ଇନ୍ ବୁକ୍ସ ଯୁବ ଲେଖକ ସମ୍ମାନ' ପ୍ରଦାନ କରାଯାଇଛି। କବିତା ପାଣ୍ଡୁଲିପି ବର୍ଗରେ 'ମତେ ଖୋଜୁଛ କି ଈଶ୍ୱର' ପାଇଁ ଜିନାତମାମ୍ ଦର୍ଜୀ, 'ଦେଶ ଓ ଦେହ' ପାଇଁ କହ୍ନେଇ ସାହୁ, 'ଭାବନା କୁହୁକ' ପାଇଁ ବୈଜୟନ୍ତୀ କର, 'ସାବାଳିକା' ପାଇଁ ବିଶ୍ୱ ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଗଳ୍ପ ପାଣ୍ଡୁଲିପି ବର୍ଗରେ 'କାଗଜ ବାଘ' ପାଇଁ ରଶ୍ମିତା ବେହେରା, 'ଏକ୍ସ ବୟଫ୍ରେଣ୍ଡ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ଅନୀତା ଦାସ, 'ଇନ୍ଦ୍ରଧନୁ' ପାଇଁ ସତ୍ୟରଞ୍ଜନ ସାହୁ, 'ଦର୍ପଣ' ପାଇଁ ରୋଜାଲିନ ମୁଦୁଲି, 'ଈଶ୍ୱରଙ୍କ ଭାଷା ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ଅମିତ କୁମାର ସାହୁ ଏବଂ ଇଂଲିଶ ଗଳ୍ପ ପାଣ୍ଡୁଲିପି ବର୍ଗରେ 'ହ୍ୱିସ୍ପର୍ସ ଥ୍ରୋ ଦ ହ୍ୱାଇଟ୍ କୋର୍ଟ' ପାଇଁ ଶାଶ୍ୱତ ଅଭିଜ୍ଞାନମ୍ ଏହି ସମ୍ମାନ ଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ଯୋଗଦେଇ କଥାଶିଳ୍ପୀ ତରୁଣକାନ୍ତି ମିଶ୍ର କହିଲେ, ନିଜ ସୃଜନର ଦୁର୍ବଳତା ଖୋଜିବା ଜଣେ ସୁଲେଖକର ଲକ୍ଷଣ। ଗୋଟିଏ ଭଲ ଗଳ୍ପ ବା ଭଲ କବିତା ଲେଖାହେବା ଆଗରୁ ଅନେକ ଦୁର୍ବଳ ଲେଖାକୁ ଜଳାଞ୍ଜଳି ଦେବାକୁ ହୋଇଥାଏ। ଯିଏ ନିଜ ଲେଖାକୁ ପ୍ରତ୍ୟାଖ୍ୟାନ କରିବା ଶିଖିଯିବ ସେ ନିଶ୍ଚୟ ଉଚ୍ଚକୋଟୀର ସାହିତ୍ୟ ସର୍ଜନା କରିପାରିବ ବୋଲି ମିଶ୍ର କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପେନ ଇନ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା କହିଲେ, ୨୦୧୭ ମସିହାଠାରୁ ୪୦ ବର୍ଷ ବା ଏହାଠାରୁ କମ୍ ବୟସର ଯୁବ ଲେଖକଙ୍କୁ ଏହି ସମ୍ମାନ ଦିଆଯାଉଛି। କବି ପବିତ୍ର ମୋହନ କର ମଞ୍ଚ ପରିଚାଳନା କରିଥିଲେ।



ଅତିଥିଙ୍କ ସହ 'ପେନ୍ ଇନ୍ ବୁକ୍ସ ଯୁବ ଲେଖକ ସମ୍ମାନ' ପାଇଥିବା ବ୍ୟକ୍ତିତ୍ୱମାନେ।

# ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ରେ 'ଅନ୍‌ୱାଇଣ୍ଡ'

ଭୁବନେଶ୍ୱର,୧।୧୨(ସୁଚିସ୍ମିତା ସାହୁ)



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସ୍କୁଲ୍‌ର ଚେୟାର ପର୍ସନ ଡ. ଶିଳ୍ପୀ ସାହୁ ଓ ଅନ୍ୟମାନେ।

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅନ୍‌ୱାଇଣ୍ଡ-୨୦୨୪ର ଷୋଳତମ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କହିଲେ, ଅନ୍‌ୱାଇଣ୍ଡର ଏକ ଅଂଶ ହୋଇଥିବାରୁ ମୁଁ ବହୁ ଆନନ୍ଦିତ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଅଳ୍ପ ବୟସରୁ ନେତୃତ୍ୱ, ଦକ୍ଷତା, ସୃଜନଶୀଳତା ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ନିଜକୁ ପ୍ରତିପାଦନ କରାଇବା ସଫଳ ହୋଇଛି। ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି, ଉତ୍ତମ ଚରିତ୍ର ଗଠନ, ସତ୍ୟବାଦିତା, ନମ୍ରତା, ସାଧୁତା, ସମୟାନୁବର୍ତ୍ତିତା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀସାହୁକହିଲେ, ଛାତ୍ରୀଛାତ୍ରଏପରିବୃହତ କାର୍ଯ୍ୟକ୍ରମ ଆୟୋଜନ ଓ ସୂଚାରୁରୂପେ ସମ୍ପାଦନ କରିବାର କୌଶଳ ଶିକ୍ଷା ଗ୍ରହଣ କରୁଛନ୍ତି। ଦୁଇମାସରୁ ଊର୍ଦ୍ଧ୍ୱ ଧରି ସେମାନଙ୍କୁ ବିଭିନ୍ନ କମିଟି ଗଠନ ସହ ଏହାକୁ କେମିତି ସୂଚାରୁରୂପେ ପାଳନ କରାଯାଇପରିବ ତାହା ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ତାଙ୍କ ଉଚ୍ଚଶିକ୍ଷାକ୍ଷେତ୍ରରେ ସହାୟକ ହେବ ବୋଲି ସେ କହିଥିଲେ। ଅନ୍‌ୱାଇଣ୍ଡରୁ ମିଳୁଥିବା ଅର୍ଥର କିଛି ଅଂଶକୁ ସମାଜ ମଙ୍ଗଳ ଏବଂ ଗରିବ ପିଲାଙ୍କ ସହାୟତା ପାଇଁ ଖର୍ଚ୍ଚ କରାଯିବ। ଭୁବନେଶ୍ୱରସ୍ଥିତ ପ୍ରତିଭା ଆଶ୍ରମର ଅନାଥ ଛାତ୍ରୀଛାତ୍ରଙ୍କୁ ଏହି ଉତ୍ସବରେ ସାମିଲ୍ କରାଯାଇ ସେମାନଙ୍କ କଳା ପ୍ରତିଭାକୁ ପ୍ରଦର୍ଶିତ କରିବାର ସୁଯୋଗ ଦିଆଯାଇଥିଲା। ପ୍ରଦର୍ଶିତ ୧୧୦ଟି ଷ୍ଟଲ୍‌ରେ ମିଶନ୍ ଶକ୍ତି, ଫୁଡ୍, ଫାଷ୍ଟଫୁଡ୍, ଗେମ୍, ଆଡ୍‌ଭେଞ୍ଚର୍, ହରର୍, ବୋଟିଂ, ବଙ୍ଗି ଜମ୍ପିଂ ସହ ଛୋଟ ପିଲାଙ୍କ ପାଇଁ ବିଭିନ୍ନ ଖେଳ ଅନ୍ତର୍ଭୁକ୍ତ ଥିଲା। ଚଳିତ ବର୍ଷର ମାସ୍କଟ 'ଜ୍ୟାକ୍ ସ୍ପାରୋ' ଦ୍ୱାରା ଅନୁପ୍ରାଣିତ ଜୀବନ୍ତ ଥିମ୍ ଏହି କାର୍ଯ୍ୟକ୍ରମକୁ ଉତ୍ସାହ ଯୋଗାଇଥିଲା। ଏହି ଅବସରରେ ଦ୍ୱାଦଶ ଶ୍ରେଣୀ ସିବିଏସ୍‌ଇ ବୋର୍ଡର ରାଜ୍ୟ ଟପ୍ପର ଶାଶ୍ୱତ ପାଣିଗ୍ରାହୀଙ୍କୁ 'ହୋଲିଷ୍ଟିକ୍ ପ୍ୟାରେଣ୍ଟିଂ ଆୱାର୍ଡ' ପ୍ରଦାନ କରାଯାଇଥିଲା। ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଓ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ ଅଗ୍ନିହୋତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କଳା ଓ ବାଣିଜ୍ୟର ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ୩୦ ହଜାରରୁ ଅଧିକ ଅଭିଭାବକଙ୍କ ସମାଗମ ହୋଇଥିଲା।

# ନୌସେନାର ଚିତ୍ତାକର୍ଷକ ଫୁଲ୍‌ଡ୍ରେସ୍ ରିହର୍ସାଲ





**ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)**

ଭାରତୀୟ ନୌସେନା ପକ୍ଷରୁ ଚଳିତ ମାସ ୪ ତାରିଖରେ ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ପ୍ରଥମ ଥର ପାଇଁ ନୌସେନା ଦିବସ ପାଳନ ହେବାକୁ ଯାଉଛି। ଏହି ଉପଲକ୍ଷେ ରବିବାର ବ୍ଲୁ ଫ୍ଲାଗ ବିଚ୍‌ରେ ନୌସେନା ପକ୍ଷରୁ ଚିତ୍ତାକର୍ଷକ ଫୁଲ୍‌ଡ୍ରେସ୍ ରିହର୍ସାଲ କରାଯାଇଛି। ପୁରୀ ଆକାଶରେ ଭାରତୀୟ ସେନାର ଯବାନମାନେ ଅନେକ ଲଢୁଆ ହେଲିକପ୍ଟର, ମିଗ୍ ଓ ଯୁଦ୍ଧ ବିମାନ ସମେତ ସମୁଦ୍ରରେ ଯୁଦ୍ଧ ଜାହାଜ ମାଧମରେ ଚିତ୍ତାକର୍ଷକ ରଣକୌଶଳ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ପାରାଚୁଟ୍‌ରେ ଆକାଶରୁ ଖସିବା, ସମୁଦ୍ର ପଥରେ ଆତଙ୍କବାଦୀଙ୍କୁ କାବୁ କରିବା ଓ ମିଗ୍ ବିମାନଗୁଡ଼ିକ ଚକ୍କର କାଟି ଶତ୍ରୁପକ୍ଷଙ୍କୁ ମୁକାବିଲା କରିବା ଆଦି କୌଶଳ ବେଶ୍ ମନଛୁଆଁ ହୋଇଥିବାବେଳେ ଉପସ୍ଥିତ ଲୋକଙ୍କ ମନରେ ରୋମାଞ୍ଚ ଓ ସାହସ ଭରିଦେଇଥିଲା।

ଏନେଇ ରବିବାର ନୌସେନା ଆଇଏନ୍ଏସ୍ ଚିଲିକାର ମୁଖ୍ୟ ଦୀପକ ଅନିଲ କହିଛନ୍ତି, ୧୯୭୧ ମସିହାଠାରୁ ପ୍ରତ୍ୟେକ ବର୍ଷ ଡିସେମ୍ବର ୪କୁ ନୌସେନା ଦିବସ ଭାବେ ପାଳନ କରାଯାଇଆସୁଛି। ଆସନ୍ତା ୪ତାରିଖରେ ହେବାକୁ ଥିବା ନୌସେନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ସେହିପରି ଦେଶର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ

- **୪ ତାରିଖରେ ହେବ ମୁଖ୍ୟ କାର୍ଯ୍ୟକ୍ରମ**
- **ଯୁଦ୍ଧ କୌଶଳ ପ୍ରଦର୍ଶନ କରିବେ ୧୫ ଜାହାଜ, ୪୦ ଏୟାରକ୍ରାଫ୍ଟ ସହ ଅନେକ ଟ୍ୟାଙ୍କ**

ନୌସେନାର ବରିଷ୍ଠ ଅଧିକାରୀମାନେ ଯୋଗଦାନ କରିବେ। ଏହା ସମସ୍ତଙ୍କ ନିମନ୍ତେ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାବାସୀ ନୌସେନା ବିଷୟରେ ଅଧିକ ଜାଣିପାରିବେ। ୧ ଓ ୨ ତାରିଖରେ ଫୁଲ୍‌ଡ୍ରେସ ରିହର୍ସାଲ କରାଯିବ। ୪ତାରିଖରେ ମୁଖ୍ୟ କାର୍ଯ୍ୟକ୍ରମ ହେବ। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ନୌସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସୂଚନା ଅନୁଯାୟୀ, ୪ତାରିଖ ଅପରାହ୍ନ ୩ଟା ୫୫ରେ ରାଷ୍ଟ୍ରପତି ପୁରୀ ରାଜଭବନରୁ ବାହାରି ଅପରାହ୍ନ ୪ଟାରେ ଉତ୍ସବସ୍ଥଳକୁ ଆସିବେ। ଅପରାହ୍ନ ୪ଟା ୧୦ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୫ଟା ୩୦ ପର୍ଯ୍ୟନ୍ତ ଚାଲିବ। ନୌସେନା ପକ୍ଷରୁ ୧୫ଟି ଯୁଦ୍ଧ ଜାହାଜ, ମାର୍କୋସ କମାଣ୍ଡ ଏବଂ ୪୦ଟି ଏୟାରକ୍ରାଫ୍ଟ ସହ ବିଏମ୍‌ପି ଯୁଦ୍ଧ ଟ୍ୟାଙ୍କ ୨୨ ପ୍ରକାରର ଯୁଦ୍ଧ କୌଶଳ ପ୍ରଦର୍ଶନ କରିବେ। ନୌସେନା ବ୍ୟାଣ୍ଡ ପରିବେଷଣ କରାଯିବ। କ୍ୟାଡେଟ୍‌ମାନେ ବିଭିନ୍ନ ଡ୍ରିଲ୍ ପ୍ରଦର୍ଶନ କରିବେ। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଉଛି। ପର୍ଯ୍ୟାପ୍ତ ପରିମାଣର ପୋଲିସ ନିୟୋଜିତ ରହିଛନ୍ତି। ଜନସାଧାରଣ ଯେପରି ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ଦେଖିପାରିବେ ସେଥିପାଇଁ ବେଳାଭୂମିର ବିଭିନ୍ନ ସ୍ଥାନରେ ଏଲ୍ଇଡି ଲଗାଯାଉଛି। ପରିସ୍ରାଗାର ଓ ଶୌଚାଳୟ ବ୍ୟବସ୍ଥା ହେବ। ଯେପରି କୌଣସି ଅଘଟଣ ନ ଘଟିବ, ସେଥିପାଇଁ ବେଳାଭୂମିରେ ୩୦୦ ଅତିରିକ୍ତ ଲାଇଫଗାର୍ଡ ନିୟୋଜିତ ରହିବେ। ସମୁଦ୍ରକୁ କେହି ନ ଯାନ୍ତୁ ଓ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ଦେଖନ୍ତୁ। ପେଣ୍ଠକଟା ବେଳାଭୂମି ଠାରୁ ଷ୍ଟର୍ଲିନ ମୁହାଣ ପର୍ଯ୍ୟନ୍ତ ଜନସାଧାରଣ ଠିଆହୋଇ କାର୍ଯ୍ୟକ୍ରମ ଦେଖି ପାରିବେ। କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

## ଲୋକଙ୍କୁ ଏଡ୍‌ସ ସଚେତନ କଲେ ଛାତ୍ରୀଛାତ୍ର

**ଖୋର୍ଦ୍ଧା,୧।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଏଡ୍‌ସ ଦିବସ ରବିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ନର୍ସିଂ କଲେଜ ଏବଂ ମଳିପଡ଼ା କଲେଜର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। କାର୍ଯ୍ୟାଳୟ ପରିସରରୁ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରାଇଥିଲେ। ପରେ ସମ୍ମିଳନୀ କକ୍ଷରେ ଏଡିଏମ୍ଓ (ପରିବାର କଲ୍ୟାଣ) ଡା. ବିଶ୍ୱନାଥ ପାଢ଼ୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ଚଳିତ ବର୍ଷର ବିଷୟବସ୍ତୁ 'ଅଧିକାରର ସଠିକ୍ ମାର୍ଗ ଅନୁସରଣ କରିବା' ଉପରେ ଆଲୋଚନା କରାଯାଇଥିଲା। ପି.ଏନ୍. କଲେଜ ଅଧ୍ୟାପକ ସୁବୋଧ ଜଗଦ୍ଦେବ, କବି ପ୍ରସନ୍ନ ପାଇଶାଣୀ, ମହାବିଦ୍ୟାଳୟ ଅଧ୍ୟାପକ ଜୟ ସିଂ, ନର୍ସିଂସ୍କୁଲର ସ୍ୱର୍ଣ୍ଣପ୍ରଭା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଡ୍‌ସ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତିତ୍ୱ ଭାଷଣରେ ଡା. ପାଢ଼ୀ ଏଡ୍‌ସର ଲକ୍ଷଣ, ନିରାକରଣ ଓ ପ୍ରତିକାର ସମ୍ପର୍କରେ କହିଥିଲେ। ଏ ଦିଗରେ ଅଧିକ ସଚେତନତା ଜରୁରୀ ଏବଂ ଏ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ପ୍ରକଳ୍ପ ପରିଚାଳକ ବିଧାନ ଚନ୍ଦ୍ର ନାୟକ ସାମାଜିକ ଗଣମାଧ୍ୟମ (ଫେସ୍‌ବୁକ, ୟୁଟ୍ୟୁବ, ଇନଷ୍ଟାଗ୍ରାମ)ରେ ବିଭାଗ ପକ୍ଷରୁ ଆସୁଥିବା ସଚେତନତା ବାର୍ତ୍ତାର ପ୍ରଚାର ପ୍ରସାର ସହ ଟୋଲ୍ ଫ୍ରି ନମ୍ବର ୧୦୯୭ରେ ଯୋଗାଯୋଗ କରି ଏଡ୍‌ସ ସମ୍ପର୍କରେ ଅଧିକ ତଥ୍ୟ ଜାଣିପାରିବେ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷ କର୍ମଚାରୀ କିଶୋର କୁମାର କାନୁନ୍‌ଗୋ, ଅଶୋକ କୁମାର ଦାସ, ଜୟନ୍ତୀବାଳା ସାମନ୍ତରାୟ, ବିମଳ ଚନ୍ଦ୍ର ମାନସିଂ, ଡିଆର୍‌ପି ଏବଂ ଆଇସିଟିସିର ପରାମର୍ଶଦାତା ମାନେ ସହଯୋଗ କରିଥିଲେ।

## ଏଡ୍‌ସ ସଚେତନତା ଶୋଭାଯାତ୍ରା




**ବାଣପୁର,୧।୧୨(ଦିଲୀପ କୁମାର ସ୍ୱାଇଁ)**

ଗୋଦାବରୀଶ ମହାବିଦ୍ୟାଳୟର ରୋଭର୍ସ ଓ ରେଞ୍ଜର୍ସ ପକ୍ଷରୁ ରବିବାର ଏଡ୍‌ସ ସଚେତନତା ନେଇ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ସକାଳ ୮ଟାରେ ମହାବିଦ୍ୟାଳୟ ଫାଟକଠାରୁ ଏହା ଆରମ୍ଭ ହୋଇ କୋଶରଡା ଗ୍ରାମରେ ପହଞ୍ଚିଥିଲା। ସେଠାରେ ରୋଭର୍ସ ଓ ରେଞ୍ଜର୍ସ ବସ୍ତ୍ର ବଣ୍ଟନ କରି ପୂର୍ବାହ୍ନ ୧୧ଟାରେ ଫେରିଥିଲେ। ସୂଚନାଯୋଗ୍ୟ, ମହାବିଦ୍ୟାଳୟର ରୋଭର ଓ ରେଞ୍ଜରମାନେ ପ୍ରାୟ ୧ ମାସ ଧରି ପୁରୁଣା ବସ୍ତ୍ର ସଂଗ୍ରହକରି ମହାବିଦ୍ୟାଳୟରେ ଏକ ବସ୍ତ୍ରବ୍ୟାଙ୍କ କରି ସେସବୁ ସାଇତି ରଖିଥିଲେ। ଅଧ୍ୟକ୍ଷ ବିନାୟକ ହୋତା, ରୋଭର ଲିଡର ଆଦିତ୍ୟ ସାରଥି ବେଦମୁଣ୍ଡା, ରେଞ୍ଜର ଲିଡର ସୁଶ୍ରୀ ଉତ୍କଳିକା ପାଢ଼ୀ ଓ ସମାଜସେବୀ ବୈରାଗୀ ଚରଣ ବଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ପୁରାତନ ରୋଭର ମିଥୁନ ତରାଇ, ସୁନୀଲ୍ କୁମାର ସ୍ୱାଇଁ, ସୌମ୍ୟରଞ୍ଜନ ହରିଚନ୍ଦନ, ତୋଫାନ ବେହେରା, ଓମ୍‌ପ୍ରକାଶ ମହଲା, ରୋଭର ଲିଡର ତୁଷାରକାନ୍ତ ମଲ୍ଲିକ ଓ ଚିନ୍ମୟୀ ମିଶ୍ର, ୪୦ ରୋଭର୍ସ ଓ ରେଞ୍ଜର୍ସ, ଗ୍ରାମର ଶତାଧିକ ଲୋକ ଯୋଗଦେଇଥିଲେ। ପିଲାମାନଙ୍କ ପାଇଁ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଖାଦ୍ୟର ଆୟୋଜନ ହୋଇଥିଲା।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ବେଗୁନିଆ/ ବୋଲଗଡ଼, ୧।୧୨ (ସନ୍ଧ୍ୟାରାଣୀ ମିଶ୍ର/ ଦେବ୍ରବ୍ରତ ହୋତା)**

ସାପ କାମୁଡି ଦେବାରେ ବେଗୁନିଆ ଥାନା ଅଧୀନ ସାନପଦର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ସଞ୍ଜୟ କୁମାର ମାଝୀ(୪୬)। ସଞ୍ଜୟ ଶନିବାର ଘରେ ଶୋଇଥିବାବେଳେ ତାଙ୍କ ଆଙ୍ଗୁଠିକୁ ଏକ ସାପ କାମୁଡ଼ି ଦେଇଥିଲା। ରବିବାର ସକାଳେ ସେ ବିଷ ଝାଡ଼ିବାକୁ ଯାଇଥିବାବେଳେ ରାସ୍ତାରେ ପଡ଼ିଯାଇଥିଲେ। ଖବରପାଇ ପରିବାର ଲୋକେ ତୁରନ୍ତ ଚିକିତ୍ସା ନିମନ୍ତେ ଖୋର୍ଦ୍ଧା ନେଇ ଯାଇଥିବାବେଳେ ରବିବାର ସକାଳୁ ତାଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେ ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଏସ୍ଆଇ ପ୍ରତିଭା ଭୋଇ ଘଟଣାର ତଦନ୍ତ କରୁଛନ୍ତି। ତାଙ୍କ ପରିବାରକୁ ବ୍ଲକ ପ୍ରଶାସନ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ବୈକୁଣ୍ଠ ସ୍ୱାଇଁ ଦାବି କରିଛନ୍ତି।

### ଦେଶୀ ମଦ ଜବତ, ୨ ଗିରଫ

**ବୋଲଗଡ଼,୧।୧୨(ଦେବବ୍ରତ ହୋତା)**

ବୋଲଗଡ଼ ଥାନା ପୋଲିସ ଶନିବାର ରାତି ପାଟ୍ରୋଲିଂ କରିବା ସମୟରେ ଚଢ଼ାଉ କରି ୨ଟି ପୃଥକ୍ ସ୍ଥାନରୁ ଦେଶୀ ମଦ ବୋତଲ ଓ ପାଉଚ ଜବତ କରିବା ସହ ୨ ଜଣଙ୍କୁ ଗିରଫ କର କୋର୍ଟ ଚାଲାଣ କରିଛି। ସଂପୁର ଅଞ୍ଚଳର ପ୍ରହଲ୍ଲାଦ ଜେନା (୫୭) ଓ ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ଖାରଡ଼ପଲ୍ଲୀ ଗ୍ରାମର ମାଧବ ନାୟକ। ଏନେଇ ପୋଲିସ ୨୯୪/୨୪ ଏବଂ ୨୯୩/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରହଲ୍ଲାଦ ରଜପଡ଼ିଆ ନିକଟରେ ଦେଶୀ ମଦ ବିକ୍ରି କରୁଥିବା ସମୟରେ ପୋଲିସ ଅତର୍କିତ ଚଢ଼ାଉ କରି ତାଙ୍କଠାରୁ ୭୦ ପ୍ୟାକେଟ ଦେଶୀ ପାଉଚ ମଦ ଜବତ କରିଥିଲା। ସେହିପରି ମାଧବଙ୍କଠାରୁ ପୋଲିସ ୫.୭୦୦ ଲିଟର ଦେଶୀ ମଦ ବୋତଲ ଜବତ କରିଥିଲା।

### ୭୫ ଲିଟର ଦେଶୀ ମଦ ଜବତ, ୨ ମହିଳା ଗିରଫ

**ବାଣପୁର,୧।୧୨(ଦିଲୀପ କୁମାର ସ୍ୱାଇଁ)**

ବେଆଇନ ଭାବେ ସ୍କୁଟିରେ ଦେଶୀ ମଦ ଚାଲାଣ କରୁଥିବାବେଳେ ୨ ମହିଳାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆଦିବାସୀ ଅଧ୍ୟୁଷିତ କୋଷରଡ଼ା ଗ୍ରାମର ଫୁଲ ଶବର ଓ କୁମାରୀ ଶବର। ଦୁହେଁ ଏକ ସ୍କୁଟି (ଓଡି ୦୨ ଏଆର୍ ୧୮୬୬) ଯୋଗେ ବାଣପୁର ବଜାରକୁ ମଦ ଚାଲାଣ କରୁଥିଲେ। କୁମାରାଙ୍ଗ ଛକ ନିକଟରେ ପୋଲିସ ସନ୍ଦେହରେ ଅଟକାଇ ତନଖି କରି ସେମାନଙ୍କଠାରୁ ୩ଟି ଜରି ବସ୍ତାରେ ସମୁଦାୟ ୭୫ ଲିଟର ଦେଶୀ ମଦ ଜବତ କରିଥିଲା। ଏନେଇ ଏକ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

## ରେଳମଣ୍ଡଳ ହସ୍ପିଟାଲ ପକ୍ଷରୁ 'ବିଶ୍ୱ ଏଡ୍‌ସ ଦିବସ'




'ବିଶ୍ୱ ଏଡ୍‌ସ ଦିବସ' ଅବସରରେ ରେଳମଣ୍ଡଳ ହସ୍ପିଟାଲ ପକ୍ଷରୁ ସଚେତନତା ଶୋଭାଯାତ୍ରା।

**ଜଟଣୀ,୧।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଲ୍‌ୱେ ହସ୍ପିଟାଲ ପକ୍ଷରୁ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଣ୍ଡଳ ରେଲ୍‌ୱେ ହସ୍ପିଟାଲଠାରୁ ଖୋର୍ଦ୍ଧାରୋଡ଼ ରେଳଷ୍ଟେଶନ ପର୍ଯ୍ୟନ୍ତ ଏକ ରାଲି ଆୟୋଜନ କରାଯାଇଥିଲା। ଏହି ରାଲି ରେଲ୍‌ୱେ କଲୋନୀ ଏବଂ ଷ୍ଟେଶନ ଅଞ୍ଚଳରେ ଏଡ୍‌ସ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲା। ଏହି ରାଲି ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍ଏସ୍ ବାଜ୍ୱ, ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ଡ. ଡି ଶରଥ ବାବୁଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ସମସ୍ତ ଶାଖା ଅଧିକାରୀ, ଡାକ୍ତର, ପାରାମେଡିକାଲ କର୍ମଚାରୀ, ସ୍ୱାସ୍ଥ୍ୟ ନୀରିକ୍ଷକ, ଆର୍‌ପିଏଫ୍ ଏବଂ ସ୍କାଉଟ୍ସ ଆଣ୍ଡ ଗାଇଡ୍ ଏହି ରାଲିରେ ଅଂଶଗ୍ରହଣ କରିଥିଲେ। ଏଡ୍‌ସ ଉପରେ ସତର୍କତାମୂଳକ ପଦକ୍ଷେପ ଏବଂ ଏଡ୍‌ସରେ ପୀଡ଼ିତ ରୋଗୀଙ୍କୁ କିପରି ମୁକାବିଲା କରାଯିବ, ସେନେଇ ପୋଷ୍ଟର ପ୍ରଦର୍ଶନ ଏବଂ ସ୍ଲୋଗାନ ଦେଇଥିଲେ।

## ନିଃଶୁଳ୍କ ହୋମିଓପାଥିକ ଚିକିତ୍ସା ଶିବିର

**ନିରାକାରପୁର,୧।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଭୂଷଣ୍ଡପୁରଠାରେ ଦିନିକିଆ ନିଃଶୁଳ୍କ ହୋମିଓପାଥିକ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପଞ୍ଜୀକରଣ କରି ସେମାନଙ୍କ ସାଥ୍ୟ ଦେଖାଇଥିଲେ। ପିଏଚ୍‌ପି ଓଡ଼ିଶା ପକ୍ଷରୁ ଆୟୋଜିତ ଶିବିରରେ ସଂଖ୍ୟାଧିକ ରୋଗୀ ଯୋଗଦେଇ ମାଗଣାରେ ଔଷଧ ନେଇଥିଲେ। ଶିବିରକୁ ଈଶାଣି ବେହେରା, ବିନୟ କୃଷ୍ଣ ସାନା, ବସନ୍ତ ସ୍ୱାଇଁ, ରବୀନ୍ଦ୍ର ଦଳାଇ,ଡ. ବିଶ୍ୱନାଥ ଦାସ. ଡ. ସୁବାସ ବେହେରା ଓ ଚିନ୍ତା ମଣି ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

**ଟାଙ୍ଗୀ(ଖୋର୍ଦ୍ଧା)୧।୧୨(ରଘୁନାଥ ସାହୁ)**

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ସିଆର୍‌ସିସି ଦୁଃଶାସନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ



କୁଇଜ୍ ପ୍ରତିଯୋଗିତାରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ ହୋଇଥିଲେ। ଶିକ୍ଷକ ଅନିରୁଦ୍ଧ ସେଠୀ, ସୁଦର୍ଶନ ବେହେରା, ଶୁଭସ୍ମିତା ସେଠୀ, ମନିଷା ବେହେରା, ସରିତା ଜୟନ୍ତୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏଡ୍‌ସ ନିରାକରଣ ସଚେତନତା ଶୋଭାଯାତ୍ରା

**କୃଷ୍ଣପ୍ରସାଦ,୧।୧୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ କନ୍ଦାଖାଇ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ୟୁଥ୍ ରେଡ଼କ୍ରସ୍ ଓ ରେଡ ରିବନ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ରବିବାର ପାଳିତ ହୋଇଯାଇଛି। ୟୁଥ୍ ରେଡ଼କ୍ରସ୍ କାଉନସେଲର ଇଂଲିଶ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି ଏଥିରେ ପୌରହିତ୍ୟ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନ, ଅଧ୍ୟାପକ ମଧୁସୂଦନ ସାହୁ, ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ଆଚାର୍ଯ୍ୟ, ଅଧ୍ୟାପକ ଗୋପାଳକୃଷ୍ଣ ଚାଟୋପାଧ୍ୟାୟ, ମୁଖ୍ୟ କିରାଣୀ ଦିଲୀପ ଦଳାଇ ପ୍ରମୁଖ ଯୋଗଦେଇଥିଲେ। କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିଥିଲା। ପଥଚାରୀଙ୍କୁ ଏଡ୍‌ସ ସମ୍ବନ୍ଧୀୟ ଲିଫ୍‌ଲେଟ ବଣ୍ଟା ଯାଇଥିଲା। ସୁକାନ୍ତ କୁମାର ଜେନା, ବିଶ୍ୱନାଥ ପରିଡ଼ା, ମାୟାଧର ନାୟକ, ଅନିରୁଦ୍ଧ ସାହୁ, ପାଣ୍ଡବ ପ୍ରଧାନ, ବିଶ୍ୱନାଥ ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିବେକାନନ୍ଦଙ୍କ ଆଦର୍ଶରେ ଚରିତ୍ର ଗଠନ କର




**ବୋଲଗଡ଼,୧।୧୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକର ଟିକାତାଳସ୍ଥ ଶ୍ରୀରାମକୃଷ୍ଣ ସେବାଶ୍ରମରେ ବିଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରୀରାମକୃଷ୍ଣ ବିବେକାନନ୍ଦ ପାଠଚକ୍ରର ଏକ ବିଶେଷ ଅଧିବେଶନରେ ହାଟମୁନିଗୁଡ଼ାସ୍ଥ ରାମକୃଷ୍ଣ ମିଶନ ଆଶ୍ରମ ସମ୍ପାଦକ ସ୍ୱାମୀ ଗୀତାତ୍ମାନନ୍ଦଜୀ ମହାରାଜ ଆଭାସୀ ମାଧ୍ୟମରେ ଏକ ଯୁବ ବିଭାଗ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସ୍ୱାମୀ ଭାଗବତାନନ୍ଦ ମହାରାଜ ଯୁବଶକ୍ତିର ପ୍ରତୀକ ଭାବରେ ସ୍ୱାମୀ ବିବେକାନନ୍ଦଙ୍କୁ ଜୀବନର ଆଦର୍ଶ ରୂପେ ଗ୍ରହଣ କରି ଚରିତ୍ର ଗଠନ କରିବାକୁ କହିଥିଲେ। ରାମକୃଷ୍ଣ ମଠ ମିଶନ, ବେଲୁଡ଼ ମଠ ନିର୍ଦ୍ଦେଶରେ ପରିଚାଳିତ ଓଡ଼ିଶା ରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ପରିଷଦର ସଂଯୋଜକ ଅଧ୍ୟାପକ ସର୍ବେଶ୍ୱର ସାହୁ ଯୋଗଦେଇ ଯୁବ ବିଭାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଥମେ ଭକ୍ତ ବଲ୍ଲଭ ପଟ୍ଟନାୟକ ବେଦମନ୍ତ୍ର ପାଠ କରିଥିଲେ। ଦିଲୀପ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରଥିଲେ। ଯୁବ ସଦସ୍ୟଙ୍କ ପକ୍ଷରୁ ଆଶୁତୋଷ ପଣ୍ଡା, ଅଶୋକ ଦାସ, ରମେଶ ଚନ୍ଦ୍ର ବେହେରା, ରୁଦ୍ରପ୍ରସାଦ ଚମ୍ପତି, ମିଥୁନକୁମାର ବିଶ୍ୱାଳ ପ୍ରମୁଖ ଦଳଗତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜକିଶୋର ଛୁଆଳସିଂ ବିବେକାନନ୍ଦ ଆହ୍ୱାନ ସଙ୍ଗୀତ ଗାନ କରିଥିଲେ। ମନୋଜ ଗୁମାନସିଂହ ଧନ୍ୟବାଦ ଦେଇଥିଲେ।

## କୁମାରବସ୍ତ୍ର ଲୋକନାଥ କ୍ରିକେଟ୍: ଯଦୁପୁର, ଢେଙ୍କାନାଳ ବିଜୟୀ

**ଖୋର୍ଦ୍ଧା,୧।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ୍ର ରାଇଜିଂ ଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥ ଦେବ କ୍ରିକେଟ୍ ଟୁର୍ନାମେଣ୍ଟର ଅଷ୍ଟମ ଦିବସରେ ରବିବାର ଦୁଇଟି ପୃଥକ ମ୍ୟାଚ୍‌ରେ ଯଦୁପୁର ଓ ଢେଙ୍କାନାଳ ବିଜୟୀ ହୋଇଛନ୍ତି।

ପ୍ରଥମ ମ୍ୟାଚ୍‌ରେ ଯଦୁପୁର ଦଳ ଗୁରୁଜଙ୍ଗ ଦଳକୁ ୫୧ ରନ୍‌ରେ ହରାଇଛି। ଯଦୁପୁର ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭରରେ ୧୯୯ ରନ୍ କରିଥିଲା। ଦଳ ପକ୍ଷରୁ ମୀର୍ ଆସିଫ ୬୭ ଓ ସଲମତୁଲ୍ଲା ୪୬ ରନ୍ କରିଥିଲେ। ଜବାବରେ ଗୁରୁଜଙ୍ଗ ଦଳ ଅସିତ୍ ପରିଡ଼ାଙ୍କ ୫୧ ଓ ସୁଜିତ ପରିଡ଼ାଙ୍କ ୨୫ ରନ୍ ବଳରେ ମାତ୍ର ୧୪୮ ରନ୍‌ରେ ସୀମିତ ରହିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଢେଙ୍କାନାଳ ଦଳ ମେଣ୍ଢାଶାଳ ଦଳକୁ ୭୬ ରନରେ ପରାସ୍ତ କରିଛି। ଢେଙ୍କାନାଳ ଦଳ ପ୍ରଥମେ ବ୍ୟାଟିଂକରି ବିକାଶ ରାଉତଙ୍କ ୬୩ ଓ ଲକ୍ଷ୍ମୀଧର ସାହୁଙ୍କ ୫୭ ରନ୍ ସହାୟତାରେ ୧୮ ଓଭରରେ ୮ ଉଇକେଟ ହରାଇ ୨୨୦ ରନ ସଂଗ୍ରହ କରିଥିଲା। ଜବାବରେ ମେଣ୍ଢାଶାଳ ଦଳ ୧୮ ଓଭରରେ ୯





୨ ପୃଥକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ଉଇକେଟ ହରାଇ ମାତ୍ର ୧୪୪ ରନ୍ କରିପାରିଥିଲା। ଦଳ ତରଫରୁ ଏସ୍.କେ. ସଲମାନ୍ ୨୮ ରନ୍ କରିଥିଲେ। ଢେଙ୍କାନାଳ ତରଫରୁ ବୋଲର ରାଜୀବ ଲୋଚନ ପରିଡ଼ା ୫ଟି ଉଇକେଟ ନେଇଥିଲେ। ମ୍ୟାଚ୍‌କୁ ଛବି ନାରାୟଣ ସାହୁ, ଶୋଭାକର ପାତ୍ର, ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରଦୋଷ ବଳିୟାରସିଂ ପରିଚାଳନା କରିଥିଲେ। କାଜଲ ବଳିୟାରସିଂ ଓ ଅମିୟ ପ୍ରଧାନ ମ୍ୟାଚ୍ ରେଫରି, ରଞ୍ଜନ ବରାଳ, ଶିବଦତ୍ତ ବଡ଼ଜେନା ଏବଂ ଜନ୍ମେଜୟ ଛୋଟରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଂଯୋଜକ ଭାବେ ଶ୍ରଦ୍ଧାକର ପାତ୍ର ଓ ସଞ୍ଜୟ ପାଇକରାୟ କାର୍ଯ୍ୟ କରିଥିଲେ। ଅତିଥି ଭାବେ ରାକେଶ ବିହାରୀ ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ମୀର୍ ଆଶିଫ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ଲକ୍ଷ୍ମୀଧର ଛୋଟରାୟ ଶ୍ରେଷ୍ଠ ଖେଳାଳି ଭାବେ ବିକାଶ ରାଉତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ପ୍ରଥମ ମ୍ୟାଚ୍ ପାନବରଜ ବନାମ ଝାଁଳା ଏବଂ ଦ୍ୱିତୀୟ ମ୍ୟାଚ୍ କଳିଙ୍ଗ ଖୋର୍ଦ୍ଧା ବନାମ ମାର୍ଥାପୁର ମଧ୍ୟରେ ଖେଳାଯିବ ବୋଲି ଆୟୋଜକ ସଦସ୍ୟ ବନବିହାରୀ ସ୍ୱାଇଁ ଜଣାଇଛନ୍ତି।

## ସଂକ୍ଷେପରେ

### ଜଙ୍ଗଲରୁ ମୃତ ହରିଣ ଜବତ

ଚୌଦ୍ୱାର,୧।୧୨(ଆଶୁତୋଷ ଦାସ)

କଟକ ବନଖଣ୍ଡ ଡାଳିଯୋଡା ରେଞ୍ଜ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ଆମ୍ବିଳିଝରି ନିକଟ ଗ୍ରାମ୍ୟ ଜଙ୍ଗଲରୁ ଗୋଟିଏ ହରିଣର ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ଜଙ୍ଗଲରେ ମୃତ ହରିଣ ପଡିଥିବା ଗ୍ରାମବାସୀ ଦେଖି ଫରେଷ୍ଟ ଅଫିସକୁ ଖବର ଦେଇଥିଲେ। ହରିଣର କାନମୁଣ୍ଡାରେ କ୍ଷତଚିହ୍ନ ରହିଥିବାରୁ ତାଙ୍କୁ କେହି ଶିକାର ଉଦ୍ଦେଶ୍ୟରେ ମାରିଥିବା ଅନୁମାନ କରାଯାଉଛି। ଖବରପାଇ ମଙ୍ଗରାଜପୁର ଫରେଷ୍ଟର ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହରିଣକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ଚୌଦ୍ୱାରସ୍ଥିତ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ପୋତି ଦେଇଥିବା ଜଣାପଡିଛି।

### ୫ ମାସ ପରେ ଘରକୁ ଫେରିଲେ ମାନସିକ ବିକାରଗ୍ରସ୍ତ ମହିଳା

ଖୁଣ୍ଟୁଣୀ,୧।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବଜାର ଓ ଗ୍ରାମରେ ପ୍ରାୟ ୫ ମାସ ହେବ ବୁଲୁଥିବା ମାନସିକ ବିକାରଗ୍ରସ୍ତ ମହିଳା ରବିବାର ଘରକୁ ଫେରିଛନ୍ତି। ଖୁଣ୍ଟୁଣୀର କେତେଜଣ ସ୍ୱେଚ୍ଛାସେବୀ ଯୁବକ ଓ ସ୍ଥାନୀୟ ପୋଲିସ ସହଯୋଗରେ ମହିଳା ଜଣଙ୍କ ଘରକୁ ଫେରିବା ସମ୍ଭବ ହୋଇଛି। ସୂଚନା ଅନୁଯାୟୀ, ମହିଳା ଜଣଙ୍କ ହଠାତ୍ କେଉଁଠାରୁ ଆସି ଅସହାୟ ଅବସ୍ଥାରେ ଖୁଣ୍ଟୁଣୀ ବଜାର ଓ ବସ୍‌ଷ୍ଟାଣ୍ଡରେ ବୁଲାବୁଲି କରୁଥିଲେ। ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ଯାହା ଦେଉଥିଲେ ତାହାକୁ ଖାଇ ମହିଳା ଜଣଙ୍କ ଶୀତ, କାକରରେ ଏଠିସେଠି ରାତ୍ରିଯାପନ କରୁଥିଲେ। ଏଭଳି ଅସହାୟ ଅବସ୍ଥା ଦେଖି ଖୁଣ୍ଟୁଣୀର ଯୁବ ସ୍ୱେଚ୍ଛାସେବୀ ସଞ୍ଜୀବ ବେହେରା, ନରେଶ ନାଏକ ଓ ରଶ୍ମିରଞ୍ଜନ ବସ୍ତିଆ ପ୍ରମୁଖ ସମ୍ପୃକ୍ତ ମହିଳାଙ୍କୁ ନାମ ଓ ଠିକଣା ପଚାରି ବୁଝିଥିଲେ। ମହିଳା ଜଣଙ୍କ କହିଥିଲେ, ତାଙ୍କ ଘର ଢେଙ୍କାନାଳ ଜିଲା ବନମାଳୀପୁର ଗ୍ରାମରେ ଓ ତାଙ୍କ ଭାଇଙ୍କ ନାମ ବିଭୁ ପରିଡା। ପରେ ଯୁବକମାନେ ଏ ସମ୍ପର୍କରେ ଖୁଣ୍ଟୁଣୀ ପୋଲିସକୁ ଜଣାଇଥିଲେ। ପୋଲିସ ମହିଳାଙ୍କ ଭାଇଙ୍କ ସହ ଯୋଗାଯୋଗ କରିଥିଲା। ଭଉଣୀଙ୍କୁ ନେବା ପାଇଁ ବିଭୁ ରବିବାର ଖୁଣ୍ଟୁଣୀରେ ପହଞ୍ଚିଥିଲେ। ସ୍ୱେଚ୍ଛାସେବୀ ନରେଶ, ତାଙ୍କ ସହଯୋଗୀ ସୁଶାନ୍ତ ହାତୀ, ସତ୍ୟଜିତ୍ ସାହୁ, ମନୋରଞ୍ଜନ ରାଉତ ପ୍ରମୁଖ ସମ୍ପୃକ୍ତ ମହିଳାଙ୍କୁ ଅଟୋରେ ନେଇ ତାଙ୍କ ଘରେ ଛାଡି ଆସିଥିଲେ। ଯୁବକଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

# ଲିଫ୍ଟ ଅଚଳ, ରୋଗୀ ହନ୍ତସନ୍ତ

ଏସ୍‌ସିବି ମେଡିକାଲ

କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)






ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବା ସହ ମେଡିକାଲର ଭିତ୍ତିଭୂମି ସୁଦୃଢ କରୁଛନ୍ତି। ହେଲେ ରାଜ୍ୟର ସର୍ବବୃହତ୍ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏସ୍‌ସିବିର ସୁପରସ୍ପେସିଆଲିଟି ସର୍ଜିକାଲ ବ୍ଲକରେ ରୋଗୀଙ୍କ ପାଇଁ ଥିବା ଲିଫ୍ଟ କିଛିଦିନ ହେବ ଅଚଳ ହୋଇପଡିଛି। ସେହିପରି ରୋଗୀଙ୍କ ନିମନ୍ତେ ଥିବା ସାଲାଇନ୍ ବୋତଲକୁ ଏକ ପେଟିରେ ଭର୍ତ୍ତି କରି ଉକ୍ତ ବିଭାଗର ପ୍ରବେଶ ପଥରେ ଥିବା ଅପରିଷ୍କାର ସ୍ଥାନରେ ରଖାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ସୁପରସ୍ପେଶିଆଲିଟି ସର୍ଜିକାଲ ବ୍ଲକ ଅଧୀନରେ ପ୍ଲାଷ୍ଟିକ୍ ସର୍ଜରି, ନ୍ୟୁରୋସର୍ଜରି, ୟୁରୋଲୋଜି ବିଭାଗ କାର୍ଯ୍ୟ କରୁଛି। ଏହି ବିଭାଗଗୁଡିକରେ ବହୁ ଜଟିଳ ଅସ୍ତ୍ରୋପଚାର କରାଯାଇଥାଏ। ଉକ୍ତ ବିଭାଗ ୩ ମହଲା କୋଠାରେ ରହିଛି। ତେଣୁ ସେଠାକୁ ଯାତାୟାତ କରିବା ପାଇଁ ଦୁଇଟି ଲିଫ୍ଟ ରହିଛି। ସେଥିମଧ୍ୟରୁ ଗୋଟିଏ ଲିଫ୍ଟ ମେଡିକାଲର ଡାକ୍ତର ଓ କର୍ମଚାରୀ ଏବଂ ଅନ୍ୟଟି ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଉଦ୍ଦିଷ୍ଟ। ହେଲେ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଲିଫ୍ଟ କିଛିଦିନ ହେବ ଅଚଳ ହୋଇପଡିଛି। ଫଳରେ ଯାତାୟାତ ପାଇଁ ସେମାନେ ହନ୍ତସନ୍ତ ହେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ତୁରନ୍ତ ଲିଫ୍ଟ ମରାମତି ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଦ୍ରୌପଦୀ ସୁନା କହିଛନ୍ତି, କିଛିଦିନ ହେବ ଲିଫ୍ଟ ଅଚଳ ଯୋଗୁ ଯାତାୟାତରେ ଅସୁବିଧା ହେଉଛି। ହେଲେ ମେଡିକାଲ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ମେଡିକାଲ କୁଳସଚିବ ଡା. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ରକ୍‌ଷ୍ଟାର ଟିମ୍ ବିଜୟୀ

### ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

କଟକ ସଦର,୧।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ଆଞ୍ଚଳିକ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ୟୁନାଇଟେଡ୍ କ୍ଲବ୍‌କୁ ହରାଇ କଟକର ରକ୍‌ଷ୍ଟାର ଟିମ୍ ବିଜୟୀ ହୋଇଛି। ଆସୋସିଏଶନ ସଭାପତି କାଙ୍ଗାଳି ଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ମୁଖ୍ୟବକ୍ତା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଅଭୟ ବାରିକ, ଆମ୍ବାର ସଭାପତି ରମାରଞ୍ଜନ ବିଶ୍ୱାଳ, ସାଧୁ ଜେନା, ବିରଞ୍ଚି ପଣ୍ଡା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ଧରଣୀଧର ଜେନା ଅତିଥି ପରିଚୟ ଓ ଆସୋସିଏଶନ ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଓ ସୁନାକର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଟିମ୍‌ର ଖେଳାଳି।

# ଓଡ଼ିଶା ପାଇପ୍ ଜଳ କର୍ମଚାରୀ ମହାସଂଘର ବାର୍ଷିକ ଅଧିବେଶନ




ଓଡ଼ିଶା ପାଇପ ଜଳ କର୍ମଚାରୀ ମହାସଂଘର ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

କଟକ,୧।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ୪୬ତମ ବାର୍ଷିକ ଅଧିବେଶନ କଟକ ଟାଉନ୍ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ହୃଷୀକେଶ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ସଂଘର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ମୁଖ୍ୟ ଉପଦେଷ୍ଟା ଆଲୋକ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ସିଡିଏ କର୍ମଚାରୀ ସଂଘର ନେତୃମଣ୍ଡଳୀ ମଧ୍ୟ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ଆସୋସିଏଶନ ପକ୍ଷରୁ ଇଂ. ଜର୍ଜ ପଟ୍ଟନାୟକଙ୍କୁ ପୂର୍ବତନ ମନ୍ତ୍ରୀ ସମୀର ଦେ ସମ୍ମାନ ପ୍ରଦାନ କରାଯାଇଥିଲା।

# ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ବୈଠକ

କଟକ,୧।୧୨ (କାର୍ତ୍ତିକ ସାହୁ)

ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ପରିଚାଳନା କମିଟି ବୈଠକ ଦୋଳମୁଣ୍ଡାଇସ୍ଥିତ ବିଜୟଗୋବିନ୍ଦ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କଣ୍ଠଶିଳ୍ପୀ ସୁବାସ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ମକର ସଂକ୍ରାନ୍ତି ଭଜନ ସମାରୋହ ପୁସ୍ତକ ପ୍ରକାଶନ ଏବଂ ଚଳିତବର୍ଷର ଶ୍ରୀଜଗନ୍ନାଥ ସମ୍ମାନ ପ୍ରଦାନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପରିଷଦର ଉପଦେଷ୍ଟା ଏ. ମହେଶ୍ୱର ରାଓ, ଉପସଭାପତି ପ୍ରଫୁଲ୍ଲ ରାୟ, ପ୍ରସେନଜିତ୍ ମହାନ୍ତି, କୋଷାଧ୍ୟକ୍ଷ ରବୀନ୍ଦ୍ର ରଥ, ସଙ୍ଗଠନ ସମ୍ପାଦିକା ଶୁଭଲକ୍ଷ୍ମୀ ଦାଶ, ଯୁଗ୍ମ ସମ୍ପାଦକ ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, ନୀରଦ ଚନ୍ଦ୍ର ଆର୍ଯ୍ୟଙ୍କ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ସାଧାରଣ ପରିଷଦ ବୈଠକ ଆସନ୍ତା ୧୫ ତାରିଖରେ କଳାବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଥିଲା।

# ମା’ ମଙ୍ଗଳା କ୍ଲବ ଚାମ୍ପିୟନ

### ମହାଦେବ ମହାପାତ୍ର ସ୍ମାରକୀ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

ନିଆଳି,୧।୧୨(ସୁକାନ୍ତ କୁମାର ସିଂହ)

ନିଆଳି ବ୍ଲକ ଅନ୍ତର୍ଗତ ବିଳାସୁଣୀ ଖେଳପଡିଆରେ ୨ ଦିନ ଧରି ଚାଲିଥିବା ମହାଦେବ ମହାପାତ୍ର ସ୍ମାରକୀ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ, ଦେବଗଡ, ବଲାଙ୍ଗୀର, ସମ୍ବଲପୁର, ସୋନପୁର, କଟକ, ଖୋର୍ଦ୍ଧା ଓ କୋଲକାତାର ଫୁଟ୍‌ବଲ୍ ଟିମ୍ ଭାଗ ନେଇଥିଲା। ଫାଇନାଲ ମ୍ୟାଚ୍‌ରେ ବଲାଙ୍ଗୀର ଫୁଟ୍‌ବଲ ଆସୋସିଏଶନକୁ ହରାଇ କଟକର ମା’ ମଙ୍ଗଳା କ୍ଲବ୍ ଚାମ୍ପିୟନ ହୋଇଛି। ବିଳାସୁଣୀ ମହୋତ୍ସବ କମିଟି ସଭାପତି ମଦନ ମୋହନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଆଳି ତହସିଲଦାର ଲେଲିନ୍ ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ରାଉରକେଲା କ୍ରୀଡ଼ା ବିଭାଗର ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ, ବଦ୍ରିନାରାୟଣ ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ୍ତ ନନ୍ଦ, ପୂର୍ବତନ ସରପଞ୍ଚ ପ୍ରକାଶ ମହାନ୍ତି, ଲଲାଟେନ୍ଦୁ ସାହୁ, ମାନଭଞ୍ଜନ ବେହେରା, କୈଳାସ ଦାସ, ନିରଞ୍ଜନ ରାୟ, ସମିତିସଭ୍ୟ ସମ୍ପଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୩୦ ହଜାର ଓ ରନର୍ସ ଅପ୍ ଟିମ୍‌କୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଚକ୍ରଧର ରାଜ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ‘ଗ୍ରେଡେଶନ ତାଲିକା ସଂଶୋଧନ କରନ୍ତୁ ସରକାର’



### ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ବୈଠକ

କଟକ,୧।୧୨ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ହଂସପାଳସ୍ଥିତ ସଂଘ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ନବନିର୍ବାଚିତ ସଭାପତି ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ଜିଲା ସଂଘର ସଭାପତି ଓ ସମ୍ପାଦକ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନା କରିଥିଲେ। ନୂତନ ଭାବେ ହୋଇଥିବା କ୍ୟାଡର ପୁନର୍ଗଠନ ଉପରେ ଆଲୋଚନା ଜରିଆରେ ଅସଙ୍ଗତିଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପଦବୀର ନାମକରଣ, ଦରମା ଅସଙ୍ଗତି, ରେସିଡେନ୍ସି ପିରିୟଡ୍, ପରିବର୍ତ୍ତନର ପୁନର୍ବିଚାର ଆଦି ଉପରେ କେତେକ ନିଷ୍ପତ୍ତି ନିଆଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରକାଶିତ ଗ୍ରେଡେଶନ ତାଲିକାରେ ଥିବା ଅସଙ୍ଗତିକୁ ନେଇ ସଦସ୍ୟମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାର ଉକ୍ତ ଅସଙ୍ଗତିକୁ ସଂଶୋଧନ କରିବା ପାଇଁ ମତପ୍ରକାଶ ପାଇଥିଲା। ଏହି ଅବସରରେ ୪ଟି ଆଞ୍ଚଳିକ ସଙ୍ଗଠନର ସଙ୍ଗଠକ ଚୟନ କରାଯାଇଥିଲା। ଦକ୍ଷିଣାଞ୍ଚଳ ସଙ୍ଗଠକ ପ୍ରସାଦ ପୁଷ୍ପା ରେଡ୍ଡୀ, ପଶ୍ଚିମାଞ୍ଚଳ ସୁରେନ୍ଦ୍ର କୁମାର ମେହେର, ଉତ୍ତରାଞ୍ଚଳ ଗିରିଶ ଚନ୍ଦ୍ର ବାରିକ ଓ ମଧ୍ୟଭାଗ ପ୍ରିୟବ୍ରତ ରାଉତ ଚୟନ ହୋଇଛନ୍ତି। ସଂଘର ସାଧାରଣ ସମ୍ପାଦକ ଲଳିତେନ୍ଦୁ ଦଳାଇ, ଉପସଭାପତି(ମହିଳା) ପ୍ରିୟମ୍ବଦା ଲେଙ୍କା, ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ, ଅର୍ଥ ସମ୍ପାଦକ ସଞ୍ଜୟ କୁମାର ଓତା, ଅଡିଟର ଦୀପକ ରାଉତ, କାର୍ଯ୍ୟାଳୟ ସମ୍ପାଦକ ଶୁଭ ଆଶୀର୍ବାଦ ପୁରୀ, ପୂର୍ବତନ ସାଧାରଣ ସମ୍ପାଦକ ବସନ୍ତ କୁମାର ସାହୁ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଚିତ୍ରକଳାକୁ ନୂଆ ଦିଶା ଦେଇଥିଲେ ଅଜିତ୍ କେଶରୀ

କଟକ,୧।୧୨ (କାର୍ତ୍ତିକ ସାହୁ)

ଚିତ୍ରଶିଳ୍ପୀ ଅଜିତ୍ କେଶରୀ ରାୟ ଲଣ୍ଡନ ସ୍କୁଲ ଅଫ୍ ଆର୍ଟରୁ ଶିକ୍ଷାପ୍ରାପ୍ତ ପରେ ଓଡ଼ିଶାରେ ଆଧୁନିକ ଚିତ୍ରକଳାକୁ ପରିବ୍ୟାପ୍ତ କରି ନୂତନ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି। ଭାରତରେ ପାରମ୍ପରିକ ଚିତ୍ରକୁ ନେଇ ଚିତ୍ରଶିଳ୍ପୀମାନେ ସ୍ୱପ୍ନ ଦେଖୁଥିବାବେଳେ ଅଜିତ୍ କେଶରୀ ଓଡ଼ିଶାରେ କର୍ମମୟ ଜୀବନ ଆରମ୍ଭ କରି ଚିତ୍ରକଳାକୁ ନୂଆ ଦିଶା ଦେଇଥିଲେ। ତେଣୁ ଅଜିତ୍ କେଶରୀଙ୍କ ପୈତୃକ ସ୍ଥାନ ରାଣୀହାଟରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ତାଙ୍କର ଜୟନ୍ତୀ ସମାରୋହରେ ଅତିଥିମାନେ ମତପ୍ରକାଶ କରିଛନ୍ତି।

ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପର ମିଳିତ ଆନୁକୂଲ୍ୟରେ ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ଅଜିତ୍ କେଶରୀ ରାୟଙ୍କ ଜୟନ୍ତୀ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଚିତ୍ରକଳା ବିଭାଗର ପ୍ରଫେସର ଚକ୍ରଧର ବେହେରା ଯୋଗଦେଇ କହିଛନ୍ତି, ଶ୍ରେଷ୍ଠ ୨୦ ଜଣ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ଅଜିତ୍ କେଶରୀ ଅନ୍ୟତମ। ମୁଖ୍ୟବକ୍ତା ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ କହିଛନ୍ତି, ଅଜିତ୍ କେଶରୀଙ୍କ ଚିତ୍ରରେ ଜ୍ୟାମିତିକ ଓ ଛାଇ ଆଲୁଅର ବିନ୍ୟାସ ବେଶ୍ ବାରିହୋଇପଡ଼େ। ସମ୍ମାନିତ ଅତିଥି ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ କହିଛନ୍ତି, ଅଜିତ କେଶରୀ ଥିଲେ ଓଡ଼ିଶା ଆଧୁନିକ ଚିତ୍ରକଳାର ଜନକ। ଗ୍ରୁପ ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ ଓଡ଼ିଶାରେ ସମକାଳୀନ ଚିତ୍ରକୁ ଅଜିତ୍ କେଶରୀ ନୂତନ ଦିଗ୍‌ଦର୍ଶନ ଦେଇ ଇତିହାସ ରଚିଯାଇଛନ୍ତି ବୋଲି କହିଛନ୍ତି। ଗ୍ରୁପ୍‌ର ସମ୍ପାଦକ ଶଶିକାନ୍ତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାର ତିନୋଟି ବିଭାଗରେ କୁନି ଚିତ୍ରଶିଳ୍ପୀମାନେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ସୁଶାନ୍ତ କୁମାର ରାଉତ, ବିଦ୍ୟାଧର କୁଅଁର, ହେମନ୍ତ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୀତିକବି ମନୋଜ ପଟ୍ଟନାୟକ, ସ୍ତମ୍ଭକାର ରାଧାଶ୍ୟାମ ରାଉଳ, କବି ବ୍ରହ୍ମାନନ୍ଦ ବିଶ୍ୱାଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଳାପ ଲେଖକ ସଞ୍ଜୟ ମହାକୁଡ଼ ଶିଳ୍ପୀ ରାୟଙ୍କ ଜୀବନୀ ଉପରେ ଏକ ବାର୍ତ୍ତା ପ୍ରେରଣ କରିଥିଲେ। ଚିତ୍ରଶିଳ୍ପୀ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଫଟୋ ରେ ଖବର




ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ରବିବାର ଡ୍ରିମ୍‌ସ ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।




ବିଶ୍ୱ ଏଡ୍‌ସ ଦିବସରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ୟୁଜି ଷ୍ଟୁଡେଣ୍ଟ୍ସ ୟୁନିୟନ ପକ୍ଷରୁ ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ସଂକ୍ଷେପରେ

### ସଚେତନତା ରୋକିପାରିବ ଏଡ୍ସ

ପୁରୀ, ୧।୧୨(ଅଜିତ୍ କୁମାର ମହାନ୍ତି)

ବିଶ୍ୱ ଏଡ୍ସ ଦିବସ ଅବସରରେ ରବିବାର ହ୍ୟୁମାନ ରାଇଟ୍ ଫ୍ରଣ୍ଟ ଇଣ୍ଡିଆ ଓ ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ହ୍ୟୁମାନ ରାଇଟ୍ ଫ୍ରଣ୍ଟ ଇଣ୍ଡିଆର ଜିଲା ସଂଯୋଜକ ପ୍ରାନ୍ତସିନୀ ଜେନା ସଭା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ସଦସ୍ୟ ଆଧ୍ୟାପକ ଡ. ବଳରାମ ଦାଶ ଯୋଗଦେଇ ଭାରତୀୟ ଗଣତନ୍ତ୍ରରେ ମାନବିକ ଅଧିକାରର ଆବଶ୍ୟକତା ଓ ଏଡ୍ସର ଦୂରୀକରଣ ପାଇଁ ସାମାଜିକ ସଚେତନତା ତଥା ନଗ୍ନତା ଓ ନିଶା ସେବନରୁ ନିବୃତ୍ତ ହିଁ ଏହି ରୋଗକୁ ସମାଜରୁ ଦୂରେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ଣ୍ଣଚନ୍ଦ୍ର ସାହୁ, ଦୟାନିଧି ପଣ୍ଡା, ବିମଳଚନ୍ଦ୍ର ପରିଡା ଯୋଗଦେଇ ଏଡ୍ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ନାରାୟଣ ସାହୁ, ସୁବାସିନୀ ମହାରଣା ପ୍ରମୁଖ ଏହି ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଡ ରାଧେଶ୍ୟାମ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡ. ଶଶୀକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

### ବିପଦସଂକୁଳ ଅବସ୍ଥାରେ ଶିବ ମନ୍ଦିର ପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟ

ଅସ୍ତରଙ୍ଗ, ୧।୧୨(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ବାଘମୁଣ୍ଡା ଗ୍ରାମରେ ଅବସ୍ଥିତ ଶିବ ମନ୍ଦିର ପାର୍ଶ୍ୱରେ ଦୀର୍ଘ ଦିନ ଧରି ଏକ ବିଦ୍ୟୁତ୍ ଖୁଣ୍ଟ ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହି ମନ୍ଦିର ରାସ୍ତାଟି କାକଟପୁର, ଅସ୍ତରଙ୍ଗର ମୁଖ୍ୟରାସ୍ତା ହୋଇଥିବାବେଳେ ଦୈନିକ ଗାଡ଼ିମଟର ସାଙ୍ଗକୁ ବାଟୋଇମାନେ ଯିବା ଆସିବା କରିଥାନ୍ତି। ମନ୍ଦିରର ପୂଜକ ମନ୍ଦିର ଚତୁଃପାର୍ଶ୍ୱରେ ବୁଲି ପୂଜା କରିବା ଓ ଗ୍ରାମର ମହିଳାମାନେ ମନ୍ଦିରକୁ ପୂଜା କରିବାକୁ ଆସିବାକୁ ଭୟ ଓ ଆଶଙ୍କା ପ୍ରକାଶ କରୁଛନ୍ତି। ତୁରନ୍ତ ସ୍ଥାନୀୟ ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଖୁଣ୍ଟଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ମନୋଜ ବାରିକ, ଶିବ ବେହେରା, ସତ୍ୟବ୍ରତ ସାହୁ, ଦିଲୀପ ସାହୁ, ମଙ୍ଗୁଲି ସାହୁ, ଜ୍ୟୋତିରଞ୍ଜନ ସାହୁ, ଦେବେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

### ସତ୍ୟବାଦୀ ତହସିଲଦାର ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ

ସାକ୍ଷୀଗୋପାଳ, ୧।୧୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଶ୍ରୀସାକ୍ଷୀଗୋପାଳ ମନ୍ଦିରର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ସତ୍ୟବାଦୀ ତହସିଲଦାର ତଥା ମନ୍ଦିର ପରିଚାଳନା କମିଟି ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟି ସନ୍ତୋଷ ପାଣିଗ୍ରାହୀ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟାଳୟରେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କଠାରୁ ଠାକୁରଙ୍କ ବ୍ୟାଙ୍କ ଜମା ପାସ୍‌ବୁକ୍, ଚେକ୍‌ବୁକ୍, ସ୍ଥାୟୀ ଜମା, ପ୍ରପର୍ଟି ରେଜିଷ୍ଟର, ରାଜସ୍ୱ ରେକର୍ଡ, ପାର୍କିଂ, ବିବିଧ ଆୟ ରସିଦ ଏବଂ ରେଜିଷ୍ଟର ସହ ଟ୍ରେଜେରି ନିଜ ହେପାଜତକୁ ନେଇଥିଲେ। ଏଣିକି ଦୈନିକ ଆୟବ୍ୟୟଠାରୁ ପ୍ରତିଟି ନିଷ୍ପତ୍ତି ତହସିଲଦାରଙ୍କ ଉପରେ ନ୍ୟସ୍ତ ରହିଛି। ଠାକୁରଙ୍କ ରତ୍ନ ଭଣ୍ଡାର ଆଦି ଅବଶିଷ୍ଟ ଦାୟିତ୍ୱ ଦେବୋତ୍ତର ବିଭାଗ ନିରୀକ୍ଷକଙ୍କ ଉପସ୍ଥିତିରେ ଖୁବ୍‌ଶୀଘ୍ର ପରିଚାଳନା କରାଯିବ ବୋଲି ତହସିଲଦାର ପାଣିଗ୍ରାହୀ କହିଛନ୍ତି। ସ୍ଥାନୀୟ ଜନସାଧାରଣ, ଶ୍ରଦ୍ଧାଳୁ, ସେବାୟତଙ୍କ ସହଯୋଗରେ କିପରି ସାକ୍ଷୀଗୋପାଳ ମନ୍ଦିରର ଉତ୍ତମ ପରିଚାଳନା ହୋଇପାରିବ, ସେ ନେଇ ଆଶା ରଖିଛନ୍ତି।

# ହାଇସିକ୍ୟୁରିଟି ବଳୟରେ ପୁରୀ

## ୪ରେ ଆସିବେ ରାଷ୍ଟ୍ରପତି

- ପୋଲିସ ପ୍ରଶାସନର ସମୀକ୍ଷା ବୈଠକ
- କଟକଣା ଲାଗୁ, ସୁରକ୍ଷା ପାଇଁ ୮୫ ପ୍ଲାଟୁନ୍ ଫୋର୍ସ

ପୁରୀ, ୧।୧୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୪ ତାରିଖରେ ଭାରତୀୟ ନୌସେନା ଦିବସକୁ ସଫଳତାର ସହ ସମାପନ କରିବା ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନୌସେନା ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦାନ କରିବେ। ତେଣୁ ସୁରକ୍ଷାକୁ ଆଖି ଆଗରେ ରଖି ପୁରୀ ଟାଉନ୍ ହଲ ପରିସରରେ ରବିବାର ପୋଲିସ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଏସ୍‌ଆଇଡବ୍ଲ୍ୟୁ ଡିଆଇଜି କନୱର ବିଶାଳ ସିଂ, ଡିଆଇଜି ଅପରେଶନ ଅଖିଳେଶ୍ୱର ସିଂ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ, ଏସ୍‌ଏଜି କ୍ୟାମ୍ପ କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ୧ ତାରିଖ ଅର୍ଥାତ ରବିବାରଠାରୁ ୪ତାରିଖ ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି। ୪ ତାରିଖ ଦିନ ହାଇସିକ୍ୟୁରିଟି ବଳୟରେ ପୁରୀ ସହର ରହିବ। ଏନେଇ ଏସ୍‌ପି କହିଛନ୍ତି, ୪ତାରିଖରେ ରାଷ୍ଟ୍ରପତି ନୌସେନା କାର୍ଯ୍ୟକ୍ରମ ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ସେହିପରି ନୌସେନା କାର୍ଯ୍ୟକ୍ରମ ଦେଖିବା ନିମନ୍ତେ ଜନସମାଗମ ହେବ। ଏଥିଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୧୪ ଜଣ ଏସ୍‌ପି ର୍‍ୟାଙ୍କ ଅଫିସର ସହ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକ୍ଟର ଆଦି ବିଭିନ୍ନ ର୍‍ୟାଙ୍କର ଅଫିସର ନିୟୁକ୍ତ ରହିବେ। ୮୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ମୁଖ୍ୟତଃ ୩ଟି ଭର୍ଟିକାଲରେ ଆରେଞ୍ଜମେଣ୍ଟ କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ସମେତ କ୍ରାଉଡ ମ୍ୟାନେଜମେଣ୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଟ୍ରାଫିକ ନିୟନ୍ତ୍ରଣ ସହ ପାର୍କିଂ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ୪ ତାରିଖ ଦିନ ଟ୍ରାଫିକ କଟକଣା ଜାରି କରାଯିବ। ଚାରିଚକିଆ ଗାଡ଼ି ତାଳବଣିଆଠାରେ ପାର୍କିଂ କରାଯିବ। ସେହିଭଳି ଦୁଇଚକିଆ ଗାଡ଼ି ଷ୍ଟର୍ଲିଙ୍ଗଠାରେ ପାର୍କିଂ କରାଯିବ। ସ୍ଥାନୀୟ ବାସିନ୍ଦା ସେମାନଙ୍କ ପରିଚୟପତ୍ର ନିକଟରେ ରଖନ୍ତୁ, ଫଳରେ ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

## ଶକ୍ତି ସଂରକ୍ଷଣ ଦିବସ ପାଳିତ




ଶକ୍ତି ସଂରକ୍ଷଣ ଦିବସ ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

ସାକ୍ଷୀଗୋପାଳ, ୧।୧୨ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)

ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବ୍ଲକସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ଦିବସ-୨୦୨୪ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ହାଇସ୍କୁଲ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ୧୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶକ୍ତି ସଂରକ୍ଷଣ ଉପରେ ଛାତ୍ରୀଛାତ୍ରମାନେ ଲିଖିତ ପରୀକ୍ଷା ଦେବା ସହ ସେମାନଙ୍କ ମଧ୍ୟରେ ଏକ ଜଣାଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ପରୀକ୍ଷାରେ ପଞ୍ଚସଖା ହାଇସ୍କୁଲର ଛାତ୍ର ଅଙ୍କିତ କୁମାର ନନ୍ଦ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀର ଛାତ୍ର ଆଶୀର୍ବାଦ ମିଶ୍ର ଦ୍ୱିତୀୟ ଓ ସରକାରୀ ଦାସ ବିଦ୍ୟାଧରପୁର ବିଦ୍ୟାଳୟର ଛାତ୍ର ରାଜେଶ ନନ୍ଦ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପର୍ଯ୍ୟବେକ୍ଷକ ଭାବେ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ। ସୋମବାର କୃତୀ ଛାତ୍ରୀଛାତ୍ରଙ୍କୁ ନଗଦ ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ପ୍ରକାଶ କରିଛନ୍ତି।

## ମା' କୃଷ୍ଣକାଳୀ ଜିମ୍, ଯୋଗ ବ୍ୟାୟାମଶାଳା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଏମ୍‌ପି ଡ. ସମ୍ବିତ ପାତ୍ର, ରାଜ୍ୟ ସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ ଓ ଅନ୍ୟଅତିଥି।

ପୁରୀ, ୧।୧୨( ଅଜିତ୍ କୁମାର ମହାନ୍ତି)

ହରଚଣ୍ଡୀ ସାହିସ୍ଥିତ ନୃସିଂହ ବଲ୍ଲଭ ଜାଗା ଠାରେ ମା' କୃଷ୍ଣକାଳୀ ଜିମ୍ ଓ ଯୋଗ ବ୍ୟାୟାମଶାଳା ରବିବାର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲୋକ ସଭା ସଦସ୍ୟ ସମ୍ବିତ ପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ଅନୁଷ୍ଠାନର ସଭାପତି ଉମାକାନ୍ତ ଦାସ, ସମ୍ପାଦକ ବିଶ୍ୱନାଥ ଗୁରୁ ଯୋଗଦେଇଥିଲେ। ଯେତେବେଳ ମହାପ୍ରଭୁଙ୍କ ମନ୍ଦିର ଉପରେ କିଛି ବିପଦ ଆସୁଥିଲା,ସେତେବେଳେ ଏହି ଜାଗା ଆଖଡ଼ା ଗୁଡ଼ିକ ଆଗରେ ରହି ବିପଦକୁ ଏଡ଼ାଇ ଦେଉଥିଲେ। ତେଣୁ ବୀର ଯବାନ ବା ମଲ୍ଲ ମାନେ ନିଜର ବାହୁ ବଳରେ ଶତ୍ରୁକୁ ନିଧନ କରୁଥିଲେ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନ ପକ୍ଷରୁ ଶ୍ୟାମସୁନ୍ଦର ପ୍ରତିହାରୀ, ସାମନ୍ତ କାହ୍ନୁ ଚରଣ ପୂଜାପଣ୍ଡା, ଗୋବିନ୍ଦ ମହାସୁଆର, ପଦ୍ମନାଭ ପଣ୍ଡା, ରବି ନାରାୟଣ ଖୁଣ୍ଟିଆ, ଉମାଶଙ୍କର ପ୍ରତିହାରୀ, ବସନ୍ତ ମହାପାତ୍ରଙ୍କୁ ବରିଷ୍ଠ ସଭ୍ୟ ଭାବେ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଜାତୀୟ ଖେଳାଳି ଭାବେ ଅନିଲ କୁମାର ଗୋଛିକାର, ଲକ୍ଷ୍ମୀ ନାରାୟଣ ମହାସୁଆର, ଅପରାଜିତା ଗୋଛିକାର, ରାକେଶ ପାତ୍ର, ସଦାନନ୍ଦ ପୂଜାପଣ୍ଡା, ରବି ନାରାୟଣ ଖୁଣ୍ଟିଆ, ରାଜ ନାରାୟଣ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ କୋଚ୍ ଭାବେ ଦାମୋଦର ଗୋଛିକାର, ପଙ୍କଜ ପ୍ରତିହାରୀ, ବିଷ୍ଣୁପ୍ରସାଦ ମିଶ୍ର, ସୁଦର୍ଶନ ସାହୁ, ପାର୍ଥସାରଥି ମହାପାତ୍ର, ରାଜକିଶୋର ପଟ୍ଟନାୟକ, ସବିତା ନନ୍ଦ, ଚନ୍ଦନ କୁମାର ସାହୁ, ଜଗଲୁର ମହମ୍ମଦ, ନରସିଂହ ଲେଙ୍କା, ଜିତେନ୍ଦ୍ର ଦାସ, ରାମଚନ୍ଦ୍ର ଦାସ ମହାପାତ୍ର, ରାମଚନ୍ଦ୍ର ପାଢ଼ୀ, ରଶ୍ମି ରଞ୍ଜନ ପାତ୍ର, ଲକ୍ଷ୍ମୀ ନାରାୟଣ ପ୍ରତିହାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବିଶଙ୍କର ପ୍ରତିହାରୀ ମଞ୍ଚ ପରିଚାଳନା କରିଥିଲେ। ଉଦୟ ଶଙ୍କର ପ୍ରତିହାରୀ, ବୀରେନ୍ଦ୍ର ଗୋଛିକାର, ଉମା ଶଙ୍କର ପ୍ରତିହାରୀ, ଲଛମନ ପ୍ରତିହାରୀ, ଅଭିଷେକ ପ୍ରତିହାରୀ, ଜଗନ୍ନାଥ ଖୁଣ୍ଟିଆ, ଆର୍ତ୍ତତ୍ରାଣ ଖୁଣ୍ଟିଆ, ଗଙ୍ଗାଧର ଖୁଣ୍ଟିଆ, ଜିତେନ୍ଦ୍ର ପ୍ରତିହାରୀ, ସୋମନାଥ ଗୁରୁ, ହରି ନାରାୟଣ ଖୁଣ୍ଟିଆ, ବୁବୁନ ମହାପାତ୍ର, ସନ୍ତୋଷ ପ୍ରତିହାରୀ, ଗୋପୀନାଥ ପ୍ରତିହାରୀ, ସିପୁନ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶତାୟୁ ବୃଦ୍ଧଙ୍କ ଦେହାନ୍ତ

ଗୋପ, ୧।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଗଳଦରୀ ଗ୍ରାମର ଈଶ୍ୱର ମଲ୍ଲିକ (୧୦୭)ଙ୍କ ଦେହାନ୍ତ ହୋଇଛି। ଈଶ୍ୱର ଜଣେ ଚାଷୀ ଭାବେ ଗୋପ ବ୍ଲକ ଅଞ୍ଚଳରେ ପରିଚିତ ହୋଇଥିବା ବେଳେ ଏବେ ବି ସେ ଏ ବୟସରେ ଚଳଚଞ୍ଚଳ ଥିଲେ। ଶନିବାର ସନ୍ଧ୍ୟାରେ ଅସୁସ୍ଥ ହେବା ପରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କର ମୃତ୍ୟୁ ସମୟରେ ୨ ପୁଅ ବୋହୂଙ୍କ ସହିତ ନାତି, ନାତୁଣୀ ଅଣନାତି, ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା। ଈଶ୍ୱର ଗୋପ ବ୍ଲକ ଅଞ୍ଚଳର ଜଣେ ଶତାୟୁ ମଣିଷ ଭାବେ ଜଣାଶୁଣା ଥିଲେ।

### ସାରସ୍ୱତ ମଗୁଶିର ଗଳ୍ପ ଆସର

ସାକ୍ଷୀଗୋପାଳ, ୧।୧୨(ଭରତ ରାଉତ)

ସତ୍ୟବାଦୀ ଜିପୁର ଗ୍ରାମର ନିଷ୍କାମ ନୀଳୟରେ ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଏକ ସାରସ୍ୱତ ମଗୁଶିର ଗଳ୍ପ ଆସର ଅନୁଷ୍ଠିତ ହୋଇଯାଇଛି। ରଥଙ୍କ ଗଳ୍ପ ଲିଖନ ଓ ପଠନ ଉପରେ ପିଲାମାନେ ମନୋନିବେଶ କରିଥିଲେ। ସେମାନଙ୍କ ଚିନ୍ତା ଚେତନା ଶାଣିତ ହେବା ସଙ୍ଗେସଙ୍ଗେ ଜୀବନରେ ମୂଲ୍ୟବୋଧ ଚରିତାର୍ଥ ହେବ ବୋଲି କହିଥିଲେ। ଯେଉଁମାନେ ପିଲାମାନଙ୍କ ପାଇଁ ଲେଖୁଛନ୍ତି, ସେମାନେ ମଧ୍ୟ ଶିଶୁ ମନସ୍ତତ୍ତ୍ୱ, ଆବେଗ, ଜିଜ୍ଞାସା ଏବଂ କୌତୂହଳ ଉପରେ ଗୁରୁତ୍ୱ ଦେଲେ ଶିଶୁ ସାହିତ୍ୟ ଆକର୍ଷଣୀୟ ହେବ ବୋଲି ଆଲୋଚନା ହୋଇଥିଲା। ଆସରରେ ଅୟେସକାନ୍ତ ରଥ, ହିମାଂଶୁ ଶେଖର ରଥ, ଦେବସ୍ମିତା ଦାସ, ସୁଧୀର କୁମାର ରଥ, ସାଇଶ୍ରୀ ମିଶ୍ର, ପ୍ରତୀକ ରଥ, ସାଇଦିବ୍ୟାଂଶୁ ମିଶ୍ର, ସାଇ ପ୍ରଜ୍ଞାଂଶୁ ମିଶ୍ର ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଆସରକୁ ଅଂଶୁମାନ ରଥ ସଂଯୋଜନା କରିଥିଲେ।

## ସିରିଜ୍ ବାଇକ୍ ଧକ୍କାରେ ୬ ଆହତ

ନିମାପଡ଼ା, ୧।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ବନମାଳୀପୁର କେନାଲ ବନ୍ଧ ରାସ୍ତାର ଡେଣ୍ଡୁଅଁବସ୍ତ ଗ୍ରାମ ଛକ ନିକଟରେ ଏକ ବାଇକ୍‌ର ସିରିଜ୍ ଦୁର୍ଘଟଣାରେ ୬ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଯେ, ବାଇକ୍‌ରେ ୨ଜଣ ଛେନୁଅଁ ଗ୍ରାମରୁ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ନିମାପଡ଼ାରୁ ଛେନୁଅଁ ଅଭିମୁଖେ ଯାଉଥିବା ଅନ୍ୟ ୨ ବାଇକ୍‌କୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ରେ ଯାଉଥବା ୪ଜଣ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବରପାଇ ପୋଲିସ ଦୁର୍ଘଟଣାସ୍ଥଳରେ ଓ ମେଡିକାଲ୍‌ରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ଦେଖି ସାଇକେଲରେ ଆସୁଥିବା ଓମ୍ ପ୍ରକାଶ ସ୍ୱାଇଁ ନାମକ ବାଳକ ଦୁର୍ଘଟଣାରେ ଚେତାଶୂନ୍ୟ ହୋଇପଡ଼ିଥିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ବେପରୁଆ ଭାବେ ବାଇକ୍ ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଇଛି।

## ମାଲୁଣେଇ ପୀଠରେ ଚାରାରୋପଣ



ବଳଙ୍ଗା, ୧।୧୨(କେଦାରେଶ୍ୱର ନନ୍ଦ)

ବ୍ରହ୍ମଚେତନା ପରିଷଦ ଓ ଧରିତ୍ରୀ ମା' ପାଇଁ ରବିବାର ପକ୍ଷରୁ ଏକ ସମୟୋପଯୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଳଙ୍ଗା ତେରହଳ ଗ୍ରାମର ମା' ମାଲୁଣେଇ ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିର ବେଢ଼ା ପାର୍ଶ୍ୱରେ ଆମ୍ବ, ବେଲ ଆଦି ବୃକ୍ଷ ଚାରାରୋପଣ ସହିତ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟାଯାଇଥିଲା। ଏଥିରେ ପରିଷଦର ସମ୍ପାଦକ କବି ସୁକାନ୍ତ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦର ସଭାପତି ଅଜୟ କୁମାର ମିଶ୍ର ଧରିତ୍ରୀ ମା'ପାଇଁ ରବିବାର କାର୍ଯ୍ୟକ୍ରମରେ ଆଦ୍ୟାବଧି ୧୬୮୦୦ ଚାରାରୋପଣ କରାଯାଇଛି। ଏହି ଅବସରରେ ଅଞ୍ଚଳର ୫ ବନ୍ଧୁପ୍ରେମୀଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦର କୃଷ୍ଣକାନ୍ତ ନାଥ, ବିଶ୍ୱନାଥ ପ୍ରଧାନ, ସୁକାନ୍ତ ଚନ୍ଦ୍ର ନନ୍ଦ, ଦିବାକର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭବିଷ୍ୟତ ଗଠନରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

### ସରସ୍ୱତୀ ଶିଶୁମନ୍ଦିରରେ ମାତୃ କର୍ମଶାଳା

ଅସ୍ତରଙ୍ଗ, ୧।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ କୁଆଁରପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଶିଶୁ ବାଟିକା ପକ୍ଷରୁ ମା'ମାନଙ୍କୁ ନେଇ ଏକ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଭାରପ୍ରାପ୍ତ ପ୍ରଧାନଆଚାର୍ଯ୍ୟା ଗୀତାଞ୍ଜଳି ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ଅସ୍ତରଙ୍ଗ ଶାଖାର ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ, ସମ୍ମାନିତ ଅତିଥି ଭାବେ ପୁଷ୍ପା ଭଉଣୀ, ସରସ୍ୱତୀ ଶିଶୁମନ୍ଦିର ସଭାପତି ରମାନାଥ ପରିଡ଼ା, ଉପସଭାପତି ବିପିନ ମହାନ୍ତି, ସମ୍ପାଦକ ବିଜୟ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇ ମାତୃ କର୍ମଶାଳାର



କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର, ମା' ଓ ଅନ୍ୟମାନେ।

ଉଦ୍ଦେଶ୍ୟ ଓ ପିଲାଙ୍କୁ ଶିକ୍ଷାଦେବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ଦେଇଥିଲେ। ପିଲାମାନେ କେବଳ ବିଦ୍ୟାଳୟରେ ଯେତିକି ପଢୁଛନ୍ତି, ସେତିକି ଯଥେଷ୍ଟ ନୁହେଁ। ସେମାନଙ୍କୁ ଶିକ୍ଷାଦେବାରେ ମା'ବାପାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାପରେ ମା' ଓ ଶିଶୁଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ ଯଥା ବେଲୁନ୍ ଫୁଙ୍କିବା, ମ୍ୟୁଜିକ ଚେୟାର, କପ୍‌ରେ ପିରାମିଡ଼ ଭଳି କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଦୀପ୍ତ ଗୁରୁଜୀ ଓ ଦିବାକର ଗୁରୁଜୀ ସଂଯୋଜନା କରୁଥିବାବେଳେ ଶେଷରେ ଗୁରୁଜୀ ମମତା ଶତପଥୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସମସ୍ତ ଗୁରୁମାଗୁରୁଜୀ ପରିଚାଳନା କରିଥିଲେ।

## ଭାଜପାର ମତଦାନ କେନ୍ଦ୍ରସ୍ତରୀୟ ବୈଠକ

ଡେଲାଙ୍ଗ, ୧।୧୨(ରଶ୍ମିରଞ୍ଜନ ପ୍ରଧାନ)

ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତି ଭାଜପାର ମତଦାନ କେନ୍ଦ୍ର (ବୁଥ୍) ସ୍ତରରେ ସଭାପତିଙ୍କ ସହ ୧୨ ଜଣିଆ କମିଟି ସଭ୍ୟଙ୍କ ନିର୍ବାଚନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଡେଲାଙ୍ଗ ବ୍ଲକର ବେରବୋଇ ୯୮ନଂ. ମତଦାନ କେନ୍ଦ୍ରସ୍ତରୀୟ ବୈଠକ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ରନାଥ ତରାଇ, ନିର୍ବାଚନମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ, ସରପଞ୍ଚ ମଳୟ ସେଠୀ ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ସାଂଗଠନିକ ନିର୍ବାଚନ, କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।ପିପିଲି-ଡେଲାଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ନିର୍ବାଚନ ଅଧିକାରୀ ଭାବେ ରାଜୁ ଭାଇ ଯୋଗଦେଇଥିଲେ। ପୂର୍ବ ସରକାର ସମୟରେ ଆବାସ ସହାୟତାରୁ ବଞ୍ଚିତ ଥିବା ଗରିବ ପରିବାରକୁ ଯେପରି ପ୍ରଧାନମନ୍ତ୍ରୀ ଆବାସ ସହାୟତା, ଖାଦ୍ୟ ସୁରକ୍ଷା ସହାୟତା, ପି.ଏମ୍. କିଷାନ, ସି.ଏମ୍. କିଷାନ ସହାୟତା, ସାମାଜିକ ସୁରକ୍ଷା ଭତ୍ତା ପ୍ରାପ୍ତି ହୋଇପାରିବ ସେଥିପ୍ରତି ବୁଥ୍ କମିଟି ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ମୋଟରି ମଣ୍ଡଳ ସଭାପତି ଶ୍ୱେତ କୁମାର ନାୟକ, ଘୋରଡ଼ିଆ ମଣ୍ଡଳ ସଭାପତି ଲଡୁ କିଶୋର ରାୟ, ବେରବୋଇର ଅଞ୍ଜନ କୁମାର ରାଉତଙ୍କୁ ୯୮ନଂ ବୁଥ୍ କମିଟି ସଭାପତି ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯିବା ସହ ୧୨ ଜଣିଆ କମିଟି ସଭ୍ୟଙ୍କୁ ମନୋନୀତ କରାଯାଇଥିଲା। ପରେ ବେରବୋଇ ଗାନ୍ଧୀ ସ୍ମୃତିପୀଠଠାରେ ସମସ୍ତ କାର୍ଯ୍ୟକର୍ତ୍ତା ମହାତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ପାନୀୟଜଳ ଯୋଗାଣକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କଣାସ, ୧।୧୨(ବିଭୂତି ଭୂଷଣ ତ୍ରିପାଠୀ)



ପାନୀୟଜଳ ଯୋଗାଣ ଦାବିକୁ ନେଇ କଣାସ ବ୍ଲକ ବକୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଗ୍ରାମବାସୀ ଗଣଧାରଣାରେ ବସି ରହିଛନ୍ତି। ଏଥିସହ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ସରପଞ୍ଚ ଓ ପିଇଓଙ୍କୁ ଅଟକ ରଖିଥିବା ଜଣା ପଡ଼ିଛନ୍ତି। ବକୁ ପଞ୍ଚାୟତର ପଟ୍ଟଯୋଶୀପୁରଠାରେ ନିର୍ମିତ ବସୁଦ୍ଧା ଯୋଜନାରେ ପାନୀୟଜଳ ଯୋଗାଇଦେବାକୁ ବ୍ୟବସ୍ଥା ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ମଇନ୍ଦିପୁର, ଝାମ୍ପରପୁର, ପଟ୍ଟଯୋଶୀପୁର ଗ୍ରାମଗୁଡ଼ିକରେ ପାନୀୟଜଳ ଠିକ୍ ଭାବରେ ପହଞ୍ଚିପାରି ନ ନାହିଁ। ୬ ମାସ ହେବ ପାନୀୟଜଳ ଯୋଗାଣ ଠପ୍ ହୋଇଯାଇଛି। ଗ୍ରାମବାସୀ ବାଧ ହୋଇ ପୋଖରୀର ବିଶୁଦ୍ଧ ପାଣିକୁ ପିଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପଞ୍ଚାୟତ ସରପଞ୍ଚ, କଣାସ ବିଡିଓ, ପିଇଓ, ପାନୀୟଜଳ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ଗ୍ରାମବାସୀ ପାନୀୟଜଳ ତୁରନ୍ତ ଯୋଗାଦେବାକୁ ଦାବିକରି ମଇନ୍ଦିପୁର, ପଟଯୋଶୀପୁର ଗ୍ରାମବାସୀ ବକୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସି ରହିଛନ୍ତି। ଏ ସମ୍ପର୍କରେ କଣାସ ବିଡିଓ ନାରାୟଣ ସାହୁଙ୍କୁ ପଚାରିବାରୁ, ଏ ବିଷୟରେ କୌଣସି ଖବର ତାଙ୍କ ପାଖରେ ରଖିଥିବା ସେ କହିଛନ୍ତି।

## ବୀରେନ୍ଦ୍ର ସାମନ୍ତରାୟଙ୍କୁ ଜୀବନବ୍ୟାପୀ ସାରସ୍ୱତ ସାଧକ ସମ୍ମାନ

ପୁରୁଣା ଭୁବନେଶ୍ୱର, ୧।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

ବଣମଲ୍ଲୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ୩୭ତମ ବଣମଲ୍ଲୀ ସାରସ୍ୱତ ସମାରୋହ ରବିବାର ରାଜଧାନୀ ଉପକଣ୍ଠ ଗୁଡ଼ିଆପୋଖରୀସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପ୍ରାକ୍ତନ ଜିଲାପାଳ ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ଚଳଚ୍ଚିତ୍ର ସଂଳାପକାର ବିଶିଷ୍ଟ କବି ଡ. ରଜନୀ ରଞ୍ଜନ ଯୋଗଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ, ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ସାମନ୍ତରାୟଙ୍କୁ ଜୀବନ ବ୍ୟାପୀ ସାରସ୍ୱତ ସାଧକ ସମ୍ମାନ ପ୍ରଦାନ କରାଯାଇଥିଲା। ଭୂଦାନ କର୍ମୀ ତଥା ସ୍ୱାଧୀନତା ସଂଗ୍ରାମୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ଶତାୟୁ ପୁରୁଷ ଏବଂ ବିଶିଷ୍ଟ ଶିକ୍ଷାବିତ୍ କୃତ୍ତିବାସ ପାଣିଗ୍ରାହୀଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା।




କାର୍ଯ୍ୟକର୍ମରେ କବି ପ୍ରମୋଦ କୁମାର ଶତପଥୀଙ୍କ ଗୀତରେ ଗୀତରେ କଥାଟିଏ, କବୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ଉଆଁସୀ ଲଗ୍ନା, ସୌଦାମିନୀ ତ୍ରିପାଠୀଙ୍କ ଶତାୟୁ ନମନ କବିତା ପୁସ୍ତକ ଅତିଥିଙ୍କ

### ବଣମଲ୍ଲୀ ସାରସ୍ୱତ ସମାରୋହ

ଦ୍ୱାରା ଉନ୍ମୋଚନ ହୋଇଥିଲା। ଏହି ଅବସରରେ କବି ରାମହରି ମହାରଣା, ଗୁଣନିଧି ଭୋଇ, ରବୀନ୍ଦ୍ର ସାହୁଙ୍କ ପରି ୫୦ରୁ ଊର୍ଦ୍ଧ୍ୱ ସ୍ରଷ୍ଟା ତାଙ୍କ ନିଜସ୍ୱ କବିତା ପାଠ କରିଥିଲେ। ସହ ସମ୍ପାଦକ ସନ୍ତୋଷ ଦାସ କବିତା ପାଠଉତ୍ସବ ପରିଚାଳନା କରିଥିଲେ। କବି ସୌଦାମିନୀ ତ୍ରିପାଠୀ ଏଥିରେ ସଂଯୋଜନା, ଅନୁଷ୍ଠାନର ମୁଖ୍ୟ ପ୍ରମୋଦ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। କବି ସଚିକାନ୍ତ ମହାପାତ୍ର, ପିପିଲି ସାଂସ୍କୃତିକ ପରିଷଦ ଉପସଭାପତି ଦୀନବନ୍ଧୁ ଦେହୁରିଆ, ସ୍କୁଲ ଅଧକ୍ଷା ମଧୁସ୍ମିତା ମହାନ୍ତି, ରବୀନ୍ଦ୍ର ପଣ୍ଡା, ମୁକ୍ତିକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

**ପପୁ ଯାଦବଙ୍କୁ ବିଷ୍ଣୋଇ ଗ୍ୟାଙ୍ଗ୍‌ର ହତ୍ୟା ଧମକ**

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ହିଟ୍ ଲିଷ୍ଟରେ ଥିବା ପୂର୍ଣିଆର ସ୍ୱାଧୀନ ଲୋକ ସଭା ସଦସ୍ୟ ରାଜେଶ ରଞ୍ଜନ ଓରଫ ପପୁ ଯାଦବଙ୍କୁ ଶନିବାର ପୁଣିଥରେ ହତ୍ୟା ଧମକ ମିଳିଛି। ୨୪ ଘଣ୍ଟା ମଧ୍ୟରେ ତାଙ୍କୁ ହତ୍ୟା କରାଯିବ ବୋଲି ପପୁଙ୍କ ବ୍ୟକ୍ତିଗତ ହ୍ୱାଟ୍ସଆପ୍ ନମ୍ବରକୁ ମେସେଜ୍ ଆସିଛି। ପୂର୍ଣିଆ ପୋଲିସ ଏହାର ତଦନ୍ତ ଚଳାଇଛି। ବାର୍ତ୍ତା ପଠାଇଥିବା ବ୍ୟକ୍ତି ଲେଖିଛନ୍ତି, ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟମାନେ ଏମ୍‌ପିଙ୍କ ନିକଟରେ ପହଞ୍ଚି ସାରିଛନ୍ତି। ସୁରକ୍ଷା କର୍ମୀ ମଧ୍ୟ ତାଙ୍କୁ ବଞ୍ଚାଇପାରିବେ ନାହିଁ।

# ଅଜମେର ସର୍ଭେ ବୈଚାରିକ ଆକ୍ରମଣ

## ବନ୍ଦ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବ ଅମଲାତନ୍ତ୍ରୀ



ନୂଆଦିଲ୍ଲୀ/ଅଜମେର,୧।୧୨

ଅଜମେର ଶରିଫ୍ ଦରଘାର ସର୍ଭେ ପାଇଁ ସ୍ଥାନୀୟ ଅଦାଲତ ନିର୍ଦ୍ଦେଶ ଦେବା ପରେ ପୂର୍ବତନ ଅମଲା ଏବଂ କୂଟନୀତିଜ୍ଞମାନଙ୍କର ଗୋଟିଏ ଗୋଷ୍ଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି। ଦରଘାର ସର୍ଭେ କରାଯିବା ବେଆଇନ ଏବଂ ହାନିକାରକ କାର୍ଯ୍ୟ। ଭାରତୀୟ ସଭ୍ୟତାର ଐତିହ୍ୟ ଉପରେ ଏହା ବୈଚାରିକ ଆକ୍ରମଣ ଏବଂ ସମାବେଶୀ ରାଷ୍ଟ୍ର ଚିନ୍ତାଧାରାକୁ ବିକୃତ କରୁଥିବା ଦର୍ଶାଇ ତୁରନ୍ତ ସର୍ଭେ ବନ୍ଦ କରାଇବାକୁ ସେମାନେ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି।

ଦ୍ୱାଦଶ ଶତାବ୍ଦୀର ସନ୍ଥ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ବାର୍ଷିକ ଉର୍ସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଚାଦର ପଠାଇଥାନ୍ତି। ତେଣୁ ସେ ଏକାକୀ ଏହି ବେଆଇନ ଏବଂ ହାନିକାରକ କାର୍ଯ୍ୟକୁ ବନ୍ଦ କରିପାରିବେ ବୋଲି ଅବସରପ୍ରାପ୍ତ ଅମଲାମାନେ ଚିଠିରେ ଲେଖିଛନ୍ତି। ଶୁକ୍ରବାର ପତ୍ର ଲେଖିଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ଓ କୂଟନୀତିଜ୍ଞଙ୍କ ମଧ୍ୟରେ ଦିଲ୍ଲୀର ପୂର୍ବତନ ଉପରାଜ୍ୟପାଳ ନଜୀବ ଜଙ୍ଗ, ବ୍ରିଟେନ୍‌ରେ ଭାରତର ପୂର୍ବତନ ଉଚ୍ଚାୟୁକ୍ତ ଶିବ ମୁଖାର୍ଜୀ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍.ୱାଇ. କୁରେଶୀ, ପୂର୍ବତନ ସେନା ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜମିରୁଦ୍ଦିନ୍ ଶାହ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ପୂର୍ବତନ ଡେପୁଟି ଗଭର୍ନର ରବି ଭିରା ଗୁପ୍ତା ରହିଛନ୍ତି। ସେମାନେ କହିଛନ୍ତି, ମସ୍‌ଜିଦ ଓ ଦରଘା ସ୍ଥାନରେ ପୂର୍ବରୁ ମନ୍ଦିର ଥିବା ଏକ ଅଜଣା ବାହ୍ୟ ଗୋଷ୍ଠୀ କହିଆସୁଛନ୍ତି। ଏହା ପ୍ରମାଣିତ କରିବା ପାଇଁ ନିଜକୁ ହିନ୍ଦୁ ସ୍ୱାର୍ଥର ପ୍ରତିନିଧି ବୋଲାଉଥିବା ଏହି ଗୋଷ୍ଠୀ ମସ୍‌ଜିଦ ଓ ଦରଘାଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ସର୍ଭେ ଦାବି କରୁଛନ୍ତି। ଉପାସନାସ୍ଥଳ ଆଇନରେ ସ୍ପଷ୍ଟ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଅଦାଲତଗୁଡ଼ିକ ଅବାଞ୍ଛିତ ତତ୍ପରତାର ସହ ଏଭଳି ଦାବିକୁ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଉଥିବାରୁ ପୂର୍ବତନ ଅମଲା ଏବଂ କୂଟନୀତିଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସମ୍ଭଲରେ ନ୍ୟାୟିକ କମିଶନ

ସମ୍ଭଲ,୧।୧୨(ପି.ଟି.)

ଉତ୍ତରପ୍ରଦେଶର ସମ୍ଭଲରେ ଶାହି ଜାମା ମସ୍‌ଜିଦର ସର୍ଭେ ବେଳେ ନଭେମ୍ବର ୨୪ରେ ଘଟିଥିବା ହିଂସାକାଣ୍ଡର ତଦନ୍ତ ପାଇଁ ନ୍ୟାୟିକ କମିଶନ୍‌ର ସଦସ୍ୟମାନେ ରବିବାର ସେଠାରେ ପହଞ୍ଚିଛନ୍ତି। ୩ ଜଣିଆ କମିଶନରେ ଆଲ୍ଲାହାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଦେବେନ୍ଦ୍ର କୁମାର ଆରୋରା, ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅରବିନ୍ଦ କୁମାର ଜୈନ ଏବଂ ପୂର୍ବତନ ଆଇଏଏସ୍ ଅଫିସର ଅମିତ୍ ମୋହନ ପ୍ରସାଦ ସଦସ୍ୟ ରହିଛନ୍ତି। ସେମାନଙ୍କ ସହ ମୋରାଦାବାଦ ଡିଭିଜନାଲ କମିଶନର, ଡିଆଇଜି, ସମ୍ଭଲ ଜିଲାପାଳ ଏବଂ ଏସ୍‌ପି ଉପସ୍ଥିତ ଥିଲେ। କମିଶନ ରବିବାର ହିଂସାକାଣ୍ଡ ଘଟିଥିବା ସ୍ଥାନ ପରିଦର୍ଶନ କରିଛନ୍ତି। ସେମାନେ ପୁଣିଥରେ ଆସିବେ ବୋଲି ଡିଭିଜନାଲ କମିଶନର ଗଣମାଧ୍ୟମକୁ କହିଛନ୍ତି। ଡିସେମ୍ବର ୧୦ ଯାଏ ସମ୍ଭଲରେ କଟକଣା ଜାରି ହୋଇଥିବାବେଳେ ତଥ୍ୟପ୍ରମାଣ ସଂଗ୍ରହ କରାଯିବା ସହ ବର୍ତ୍ତମାନ ସୁଦ୍ଧା ହିଂସାରେ ସମ୍ପୃକ୍ତ ୪୦୦ ଲୋକଙ୍କୁ ଚିହ୍ନଟ କରାଗଲାଣି।

ଗତ ୨୪ ତାରିଖରେ ମସ୍‌ଜିଦ ସର୍ଭେ ବେଳେ ହିଂସାତ୍ମକ ସଂଘର୍ଷ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଥିଲେ। ମସ୍‌ଜିଦ ବିବାଦ ନେଇ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ସମ୍ଭଲ କୋର୍ଟରେ ଜବାବ ଦାଖଲ କରାଯାଇଛି। ଉକ୍ତ ମସ୍‌ଜିଦ ଏକ ସୁରକ୍ଷିତ ଐତିହ୍ୟ ହୋଇଥିବାରୁ ଏହାର ନିୟନ୍ତ୍ରଣ ଏବଂ ପରିଚାଳନା ଦାୟିତ୍ୱ ହାତକୁ ନେବା ପାଇଁ ଏଏସ୍‌ଆଇ କହିଛି।



ସମ୍ଭଲରେ ନ୍ୟାୟିକ କମିଶନ୍‌ର ୩ ସଦସ୍ୟ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଆନ୍ଧ୍ରରେ ଭଙ୍ଗହେଲା ୱାକ୍‌ଫ ବୋର୍ଡ

ବିଜୟୱାଡ଼ା,୧।୧୨

ରାଜ୍ୟ ୱାକ୍‌ଫ ବୋର୍ଡ ଗଠନ ପାଇଁ ପୂର୍ବ ସରକାର ସମୟରେ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବୋର୍ଡ ଅଧ୍ୟକ୍ଷ ନିର୍ବାଚନ ଉପରେ ସ୍ଥଗିତାଦେଶ ଯୋଗୁ ଦୀର୍ଘଦିନ ହେବ ଏହା ଅଚଳ ହୋଇ ରହିଛି। ତେଣୁ ୱାକ୍‌ଫ ବୋର୍ଡ ଭାଙ୍ଗିଦେବା ପାଇଁ ଶନିବାର ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଉକ୍ତ ପ୍ରସଙ୍ଗ ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୨୧ରେ ଶେକ୍ ଖାଜାଙ୍କୁ ମୁତାୱାଲ, ବିଧାୟକ ହାଫିଜ ଖାନ୍ ଏବଂ ବିଧାନ ପରିଷଦ ସଦସ୍ୟ ରୁହୁଲ୍ଲାଙ୍କୁ ସଦସ୍ୟ ନିର୍ବାଚନ କରାଯାଇଥିବାବେଳେ ଅନ୍ୟ ୮ ଜଣଙ୍କୁ ୱାକ୍‌ଫ ବୋର୍ଡ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଖାଜାଙ୍କ ନିର୍ବାଚନ ଏବଂ ୱାକ୍‌ଫ ବୋର୍ଡ ଗଠନ ପାଇଁ ଜିଓ ୪୭ର ବୈଧତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଫଳରେ ହାଇକୋର୍ଟ ବୋର୍ଡ ଅଧ୍ୟକ୍ଷ ନିର୍ବାଚନ ଉପରେ ସ୍ଥଗିତାଦେଶ ଲଗାଇଥିଲେ।

## ଇଭିଏମ୍ ହ୍ୟାକର ସୟେଦ ଶୁଜାଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୧।୧୨

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଗୁଡ଼ିକର ଫ୍ରିକ୍ୱେନ୍ସିକୁ ଅଲଗା କରି ସେଗୁଡ଼ିକୁ ହ୍ୟାକ୍ କରାଯାଇଥାଇପାରେ ବୋଲି ଦାବି କରିଥିବା ସୟେଦ ଶୁଜାଙ୍କ ବିରୋଧରେ ନିର୍ବାଚନ କମିଶନଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି। ମୁମ୍ବାଇ ସାଇବର ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ଆଇଟି ଆଇନ ଅନୁଯାୟୀ ଶନିବାର ମାମଲା ରୁଜୁ କରିଛି। ଶୁଜାଙ୍କ ଅଭିଯୋଗ ମିଥ୍ୟା, ନିରାଧାର ଏବଂ ଏହାର କୌଣସି ପ୍ରମାଣ ନାହିଁ ବୋଲି ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଫିସର ଅଭିଯୋଗ ଦାଏର କରିଥିଲେ। ସୂଚନାଯୋଗ୍ୟ, ମହାରାଷ୍ଟ୍ର ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ଟ୍ୟାମ୍ପର କରାଯାଇଥାଇପାରେ ବୋଲି ଶୁଜା ଏକ ଭାଇରାଲ ଭିଡିଓରେ ଦାବି କରିଥିଲେ। ୨୦୧୯ରେ ମଧ୍ୟ ସେ ଅନୁରୂପ ଅଭିଯୋଗ ଆଣିବା ପରେ ତାଙ୍କ ବିରୋଧରେ ଦିଲ୍ଲୀରେ ଏତଲା ଦାଏର ହୋଇଥିଲା।

### ସଂକ୍ଷେପରେ

## ଢାକାରେ ଭାରତୀୟ ଏଜେଣ୍ଟ କହି ମହିଳା ଖବରଦାତାଙ୍କୁ ଆକ୍ରମଣ

ଢାକା, ୧।୧୨

ବାଂଲାଦେଶର ରାଜଧାନୀ ଢାକାରେ ଏକ ଟିଭି ନ୍ୟୁଜ୍ ଚ୍ୟାନେଲର ମହିଳା ଖବରଦାତା ମୁନ୍ନି ସାହା ଆକ୍ରମଣର ଶିକାର ହୋଇଛନ୍ତି। କେତେଜଣ କଠୋରପନ୍ଥି ଜଣେ ମହିଳା ଖବରଦାତାଙ୍କୁ ଘେରିଯାଇ ତାଙ୍କୁ ବନ୍ଧକ କରି ରଖିଥିଲେ। ଏହି ସମୟରେ କଠୋରପନ୍ଥୀମାନେ ତାଙ୍କୁ ଭାରତୀୟ ଏଜେଣ୍ଟ କହି ତାଙ୍କ ସହ ଧକ୍କାମୁକ୍କି କରିବା ସହ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଶନିବାର ଢାକାର ତେଜଗାଁଓ ଥାନା ଅନ୍ତର୍ଗତ କବାରନ ବଜାର ଅଞ୍ଚଳରେ ଏକ ସ୍ଥାନୀୟ ଟିଭି ଚ୍ୟାନେଲର ଅଫିସରୁ ଘରକୁ ଫେରୁଥିବାବେଳେ ତାଙ୍କ କାରକୁ କଠୋରପନ୍ଥୀମାନେ ଅଟକାଇଦେଇଥିଲେ। ତାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସମର୍ଥକ ଏବଂ ଭାରତୀୟ ଏଜେଣ୍ଟ କହି ଗାଳିଗୁଲଜ କରିଥିଲେ। କିଛି ଘଣ୍ଟା ପରେ ଢାକା ମେଟ୍ରୋପଲିଟାନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁନ୍ନିଙ୍କୁ ଉଦ୍ଧାର କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

## କାଶ୍ ପଟେଲ ହେବେ ଏଫ୍‌ବିଆଇ ଡାଇରେକ୍ଟର

ୱାଶିଂଟନ, ୧।୧୨

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଭାରତୀୟ ବଂଶୋଦ୍ଭବ କଶ୍ୟପ କାଶ୍ ପଟେଲଙ୍କୁ ତାଙ୍କ ନୂତନ ପ୍ରଶାସନରେ ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେଶନ(ଏଫ୍‌ବିଆଇ)ର ଡାଇରେକ୍ଟର ଭାବେ ଚୟନ କରିଛନ୍ତି। ଗୁଜରାଟର ମୂଳ ବାସିନ୍ଦା କାଶ୍‌ଙ୍କୁ ଟ୍ରମ୍ପଙ୍କ ଖୁବ୍ ନିକଟତର ଭାବେ ବିବେଚନା କରାଯାଇଥାଏ।



କାଶ୍ ପୂର୍ବରୁ ଆମେରିକାର ଜାତୀୟ ସୁରକ୍ଷା ପରିଷଦର ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏନେଇ ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଘୋଷଣା କରିଛନ୍ତି। ସେ ଲେଖିଛନ୍ତି, କାଶ୍ ହେଉଛନ୍ତି ଜଣେ ଉଜ୍ଜ୍ୱଳ ଆଇନଜୀବୀ, ଇନ୍‌ଭେଷ୍ଟିଗେଟର ତଥା ସାମାଜିକ କାର୍ଯ୍ୟକର୍ତ୍ତା, ଯିଏ ଦେଶରେ ବିଭିନ୍ନ ଦୁର୍ନୀତିକୁ ଉନ୍ମୋଚନ କରି ଆମେରିକାବାସୀଙ୍କୁ ସୁରକ୍ଷା ଯୋଗାଇ ଆସିଛନ୍ତି।

## ରାଜ କୁନ୍ଦ୍ରାଙ୍କୁ ଇଡି ସମନ

ମୁମ୍ବାଇ, ୧।୧୨

ହଟ୍‌ଶଟ୍ ମୋବାଇଲ ଆପ୍ ମାଧ୍ୟମରେ ପର୍ନୋଗ୍ରାଫି ଏବଂ ଆଡଲ୍ଟ ଫିଲ୍ମ ବିତରଣ ସହ ଜଡ଼ିତ ଅର୍ଥ ହେର୍‌ଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ରବିବାର ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ସ୍ୱାମୀ ତଥା ବ୍ୟବସାୟୀ ରାଜ୍ କୁନ୍ଦ୍ରାଙ୍କୁ ସମନ ଜାରି କରିଛି। ଅଧିକ ପଚରାଉଚରା ପାଇଁ ସୋମବାର ପୂର୍ବାହ୍ନରେ ମୁମ୍ବାଇସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ତାଙ୍କୁ ସମନ ହୋଇଛି। ପ୍ରକାଶ ଯେ, ଶୁକ୍ରବାର ରାଜଙ୍କର ଜୁହୁସ୍ଥିତ ବାସଭବନ ସମେତ ତାଙ୍କ ଅଫିସ୍ ଏବଂ ଅନ୍ୟ ଠିକଣାରେ ଇଡି ଅଧିକାରୀମାନେ ରେଡ୍ କରିଥିଲେ।

## ବୋଫର୍ସ ତଥ୍ୟ ପାଇଁ ଆମେରିକାକୁ ନ୍ୟାୟିକ ଅନୁରୋଧ ପଠାଇବ ସିବିଆଇ

ନୂଆଦିଲ୍ଲୀ,୧।୧୨(ପି.ଟି.)

ଅଶୀ ଦଶକରେ ସ୍ୱିଡେନ୍‌ରୁ ବୋଫର୍ସ ତୋପ କ୍ରୟ ଚୁକ୍ତିନାମା ନିମନ୍ତେ ୬୪ କୋଟି ଟଙ୍କା ଲାଞ୍ଚ କାରବାର ହୋଇଥିଲା। ଏହି ଦୁର୍ନୀତି ସମ୍ପର୍କରେ ଭାରତୀୟ ତଦନ୍ତକାରୀ ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଶେୟାର କରିବାକୁ ଆଗ୍ରହୀ ଥିବା ଘରୋଇ ତଦନ୍ତକାରୀ ମିଚେଲ ହେର୍ଶମାନ୍‌ଙ୍କଠାରୁ ସୂଚନା ପାଇବା ନିମନ୍ତେ ସିବିଆଇ ଖୁବ୍‌ଶୀଘ୍ର ଆମେରିକାକୁ ନ୍ୟାୟିକ ଅନୁରୋଧ ପଠାଇବ ବୋଲି ଜଣେ ଅଧିକାରୀ କହିଛନ୍ତି। ଏନେଇ ସିବିଆଇ ସ୍ୱତନ୍ତ୍ର ଅଦାଲତଙ୍କୁ ଜଣାଇଛି। ଅକ୍ଟୋବରରେ ଲେଟର୍ସ ରୋଗେଟୋରି (ଏଲ୍‌ଆର୍) ପଠାଇବା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏଥିପାଇଁ ଆଉ ୯୦ ଦିନ ଲାଗିବା ଆଶା କରାଯାଉଛି। ଏଲ୍‌ଆର୍ ହେଉଛି ତଦନ୍ତରେ ସହାୟତା ପାଇବା ପାଇଁ କୌଣସି ଦେଶକୁ ଅଦାଲତ ଦ୍ୱାରା ପଠାଯାଉଥିବା ଲିଖିତ ନିବେଦନ। ବୋଫର୍ସ ମାମଲାରେ ଦିଲ୍ଲୀ ହାଇକୋର୍ଟ ୨୦୦୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଦୋଷମୁକ୍ତ କରିଥିଲେ।



ପଣ୍ଡିଚେରୀରେ ପାଣିଘେରରେ ରହିଥିବା ଲୋକମାନଙ୍କୁ ସେନା ଯବାନମାନେ ଉଦ୍ଧାର କରୁଛନ୍ତି।

## ଫେଙ୍ଗାଲ ବାତ୍ୟା ପ୍ରଭାବରେ ପଣ୍ଡିଚେରୀରେ ଅଭୂତପୂର୍ବ ବର୍ଷା

ପଣ୍ଡିଚେରୀ,୧।୧୨

ବାତ୍ୟା ଫେଙ୍ଗାଲ ଶନିବାର ରାତିରେ ପଣ୍ଡିଚେରୀରେ ସ୍ଥଳଭାଗ ଛୁଇଁବା ପରେ ଦୀର୍ଘସମୟ ସେଠାରେ କେନ୍ଦ୍ରୀଭୂତ ରହିବାରୁ ଅଭୂତପୂର୍ବ ବର୍ଷା ସାଙ୍ଗକୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ୩ ଦଶନ୍ଧି ମଧ୍ୟରେ ପଣ୍ଡିଚେରୀରେ ଏଭଳି ବର୍ଷା ହୋଇ ନ ଥିଲା ବୋଲି ବରିଷ୍ଠ ନାଗରିକମାନେ କହିଛନ୍ତି। ଚାରିଆଡ଼ ଜଳାର୍ଣ୍ଣବ ହୋଇଥିବାବେଳେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସେନା ଯବାନଙ୍କୁ ନିୟୋଜିତ କରାଯାଇଛି। ସେହିପରି ତାମିଲନାଡୁର ଭିଲ୍ଲୁପୁରମ୍‌ରେ ମଧ୍ୟ ଅତି ପ୍ରବଳ ବର୍ଷା ହୋଇଛି। ପଣ୍ଡିଚେରୀରେ ଗତ ୨୪ ଘଣ୍ଟା ମଧ୍ୟରେ ୪୬ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷାଜଳ ଅନେକଙ୍କ ଘରେ ପଶିଥିବାବେଳେ ରାସ୍ତାରେ ପାର୍କିଂ କରିଥିବା ଗାଡ଼ିଗୁଡ଼ିକ ଅଧା ବୁଡ଼ିଯାଇଛି। ବାତ୍ୟା ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ିପଡ଼ିଛି। ଅନେକ ଅଞ୍ଚଳରେ ଫସଲ ପାଣିରେ ବୁଡ଼ିରହିଥିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ରାସ୍ତାଗୁଡ଼ିକରେ ପାଣି ଚାଲୁଥିବାରୁ ଗାଡ଼ି ଚଳାଚଳ ବନ୍ଦ ରହିଛି।

## ୩ ପିଲା ଜନ୍ମ ନ କଲେ ଲୁପ୍ତ ହୋଇଯିବ ସମାଜ: ଭାଗବତ

ନାଗପୁର,୧।୧୨

ଯଦି ଏକ ସମାଜରେ ଜନସଂଖ୍ୟା ହାର ୨.୧%ରୁ ତଳକୁ ରହେ, ତେବେ ସେହି ସମାଜ ସ୍ୱତଃ ଲୁପ୍ତ ହୋଇଯିବ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ପରିବାରର ଗୁରୁତ୍ୱ ବୁଝାଇବାକୁ ଯାଇ ରବିବାର ଏହି ମନ୍ତବ୍ୟ ଦେଇଛନ୍ତି। ମହାରାଷ୍ଟ୍ରର ନାଗପୁରରେ 'କାଥାଲେ ସମ୍ମେଳନ୍'କୁ ସମ୍ବୋଧିତ କରି ସରସଂଘଚାଳକ ଭାଗବତ କହିଛନ୍ତି, ସମାଜରେ ପରିବାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନସଂଖ୍ୟା ବିଜ୍ଞାନ ଅନୁସାରେ ମୋଟ ପ୍ରଜନନ ହାର



ମୋହନ ଭାଗବତ

୨.୧ ତଳକୁ ଖସିଲେ ସମାଜ ଲୋପ ପାଇଯିବା ଆଶଙ୍କା ରହିଛି। କ୍ରମକ୍ଷୟିଷ୍ଣୁ ଜନସଂଖ୍ୟା ଗମ୍ଭୀର ବିଷୟ। ଭାରତରେ ମହିଳାମାନଙ୍କ ମୋଟ ପ୍ରଜନନ ହାର ୨କୁ ଖସିଥିବାବେଳେ ଗର୍ଭନିରୋଧକ ପ୍ରଚଳନ ହାର ୬୭%କୁ ବଢ଼ିଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେରୁ ଜଣାପଡ଼ିଛି।

### ୨ ସନ୍ତାନ ନୀତି ରଦ୍ଦ କରିବ ତେଲଙ୍ଗାନା

ନୂଆଦିଲ୍ଲୀ,୧।୧୨

ଆନ୍ଧ୍ରପ୍ରଦେଶ ସରକାର ୨ ସନ୍ତାନ ନୀତିକୁ ରଦ୍ଦ କରିବା ପରେ ଏବେ ଜନସଂଖ୍ୟା ନିୟନ୍ତ୍ରଣକୁ ନେଇ ବିତର୍କ ଲାଗିରହିଥିବାବେଳେ ତେଲଙ୍ଗାନା ମଧ୍ୟ ଅନୁରୂପ ପଦକ୍ଷେପ ନେବାକୁ ଯାଉଛି। ଏଥିପାଇଁ ତେଲଙ୍ଗାନା ଏହାର ପଞ୍ଚାୟତିରାଜ ଆଇନ, ୨୦୧୮ରେ ସଂଶୋଧନ କରିବ। ଏନେଇ ଖୁବ୍‌ଶୀଘ୍ର ଫାଇଲ୍ ରାଜ୍ୟ କ୍ୟାବିନେଟରେ ଦାଖଲ ହେବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ୨ ସନ୍ତାନ ନୀତି ଯୋଗୁ ରାଜ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢୁଛି। ପରିବାର ନିୟୋଜନ ଯୋଜନାରେ ପରିବର୍ତ୍ତନ କରିବା ସମୟ ଆସିଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୨୦୪୭ ସୁଦ୍ଧା ତେଲଙ୍ଗାନାରେ ଅଧିକ ଯୁବବର୍ଗ କିମ୍ବା ପିଲା ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଆନ୍ଧ୍ରପ୍ରଦେଶ ସରକାର ୨ ସନ୍ତାନ ନୀତି ରଦ୍ଦ କରିଥିଲେ।

## ଯୌନକର୍ମୀଙ୍କୁ ମାତୃତ୍ୱ ଛୁଟି, ପେନ୍‌ସନ

### ବେଲଜିୟମରେ ଲାଗୁହେଲା

ବ୍ରସେଲ୍ସ, ୧।୧୨

ବିଶ୍ୱର ପ୍ରଥମ ଦେଶ ଭାବେ ବେଲଜିୟମ ଯୌନକର୍ମୀମାନଙ୍କୁ ମାତୃତ୍ୱ ଛୁଟି, ପେନ୍‌ସନ, ସ୍ୱାସ୍ଥ୍ୟବୀମା, ଡାକ୍ତରୀ ଛୁଟି ଆଦି ସୁବିଧା ପ୍ରଦାନ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀ ଭାବେ କୌଣସି ମଧ୍ୟ ଦେଶ ଯୌନକର୍ମୀମାନଙ୍କୁ ଏପରି ସୁବିଧା ପ୍ରଦାନ କରି ନ ଥିଲେ। ଅନ୍ୟ ବୃତ୍ତି ପରି ଯୌନ କର୍ମୀମାନଙ୍କୁ ସମାନ ସୁବିଧା ପ୍ରଦାନ କରିବା ନେଇ ଐତିହାସିକ ଆଇନକୁ ବେଲଜିୟମରେ ରବିବାରଠାରୁ ଲାଗୁ କରାଯାଇଛି। ସରକାରଙ୍କ ଏହି ପଦକ୍ଷେପକୁ ବେଲଜିୟମ ଯୌନକର୍ମୀ ସଂଘ ସ୍ୱାଗତ କରିଛି। ସଂଘ ଅନୁଯାୟୀ, ୯ ମାସ ଧରି ଗର୍ଭବତୀ ଥିବା ସତ୍ତ୍ୱେ ମଧ୍ୟ ବହୁ ଯୌନକର୍ମୀଙ୍କୁ ସେମାନଙ୍କ କ୍ଲାଏଣ୍ଟଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ପଡ଼ିଥାଏ। ସେହିପରି ଡେଲିଭରି ହେବା ପରେ ମଧ୍ୟ ସେମାନେ ଶାରୀରିକ ପୀଡ଼ା ସହ ଯୌନକ୍ରିୟାରେ ସାମିଲ ହୋଇଥାନ୍ତି। ଏଥିରେ ଉଭୟ ମା' ଓ ଶିଶୁଙ୍କଠାରେ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଥାଏ ବୋଲି ଯୌନକର୍ମୀ ସଂଘ କହିଛି। ସେହିପରି ବେଲଜିୟମ ସରକାରଙ୍କ ଏହି ଆଇନକୁ ଯୌନକର୍ମୀଙ୍କ ଅଧିକାର ଦିଗରେ ସର୍ବୋତ୍ତମ ପଦକ୍ଷେପ କହି 'ହ୍ୟୁମାନ ରାଇଟ୍ସ ୱାଚ'ର ଗବେଷକ ଏରିନ କିଲବ୍ରିଡ୍ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ୨୦୨୨ରେ ଯୌନ କାର୍ଯ୍ୟକୁ ଅପରାଧମୁକ୍ତ କାର୍ଯ୍ୟ ଭାବେ ବେଲଜିୟମ ଘୋଷଣା କରିଥିଲା।

## ଆମେରିକାର ସରକାରୀ ଖର୍ଚ୍ଚରେ ରହୁଛନ୍ତି ବେଆଇନ ପ୍ରବାସୀ

ୱାଶିଂଟନ, ୧।୧୨

ନ୍ୟୁୟର୍କ ସହରର ମ୍ୟାନ୍‌ହଟ୍ଟନସ୍ଥିତ ରୁଜଭେଲ୍ଟ ପାଞ୍ଚତାରକା ହୋଟେଲରେ ବେଆଇନ ପ୍ରବାସୀଙ୍କୁ ରଖିବା ପାଇଁ ନ୍ୟୁୟର୍କ ପ୍ରଶାସନ ୨୨୦ ମିଲିୟନ ୟୁଏସ୍ ଡଲାର ପ୍ରଦାନ କରିଛି। ଉକ୍ତ ହୋଟେଲ ପାକିସ୍ତାନ ସରକାରଙ୍କ ମାଲିକାନାରେ ରହିଥିବା ନେଇ ଶନିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ପ୍ରସିଦ୍ଧ ଆମେରିକୀୟ ଲେଖକ ଜନ ଲେଫେଭ୍ରେ ଏକ୍ସ'ରେ ଏ ସମ୍ପର୍କିତ ସୂଚନା ଦେଇଛନ୍ତି। ତେବେ ନ୍ୟୁୟର୍କ ସହର ପ୍ରଶାସନ ପକ୍ଷରୁ ଉକ୍ତ ପଦକ୍ଷେପକୁ ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ ନେତା ବିବେକ ରାମାସ୍ୱାମୀ ସମାଲୋଚନା କରିଛନ୍ତି। ନ୍ୟୁୟର୍କ ପ୍ରଶାସନର ଏହି ନିଷ୍ପତ୍ତି ପାଗଳାମିକୁ ଦର୍ଶାଉଛି ବୋଲି

### ସମାଲୋଚନା କଲେ ବିବେକ ରାମାସ୍ୱାମୀ



ସେ କହିଛନ୍ତି। ସହରରେ ବେଆଇନ ପ୍ରବାସୀଙ୍କୁ ରଖିବା ପାଇଁ ନ୍ୟୁୟର୍କର ଟିକସଦାତାମାନେ ସେମାନଙ୍କ ଟିକସକୁ ପ୍ରକୃତରେ ଏକ ବିଦେଶୀ ସରକାରଙ୍କୁ ଦେଉଛନ୍ତି ବୋଲି ରାମାସ୍ୱାମୀ କହିଛନ୍ତି।

## ପ୍ରୋଟିନ୍ ପରିବର୍ତ୍ତନ ପାଇଁ ମେଶିନ୍ ଲର୍ନିଂ ପ୍ରେଡିକ୍ଟର

ନୂଆଦିଲ୍ଲୀ,୧।୧୨(ପି.ଟି.)

ପ୍ରୋଟିନ୍‌ର ମୂଳ ଆନୁବଂଶିକ ସଂରଚନାରେ ପରିବର୍ତ୍ତନ ପାଇଁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି), ମାଡ୍ରାସର ଗବେଷକମାନେ ଏକ ମେଶିନ ଲର୍ନିଂ ଆଧାରିତ ପ୍ରେଡିକ୍ଟର ବିକଶିତ କରିଛନ୍ତି। ବର୍ତ୍ତମାନର ପଦ୍ଧତି ଅଧିକ ସମୟସାପେକ୍ଷ ଏବଂ ବ୍ୟୟବହୁଳ ହୋଇଥିବାବେଳେ ନୂଆ ପଦ୍ଧତି ଏହା ତୁଳନାରେ ବହୁତ ଉନ୍ନତ ବୋଲି ଜଣେ ଅଧିକାରୀ କହିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଆଇଟି) ଆଧାରିତ ଉପକରଣ 'DeepPPAPredMut'ରେ ୟୁଜର ଅନୁକୂଳ ୱେବ୍ ସର୍ଭର ରହିଛି, ଯାହା ଗବେଷକମାନଙ୍କ ପାଇଁ ସୁଗମତା ବଢ଼ାଇଥାଏ। ବାୟୋଇନ୍‌ଫର୍ମେଟିକ୍ସ ନାମକ ମର୍ଯ୍ୟାଦାଜନକ ପତ୍ରିକାରେ ଏହି ଗବେଷଣା ପ୍ରକାଶ ପାଇଛି।



ପ୍ରୋଟିନ୍ ଅଧ୍ୟୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଲ୍ ସିଗ୍‌ନାଲିଂ, ପ୍ରତିରୋଧ ପ୍ରତିକ୍ରିୟା ଏବଂ କୋଷ ଚକ୍ରଣରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ସେଗୁଡ଼ିକ ଏଞ୍ଜାଇମ୍ ଭାବେ ରହିପାରେ ଏବଂ ଜୈବରସାୟନ ପ୍ରତିକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ମାଂସପେଶୀ ଟିସୁରେ ଥିବା ଆକ୍ଟିନ୍ ଏବଂ ମ୍ୟୋସିନ୍‌ରେ ମଧ୍ୟ ଏହାର ଗଠନମୂଳକ ଏବଂ ଯାନ୍ତ୍ରିକ କାର୍ଯ୍ୟ ରହିଛି। ତେବେ ପ୍ରୋଟିନ୍-ପ୍ରୋଟିନ୍ କମ୍ପ୍ଲେକ୍ସରେ ମ୍ୟୁଟେଶନ ବା ମୂଳ ଆନୁବଂଶିକ ସଂରଚନାରେ ପରିବର୍ତ୍ତନ ବେଳେ ସମସ୍ୟା ସୃଷ୍ଟି ହୋଇଥାଏ। ଏହା

### ଆଇଆଇଟି ମାଡ୍ରାସ ଗବେଷକଙ୍କ ସଫଳତା

କମ୍ପ୍ଲେକ୍ସର ସ୍ଥିରତାକୁ ପ୍ରଭାବିତ କରିବା ସହ ଏହାର କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିଥାଏ, ଯେଉଁଥିପାଇଁ ରୋଗ ସୃଷ୍ଟି ହୁଏ। ପ୍ରୋଟିନ୍-ପ୍ରୋଟିନ୍ କମ୍ପ୍ଲେକ୍ସ ହେଉଛି ୨ ବା ତଦୂର୍ଦ୍ଧ୍ୱ ପ୍ରୋଟିନ୍‌ର ଏକତ୍ରୀକରଣ। ପ୍ରୋଟିନ୍‌ର ଦୁଇ ବା ତା'ଠାରୁ ଅଧିକ ଅଣୁ ମଧ୍ୟରେ ପାରସ୍ପରିକ କ୍ରିୟାର ଶକ୍ତି ହେଉଛି ବନ୍ଧନ ଶକ୍ତି, ଯାହା ପ୍ରୋଟିନ୍-ପ୍ରୋଟିନ୍ କମ୍ପ୍ଲେକ୍ସ ମ୍ୟୁଟେଶନ୍‌ର ପ୍ରଭାବ ଆକଳନ କରିବାରେ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇଆଇଟି ମାଡ୍ରାସ ବାୟୋଟେକ୍ନୋଲୋଜି ବିଭାଗ ପ୍ରଫେସର ଏମ୍. ମିଚେଲ ଗ୍ରୋମିହା କହିଛନ୍ତି।

## ୧୨ ଜିଲାରେ ସାମାନ୍ୟ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧।୧୨
(ଅନୁରାଧା ମହାରଣା)

ରାଜ୍ୟର କେତେକ ସ୍ଥାନରେ ରବିବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ନୂଆପଡ଼ାରେ ସର୍ବାଧିକ ୧୬.୪ ମିମି ବର୍ଷା ହୋଇଥିବାବେଳେ ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଆଦି ଜିଲାର କିଛି ସ୍ଥାନରେ ମଧ୍ୟ ବର୍ଷା ରେକର୍ଡ କରାଯାଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ବିଶେଷକରି କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଏଥିସହ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ରାତି ତାପମାତ୍ରା ହ୍ରାସ ପାଇଥିବାବେଳେ ଉପକୂଳ, ଉତ୍ତର ଉପକୂଳ, ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ରାତି ତାପମାତ୍ରା ବୃଦ୍ଧି ପାଇଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝରଗଡ଼, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ ଆଦି ୧୨ ଜିଲାରେ ସାମାନ୍ୟ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଏମ୍‌କେସିଜିରେ ପୁଣି ରାଗିଂ

### ଖାତା ଲେଖିବାକୁ ବାଧ କରୁଛନ୍ତି ସିନିୟର

ବ୍ରହ୍ମପୁର,୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପୁଣି ରାଗିଂ ଅଭିଯୋଗ ଆସିଛି। କେତେଜଣ ସିନିୟର ଛାତ୍ରୀ ପ୍ରଥମ ବର୍ଷ ଏମ୍‌ବିବିଏସ ହଷ୍ଟେଲକୁ ଆସି ଜୁନିୟର ଛାତ୍ରୀଙ୍କୁ ନିଜ ଖାତା ଲେଖିଦେବାକୁ ବାଧ କରୁଛନ୍ତି। ନ ଲେଖିଲେ ବିଭିନ୍ନ ଧମକ ଦେଉଥିବା ଅଭିଯୋଗ ହୋଇଛି।

ଏମ୍‌କେସିଜି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପ୍ରଥମ ବର୍ଷରେ ପଢୁଥିବା ଏକାଧିକ ଛାତ୍ରୀଙ୍କୁ ରାଗିଂ କରାଯାଉଥିବା ସମ୍ପର୍କରେ ଜଣେ ଛାତ୍ରୀଙ୍କ ବାପା ଦିଲ୍ଲୀସ୍ଥିତ ଆଣ୍ଟି ରାଗିଂ ସେଲ୍‌ରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ଏମ୍‌କେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି। ତେଣୁ ସୋମବାର ଏମ୍‌କେସିଜି ଆଣ୍ଟି ରାଗିଂ କମିଟି ବୈଠକ ବସିବ ବୋଲି ସୂଚନା ମିଳିଛି। ଛାତ୍ରୀଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଝିଅ ସହ ହଷ୍ଟେଲରେ ୪୦ଜଣ ପ୍ରଥମ ବର୍ଷର ଛାତ୍ରୀ ରହୁଛନ୍ତି। ୪ ଜଣ ସିନିୟର ଛାତ୍ରୀ ପ୍ରତ୍ୟେକ ରାତିରେ ହଷ୍ଟେଲ ଭିତରକୁ ଯାଉଛନ୍ତି। ସେମାନେ ନିଜର ଖାତା ଲେଖିଦେବାକୁ ବାଧ କରୁଛନ୍ତି। ପ୍ରଥମ ବର୍ଷର ଛାତ୍ରୀମାନେ ରାଜି ନ ହେଲେ ରାଗିଂ କରିବା ସହ ନାନାପ୍ରକାର ଧମକ ଦେଉଛନ୍ତି ବୋଲି ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି।

# ଓଡ଼ିଆ ଅସ୍ମିତାର ପ୍ରତୀକ କୋଣାର୍କ ଉତ୍ସବ

## ୩୫ତମ କୋଣାର୍କ ଏବଂ ୧୪ତମ ଅନ୍ତର୍ଜାତୀୟ ବାଲୁକାକଳା ଉତ୍ସବ ଆରମ୍ଭ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟମାନେ ଫଟୋ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।




କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

କୋଣାର୍କ,୧।୧୨(ଜ୍ୟୋତିରାଜ ମହାନ୍ତି)

ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ସଂସ୍କୃତି ବିଭାଗ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଭାଗିତାରେ ରବିବାରଠାରୁ କୋଣାର୍କରେ ୩୫ତମ କୋଣାର୍କ ଉତ୍ସବ ଏବଂ ୧୪ତମ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବ ଆରମ୍ଭ ହୋଇଛି। ଏହା ୫ଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବଲୱନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା ଏବଂ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ପ୍ରଦର୍ଶନୀ ବୁଲି ଦେଖିଥିଲେ। ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ, ସେ ପ୍ରଥମ ଥର ଏଭଳି ଉତ୍ସବକୁ ଆସି ବହୁତ ଆନନ୍ଦିତ। ଏହି ବିଶ୍ୱସ୍ତରୀୟ ଉତ୍ସବ ଓଡ଼ିଆ ଅସ୍ମିତାର ପ୍ରତୀକ ସ୍ୱରୂପ। ଏଥିରେ ଦେଶବିଦେଶର କଳାକାର ଓ ବାଲୁକାଶିଳ୍ପୀମାନେ ଯୋଗଦେଇଥିବାବେଳେ ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ହେଉଛି। ଆଗାମୀ ଦିନରେ ଏହି ଉତ୍ସବକୁ ଆହୁରି ଅଧିକ ଆକର୍ଷଣୀୟ କରାଯିବ। ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡ଼ିଶୀ ନୃତ୍ୟରେ ଜଗନ୍ନାଥ ଅଷ୍ଟକମ୍ ପରିବେଷଣ କରିଥିଲେ। ଏଥିସହ ଭବରଙ୍ଗ ଓ ଶକ୍ତି ନାମକ ନୃତ୍ୟରେ ଶିବ ଏବଂ ଶକ୍ତିଙ୍କ ଶକ୍ତି ସମ୍ପର୍କରେ ଏକ ସୁନ୍ଦର ଉପସ୍ଥାପନା କରି ଦର୍ଶକଙ୍କ ମନ ଛୁଇଁଥିଲେ। ସଙ୍ଗୀତରେ ସ୍ୱର ଦେଇଥିଲେ ଗୁରୁ ଡ. ବିଜୟ କୁମାର ଜେନା ଓ ଗୁରୁ ବିଜୟ କୁମାର ବାରିକ। ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଲିଙ୍ଗରାଜ ପ୍ରଧାନ ଓ ଗୁରୁ ପଙ୍କଜ କୁମାର ପ୍ରଧାନ। ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦିଲ୍ଲୀରୁ ଆସିଥିବା ମାଳତି ଶ୍ୟାମ ଓ ସାଥୀଙ୍କ ଦ୍ୱାରା ଲକ୍ଷ୍ନୌ ଘରାନାର ନର୍ତ୍ତନମଞ୍ଜରୀ ପରିବେଷଣ ହୋଇଥିଲା। ଶୀତୁଆ ସନ୍ଧ୍ୟାରେ ଏହା ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବ ଆରମ୍ଭ ହୋଇଛି। ଚଳିତ ବର୍ଷ ଭାରତର ବିଭିନ୍ନ ରାଜ୍ୟରୁ ପ୍ରାୟ ୧୨୧ ଏବଂ ସ୍ପେନ୍, ଜର୍ମାନ୍, ପର୍ତ୍ତୁଗାଲ, ଜାପାନ, ରୁଷିଆ, ୟୁକେ, ଶ୍ରୀଲଙ୍କା ଓ ମେକ୍ସିକୋରୁ ୮ଜଣ ବିଦେଶୀ ଶିଳ୍ପୀ ଯୋଗଦେଇଛନ୍ତି। ଏହି ଶିଳ୍ପୀମାନେ ସେମାନଙ୍କ ଚାତୁରି ଓ କଳାନୈପୁଣ୍ୟରେ ମହିଳା ସଶକ୍ତୀକରଣ, ଓଡ଼ିଆ ଅସ୍ମିତା ଏବଂ ବିଶ୍ୱ ଐତିହ୍ୟ ଓ ପ୍ରତ୍ନତତ୍ତ୍ୱ ଉପରେ ସୃଷ୍ଟି କରିବେ ସୁନ୍ଦର ବାଲୁକାକଳା, ଯାହା ଦର୍ଶକଙ୍କ ମନରେ ପୁଲକ ଭରିଦେବ। ସୂଚନାଯୋଗ୍ୟ, ୧୯୮୯ ମସିହାଠାରୁ ପ୍ରତିବର୍ଷ ସୂର୍ଯ୍ୟମନ୍ଦିର ପରିସରରେ କୋଣାର୍କ ଉତ୍ସବ ଆୟୋଜନ ହୋଇଆସୁଛି।

## ହାତୀ ଆକ୍ରମଣରେ ଜଣେ ବନ କର୍ମଚାରୀ ମୃତ, ୨ ଗୁରୁତର

ବଲାଙ୍ଗୀର,୧।୧୨
(ବୀରେନ୍ଦ୍ର କୁମାର ଝାଙ୍କର)



କଣ୍ଟାବାଞ୍ଜି ରେଞ୍ଜର ବାନ୍ଧନପାଲି ଗାଁ ନିକଟ ଜଙ୍ଗଲରେ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଦନ୍ତାହାତୀ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଞ୍ଜ ଅନ୍ତର୍ଗତ ଢୋଲମାନ୍ଦଲ ସେକ୍‌ସନର ବାନ୍ଧନପାଲି ଗାଁ ନିକଟରେ ରବିବାର ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବନ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ବନ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ମୃତ ବନ କର୍ମଚାରୀ ହେଲେ ରୂପେଶ ଛତ୍ରିଆ। ଦୁଇ ଗୁରୁତର ବନ କର୍ମଚାରୀ ହେଲେ ପ୍ରଶାନ୍ତ ନାୟକ ଏବଂ ତାରେଶ୍ୱର ରଣା। ଏହି ଦୁଇ ବନ କର୍ମଚାରୀ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ବାନ୍ଧନପାଲି ଅଞ୍ଚଳରେ ଏକ ଦନ୍ତାହାତୀ ବୁଲୁଥିବା ଖବର ପାଇବା ପରେ ସକାଳେ କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା ଓ ଲାଠୋର ରେଞ୍ଜର ବନ କର୍ମଚାରୀମାନେ ହାତୀ ଟ୍ରାକିଂ କରୁଥିଲେ। ଜଙ୍ଗଲ ଭିତରେ ଟ୍ରାକିଂ କରୁଥିବାବେଳେ ସେମାନେ ହଠାତ୍ ଦନ୍ତାହାତୀ ସହ ମୁହାଁମୁହିଁ ହୋଇଥିଲେ। ଦନ୍ତାଟି ପ୍ରୋଟେକ୍‌ସନ୍ ସ୍କ୍ୱାଡ୍ ଉପରେ ଆକ୍ରମଣ କରିଥିଲା। ଏଥିରେ ରୂପେଶ, ପ୍ରଶାନ୍ତ ଓ ତାରେଶ୍ୱର ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କଣ୍ଟାବାଞ୍ଜି ହସ୍ପିଟାଲ ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ରୂପେଶଙ୍କ ଜଙ୍ଘ ଓ ଛାତି ଉପରେ ଦନ୍ତା ଆକ୍ରମଣ କରିଥିବାରୁ ସେ ଅତି ଗୁରୁତର ହୋଇପଡିଥିଲେ। ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା ଓ ଅନ୍ୟ ବନ ଅଧିକାରୀ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ପହଞ୍ଚିଥିଲେ। ଦୁଇ ଗୁରୁତର କର୍ମଚାରୀଙ୍କୁ ଉତ୍ତମ ଚିକିତ୍ସା ଦେବାକୁ ଜୋର ଦିଆଯାଇଛି।

## ଛାତ୍ରାବାସରେ ନିର୍ଯାତନା ଅଭିଯୋଗ | ୮ କି.ମି. ଚାଲି ପଳାଇ ଆସିଲେ ୫ ଅନ୍ତେବାସୀ

ନବରଙ୍ଗପୁର/ ପାପଡାହାଣ୍ଡି,୧।୧୨
(ସଦାଶିବ ପ୍ରହରାଜ/ ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ବ୍ଲକ ତାରାଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ୫ ଅନ୍ତେବାସୀ ଛାତ୍ରାବାସ ଛାଡ଼ିଛନ୍ତି। ପିଲାମାନେ ରବିବାର ସକାଳେ ଛାତ୍ରାବାସରେ କାହାକୁ ନ ଜଣାଇ ଲୁଚିକି ୮ କିଲୋମିଟର ଚାଲି ଚାଲି ଅନ୍ୟ ଏକ ଗ୍ରାମକୁ ଚାଲି ଆସିଥିଲେ। ସ୍ଥାନୀୟ ଗ୍ରାମବାସୀ ଛାତ୍ରଙ୍କୁ ଅଟକାଇ ଖାଇବାକୁ ଦେବା ସହ ପୋଲିସ ଓ ବିଦ୍ୟାଳୟକୁ ଖବର ଦେଇଥିଲେ। ପରେ ପୋଲିସ, ଶିକ୍ଷୟିତ୍ରୀ ଗ୍ରାମରେ ପହଞ୍ଚିବା ପରେ ପିଲାମାନଙ୍କୁ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି।

ଅଭିଯୋଗ ଅନୁସାରେ, ତାରାଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପିଅନ ବାସୁଦେବ ସୌରା ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବାରୁ ୫ ଜଣ ୪ର୍ଥ ଶ୍ରେଣୀ ଛାତ୍ର ହଷ୍ଟେଲ ଛାଡି ସକାଳ ୯ଟାରେ ଲୁଚିକି ପଳାଇ ଆସିଥିଲେ। ବିଦ୍ୟାଳୟରୁ ବାହାରି ପ୍ରାୟ ୮ କି.ମି ଚାଲି ଚାଲି ଭୁଲ୍ ରାସ୍ତାରେ ପାପଡାହାଣ୍ଡି ବ୍ଲକ ଟିଙ୍ଗଡ଼େଶ୍ୱର ପାଖରେ ପହଞ୍ଚିଥିଲେ। ଗ୍ରାମବାସୀ ଛାତ୍ରଙ୍କୁ ଦେଖି ପଚାରିବାରୁ ସେମାନେ ଛାତ୍ରାବାସ ଛାଡି ନିଜ ଘର ସିଙ୍ଗିସି ଗ୍ରାମକୁ ଯାଉଥିବା କହିଥିଲେ। ସନ୍ଧ୍ୟାରେ ଥାନା ଅଧିକାରୀ ଦୀପକ କୁମାର ଜେନା ଓ ବିଦ୍ୟାଳୟ ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଯମୁନା ହରିଜନ ଓ ଅଭିଭାବକ ଗ୍ରାମରେ ପହଞ୍ଚିଥିଲେ। ପୋଲିସ ତଦନ୍ତ ପରେ ଅନ୍ତେବାସୀଙ୍କୁ ଅଭିଭାବକଙ୍କୁ ହସ୍ତାନ୍ତର କରିଥିଲେ। ଛାତ୍ରାବାସ ଦାୟିତ୍ୱରେ ରହୁଥିବା ଶିକ୍ଷୟିତ୍ରୀ କୌଣସି ଦାୟିତ୍ୱ ନେଉ ନ ଥିବା ଏବଂ ସେ ବିଦ୍ୟାଳୟ ପରିସରରେ ରହୁ ନ ଥିବାରୁ ପିଅନ ବାସୁଦେବ ଛାତ୍ରଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ରଙ୍କୁ ଯୋଗାଯୋଗ କରିବାରୁ ସୋମବାର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ପଠାଇ ତଦନ୍ତ କରିବେ ବୋଲି କହିଛନ୍ତି।

## ବିଶ୍ୱ ବିସ୍ମୟ ମନ୍ଦିରର ସବୁଠୁ ଆଶ୍ଚର୍ଯ୍ୟ ଥିଲେ 'ସୂର୍ଯ୍ୟ-ଶିବ' ବିଗ୍ରହ

ଡ. ସୁରେନ୍ଦ୍ର କୁମାର ମିଶ୍ର




ଶ୍ରୀପଦ୍ମକେଶର ମନ୍ଦିର ପୂର୍ବରୁ କୋଣାର୍କରେ ମହାପ୍ରଭୁଙ୍କ ରଥଯାତ୍ରା ହେଉଥିଲା। ୧୨୫୫ ମସିହାରେ ୧୨ଟି ମୁକୁଟ ଆସିଥିଲା ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ। ଆମେ ଗତ ସଂଖ୍ୟାରେ ଲେଖିଥିଲୁ ବିଶ୍ୱର ବିସ୍ମୟ ମନ୍ଦିରଟିଏ ନିର୍ମାଣ ପାଇଁ କେବଳ ମହାରାଜା ନୁହନ୍ତି ମହାରାଣୀମାନଙ୍କର ସକାରାତ୍ମକ ଭାବ କିପରି ରହିଥିଲା, ଲକ୍ଷ୍ୟ କରିବା କଥା। ମହାରାଣୀ ସୀତାଦେବୀଙ୍କର 'ଇଚ୍ଛାପତ୍ର' ସ୍ୱୀକୃତି ପାଇବା ପରେ ସେ କୋଣାର୍କରୁ ଫେରି ଯାଇଥିଲେ।

ତା'ପରେ ମାର୍ଗଶିର ମାସ ତୃତୀୟ ଦିନ କସ୍ତୁରିକା ମୋଦିନୀ କୋଣାର୍କରେ ପହଞ୍ଚିଥିଲେ। ତାଙ୍କରି ଆଦେଶରେ ଦେବୀ ସିଦ୍ଧେଶ୍ୱରୀ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ବୋଲି ମାଦଳାପାଞ୍ଜିରୁ ଜଣାପଡ଼େ। ଏହି ମନ୍ଦିରର ମାପ ଦେଇଥିଲେ ଶିବେଇ ସାମନ୍ତରା। କସ୍ତୁରିକା ମୋଦିନୀଙ୍କ ଉପସ୍ଥିତିରେ ଦେବୀଙ୍କ ମନ୍ଦିରର ଭୂମିପୂଜା ହୋଇ ମୂଳଦୁଆ ଖୋଳାହୋଇଥିଲା।

ଏ ପଟେ ମୂଳଦୁଆ ଖୋଳା ଆରମ୍ଭ ହେବା ବେଳକୁ ଅରୁଣସ୍ତମ୍ଭ ନିର୍ମାଣ ପ୍ରାୟ ସମାପ୍ତ ହୋଇଆସିଥିଲା। ସାଙ୍ଗରେ ୧୨ଜଣ ପଥରଶିଳ୍ପୀଙ୍କୁ ନେଇ ଗଦାଧର ମହାପାତ୍ର କାର୍ଯ୍ୟକୁ ଆଗେଇ ନେଇଥିଲେ। କେଉଁ ଶିଳ୍ପୀ କ'ଣ ନିର୍ମାଣ କରିଥିଲେ। କାହା ଦ୍ୱାରା କେଉଁ କାର୍ଯ୍ୟ ସଫଳ ହୋଇଥିଲା, ତାହା ଲେଖିବାର କାରଣ ଯେଉଁ ବାହାରିଆ ଲେଖକ ଲେଖିଯାଇଛନ୍ତି ଯେ ଓଡ଼ିଆ ଶିଳ୍ପୀ କୋଣାର୍କଠାରେ ମନ୍ଦିର ନିର୍ମାଣ କରି ନ ଥିଲେ, ସେମାନଙ୍କ ମତକୁ ଖଣ୍ଡନ କରିବା। ମକରମୁଣ୍ଡ ନିର୍ମାଣ ଦାୟିତ୍ୱରେ ଥିଲେ ଗଙ୍ଗା ମହାପାତ୍ର। ତାଙ୍କର ସହଯୋଗୀ ଦଶଜଣ ଶିଳ୍ପୀଙ୍କ ମଧ୍ୟରେ ଥିଲେ ବଡ଼ ନାରାୟଣ ମହାପାତ୍ର। ଏହା ପରେ ପରେ ପଶ୍ଚିମପଟ ଏବଂ ଦକ୍ଷିଣ ତଥା ଉତ୍ତରଦିଗର ନିଶାମନ୍ଦିର ନିର୍ମାଣ ସରିଥିଲା। ଚାରି ବାହୁବିଶିଷ୍ଟ ନାରାୟଣ ବିଗ୍ରହ, ବନ୍ଦାପନା ମଣ୍ଡପର 'ରଙ୍ଗପୀଠ', ପଦ୍ମ ଆକୃତିର ମୁଦଶିଳା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା।

ଏହାପରେ ଦୁଇଟି କୂଅ ଇଟାରେ ନିର୍ମିତ ହେଲା। ଗୋଟିଏ କୂଅ ରୋଷଘର ନିକଟରେ, ଅନ୍ୟଟି ମୁଖଶାଳା ନିକଟରେ। ବାଲିପାଟଣାର ନାୟକ ଏଥିପାଇଁ ଯୋଗାଇଥିଲେ ୩୦୦୦ ଇଟା, ଆଉ ଗୋଟିଏ କୂଅ କୋଣାର୍କର ଗୁଣ୍ଡିଚାଘର ନିକଟରେ ଖୋଳାଯାଇଥିଲା। ବର୍ଣ୍ଣନାରୁ ଜଣାପଡୁଛି ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ବହୁ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ଥିଲା। ମହାପ୍ରଭୁ ବିଜେ କରିସାରିଥିଲେ। ରଥଦାଣ୍ଡ ବୋଲି ସେତେବେଳେ ଗୋଟିଏ ଦାଣ୍ଡ ପ୍ରସିଦ୍ଧ ଥିଲା। ତେଣୁ ରଥଯାତ୍ରା ମଧ୍ୟ କୋଣାର୍କରେ ପ୍ରଚଳିତ ଥିଲା। ରଥଦାଣ୍ଡର ଶେଷରେ ଥିଲା ଗୁଣ୍ଡିଚାଘର। ଗୁଣ୍ଡିଚାଘର କୂଅ ପ୍ରସିଦ୍ଧ ଥିଲା 'ମୁଦୁଲି କୂଅ' ନାମରେ। ସେଇ ସଂଗ୍ରହାଳୟରେ ଅଛି।



କୋଣାର୍କ ସଂଗ୍ରହାଳୟରେ ଥିବା ସୂର୍ଯ୍ୟ-ଶିବଙ୍କ ବିଗ୍ରହ।

ଅହରହ ବିଗ୍ରହ ନିର୍ମାଣ ଚାଲୁଥିଲାବେଳେ ପାଉଣା/ପୁରସ୍କାରର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଥିଲା। ଅନେକ ବିଗ୍ରହ 'ଚୁକ୍ତିଭିତ୍ତିକ' ନିର୍ମାଣ କରାଇବାକୁ ଶିବେଇ ସାମନ୍ତରା ସ୍ୱୀକୃତି ପ୍ରଦାନ କରିଥିଲେ। ଫଳରେ ଫୁରସତ୍ ବେଳକୁ ମଧ୍ୟ ଶିଳ୍ପୀ ନିର୍ମାଣଶାଳାରେ ଅତିବାହିତ କରୁଥିଲେ। ନିର୍ଦ୍ଦିଷ୍ଟ ତିଥି ଏବଂ ବାର ମଧ୍ୟରେ ମୂର୍ତ୍ତି ନିର୍ମାଣ ସାରିବାକୁ ପଡୁଥିଲା। ଗୋବିନ୍ଦ ମହାପାତ୍ରଙ୍କ 'ସୂର୍ଯ୍ୟଶିବ' ବିଗ୍ରହ ନିର୍ମାଣକୁ ଆମେ ଉଦାହରଣରେ ଗ୍ରହଣ କରିପାରିବା। କଥା ଥିଲା ଶିବରାତ୍ରିଦିନ ନିର୍ମାଣ ସାରି ବିଗ୍ରହଙ୍କୁ ଶିବେଇଙ୍କ ମାର୍ଫତରେ ଦେବାକୁ ହେବ। ସେ ଯେ କେତେ ନିଷ୍ଠାର ସହିତ ପରିଶ୍ରମ କରି ସୂର୍ଯ୍ୟଶିବ ବିଗ୍ରହ ନିର୍ମାଣ କରିଥିବେ, ବିଗ୍ରହ ନ ଦେଖିଲେ ଆକଳନ କରିବା ଅସମ୍ଭବ। ସୂର୍ଯ୍ୟ ଦଣ୍ଡାୟମାନ ଥିବେ, ଡମ୍ବରୁ, ତ୍ରିଶୂଳ ଓ ଦୁଇଟି ପଦ୍ମ ହାତରେ ଧରିଥିବେ। ଲାଗିବ ସାକ୍ଷାତ୍ ଶିବ, ପୁଣି ଲାଗିବ ନା ନା ଇଏତ ସାକ୍ଷାତ୍ ସୂର୍ଯ୍ୟନାରାୟଣ! କୋଣାର୍କ ସଂଗ୍ରହାଳୟରେ ଆମେ ଦେଖିବା ପରେ ଢେର୍ ସମୟ ଏହି ବିଗ୍ରହଙ୍କ ପାଖରେ ଅଟକି ଯାଇଥିଲୁ!

ନିରବଚ୍ଛିନ୍ନ ନିର୍ମାଣ କାର୍ଯ୍ୟ ଚାଲୁରହିଲେ ପାଉଣା/ପୁରସ୍କାର ମଧ୍ୟ ଅକାତରେ ଖର୍ଚ୍ଚ କରିବାକୁ ପଡ଼ିବ। ପୂର୍ବରୁ ସୂଚନା ଦେଇଥିଲୁ ଗଜପତି ଲାଙ୍ଗୁଳା ନରସିଂହଦେବ ଯୁଦ୍ଧ କରିଥିଲେ ଲକ୍ଷ୍ନୌର ନବାବଙ୍କ ସହିତ। ପରାଜିତ ହୋଇଥିଲେ ତୁଗଇନ୍ ଖାଁ। ତାଙ୍କ ମହଲରୁ ଅନେକ ଧନରତ୍ନ ଆଣିଥିଲେ। ତା' ମଧ୍ୟରେ ଥିଲା ବହୁ ମୂଲ୍ୟବାନ୍ ପଥର ଲାଗିଥିବା ପଗଡ଼ି ଅଳଙ୍କାର। ସେ ପଗଡ଼ି ରାଜମୁକୁଟ ସଦୃଶ ଥିଲା ନା କହିବା କର୍ମରତ ମଣିଷ ମୁଣ୍ଡରେ ଥିବା ଠେକା ସଦୃଶ? ଏପରି ପଗଡ଼ି ସଦୃଶ ମୁକୁଟ ଥିଲା ବାରଟି। ଏହାକୁ ୧୨୫୫ ମସିହାରେ ପଠାଯାଇଥିଲା ଶ୍ରୀପୁରୁଷୋତ୍ତମ କୋଷାଗାରକୁ ଅର୍ଥାତ୍ ଶ୍ରୀମନ୍ଦିର ଭଣ୍ଡାରକୁ। କେବଳ ଧନରତ୍ନ ମଧ୍ୟରେ ଥିବା କୁରୁଜାତକଗୁଡ଼ିକ 'ପଦ୍ମକେଶର' କୋଷାଗାରକୁ ନିଆଯାଇଥିଲା, ଅର୍ଥାତ୍ କୋଣାର୍କ କୋଷାଗାରକୁ। ବିଗ୍ରହ ନିର୍ମାଣବେଳେ ସେଇ କୁରୁଜାତକଗୁଡ଼ିକ ତରଳାଯାଇଥିଲା। ସେଇ ସୁନାରେ ନିର୍ମାଣ ହେବ ୨,୪୩୧ଟି କୁଳଦୁଙ୍ଗ ସୁବର୍ଣ୍ଣମାଢ଼। ପୁରୀରୁ ଗଲେ ଶ୍ରୀମନ୍ଦିର ଭଣ୍ଡାର ମେକାପ। ସାଙ୍ଗରେ ପାଇକମାନେ ହାରୁପାଇକଙ୍କ ନେତୃତ୍ୱରେ ସଭିଏ ଗଲେ ବିଡ଼ାନାସୀ କଟକ। ସେଇଠି ତରଳା ହେଲା। ଭଣ୍ଡାରମେକାପଙ୍କ ନାମ ଉଲ୍ଲେଖ ନାହିଁ, କିନ୍ତୁ ସେ ହିଁ ୧୨ଟି ରାଜମୁକୁଟ ଗ୍ରହଣ କରି ମହାପ୍ରଭୁଙ୍କ ଭଣ୍ଡାରରେ ସାଇତିଥିବେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରୀତମ



@ ସଞ୍ଜୟ



@ ବିଶ୍ୱଜିତ୍



@ କବିତା



@ ଅମାନତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**NOTIFIED AREA COUNCIL : PATNAGARH**

Email Id : nacPATNAGARH@gmail.com

**E-Procurement Notice**

**No.C-1145** : Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | | |
|---|---|---|---|
| 1 | Tender Reference No. | : | 4089_28_11_2024_NACPTG |
| 2 | Bid Identification No. | : | 2024_ORULB_107710_1 |
| 3 | Name of the Work | : | 1No. Civil works as mentioned in DTCN |
| 4 | No. of Works | : | 01 |
| 5 | Estimated Cost | : | As per DTCN |
| 6 | Period of Completion | : | As per DTCN |
| 7 | Date & Time of Bidding | : | 29.11.2024 at 10 A.M. to 11.12.2024 up to 5 P.M. through online only |
| 8 | Last date & time for receipt of bids in the Portal | : | 11.12.2024 upto 5 P.M. |
| 9 | Opening of Price Bid | : | 12.12.2024 at 11.00 A.M. |
| 10 | Name and address of the Officer Inviting Bid | : | Executive Officer, NAC, PATNAGARH |

Further details can be seen from the procurement portal i.e. https://www.tendersorissa.gov.in

Sd./- Executive Officer
NAC, Patnagarh

OIPR-13102/11/0010/2425

**ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼**

ପତ୍ର ସଂଖ୍ୟା ୪୧୦୭/ତାରିଖ ୩୦।୧୧।୨୦୨୪

No.C-1154

**ଘୋଷଣା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ ଅଧୀନରେ ଥିବା ନିମ୍ନଲିଖିତ ବନ୍ଧ/ ପୋଖରୀଗୁଡ଼ିକୁ ଆଗାମୀ ୨ ବର୍ଷ ଅର୍ଥାତ୍ ତା୦୭।୧୨।୨୦୨୪ରିଖଠାରୁ ତା ୦୬।୧୧।୨୦୨୬ରିଖ ପର୍ଯ୍ୟନ୍ତ ମାଛଚାଷ ପାଇଁ ଆସନ୍ତା ତା୦୬।୧୨।୨୦୨୪ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ପରିଷଦ ସଭାଗୃହରେ ପ୍ରକାଶ୍ୟ ଭାବରେ ନିଲାମ ଡକାଯିବ। ଇଚ୍ଛୁକ ବ୍ୟକ୍ତିମାନେ ପରିଷଦ କାର୍ଯ୍ୟାଳୟରୁ ଟ୫୦୦/- (ପାଞ୍ଚଶହ ଟଙ୍କା) ମାତ୍ର ବିନିମୟରେ ମିଳୁଥିବା ଫର୍ମ ପୂରଣ କରି ଏଥିସହିତ ରସିଦ ସଂଲଗ୍ନ କରି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ନିମ୍ନରେ ଦର୍ଶାଯାଇଥିବା ଅମାନତ ନଗଦ ଟଙ୍କା ଜମା କରି ନିଲାମରେ ଅଂଶଗ୍ରହଣ କରିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ନିଜର ପରିଚୟ ପତ୍ର ଓ କାର୍ଯ୍ୟାଳୟରୁ ଦେୟମୁକ୍ତ ପ୍ରମାଣପତ୍ର ଗ୍ରହଣ କରି ଦାଖଲ କରିବା ଆବଶ୍ୟକ ଅଟେ। ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଟିକସ କିମ୍ବା ବନ୍ଧ / ପୋଖରୀ ନିଲାମର ବକେୟା ଥିବ ସେମାନେ ସମସ୍ତ ଟିକସ ଅର୍ଥ ପଇଠ କରି ନିଲାମରେ ଅଂଶ ଗ୍ରହଣ କରିପାରିବେ ଏବଂ ପୂର୍ବରୁ ଯେଉଁମାନେ ବନ୍ଧ /ପୋଖରୀକୁ ନିଲାମରେ ନେଇ ଅର୍ଥ ପଇଠ କରିବାରେ ଖିଲାପ କରିଛନ୍ତି, ସେମାନେ ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ ନାହିଁ। ନିଲାମ ଡାକରେ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଗ୍ରାଧିକାର ଦିଆଯିବ। ଉକ୍ତ ନିଲାମ ଡାକ ପୂର୍ବରୁ ଅର୍ଥାତ୍ ତା୦୫।୧୨।୨୦୨୪ରିଖ ମଧ୍ୟରେ ଦେୟମୁକ୍ତ ପ୍ରମାଣପତ୍ର କାର୍ଯ୍ୟାଳୟରୁ ଗ୍ରହଣକରି ଓ ଅମାନତ ଟଙ୍କା ଜମା କରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଯେଉଁମାନେ ନିଲାମ ଡାକରେ ସଫଳ ହେବେ, ସେହି ବ୍ୟକ୍ତି ନିଲାମ ଡାକର ଶତକଡ଼ା ୭୫% ଭାଗ ଅର୍ଥ ୭ (ସାତ) ଦିନ ମଧ୍ୟରେ ଜମାଦେବାକୁ ପଡ଼ିବ। ଯଦି ଏହାର ଖିଲାପ କରିବେ ତେବେ ଦ୍ୱିତୀୟ ନିଲାମ ଡାକିଥିବା ବ୍ୟକ୍ତିବିଶେଷଙ୍କୁ ସୁଯୋଗ ଦିଆଯିବ। ଏତଦ୍‌ବ୍ୟତୀତ ନିଲାମ ଡାକରେ ସଫଳ ହୋଇଥିବା ବ୍ୟକ୍ତି ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତିନାମା କରିବେ। ଅନିବାର୍ଯ୍ୟ କାରଣବଶତଃ ନିମ୍ନସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ କରିପାରିବେ।

| କ୍ର.ନଂ. | ବନ୍ଧ/ପୋଖରୀର ନାମ | ଅମାନତ ଟଙ୍କା | ଧାର୍ଯ୍ୟ ମୂଲ୍ୟ |
|---|---|---|---|
| ୧ | ଭୂ-ସାଗର ବନ୍ଧ | ଟ୨୨.୦୦୦/-ଙ୍କା | ଟ୨,୨୦.୦୦୦/-ଙ୍କା |
| ୨ | ହରି ବନ୍ଧ | ଟ୧.୧୫୬/-ଙ୍କା | ଟ୧୧.୫୬୩/-ଙ୍କା |
| ୩ | ରାନୀସାଗର ବନ୍ଧ | ଟ୨୧.୪୮୪/-ଙ୍କା | ଟ୨,୧୪.୮୪୩/-ଙ୍କା |
| ୪ | ବୁଢେଲ ବନ୍ଧ | ଟ୭.୬୭୫/-ଙ୍କା | ଟ୬୭.୭୪୫/-ଙ୍କା |
| ୫ | ହାଟପଦା ବନ୍ଧ | ଟ୨୨.୦୦୦/-ଙ୍କା | ଟ୨,୨୦.୦୦୦/-ଙ୍କା |
| ୬ | ହୀରାସାଗର ବନ୍ଧ | ଟ୩୩.୩୦୦/-ଙ୍କା | ଟ୩,୩୦.୦୦୦/-ଙ୍କା |

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼

OIPR-13102/11/0011/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅନ୍‌ଲାଇନ ଗେମ୍‌ରେ ୧୨ ଲକ୍ଷ ହାରିବା ପରେ ଡକାୟତି ଯୋଜନା

## ବ୍ୟାଙ୍କରୁ ଡକାୟତି ଉଦ୍ୟମ ଘଟଣାରେ ୫ ଗିରଫ

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରପାଲିସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଶନିବାର ଡକାୟତି ଉଦ୍ୟମ ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରପାଲି ଥାନା ଖେମେସରା ଗ୍ରାମର ଶ୍ରୀକାନ୍ତ ସେଠ୍ (୩୦), ବରଗଡ଼ ସଦର ଥାନା ସରସରା ଗ୍ରାମର ରଜତ ଜୁଆଡ଼ି(୨୧), ରିଙ୍କୁ ଖମାରୀ(୨୫), ରେଙ୍ଗାଲପାଲି ଗ୍ରାମର ପିଣ୍ଟୁ ଗଡ଼ତିଆ(୩୭) ଏବଂ ଏକାମ୍ର ଛକର ଦୀପକ ବାରିକ(୩୪)। ମୁଖ୍ୟ ଅଭିଯୁକ୍ତ ଶ୍ରୀକାନ୍ତ ସେଠ୍ ଅନ୍‌ଲାଇନ୍ ଗେମ୍‌ରେ ୧୨ ଲକ୍ଷ ଟଙ୍କା ହାରି ଦେବାପରେ ସେ ବ୍ୟାଙ୍କରୁ ଡକାୟତି କରିବା ପାଇଁ ଯୋଜନା କରିଥିଲେ ବୋଲି ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ କହିଛନ୍ତି। ଅଭିଯୁକ୍ତମାନଙ୍କ ପାଖରୁ ଗୋଟିଏ ଦେଶୀ ପିସ୍ତଲ ସହିତ ୨ଗୁଳି, ୨ଖେଳଣା ପିସ୍ତଲ, ୨ ଛୁରି, ଗୋଟିଏ କାର୍ (ନଂ. ଓଡି୧୫ଏସ୍/୦୧୪୬), ଗୋଟିଏ ବାଇକ୍ (ନଂ.ଓଡି୧୭ଡବ୍ଲ୍ୟୁ/୭୯୫୨), ଅନ୍ୟ ଏକ ବାଇକ୍ (ନଂ.ଓଡି୧୭ଏଏ/୯୦୩୯), ୭ ମୋବାଇଲ ଫୋନ, ଝିଅ ପୋଷାକ ଆଦି ଜବତ ହୋଇଛି। ଏ ନେଇ ବରପାଲି ଥାନାରେ ଏକ ମାମଲା (ନଂ.୩୭୭/୨୪) ରୁଜୁ ହୋଇଛି।



ଗିରଫ ଅଭିଯୁକ୍ତ।



ଜବତ ଦେଶୀ ବନ୍ଧୁକ, ଗୁଳି ଏବଂ ଅନ୍ୟ ସାମଗ୍ରୀ।

ଜିଲା ପୋଲିସ ମୁଖ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଉତ୍ତରାଞ୍ଚଳ ଡିଆଇଜି ଲାଲ କହିଛନ୍ତି, ଶନିବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ବରପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ପଶି ଡକାୟତି ଉଦ୍ୟମ କରିଥିଲେ। ମାତ୍ର ବ୍ୟାଙ୍କ କର୍ମଚାରୀମାନେ ସାଇରନ୍ ବଜାଇବାରୁ ସେମାନେ ଖସି ପଳାଇଥିଲେ। ପୋଲିସ ସୂଚନା ପାଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅନ୍‌ଲାଇନ ଗେମ୍ ଖେଳି ୧୨ଲକ୍ଷ ଟଙ୍କା ହାରିବା ପରେ ମୁଖ୍ୟ ଅଭିଯୁକ୍ତ ଶ୍ରୀକାନ୍ତ ଏଭଳି ଡକାୟତି ଉଦ୍ୟମ କରିଥିବା ବୟାନ ଦେଇଛନ୍ତି। ତାକୁ ନେଇ ଅଧିକ ତଦନ୍ତ ଚାଲିଛି। ଫଳରେ ଅନଲାଇନ୍ ଗେମ୍‌ରେ ଯେଭଳି ଯୁବପିଢ଼ି ପଥଭ୍ରଷ୍ଟ ନ ହୁଅନ୍ତି, ସେଥିପାଇଁ ଡିଆଇଜି ପରାମର୍ଶ ଦେଇଛନ୍ତି।

ସେହିପରି ଏସ୍‌ପି ପି.ଏସ୍ ମୀନା କହିଛନ୍ତି, ପ୍ରତ୍ୟେକ ବ୍ୟାଙ୍କରେ ଜଣେ ଲେଖାଏ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଡକାୟତି ଉଦ୍ୟମବେଳେ ସାଇରନ ବଜାଇବାରୁ ପୋଲିସକୁ ତତ୍କାଳ ସୂଚନା ମିଳିଥିଲା ଏବଂ ପାଟ୍ରୋଲିଂ କରୁଥିବା ପୋଲିସ ତୁରନ୍ତ ପହଞ୍ଚି ଜଣେ ଅଭିଯୁକ୍ତଙ୍କୁ ଧରିଥିଲା। ଏହାପରେ ଅନ୍ୟ ଅଭିଯୁକ୍ତମାନେ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଶ୍ରୀକାନ୍ତ ଝିଅ ବେଶରେ ଆସିଥିବାବେଳେ ତାଙ୍କ ବିରୋଧରେ ପୂର୍ବରୁ ଗୋଟିଏ ମାମଲା ରହିଛି। ସେହିପରି ଗିରଫ ଅଭିଯୁକ୍ତ ଦୀପକଙ୍କ ବିରୋଧରେ ୬, ରିଙ୍କୁଙ୍କ ବିରୋଧରେ ୫, ପିଣ୍ଟୁଙ୍କ ବିରୋଧରେ ୧୨ ଏବଂ ରଜତଙ୍କ ବିରୋଧରେ ଗୋଟିଏ ମାମଲା ରହିଛି ବୋଲି ଏସ୍‌ପି କହିଛନ୍ତି।

# ମହିଳାଙ୍କୁ ହତ୍ୟା ଅଭିଯୋଗ

## ନିମ ଗଛରୁ ଝୁଲନ୍ତା ମୃତଦେହ ଜବତ

**ଲୋଇସିଂହା,୧।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଥାନା ଉପରବାହାଲ ପଞ୍ଚାୟତ ଫଟାମୁଣ୍ଡା ଗ୍ରାମର ମହେନ୍ଦ୍ର ସାଙ୍କ ସ୍ତ୍ରୀ ସୀମାଙ୍କ ଝୁଲନ୍ତା ମୃତଦେହକୁ ଏକ ନିମ ଗଛରୁ ରବିବାର ପୋଲିସ ଜବତ କରିଛି। ଅପରପକ୍ଷେ ସୀମାଙ୍କ ବାପା ରଥ ସାହୁ ତାଙ୍କ ଝିଅକୁ ଯୌତୁକ ପାଇଁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସ୍ୱାମୀ ମହେନ୍ଦ୍ର, ଶ୍ୱଶୁର ବେଣୁଧର ଏବଂ ଦିଅର ଲୋଚନଙ୍କ ସମ୍ପୃକ୍ତି ରହିଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ପଠାଇଛି।



ମୃତ ସୀମା।

ଅଭିଯୋଗରୁ ପ୍ରକାଶ ଯେ, ୫ବର୍ଷ ତଳେ ଲୋଇସିଂହା ବ୍ଲକ ତଥା ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଲୁଚକିବାହାଲ ଗ୍ରାମର ରଥଙ୍କ ଝିଅ ସୀମାକୁ ଫଟାମୁଣ୍ଡା ଗାଁର ମହେନ୍ଦ୍ର ହିନ୍ଦୁ ରୀତିନୀତିରେ ମନ୍ଦିରରେ ବିବାହ କରିଥିଲେ। ସେମାନଙ୍କ ୩ ବର୍ଷର ଝିଅ ଅଛି। କିଛିଦିନ ତଳେ ସୀମା ଏବଂ ମହେନ୍ଦ୍ର ଲୁଚକିବାହାଲକୁ ଯାଇଥିଲେ। ହେଲେ ମହେନ୍ଦ୍ର ଶ୍ୱଶୁର ଘରକୁ ନ ଯାଇ ସେଠାରେ ସୀମାକୁ ଛାଡ଼ି ଫେରିଆସିଥିଲେ। ସୀମା ଶ୍ୱଶୁର ଘରେ ଶାନ୍ତିରେ ରହୁ ନ ଥିବା ନେଇ ବାପ ଘର ଲୋକଙ୍କୁ କହିଥିଲେ।

ଶନିବାର ରାତି ସାଢେ ୮ଟାରେ ଶ୍ୱଶୁର ଘରଲୋକେ ସୀମା ଘରେ ନ ଥିବା ନେଇ ରଥଙ୍କୁ ଫୋନ ଯୋଗେ ଜଣାଇଥିଲେ। ରଥ ଏବଂ ତାଙ୍କ ପରିବାର ସଦସ୍ୟ ସେହି ରାତିରେ ଫଟାମୁଣ୍ଡାକୁ ଯାଇ ଜ୍ୱାଇଁ ପରିବାର ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ହେଲେ ସୀମାଙ୍କ ସନ୍ଧାନ ନ ମିଳିବାରୁ ସେ ଗାଁକୁ ଫେରିଥିଲେ। ରବିବାର ପୂର୍ବାହ୍ନ ୧୧ଟା ବେଳେ ସୀମାଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ନେଇ ବାହାର ଲୋକଙ୍କଠାରୁ ଖବର ପାଇଥିଲେ। ଘଟଣାସ୍ଥଳକୁ ଯାଇ ଦେଖିବାରୁ ଯେଉଁ ଉଚ୍ଚତାରେ ଶାଢି ବନ୍ଧାଯାଇ ବେକରେ ଲଗାଯାଇଥିଲା, ତାକୁ ନେଇ ସନ୍ଦେହ କରିଛନ୍ତି ରଥଙ୍କ ପରିବାର ସଦସ୍ୟ। ପୂର୍ବରୁ ମଧ୍ୟ ତାଙ୍କ ଝିଅକୁ ଯୌତୁକ ପାଇଁ ଶାରୀରିକ ନିର୍ଯାତନା ଦିଆଯାଇଥିବାରୁ ପିଟି ମାରିଦେଇ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ରଥ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି, ଏକ ଅପମୃତ୍ୟୁ ମାମଲା (ନଂ.୧୬।୨୦୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ମହେନ୍ଦ୍ର ପୂର୍ବରୁ ବିବାହିତ ଥିଲେ। ପ୍ରଥମ ସ୍ତ୍ରୀଙ୍କ ଏକ ପୁଅ ରହିଛି। ପ୍ରଥମ ସ୍ତ୍ରୀ ଛାଡ଼ି ଚାଲିଯିବାରୁ ଦ୍ୱିତୀୟ ବିବାହ କରିଥିଲେ।

# ଆପାର୍ଟମେଣ୍ଟରେ ସିରିଜ୍ ଚୋରି

## ଅବସରପ୍ରାପ୍ତ ଡିଏଫ୍‌ଓଙ୍କ ଘର ସହ ୪ ଫ୍ଲାଟ୍‌ରୁ କଳାକନା ବୁଲାଇଲେ

**ପିପିଲି,(ପ୍ରଭାତ କୁମାର ମହାପାତ୍ର)/ ଭୁବନେଶ୍ୱର,୧।୧୨ (ସତ୍ୟଜିତ୍ ରାଉତ)**

ରାଜଧାନୀ ଉପକଣ୍ଠ ଉତ୍ତରା ଛକ ନିକଟ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଶାଳ ଗାର୍ଡେନ୍ ଆପାର୍ଟମେଣ୍ଟରେ ସିରିଜ୍ ଚୋରି ହୋଇଛି। ୪ଟି ଫ୍ଲାଟ୍‌ରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଶନିବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଏହି କାଣ୍ଡ ଘଟାଇଛନ୍ତି। ଆପାର୍ଟମେଣ୍ଟର ଇ-ବ୍ଲକରେ ରହୁଥିବା ଅବସରପ୍ରାପ୍ତ ଡିଏଫ୍‌ଓ ପ୍ରଶାନ୍ତ କୁମାର କରଙ୍କ ଫ୍ଲାଟ୍ ନଂ. ୩୦୪, ଜନାର୍ଦ୍ଦନ ଦାସଙ୍କ ଫ୍ଲାଟ୍‌ନଂ.୧୦୭, ରବିପଟ୍ଟନାୟକଙ୍କ ଫ୍ଲାଟ୍‌ନଂ.୨୧୨ ଏବଂ 'ଏ' ବ୍ଲକର ଦେବେନ୍ଦ୍ର ପ୍ରସାଦ ରଥଙ୍କ ଫ୍ଲାଟ୍ ନଂ.୨୦୬ରୁ ମୋଟ୍ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ନେଇଯାଇଛନ୍ତି। ଏନେଇ ଆପାର୍ଟମେଣ୍ଟ ସୋସାଇଟି ପକ୍ଷରୁ ରବିବାର ପିପିଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଆପାର୍ଟମେଣ୍ଟରେ ଏଭଳି ସିରିଜ ଚୋରି ଘଟଣାରେ ବାସିନ୍ଦାମାନେ ଏକପ୍ରକାର ଭୟଭୀତ ହୋଇଯାଇଥିବା କହିଛନ୍ତି।

ଚୋରି ଘଟଣା ନେଇ ପ୍ରଥମେ କୌଶଲ୍ୟାଗଙ୍ଗ ଫାଣ୍ଡିକୁ ଖବର ଦିଆଯାଇଥିଲା। ପରେ ପିପିଲି ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲା। ତେବେ ଆପାର୍ଟମେଣ୍ଟକୁ ବାହାର ଲୋକ ରାତିଅଧ ପର୍ଯ୍ୟନ୍ତ ବିନା କଟକଣାରେ ଯିବା ଆସିବା କରୁଛନ୍ତି। ମୁଖ୍ୟ ଫାଟକରେ ଗୋଟିଏ ସିସିଟିଭି ଓ ଗୋଟିଏ ସ୍ଥାନରେ ସୁରକ୍ଷା କର୍ମୀ ରହିଥିବା ବେଳେ ଅନ୍ୟ କୌଣସି ସ୍ଥାନରେ ଏଭଳି ସୁରକ୍ଷା ବ୍ୟବସ୍ଥା ନାହିଁ ବୋଲି ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଏପରିକି ଆପାର୍ଟମେଣ୍ଟରେ ଫ୍ଲାଟ୍ କିଣିବା ସମୟରେ ସମସ୍ତ ସୁରକ୍ଷା ଓ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ମିଳିଥିବା ବେଳେ ତାହା କ୍ରମଶଃ ବନ୍ଦ ହୋଇଯାଇଛି। ତେବେ ହାଇସିକ୍ୟୁରିଟି ବ୍ୟବସ୍ଥା ଯୋଗାଇବାକୁ ସେମାନେ ଦାବି କରିଛନ୍ତି।

ରାଜଧାନୀରେ ଡିଜିପି ଓ ଆଇଜିପି ସମ୍ମିଳନୀ ଚାଲୁଥିବାବେଳେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଭଳି ସ୍ଥିତିରେ ସହର ଉପକଣ୍ଠରେ ଏହି ଚୋରି ଘଟଣା କମିଶନରେଟ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପିପିଲି ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

# ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗର ୭ ଗିରଫ

**ତାଳଚେର,୧।୧୨ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ପୋଲିସ କଣ୍ଢେଇ ଜଙ୍ଗଲଠାରେ ଶନିବାର ରାତିରେ ଚଢ଼ାଉ କରି ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗର ୭ ଜଣଙ୍କୁ ଗିରଫ କରିଛି। ଖବରଦାତା ସମ୍ମିଳନୀରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ କହିଛନ୍ତି, ଏହି ଡକାୟତ ଗ୍ୟାଙ୍ଗ ଶନିବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ଦୀର୍ଘଦିନ ହେବ ଏହି ଗ୍ୟାଙ୍ଗ ବିଭିନ୍ନ ସ୍ଥାନରୁ ଡକାୟତି, ଲୁଟ୍‌ପାଟ କରୁଥିଲେ। ବିଶେଷକରି ଟ୍ରକ୍ ଚାଳକ ଓ ନିଛାଟିଆ ସ୍ଥାନରେ ଲୋକଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲୁଟପାଟ କରୁଥିଲେ। ଏହି ଗ୍ୟାଙ୍ଗ ନାମରେ ଅନୁଗୋଳ ଜିଲା ସହ ବିଭିନ୍ନ ଜିଲାରେ ବହୁ ଆପରାଧିକ ମାମଲା ରହିଛି। ଖବର ମିଳିବା ମାତ୍ରେ ପୋଲିସ ଚଢ଼ାଉ କରି ଗ୍ୟାଙ୍ଗର ୭ ଜଣ ସଦସ୍ୟଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ କାର୍, ଗୋଟିଏ ପିସ୍ତଲ, ୧୨୦ଟି ମୋବାଇଲ ସହ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଜବତ କରାଯାଇଛି।

# ଦାଦାବଟି ପାଇଁ ହୋଇଥିଲା ହୋଟେଲ ମାଲିକଙ୍କୁ ଆକ୍ରମଣ

## ମୁଖ୍ୟ ଅଭିଯୁକ୍ତ ଗିରଫ

**ବାଲେଶ୍ୱର, ୧।୧୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ସହର ଶିଳ୍ପାଞ୍ଚଳ ଥାନା ଅଧୀନ ସମଲପୁର ଛକରେ ହୋଟେଲ ମାଲିକ ସଞ୍ଜୀବ କୁମାର ମହାପାତ୍ରଙ୍କୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ କାରଗିଲ ନଗରର ଟେରୁ ଓରଫ୍ କାହ୍ନୁ ନାୟକ (୪୦)। ଦାଦାବଟି ନ ଦେବାରୁ ମରଣାନ୍ତକ ଆକ୍ରମଣ ହୋଇଥିବା ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ସଞ୍ଜୀବଙ୍କର ଚାନ୍ଦିପୁର ବେଳାଭୂମିରେ ଏକ ହୋଟେଲ ରହିଛି। ଗତ ୨୯ତାରିଖ ସକାଳେ ଟେରୁ ତାଙ୍କର ୬ରୁ ୭ଜଣ ସହଯୋଗୀ ସଞ୍ଜୀବଙ୍କ ଘରକୁ ଯାଇ ୪୦ହଜାର ଟଙ୍କା ମାଗିଥିଲେ। ସେ ମନା କରିବାରୁ ସେମାନେ ହତ୍ୟା ଧମକ ଦେଇ ଫେରିଥିଲେ। ଉକ୍ତ ଦିନ ପୂର୍ବାହ୍ନ ୯ଟାରେ ସଞ୍ଜୀବ ଘରୁ କାର୍ ଯୋଗେ ହୋଟେଲକୁ ଯାଉଥିଲେ। ସମଲପୁର ଛକରେ ପୂର୍ବରୁ ଅପେକ୍ଷା କରିଥିବା ଟେରୁ ଓ ସହଯୋଗୀମାନେ ତାଙ୍କୁ ଅଟକାଇଥିଲେ। ଏହାପରେ ତାଙ୍କୁ କାର୍‌ରୁ ଘୋଷାରି ନେଇ ଖଣ୍ଡା ଓ ତେଲେଙ୍ଗା କଟୁରୀରେ ଆକ୍ରମଣ କରିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇଥିଲେ। ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସଞ୍ଜୀବଙ୍କୁ ତାଙ୍କ କାର୍ ଡ୍ରାଇଭର ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ସଞ୍ଜୀବଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ଶିଳ୍ପାଞ୍ଚଳ ଥାନାରେ ଏକ ମାମଲା (ନଂ. ୨୦୭/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ତେଲେଙ୍ଗା କଟୁରୀ ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ୨୭ଟି ଅପରାଧିକ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଆଶାକର୍ମୀଙ୍କୁ ହତ୍ୟା ସନ୍ଦେହ

## ପୋଖରୀରୁ ମିଳିଲା ମୃତଦେହ

**ସୁନ୍ଦରଗଡ଼,୧।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଭଷ୍ମା ଥାନା ଅନ୍ତର୍ଗତ କୁଡ଼ାବଗା ଗ୍ରାମର ନିଖୋଜ ଆଶାକର୍ମୀଙ୍କ ମୃତଦେହ ରବିବାର ସକାଳେ ନିକଟସ୍ଥ ପତ୍ରାପଡ଼ା ପୋଖରୀରୁ ପୋଲିସ ଜବତ କରିଛି। ମୃତା ଆଶାକର୍ମୀ ହେଲେ ସୁବାସିନୀ ନାଏକ(୪୫)। ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାର ମର୍ଗ ହାଉସରେ ରଖିଛି। ତାଙ୍କ ଶରୀରରେ କ୍ଷତଚିହ୍ନ ଥିବାରୁ ହତ୍ୟା କରି କେହି ପୋଖରୀରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସୂଚନା ଅନୁଯାୟୀ, ସୁବାସିନୀ ଶନିବାର ମଧ୍ୟାହ୍ନ ୧୨ଟାରେ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କୁ ପାଇ ନ ଥିଲେ। ପୋଖରୀଠାରୁ ୫୦୦ ମିଟର ଦୂରରେ ସୁବାସିନୀଙ୍କ ଫୋନ ଭାଙ୍ଗି ପଡ଼ିଥିବା ଏବଂ ପୋଖରୀ ଘାଟରେ ତାଙ୍କର ପୋଷାକ ଥିବା ଦେଢ଼ଶୁର ଦେବାନନ୍ଦ ନାଏକ ଦେଖିବାକୁ ପାଇଥିଲେ। ଏନେଇ ସେ ଭଷ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହକୁ ପୋଖରୀ ଭିତରୁ ବାହାର କରିଥିଲା। ସୁବାସିନୀଙ୍କ ସ୍ୱାମୀଙ୍କ ୧୫ ବର୍ଷ ତଳେ ମୃତ୍ୟୁ ଘଟିଛି। ଏକମାତ୍ର ପୁଅ ବିଇଡି ପରୀକ୍ଷା ଦେବା ପାଇଁ କର୍ଣ୍ଣାଟକ ଯାଇଛନ୍ତି। ପୁଅ ଆସିଲା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# ଡାକ୍ତରଖାନାରେ ମାଲିକ, ଘରୁ ୫ଲକ୍ଷ ଚୋରାଇନେଲେ ଚାକରାଣୀ

**ଭୁବନେଶ୍ୱର,୧।୧୨(ସୂର୍ଯ୍ୟକାନ୍ତ ବେହେରା)**

ଘର ମାଲିକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଏଥିପାଇଁ ମାଲିକାଣୀ ଘରେ ନ ଥିଲେ। ଏହାର ସୁଯୋଗ ନେଇ ଘରୁ ୫ଲକ୍ଷ ଟଙ୍କା, ଦାମୀ ଶାଢ଼ି ସମେତ ବିଭିନ୍ନ ସାମଗ୍ରୀ ଚୋରି କରି ଚମ୍ପଟ ମାରିଛନ୍ତି ଚାକରାଣୀ। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନକାନନ ରୋଡ୍ ଅଞ୍ଚଳରେ ଏହି ଘଟଣା ଘଟିଛି। ମାଲିକାଣୀଙ୍କ ଏତଲା ଆଧାରରେ ପୋଲିସ ଚାକରାଣୀ ଅର୍ଚ୍ଚନା ସେଠୀଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଘର ମାଲିକାଣୀଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏହି ସମୟରେ ଘରର ରୋଷେଇ ସହ ଅନ୍ୟାନ୍ୟ କାମ ପାଇଁ ସେ ଜଣେ ଏଜେଣ୍ଟଙ୍କ ଜରିଆରେ ଅର୍ଚ୍ଚନାଙ୍କୁ ରଖିଥିଲେ। ଚିକିତ୍ସା ପାଇଁ ଘରେ ଟଙ୍କା ରଖିଥିଲେ। ହେଲେ ଘରେ ପ୍ରାୟ ସମୟ କେହି ରହୁ ନ ଥିବାରୁ ଚାକରାଣୀ ଉକ୍ତ ଟଙ୍କା ସହ ଅନ୍ୟାନ୍ୟ ଜିନିଷପତ୍ର ଚୋରି କରିନେଇଥିଲେ। ମାଲିକାଣୀ ଘରକୁ ଆସି ଘଟଣା ସମ୍ପର୍କରେ ଜାଣିବା ପରେ ଅର୍ଚ୍ଚନାଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସେ ଫୋନ ନ ଉଠାଇବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ମା'ଙ୍କୁ ଠେଙ୍ଗାରେ ପିଟି ହତ୍ୟା କଲା ପୁଅ

**ସୁନ୍ଦରଗଡ଼,୧।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ତୁମୁଲିଆ ଗ୍ରାମରେ ଶନିବାର ରାତିରେ ମା'ଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ପୁଅ। ଅଭିଯୁକ୍ତ ହେଲେ ବିଶ୍ୱଜିତ ଲାକଡ଼ା(୩୫)। ତଳସରା ଥାନା ପୋଲିସ ଏକ ମାମଲା (ନଂ. ୨୫୬/୨୪) ରୁଜୁ କରି ଘଟଣାର ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ଜବତ କରିଛି। ସୋମବାର ବିଶ୍ୱଜିତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ବିଶ୍ୱଜିତଙ୍କ ସ୍ତ୍ରୀ ଗତ କିଛି ମାସ ହେବ ତାଙ୍କୁ ଛାଡ଼ି ବାପ ଘରକୁ ଚାଲିଯାଇଛନ୍ତି। ବିଶ୍ୱଜିତଙ୍କ ମା' ସବିତା ଲାକଡା(୫୦) ଓ ବାପା ଗନେ ସାନ ପୁଅ ବବଲୁଙ୍କ ଘରେ ରୁହନ୍ତି। ଶନିବାର ରାତିରେ ବିଶ୍ୱଜିତ ଆସି ମା'ଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲେ। ସେ ନ ଦେବାରୁ ବିଶ୍ୱଜିତ ପାଟିତୁଣ୍ଡ କରିଥିଲେ। ଭୟରେ ବାପା ଅନ୍ୟତ୍ର ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ବିଶ୍ୱଜିତ ଏକ ଠେଙ୍ଗାରେ ମା'ଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଗନେ ଆସି ଦେଖିଲାବେଳକୁ ସବିତାଙ୍କ ମୃତ୍ୟୁ ହୋଇସାରିଥିଲା। ଏନେଇ ରବିବାର ସେ ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ପୁଅ ବିଶ୍ୱଜିତଙ୍କୁ ଅଟକ ରଖି ପଚରା ଉଚରାକରିବା ପରେ ଗିରଫ କରିଥିଲା।


# Classified Everyday

0674-2580101, 9692975378





## SALE

ଭୁବନେଶ୍ୱର Sum Hospitalରୁ 2 Km. ନୂଆଗାଁ ମୌଜାରେ ଘରବାରି ପ୍ଲଟ୍ 30' ରାସ୍ତା ଥାଇ ବିକ୍ରିହେବ - 7735565157. D-76216

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

Investment plot @ 2.5Lakh-3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071

ଭୁବନେଶ୍ୱର ବାଲିଅନ୍ତାରେ 30ft. Road, ଅଗ୍ରିମ ପାଚେରି, ଘରବାରି ପ୍ଲଟ୍ Sqft. 1600/-ରେ ବିକ୍ରିହେବ - 7008768345. D-76215

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph.- 9437754190. D-2092

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

**Newly (G+2 3500sqft.) building well-furnished red bricks construction and fully designed Mukunda Prasad Housing Board Colony-Jemadeipur near Industrial Police Station. Bypass Road, Barunei Khordha. Contact- 9337371391, 8895624414, 9438318062.** D-2117

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧାଥାଇ 2BHK @ 4500000/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75583

ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ- ପିପିଲି ମେନ୍‌ରୋଡ୍ ପାଖରେ ପ୍ଲଟ୍ କିଣି ତୁରନ୍ତ ଘର କରନ୍ତୁ। ବର୍ଗଫୁଟକୁ 2000/-, 1000/-. 9938016295. D-76217

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-2119

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437192512, 9937846404.** D-2120





Suitable for commercial / office, Plot No.11, Saptasati Vihar, behind Saptasati Temple, Pandra Highway facing, Ground floor, Parking, 1st & 2nd floor- 1720 sqft. each, Lift available. Contact: 9825060176 / 8480897047/ 9998011384 (Whats-app only). D-2079





Newly open Jyoti SPA positively health benefits (expert therapist). 8458067955. D-76171

Newly open health benefits SPA by expert therapist. Contact- 8280961126. D-76175

## AFFIDAVIT

ମୁଁ, ଅଭୟ କୁମାର ସାହୁ, ପିତା- ସ୍ୱର୍ଗତ ଅଜୟ କୁମାର ସାହୁ, ପାନପୋଷ ବସ୍ତି ବାସିନ୍ଦା, ଥାନା- ରଘୁନାଥପାଲି, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା ଏହି ସତ୍ୟପାଠ ନଂ. ଏ/୧, ତାରିଖ: ୨୦।୧୧।୨୦୨୪ ଜରିଆରେ ଘୋଷଣା କରୁଅଛି କି, ଏବେଠାରୁ ଓ ସମସ୍ତ ଭବିଷ୍ୟତ ଉଦ୍ଦେଶ୍ୟ ପାଇଁ ମୁଁ ଅଭୟ ସାହୁ ଭାବେ ପରିଚିତ ହେବି। ଧ-୨୧୨୪

I, Bhanwr Lal Ji Ladha, S/o Muralidhar Ladha, resident of at Ward No.-5, Bazarpada, P.O./P.S./ Dist.- Angul, Odisha, PIN- 759122 declare by this Affidavit No. 20909 dtd. 01.12.2024 that now onwards I shall be known as BHANWARLAL LADHA for all future purposes. D-75352

Your classified advertisement published in Dharitri will be listed free in Dharitri online edition: **dharitriepaper.in**

I, Sagarika Mishra, age 28 years, W/o Bidesh Kumar Mishra resident of Reclamation Colony, Malkangiri, P.O./P.S./ Dist.- Malkangiri do hereby solemnly affirm and state on oath as follows. That, I am a Savings Bank pass book account holder of State Bank of India, Malkangiri vide A/C No. 36027113906 where my name and surname is mentioned as SAGARIKA MOHINI as per the document submitted at the time of opening my pass book and on surname of my parents. That I lawfully married to Sri Bidesh Kumar Mishra and my surname after my marriage became Sagarika Mishra and my surname is mentioned in my Aadhaar Card No. xxxx xxxx 9255. That, SAGARIKA MOHINI and SAGARIKA MISHRA is one and same person i.e. myself. That, I swear this affidavit to submit the Branch Manager, State Bank of India, Malkangiri Main Branch for said correction. D-2122

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରେକର୍ଡ ପରିମାଣର ଟିକସ ଆଦାୟ

- ବାର୍ଷିକ ଭିତ୍ତିରେ ୮.୫% ବୃଦ୍ଧି
- ନଭେମ୍ବରରେ ୧,୮୨,୨୬୯ କୋଟିର ଜିଏସ୍‌ଟି ସଂଗ୍ରହ




ନୂଆଦିଲ୍ଲୀ,୧।୧୨

ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ ରେକର୍ଡ ପରିମାଣର ଟିକସ ଆଦାୟ ହୋଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ଅଷ୍ଟମ ମାସରେ ୧.୮୨ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୮ମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୮୨,୨୬୯କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ୮.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ନଭେମ୍ବର ମାସରେ ସଂଗୃହୀତ ଟିକସ ପରିମାଣ ୧,୬୭,୯୨୯ କୋଟିଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ନଭେମ୍ବର ମାସରେ ୧,୮୨,୨୬୯ କୋଟି ଟଙ୍କାର ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସେହିଭଳି ଚଳିତ ଆର୍ଥିକ ବର୍ଷର ୮ମ ମାସ ବା ନଭେମ୍ବରରେ ମୋଟ ୧,୮୨,୨୬୯ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୪,୧୪୧ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସଟି) ବାବଦକୁ ୪୩,୦୪୭ କୋଟି ଆଦାୟ ହୋଇଛି। ସେହିଭଳି ଆଇଜିଏସଟି ବାବଦକୁ ମୋଟ ୯୧,୮୨୮କୋଟି ଟଙ୍କା ଏବଂ ସେସ ବାବଦରେ ୧୩,୨୫୩ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି।

ସେହିପରି ଚଳିତ ଆର୍ଥିକ ବର୍ଷର ୮ମ ମାସରେ ଓଡ଼ିଶାରୁ ୪୭୦୪ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ବର୍ଷ ଏହି ଅବଧି ମଧ୍ୟରେ ୪୨୯୫ କୋଟି ଟଙ୍କାର ଟିକସ ଆଦାୟ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷର ନଭେମ୍ବରରେ ସଂଗ୍ରହ କରାଯାଇଥିବା ଟିକସ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ନଭେମ୍ବରରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧୦% ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ମୋଟ ୧୪.୫୭ ଲକ୍ଷ କୋଟି ଟଙ୍କା ଜିଏସଟି ଆକାରରେ ସଂଗ୍ରହ କରାଯାଇଛି।

## ଟାଟା ଏଆଇଏର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୧।୧୨

ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସକୁ ନିକଟରେ ଆଉ ଏକ ବଡ ସଫଳତା ମିଳିଛି। ଏପରିକି ଗ୍ରାହକମାନଙ୍କ ଦ୍ୱାରା ଏହାର ଆପ୍ ଡାଉନ୍‌ଲୋଡ୍ ୧ ନିୟୁତରୁ ଅଧିକ ହୋଇଥିବାବେଳେ କମ୍ପାନୀ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ସେହିଭଳି ଏହା ଟାଟା ଏଆଇଏର ଗ୍ରାହକମାନଙ୍କ ଡିଜିଟାଲ୍ ସମାଧାନ ଉପରେ ବିଶ୍ୱାସ ଓ ନିର୍ଭରଶୀଳତାକୁ ପ୍ରଦର୍ଶିତ କରୁଛି। ଯେଉଁଠିରେ ମୋବାଇଲ୍ ଆପ୍, ଗ୍ରାହକ ପୋର୍ଟାଲ୍ ଓ ହ୍ୱାଟ୍‌ସଆପ୍ ସାମିଲ ରହିଛି, କମ୍ପାନି ସହିତ ଜୀବନ ବୀମା ଯାତ୍ରାକୁ ସହଜ ଓ ନିରବଚ୍ଛିନ୍ନ ଭାବେ ପରିଚାଳନା କରିବାରେ ଏହା ଟାଟା ଏଆଇଏ ଗ୍ରାହକମାନଙ୍କୁ ସଶକ୍ତ କରୁଛି। ଏଆଇଏର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ମୁଖ୍ୟ ପ୍ରଯୁକ୍ତି ବିଦ୍ୟା ଅଧିକାରୀ ସୌମ୍ୟ ଘୋଷ କହିଛନ୍ତି, ଆମର ଡିଜିଟାଲ ଅଫରକୁ କ୍ରମାଗତ ଭାବେ ଉଦ୍ଭାବନ ଏବଂ ବିସ୍ତାର କରି ଗ୍ରାହକଙ୍କ ଅଭିଜ୍ଞତା ବୃଦ୍ଧି କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ।

## କମର୍ସିଆଲ ଗ୍ୟାସ ଦରରେ ବୃଦ୍ଧି



ନୂଆଦିଲ୍ଲୀ,୧।୧୨

କ୍ରମାଗତ ୫ମ ମାସ ଲାଗି କମର୍ସିଆଲ ଗ୍ୟାସ (୧୯କେ.ଜି.)ର ଦର ବୃଦ୍ଧି ଘଟିଥିବାବେଳେ ଘରୋଇ ଗ୍ୟାସ (୧୪.୨କିଗ୍ରା)ର ଦର ପୂର୍ବପରି ସ୍ଥିର ରହିଛି। ଏପରିକି ୨୦୨୪ ଡିସେମ୍ବର ପହିଲାରୁ ଭୁବନେଶ୍ୱରର କମର୍ସିଆଲ ଗ୍ୟାସ (୧୯ କେ.ଜି) ଦର ୧୬.୫୦ ଟଙ୍କା ବଢିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ଦର ୧୬.୫୦ଟଙ୍କା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀକମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦରସୂଚୀ (ନୂଆ ଦର) ରବିବାରଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ (୧୯କେ.ଜି) ଦର ୧୬.୫୦ ଟଙ୍କା ବଢି ୧୯୬୬.୫୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଅକ୍ଟୋବର) କମର୍ସିଆଲ ଗ୍ୟାସ (୧୯କେ.ଜି.) ଦର ୧୯୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ (୧୪.୨ କେ.ଜି) ଦର ପୂର୍ବପରି ୮୨୯ ଟଙ୍କାରେ କାରବାର ହେଉଛି।

ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କେ.ଜି.) ଦର ୧୬.୫୦ ଟଙ୍କା ବୃଦ୍ଧି ପାଇ ୧୮୧୮.୫୦ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ (୧୪.୨କିଗ୍ରା) ଦର ୮୦୩ ଟଙ୍କାରେ ରହିଛି। ଅପରପକ୍ଷରେ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ (୧୯କେଜି) ଦର ଯଥାକ୍ରମେ ୧୯୨୭ ଟଙ୍କା, ୧୭୭୧ ଟଙ୍କା ଏବଂ ୧୯୮୦ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡିକରେ ଘରୋଇ ଗ୍ୟାସ୍ ଦର ଯଥାକ୍ରମେ ୮୨୯ ଟଙ୍କା, ୮୦୨.୫୦ ଟଙ୍କା ଏବଂ ୮୧୮.୫୦ ଟଙ୍କାରେ ବିକ୍ରି ହେଉଛି।

## ଲାଇଭ୍ ଲାପାରୋସ୍କୋପିକ୍ କର୍ମଶାଳା

ନୂଆଦିଲ୍ଲୀ,୧।୧୨

ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ଦିନିକିଆ କର୍ମଶାଳା ହସ୍ପିଟାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଇଣ୍ଡିଆନ୍ ଆସୋସିଏଶନ ଅଫ୍ ଗାଇନାକୋଲୋଜିକାଲ୍ ଏଣ୍ଡୋସ୍କୋପିଷ୍ଟସ୍ (ଆଇଏଜିଇ) ଏବଂ ଆସୋସିଏଶନ ଅଫ୍ ଅବ୍‌ଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନାକୋଲୋଜିଷ୍ଟସ୍ ଅଫ୍ ଓଡ଼ିଶା (ଏଓଜିଓ)ର ମିଳିତ ସହଯୋଗରେ ଲାଇଭ୍ ଲାପାରୋସ୍କୋପିକ୍ କର୍ମଶାଳା 'ଭିପିସିଓଏନ୍-୨୦୨୪'ର ଆୟୋଜନ କରାଯାଇଥିଲା। ଏହି ଲାଇଭ୍ କର୍ମଶାଳାରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ଡାକ୍ତରମାନେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାରେ ଓଡ଼ିଶାର ଅଭିଜ୍ଞ ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ଡା. ଜନ୍ମେଜୟ ମହାପାତ୍ରଙ୍କ ସମେତ ଆଇଏଜିଇ ଓଡ଼ିଶା ଶାଖାର ସଭାପତି ପ୍ରଫେସର ଡା. ଭାରତୀ ସାହୁ, ସମ୍ପାଦକ ଡା. ମନୋରଞ୍ଜନ ମହାପାତ୍ର ଏବଂ ଯୁଗ୍ମ-ସଭାପତି ଡା. ସୁଜିତ୍ ବେହେରାଙ୍କ ସମେତ ଅନେକ ଡାକ୍ତର ଯୋଗଦାନ କରିଥିଲେ।

ଅପରପକ୍ଷରେ ଡା. ମନୋରଞ୍ଜନ ମହାପାତ୍ର, ଡା. ସୁଜିତ ବେହେରା, ଡା. ହରପ୍ରୀତ କୌର, ଡା. ମୋନିକା ଗୁପ୍ତା, ଡା. ଶିବାନୀ ଦେବୀ, ଡା. ଭାରତ ଭୂଷଣଙ୍କ ସମେତ ଅନ୍ୟ ଡାକ୍ତରମାନେ ଏହି କର୍ମଶାଳା ଏବଂ ଲାଇଭ୍ ସର୍ଜରି କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

ଏ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ହରପ୍ରୀତ କୌର କହିଥିଲେ, ଓଡ଼ିଶା ତଥା ଭାରତର ଅନେକ ପ୍ରସିଦ୍ଧ ସର୍ଜନ ଫାଇବ୍ରଏଡ୍ ଓ ଏଣ୍ଡୋମେଟ୍ରିଓସିସ୍ ସମସ୍ୟାର ଲାଇଭ୍ ସର୍ଜରି କରି ଅଂଶଗ୍ରହଣ କରିଥିବା ଅନ୍ୟ ଡାକ୍ତରମାନଙ୍କୁ ଶିଖାଇଥିଲେ। ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା ଲାପାରୋସ୍କୋପିକ୍ ସର୍ଜରି କରୁଥିବା ଡାକ୍ତରମାନଙ୍କ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ସହିତ ରାଜ୍ୟ ତଥା ଦେଶର ଅଭିଜ୍ଞ ସର୍ଜନଙ୍କ ଠାରୁ ସେମାନେ ସର୍ଜରି ବିଷୟରେ ନୂତନ ଜ୍ଞାନକୌଶଳ ଏବଂ ପ୍ରଣାଳୀ ଶିଖିପାରିବେ, ଯାହାକି ଭବିଷ୍ୟତରେ ସେମାନଙ୍କୁ ରୋଗୀସେବା ଏବଂ ଚିକିତ୍ସା କ୍ଷେତ୍ରରେ ବେଶ୍ ସହାୟକ ହେବ।

ସେହିପରି ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଥିଲେ, ଆମେ ଆଇଏଜିଇ ଏବଂ ଏଓଜିଓର ମିଳିତ ସହଯୋଗରେ ସଫଳତାର ସହ 'ଭିପିସିଓଏନ୍-୨୦୨୪'ର ଆୟୋଜନ କରିପାରିଥିଲୁ। ଏହି କର୍ମଶାଳାରେ ଅନେକ ପ୍ରସିଦ୍ଧ ଡାକ୍ତର ଲାଇଭ୍ ସର୍ଜରି କରିବା ସହିତ ଅଂଶଗ୍ରହଣ କରିଥିବା ଅନ୍ୟ ସମସ୍ତ ଡାକ୍ତରଙ୍କୁ ଏହି ଅତ୍ୟାଧୁନିକ ସର୍ଜରି ବିଷୟରେ କହିଥିଲେ।

## ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭାରତର ସର୍ବଶ୍ରେଷ୍ଠ କମ୍ପାନୀ




ମୁମ୍ବାଇ,୧।୧୨ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ (ଆରଆଇଏଲ) କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ବା ସ୍ୱୀକୃତି ମିଳିଛି। ଏପରିକି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭାରତର ସର୍ବଶ୍ରେଷ୍ଠ କମ୍ପାନୀ ଭାବେ ୱିଜିକର ଭିଜିବିଲିଟି ଇଣ୍ଡେକ୍ସରେ ସ୍ଥାନ ପାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ରେ ୱିଜିକର ଭିଜିବିଲିଟି ଇଣ୍ଡେକ୍ସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭାରତର ଏକ ନମ୍ବର କମ୍ପାନୀ ଭାବେ ସ୍ଥାନ ପାଇଛି। ଏପରିକି କମ୍ପାନୀର ରାଜସ୍ୱ, ଲାଭ, ବଜାର ମୂଲ୍ୟ ଏବଂ ସାମାଜିକ ପ୍ରଭାବ ଦୃଷ୍ଟିରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଗରେ ରହିଛି।

ୱିଜିକି ହେଉଛି, ଏକ ମିଡିଆ ଇଣ୍ଟେଲିଜେନ୍ସ କମ୍ପାନୀ। ଯାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା/ଏଆଇ) ଅନୁଯାୟୀ ଗଣମାଧ୍ୟମ ଖବର ଉପରେ ନଜର ରଖିବା ସହିତ କେଉଁ କମ୍ପାନୀଗୁଡିକ ଅଧିକ ସ୍ଥାନ ପାଇଥାନ୍ତି, ସେ ତାହାକୁ ନିରୂପଣ କରିଥାଏ। ୱିଜିକିର ଭିଜିବିଲିଟି ଇଣ୍ଡେକ୍ସ ଅନୁଯାୟୀ ରିଲାଏନ୍ସ କ୍ରମାଗତ ଭାବେ ହେଡଲାଇନ (ଖବରର ଶୀର୍ଷ)ରେ ରହିଆସିଛି। ଏପରିକି ଅନେକ ବ୍ୟାଙ୍କିଙ୍ଗ୍, ଫାଇନାନ୍ସ ଏବଂ ଉପଭୋକ୍ତା ସାମଗ୍ରୀ କମ୍ପାନୀକୁ ଉକ୍ତ ପ୍ରସଙ୍ଗରେ କମ୍ପାନୀ ପଛରେ ପକାଇଦେଇଛି। ୨୦୨୪ରେ ରିଲାଏନ୍ସର ନ୍ୟୁଜ୍ ସ୍କୋର ୧୦୦ରୁ ୯୭.୪୩ ରହିଥିବା ୱିଜିକି ପ୍ରକାଶ କରିଛି। ୨୦୨୩ରେ କମ୍ପାନୀର ସ୍କୋର ୯୬.୪୬ ଥିଲାବେଳେ ୨୦୨୨ରେ ୯୨.୫୬ ଏବଂ ୨୦୨୧ରେ ୮୪.୯ ଥିଲା। ଏପରିକି ଏହି ବିଗତ ବର୍ଷଗୁଡିକ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ କ୍ରମାଗତ ଭାବେ ଭାରତର ଏକ ନମ୍ବର କମ୍ପାନୀ ହୋଇ ରହିଛି, ଯଦି ଅନ୍ୟ କମ୍ପାନୀଗୁଡିକ ସହିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ତୁଳନା କରାଯାଏ, ତାହାହେଲେ ରିଲାଏନ୍ସ ଦେଶର ଅନେକ ବଡ଼ କମ୍ପାନୀମାନଙ୍କଠାରୁ ବହୁତ ଆଗରେ ରହିଛି। ସେହିଭଳି ରିଲାଏନ୍ସର ନ୍ୟୁଜ୍ ସ୍କୋର ୯୭.୪୩ ଥିବାବେଳେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍କୋର ୮୯.୩, ଏଚଡିଏଫସି ବ୍ୟାଙ୍କର ୮୬.୨୪, ପେଟିଏମ୍‌ର ମୂଳ କମ୍ପାନୀ ୱାନ୍୯୭ କମ୍ୟୁନିକେଶନ୍ସ ୮୪.୬୩, ଆଇସିଆଇସିଆଇ ବ୍ୟାଙ୍କର ୮୪.୩୩ ଏବଂ ଜୋମାଟୋର ନ୍ୟୁଜ୍ ସ୍କୋର ୮୨.୯୪ ରହିଥିଲା। ସେହିପରି ୱିଜି ନ୍ୟୁଜ୍ ସ୍କୋର ଅନୁସାରେ ଭାରତୀ ଏୟାରଟେଲ ୭ମ ସ୍ଥାନରେ ଥିଲାବେଳେ ଇନଫୋସିସ୍, ଟାଟା ମୋଟର୍ସ, ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ) ଏବଂ ଆଦାନୀ ଗ୍ରୁପ୍ ୪୦ ତମ ସ୍ଥାନରେ ରହିଛି। ୱିଜିକି ନ୍ୟୁଜ୍ ସ୍କୋର ନିର୍ଣ୍ଣୟ କରିବାବେଳେ ଖବରର ଶିରୋନାମାରେ କମ୍ପାନୀ କେତେ ସମୟ ରହିଛି, କେତେ ସ୍ଥାନରେ ପ୍ରକାଶିତ ହୋଇଛି ଏବଂ ପ୍ରକାଶିତ ବିଷୟବସ୍ତୁ କେତେ ଲୋକଙ୍କ ପାଖରେ ପହଞ୍ଚିଛି, ତାହାକୁ ବିସ୍ତୃତ ଭାବେ ଦେଖାଯାଇଥାଏ।

## ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ୭୩,୦୦୦ କୋଟି ନିବେଶ

ଭୁବନେଶ୍ୱର,୧।୧୨

ଭାରତୀୟ ରେଳପଥ ବର୍ତ୍ତମାନ ଦ୍ରୁତଗତିରେ ବିକାଶ କରୁଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ରେଳପଥ ଓଡ଼ିଶାର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଭାରତୀୟ ରେଳପଥ ଅଧୀନ ପୂର୍ବତଟ ରେଳ ନେଟୱର୍କ ଅଞ୍ଚଳର ବିକାଶ ପାଇଁ ପ୍ରାୟ ୭୩,୦୦୦ କୋଟି ଟଙ୍କାର ନିବେଶ ସହିତ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ସେହିଭଳି ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥ ୭୩,୦୦୦ କୋଟି ଟଙ୍କାର ନିବେଶ ସହ ନୂଆ ରେଳ ପ୍ରକଳ୍ପଠାରୁ ଆରମ୍ଭ କରି ନୂଆ ରେଳ ଧାରଣା ବିଛାଇବା, ରେଳ ଓଭରବ୍ରିଜ ଏବଂ ରେଳ ଅଣ୍ଡର ବ୍ରିଜ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଏଥି ସହିତ ୧୦୭କୋଟି ବ୍ୟୟ ବରାଦରେ ଏକ ନୂଆ ରେଳ ଡିଭିଜନ ରାୟଗଡାଠାରେ ସ୍ଥାପନ କରାଯାଉଛି। ଏପରିକି ନୂଆ ରାୟଗଡା ରେଳ ଡିଭିଜନରେ ଡିଆରଏମଙ୍କ କାର୍ଯ୍ୟାଳୟ, କର୍ମଚାରୀଙ୍କ କ୍ୱାର୍ଟର୍ସ ସହିତ ଅନ୍ୟାନ୍ୟ ନିର୍ମାଣ ଏବଂ କୋରାପୁଟ- ସିଙ୍ଗାପୁର ୨ୟ ରେଳଲାଇନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଆବଶ୍ୟକ ଟେଣ୍ଡର ୨୦୨୪ ସେପ୍ଟେମ୍ବରରୁ ଡକା ଯାଇସାରିଛି। ଅପରପକ୍ଷରେ ପୂର୍ବତଟ ରେଳପଥର କୌଣସି ଅଂଶ ଦକ୍ଷିଣ ତଟ ରେଳ ଜୋନରେ ସାମିଲ ହେଉ ନାହିଁ, ଏପରିକି ଓଡ଼ିଶାର କୌଣସି ଅଂଶ ଦକ୍ଷିଣ ତଟ ରେଳ ଜୋନରେ ସାମିଲ ହେବ ନାହିଁ କିମ୍ବା ହେଉନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ପୂର୍ବତଟ ରେଳପଥ ଓଡ଼ିଶାର ରେଳ ଭିତ୍ତିଭୂମିକୁ ପୂର୍ବପରି ଅଗ୍ରାଧିକାର ଦେଉଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ରେଳପଥର ବିଜ୍ଞପ୍ତି ଅନୁଯାୟୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଦକ୍ଷିଣତଟ ରେଳପଥ ବା ରେଳଜୋନର ମୁଖ୍ୟାଳୟ ସ୍ଥାପନ କରାଯିବ। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଦେଶର ନୂଆ ଓ ଅଷ୍ଟାଦଶ ରେଳ ଜୋନ ହେବାକୁ ଯାଉଥିବାବେଳେ ଓଡ଼ିଶାର କୌଣସି ରେଳ ଅଂଶ ଏହି ଜୋନରେ ସାମିଲ ହେଉ ନାହିଁ। ସେହିଭଳି ପୂର୍ବତଟ ରେଳପଥକୁ ସର୍ବାଧିକ ରାଜସ୍ୱ ଦେଉଥିବା କୋଠାଭାଲାସା-କିରନ୍ଦୁଲ ରେଳଲାଇନ (କେକେ ଲାଇନ) ରାୟଗଡା ରେଳ ଜୋନ (ଡିଭିଜନ) ଅଧୀନରେ ରହିବ। ଅପରପକ୍ଷରେ ପୂର୍ବତଟ ରେଳପଥ ଅଧୀନରୁ ୱାଲଟିୟର ଅନ୍ୟ ଡିଭିଜନକୁ ଯିବା ପରେ ଓଡ଼ିଶାରେ ପୂର୍ବପରି ୩ଟି ଡିଭିଜନ ରହିବ। ଏପରିକି ରାୟଗଡା ଡିଭିଜନକୁ ନିକଟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ମଞ୍ଜୁରୀ ମିଳିସାରିଛି।

## ଫୁରସତ




## ପ୍ରଥମ ଦିନ ୩୦୦ କୋଟି କ୍ଲବରେ ପହଞ୍ଚିବ 'ପୁଷ୍ପା ୨'

ହାଇଦ୍ରାବାଦ

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜ୍ଜୁନ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ଚଳିତ ବର୍ଷର ବହୁ ପ୍ରତୀକ୍ଷିତ 'ପୁଷ୍ପା ୨: ଦି ରୁଲ୍' ଫିଲ୍ମ ଆସନ୍ତା ୫ରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମକୁ ନେଇ ସିନେପ୍ରେମୀ ଓ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ତେବେ ରିଲିଜ୍ ହେବା ସହ 'ପୁଷ୍ପା ୨ : ଦି ରୁଲ୍' ବକ୍ସ ଅଫିସରେ ଧମାଲ ମଚାଇବ ବୋଲି ଅନୁମାନ କରାଯାଉଛି। ଆସନ୍ତା ୫ରେ ରିଲିଜ୍ ହେବା ପୂର୍ବରୁ 'ପୁଷ୍ପା ୨: ଦି ରୁଲ୍' ଫିଲ୍ମର ଆଡଭାନ୍ସ ବୁକିଂ ଆରମ୍ଭ ହୋଇସାରିଛି। ତେବେ ବିଭିନ୍ନ ଫିଲ୍ମର ବକ୍ସ ଅଫିସ୍ କଲେକ୍ସନକୁ ନେଇ ବିଶ୍ଳେଷଣ କରୁଥିବା ମିଡିଆ କମ୍ପାନୀ 'ସାକ୍‌ନିଲ୍କ'ର ଏକ ଆକଳନ ସାମ୍ନାକୁ ଆସିଛି। ରିଲିଜ୍ ହେବାର ପ୍ରଥମ ଦିନରେ 'ପୁଷ୍ପା ୨: ଦି ରୁଲ୍' ଫିଲ୍ମ ବିଶ୍ୱବ୍ୟାପୀ ୩୦୩ କୋଟି ଟଙ୍କା ସଂଗ୍ରହ କରିବ ବୋଲି ଉକ୍ତ ରିପୋର୍ଟ କହିଛି। ସେହିପରି ଏହି ଚଳଚ୍ଚିତ୍ର ପ୍ରଥମ ଦିନ ଘରୋଇ ବକ୍ସ ଅଫିସ୍‌ରୁ ୨୩୩ କୋଟି ଟଙ୍କା ରୋଜଗାର କରିବ। ଉକ୍ତ ରିପୋର୍ଟ ଅନୁଯାୟୀ, ପ୍ରଥମ ଦିନ କେବଳ ବିଦେଶୀ ବକ୍ସ ଅଫିସ କଲେକ୍ସନରେ ଏହି ଚଳଚ୍ଚିତ୍ର ୭୦ କୋଟି ଟଙ୍କା ରୋଜଗାର କରିବ। ଯଦି ଏପରି ଘଟେ, ତେବେ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ଭାବେ 'ପୁଷ୍ପା ୨: ଦି ରୁଲ୍' ରିଲିଜ୍ ହେବାର ପ୍ରଥମ ଦିନରେ ୩୦୦ କୋଟି କ୍ଲବ୍‌ରେ ପହଞ୍ଚି ଇତିହାସ ରଚିବ।

## ପ୍ରଦୂଷଣମୁକ୍ତ ପରିବେଶ ଜରୁରୀ

### ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ



**କୌଣସି** ଶିଳ୍ପ ବିପର୍ଯ୍ୟୟକୁ ରୋକିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ। ପରିବେଶ ପ୍ରଦୂଷଣ ବିଷୟରେ ସଚେତନତା ସୃଷ୍ଟି କରିବା, ଲୋକ ଏବଂ ଶିଳ୍ପକୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ଏହି ଦିନ ଉତ୍ସର୍ଗୀକୃତ। ଭାରତରେ ପ୍ରତିବର୍ଷ ବାୟୁ ପ୍ରଦୂଷଣ ହେତୁ ପ୍ରାୟ ୭୦ ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବାବେଳେ ଘର ଭିତରର ବାୟୁ ପ୍ରଦୂଷଣ ହେତୁ ୪୦ ଲକ୍ଷ ଲୋକ ପ୍ରାଣ ହରାନ୍ତି। କୁହାଯାଏ ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ ଜଣ ଶୁଦ୍ଧ ବାୟୁ ପାଆନ୍ତି ନାହିଁ। ବିଶେଷକରି ପ୍ରଦୂଷଣକୁ ରୋକିବା ଏବଂ ପ୍ରକୃତିର ଅପବ୍ୟବହାର କିପରି କରାଯାଉଛି ସେ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ହେଉଛି ଆଜି ଏହି ଦିବସ ପାଳନର ଉଦ୍ଦେଶ୍ୟ ଅଟେ।

## ହେଲ୍‌ମେଟ୍ ପିନ୍ଧି ନିର୍ବନ୍ଧ

ରାୟପୁର



ଛତିଶଗଡ଼ର ରାଜନନ୍ଦଗାଓଁ ଜିଲାରେ ଏକ ନିଆରା ନିର୍ବନ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଜର ଅନନ୍ୟ ରୀତିନୀତି ହେତୁ ଏବେ ଏହି ନିର୍ବନ୍ଧ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ଥାନୀୟ ଡୋଙ୍ଗରଗଡ ବ୍ଲକର ଜରୱାହି ନିବାସୀ ବୀରେନ୍ଦ୍ର ସାହୁ ଓ କାରିଆଟୋଲା ଗ୍ରାମ ନିବାସୀ ଜ୍ୟୋତି ସାହୁଙ୍କ ମଧ୍ୟରେ ଶନିବାର ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ନିର୍ବନ୍ଧର ସମସ୍ତ ରୀତିନୀତି ସରିବା ପରେ ଉଭୟ ବୀରେନ୍ଦ୍ର ଓ ଜ୍ୟୋତି ପରସ୍ପରକୁ ହେଲ୍‌ମେଟ୍ ପିନ୍ଧାଇ ସଡ଼କ ସୁରକ୍ଷାର ସଚେତନତାର ବାର୍ତ୍ତା ଦେଇଥିଲେ। ଉଭୟ କନ୍ୟା ଏବଂ ବର ପରସ୍ପରକୁ ହେଲମେଟ ପିନ୍ଧାଉଥିବା ଦେଖି ନିର୍ବନ୍ଧରେ ଯୋଗଦେଇଥିବା ଅତିଥିମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ପରିପ୍ରେକ୍ଷୀରେ ବୀରେନ୍ଦ୍ର କହିଛନ୍ତି, ୨୦୨୨ରେ ତାଙ୍କ ବାପା ପଞ୍ଚରମ ସାହୁଙ୍କର ଏକ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ହେଲ୍‌ମେଟ ପିନ୍ଧି ନ ଥିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ତାଙ୍କୁ ବଞ୍ଚାଯାଇପାରି ନ ଥିଲା। ସେବେଠାରୁ ସେ ଓ ତାଙ୍କ ପରିବାରର ସମସ୍ତ ସଦସ୍ୟ ହେଲ୍‌ମେଟ ପିନ୍ଧିବା ନେଇ ଲୋକଙ୍କୁ ସଚେତନ କରାଇବା ଆରମ୍ଭ କରିଥିଲେ।

## ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ ରାଶି



ମୁମ୍ବାଇ

ଅଭିନେତ୍ରୀ ରାଶି ଖାନ୍ନା ନିଜର ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। କେବଳ ବଲିଉଡ୍‌ରେ ନୁହେଁ, ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ ସେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ନିକଟରେ ଅଭିନେତା ବିକ୍ରାନ୍ତ ମେସିଙ୍କ ସହ 'ଦି ସାବରମତି ରିପୋର୍ଟରେ' ତାଙ୍କୁ ଦେଖିବାକୁ ମିଳିଥିଲା। ଅଭିନୟ ବ୍ୟତୀତ ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ୍ୟ ସେ ବହୁବାର ନଜରକୁ ଆସିଛନ୍ତି। ନିକଟରେ ସେ ଏକ ସାକ୍ଷାତ୍‌କାର ଦେଇ ନିଜ ଜୀବନର ଅନେକ କାହାଣୀକୁ ପ୍ରଘଟ କରିଛନ୍ତି।

ଏକଦା ରାଶି ଅଭିନେତ୍ରୀ ହେବା ପାଇଁ ନୁହେଁ, ବରଂ ଜଣେ ଆଇଏଏସ୍ ଅଧିକାରୀ ହେବାକୁ ଚାହୁଁଥିଲେ ବୋଲି ଏହ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ଦିଲ୍ଲୀରେ ଜନ୍ମଗ୍ରହଣ କରିଥିବା ରାଶିଙ୍କର ସ୍କୁଲ୍ ପାଠପଢ଼ା ମଧ୍ୟ ରାଷ୍ଟ୍ରୀୟ ରାଜଧାନୀରେ ହୋଇଥିଲା। ସ୍କୁଲ ଏବଂ କଲେଜରେ ପଢିବା ବେଳେ ସେ ଅଧ୍ୟୟନରେ ସର୍ବୋତ୍ତମ ଥିଲେ। ଧୀରେ ଧୀରେ ଆଇଏଏସ୍ ଅଧିକାରୀ ହେବାକୁ ସେ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ସେଥିପାଇଁ ସେ ନିଜର ପ୍ରସ୍ତୁତି ମଧ୍ୟ ଚଳାଇଥିଲେ ବୋଲି ରାଶି କହିଛନ୍ତି। ତେବେ କଲେଜରେ ପଢ଼ିବା ସମୟରେ ତାଙ୍କୁ ମଡେଲିଂ କରିବା ପାଇଁ ଅଫର ଆସିଥିଲା। ସେ ଉକ୍ତ ଅଫରକୁ ଗ୍ରହଣ କରିଥିଲେ। ରାଶି ଧୀରେ ଧୀରେ ନିଜ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ସେଥିରେ ତାଙ୍କୁ ସଫଳତା ମିଳିଥିଲା। ଏହାପରେ ଅଭିନୟ କ୍ଷେତ୍ରରେ ପାଦ ଥାପିବାକୁ ମଧ୍ୟ ରାଶିଙ୍କୁ ଅଫର୍ ଆସିଥିଲା। ୨୦୧୩ରେ ରିଲିଜ୍ ହୋଇଥିବା ସୁଜିତ ସରକାରଙ୍କ ନିର୍ଦ୍ଦେଶିତ 'ମାଡ୍ରାସ କାଫେ' ହେଉଛି ରାଶିଙ୍କ ଅଭିନୀତ ପ୍ରଥମ ଫିଲ୍ମ। ଏହି ଚଳଚ୍ଚିତ୍ରରେ ସେ ଅଭିନେତା ଜନ୍ ଆବ୍ରହାମଙ୍କ ସ୍ତ୍ରୀ ଭୂମିକାରେ ନଜରକୁ ଆସିଥିଲେ। ଏହା ପରେ ସେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବାକୁ ସୁଯୋଗ ପାଇଥିଲେ।

# ୨୦ ଜଣିଆ ଦଳରେ ଜ୍ୟୋତି ଅଧିନାୟିକା

**ଜୁନିୟର ମହିଳା ଏସିଆ କପ୍**

ନୂଆଦିଲ୍ଲୀ,୧।୧୨(ପି.ଟି.)

ଜୁନିୟର ମହିଳା ଏସିଆ କପ୍ ହକି ଟୁର୍ନାମେଣ୍ଟ ପାଇଁ ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଜ୍ୟୋତି ସିଂଙ୍କୁ ଏହି ଦଳର ଅଧିନାୟକ ଘୋଷଣା କରାଯାଇଛି। ଡିସେମ୍ବର ୭-୧୫ ମଧ୍ୟରେ ଓମାନର ମସ୍କାଟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଗତ ସଂସ୍କରଣରେ ଦକ୍ଷିଣ କୋରିଆକୁ ୨-୧ରେ ହରାଇ ପ୍ରଥମ ଥର ଚାମ୍ପିୟନ ହୋଇଥିବା ଭାରତ ଏହାର ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରିବ। ଜୁନିୟର ହକି ବିଶ୍ୱକପ୍ ୨୦୨୫ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ସୁଯୋଗ ରହିଥିବା ବେଳେ ଭାରତ ଏହାର ପାଇଦା ଉଠାଇବାକୁ ଚାହିଁବ। ଏହି ଟୁର୍ନାମେଣ୍ଟରେ ସମୁଦାୟ ୧୦ ଦଳ ଅଂଶଗ୍ରହଣ କରୁଥିବା ବେଳେ ଦୁଇଟି ପୁଲ୍‌ରେ ବିଭକ୍ତ କରାଯିବ। ଭାରତୀୟ ଦଳ ପୁଲ୍ ଏ'ରେ ସ୍ଥାନ ପାଇଥିବା ବେଳେ ଚାଇନା, ମାଲେସିଆ, ଥାଇଲାଣ୍ଡ ଓ ବାଂଲାଦେଶ ଏହି ଗ୍ରୁପ୍‌ରେ ରହିଛନ୍ତି। ପୁଲ୍ ବି'ରେ ଦକ୍ଷିଣ କୋରିଆ, ଜାପାନ, ଚାଇନିଜ୍ ତାଇପେ, ହଂକଂ ଓ ଶ୍ରୀଲଙ୍କା ସ୍ଥାନ ପାଇଛନ୍ତି। ସାକ୍ଷୀ ରାଣାଙ୍କୁ ଏହି ଦଳର ଉପ ଅଧିନାୟିକା ଘୋଷଣା କରାଯାଇଛି। ନିଧି ଓ ଅଦିତି ଗୋଲକିପର ଭାବରେ ଏହି ଦଳରେ ସ୍ଥାନ ପାଇଛନ୍ତି। ସିନିୟର ଦଳ ପକ୍ଷରୁ ଖେଳି ସାରିଥିବା ଓଡ଼ିଆ ଝିଅ ସୁନେଲିତା ଟପ୍ପୋ ଓ ବୈଷ୍ଣବୀ ବିଠଲ ଫାଲକେ ଏହି ଦଳରେ ସ୍ଥାନ ପାଇଛନ୍ତି।

ଭାରତୀୟ ଦଳରେ ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ଚମତ୍କାର ସମନ୍ୱୟ ରହିଥିବାରୁ କୋଚ୍ ତୁଷାର ଖାଣ୍ଡକର ଖୁସି ପ୍ରକାଶ କରିଛନ୍ତି। ଯୁବ ଖେଳାଳିଙ୍କ ପାଇଁ ଏହା ଦକ୍ଷତା ପ୍ରକାଶର ଏକ ଭଲ ପ୍ଲାଟଫର୍ମ। ଆକ୍ରମଣାତ୍ମକ ଓ ବୁଦ୍ଧିମତ୍ତାର ସହ ଭାରତୀୟ ଦଳ ହକି ଖେଳି ବିଜୟୀ ହେବାକୁ ଚେଷ୍ଟା କରିବ ବୋଲି ଖାଣ୍ଡକର କହିଛନ୍ତି।

**ଭାରତୀୟ ଦଳ:** ଗୋଲକିପର: ନିଧି ଓ ଅଦିତି ମହେଶ୍ୱରୀ। ଡିଫେଣ୍ଡର: ମନୀଷା, ଜ୍ୟୋତି ସିଂ,ଲାଲଥାଣ୍ଟଲୁଆଙ୍ଗି, ପୂଜା ସାହୁ ଓ ମମତା ଓରାମ। ମିଡ ଫିଲ୍ଡର: ବୈଷ୍ଣବୀ ବିଠଲ ଫାଲକେ, ସୁନେଲିତା ଟପ୍ପୋ, ଇଶିକା, ରଜନୀ କେରକେଟା, ସାକ୍ଷୀ ରାଣା ଓ ଖାଇଡେମ ଶିଏଲମା ଚାନୁ। ଫରୱାର୍ଡ: ଦୀପିକା, ବ୍ୟୁଟି ଡୁଙ୍ଗଡୁଙ୍ଗ, କନିକା ସିୱାଚ୍, ମୁମତାଜ ଖାନ ଓ ଲାଲରିନ୍ ପୁଇ। ରିଜର୍ଭ: ବିନିମା ଧାନ, ହିମାଂଶୀ ଶରଦ ଗୱାଣ୍ଡେ।


ଜୁନିୟର୍ ଏସିଆ କପ୍ ପାଇଁ ମନୋନୀତ ଭାରତୀୟ ମହିଳା ଦଳ।

# ସିନ୍ଧୁ ମହିଳା, ଲକ୍ଷ୍ୟ ପୁରୁଷ ଚାମ୍ପିୟନ

**ସୟଦ ମୋଦୀ ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ**

ଲକ୍ଷ୍ନୌ, ୧।୧୨ (ପି.ଟି.)

ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ସୟଦ ମୋଦୀ ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଦୁଇଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ ଫାଇନାଲରେ ଚାଇନାର ବିଶ୍ୱର ୧୧୯ ନମ୍ବର ମାନ୍ୟତାପ୍ରାପ୍ତ ଉ ଲୁଓ ୟୁଙ୍କୁ ୨୧-୧୪, ୨୧-୧୬ରେ ପରାସ୍ତ କରି ଦୁଇ ବର୍ଷ ପରେ ଏକ ଟାଇଟଲ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଏଠାରେ ସେ ତୃତୀୟ ଥର ପାଇଁ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ସେ ୨୦୧୭ ଓ ୨୦୨୨ରେ ଏଠାରେ ଟ୍ରଫି ଜିତିଥିଲେ। ସିନ୍ଧୁ ଗତଥର ୨୦୨୨ ଜୁଲାଇରେ ସିଙ୍ଗାପୁର ଓପନରେ ଟାଇଟଲ ବିଜୟୀ ହୋଇଥିଲେ। ବିଶ୍ୱର ଏହି ୧୮ନମ୍ବର ଖେଳାଳି ଚଳିତବର୍ଷ ମାଲେସିଆ ମାଷ୍ଟର୍ସ ସୁପର ୫୦୦ରେ ମଧ୍ୟ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଲକ୍ଷ୍ୟ ପ୍ରଭାବୀ ପ୍ରଦର୍ଶନ ସହ ସିଙ୍ଗାପୁରର ଜିଆ ହେଙ୍ଗ୍ ଜାସନ ତେହଙ୍କୁ ୨୧-୬, ୨୧-୭ରେ ପରାସ୍ତ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ରବିବାର ଅଧିକ ଖୁସିର ମୁହୂର୍ତ୍ତ ଥିଲା, ଯେତେବେଳେ ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ସେମାନଙ୍କର ପ୍ରଥମ ସୁପର ୩୦୦ ଟାଇଟଲ ଜିତିଲେ। ଫାଇନାଲରେ ସେମାନେ ଚାଇନାର ବାଓ ଲି ଜିଙ୍ଗ୍ ଓ ଲି କ୍ୱିଆନଙ୍କୁ ୨୧-୧୮, ୨୧-୧୧ରେ ହରାଇ ଦେଇଥିଲେ। ପୁରୁଷ ଡବଲ୍ସ ଫାଇନାଲରେ ପୃଥ୍ୱୀ କ୍ରିଷ୍ଣମୂର୍ତ୍ତି ରୟ ଇଓ ସାଇ ପ୍ରତୀକ କେ. ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ସେମାନଙ୍କ ଫାଇନାଲ ମ୍ୟାଚ ଚାଇନାର ହୁଆଙ୍ଗ ଡି' ଓ ଲିୟୁ ୟାଙ୍ଗଙ୍କଠାରୁ ୧୪-୨୧, ୨୧-୧୯, ୧୭-୨୧ରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ମିକ୍ସଡ ଡବଲ୍ସ ଫାଇନାଲରେ ତନିଶା କ୍ରାଷ୍ଟୋ ଓ ଧ୍ରୁବ କାପିଲା ଥାଇଲାଣ୍ଡର ତଥା ୬ଷ୍ଠ ସିଡ୍ ଯୋଡ଼ି ଦେଚାପଲ ପୈଭାରାନୁକ୍ରୋ ଓ ସୁପିସାରା ପାଏସାମ୍ପ୍ରନଙ୍କଠାରୁ ୨୧-୧୮, ୧୪-୨୧, ୮-୨୧ରେ ହାରିଯାଇଛନ୍ତି।



ଲକ୍ଷ୍ୟ ସେନ୍

# ଗୁକେଶ-ଲିରେନ ୬ଷ୍ଠ ଗେମ୍ ଡ୍ର

**ବିଶ୍ୱ ଚେସ୍ ଚାମ୍ପିୟନଶିପ୍**

ସିଙ୍ଗାପୁର, ୧।୧୨ (ପି.ଟି.)

ଭାରତୀୟ ଚ୍ୟାଲେଞ୍ଜର ଡି. ଗୁକେଶ ଓ ଗତଥରର ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ର ୬ଷ୍ଠ ଗେମ୍ ଡ୍ର ଭାବେ ଶେଷ ହୋଇଛି। ଫଳରେ ଉଭୟଙ୍କ ପଏଣ୍ଟ ସଂଖ୍ୟା ସମାନ ସ୍ତରରେ ରହିଛି। ଉଭୟ ଖେଳାଳିଙ୍କ ମଧ୍ୟରେ ଏହାଥିଲା କ୍ରମାଗତ ତୃତୀୟ ଡ୍ର। ଦୁହିଁଙ୍କ ପଏଣ୍ଟ ସଂଖ୍ୟା ସମାନ ୩ ପଏଣ୍ଟ ରହିଛି। ଚାମ୍ପିୟନଶିପ୍ ଜିତିବାକୁ ହେଲେ ଆହୁରି ୪.୫ ପଏଣ୍ଟ ଅର୍ଜନ କରିବାକୁ ପଡ଼ିବ। ଗୁକେଶ ଓ ଲିରେନ ୪୬ ମୁଭ୍ ପରେ ଗେମ୍‌କୁ ଡ୍ର ଭାବେ ଶେଷ କରିବା ଲାଗି ସହମତି ହୋଇଥିଲେ। ମ୍ୟାଚରେ ମୋଟ ଉପରେ ଏହା ହେଉଛି ଚତୁର୍ଥ ଡ୍ର। ମ୍ୟାଚ ପାଖାପାଖି ହୋଇସାରିଥିବାରୁ ଅବଶିଷ୍ଟାଂଶ ପାଇଁ ଖେଳ ପାଇଁ ଦୁଇ ଖେଳାଳି କି ରଣନୀତି ଆପଣେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ୩୨ ବର୍ଷୀୟ ଲିରେନ ଓପନିଂ ଗେମ୍ ଜିତିଥିବା ବେଳେ ୧୮ ବର୍ଷୀୟ ଗୁକେଶ ତୃତୀୟ ଗେମ୍‌ରେ ବିଜୟ ଲାଭ କରିଥିଲେ। ଦ୍ୱିତୀୟ, ଚତୁର୍ଥ ଓ ୫ମ ଗେମ୍ ଡ୍ର ଭାବେ ଶେଷ ହୋଇଥିଲା। ୧୪ ରାଉଣ୍ଡ ବିଶିଷ୍ଟ ଖେଳର ଆହୁରି ୮ଟି ଗେମ୍ ବାକି ରହିଛି। ସୋମବାର ଦ୍ୱିତୀୟ ବିଶ୍ରାମ ଦିବସ ପରେ ପୁଣି ଖେଳ ଆରମ୍ଭ ହେବ। ୮ଟି ଗେମ୍ ପରେ ଯଦି ଟାଇ ରୁହେ ତେବେ ଟାଇ ବ୍ରେକ୍ ପାଇଁ ଅତିରିକ୍ତ ଦିବସ ସଂରକ୍ଷିତ ରଖାଯାଇଛି।


ଷଷ୍ଠ ରାଉଣ୍ଡ ମ୍ୟାଚ୍ ଅବସରରେ ଡି. ଗୁକେଶ।

# ମନୀନ୍ଦ୍ର ଚାମ୍ପିୟନ, ନାରାୟଣ ରନରଅପ୍


କୃତୀ ପ୍ରତିଯୋଗୀ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧।୧୨ (ବିଜୟ ରଣା)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ତରଫରୁ ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ପ୍ରଥମ ବାସୁଦେବ ମହାନ୍ତି ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଗଜପତିର ମନୀନ୍ଦ୍ର କାର୍ଜି ୫ ପଏଣ୍ଟ ଅର୍ଜନ କରିବା ସହ ଚାମ୍ପିୟନ ହୋଇଥିବା ବେଳେ ୪.୫ ପଏଣ୍ଟ ସହ କୋରାପୁଟର ନାରାୟଣ ନାୟକ ରନରଅପ୍ ହୋଇଛନ୍ତି। କଟକର ରବୀନ୍ଦ୍ର କୁମାର ଓଝା ୪ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ୪ଜଣ ଖେଳାଳି ଭିନିତ ନାୟକ, ଅଭିଷେକ ନାୟକ, ଲରେନ୍ସ ପ୍ରଧାନ ଓ ହର୍ଷ ରାଜ୍ ପ୍ରତ୍ୟେକ ୪ ପଏଣ୍ଟ ସହ ଯଥାକ୍ରମେ ୪ର୍ଥରୁ ୭ମ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ଦିୟା ଦାସ ଓ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ସେହିପରି ୧୩ ବର୍ଷରୁ କମ୍ ବିଭାଗରେ ସତ୍ୟମ ସ୍ୱରୂପ ସାହୁ ଓ ସୂର୍ଯ୍ୟାଂଶ ଶେଖର ସାହୁ, ୧୧ ବର୍ଷରୁ କମ 'ଖ' ବିଭାଗରେ ଆରିସ ନନ୍ଦ ଗୋସ୍ୱାମୀ ଓ ଜ୍ୟୋତିରାଦିତ୍ୟ ରାଉତ, ୯ ବର୍ଷରୁ କମ୍ ବିଭାଗରେ ଇରାମଦ ରାଉତ ଓ ସମର୍ଥ ରାଜଦୀପ୍ ଏବଂ ୭ବର୍ଷରୁ କମ୍ ବିଭାଗରେ ପ୍ରାରବ୍ଧ ରାଜ୍ଞା ମିଶ୍ର ଓ ରେୟାଂଶ ରାଜ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ପ୍ରଜ୍ଞା ପରିମିତା ସାହୁ (ଭାଇସ୍ ପ୍ରିନ୍ସିପାଲ ରୟାଲ ପବ୍ଲିକ ସ୍କୁଲ), ଦେବାଶିଷ ପାଣିଗ୍ରାହୀ (ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ) ଏବଂ ସ୍ୱର୍ଗ ବାସୁଦେବ ମହାନ୍ତିଙ୍କ ଝିଅ ନିର୍ଲିପ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ।

# ଇସିସିର ବୃହତ୍ ବିଜୟ

ଭୁବନେଶ୍ୱର,୧।୧୨(ସରୋଜ ଜେନା)

ଭୁବନେଶ୍ୱରର ଇଡ୍‌କୋ ଓ ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ଇନୋଭାରେ କପ୍‌ରେ ରବିବାର କର୍ପୋରେଟ ଆମନ୍ତ୍ରଣୀୟ ଏକାଦଶ, ଇସିସି, ଲୟର୍ସ ଏକାଦଶ ଓ ମାଇଣ୍ଡ ଟ୍ରି ବିଜୟୀ ହୋଇଛନ୍ତି। ଉତ୍କଳ ସ୍ୱାର୍ଟାନ୍‌ସକୁ ୫୫ ରନ୍‌ରେ ପରାସ୍ତ କରି ଇସିସି ବୃହତ୍ ବିଜୟ ହାସଲ କରିଛି। ଇଡ୍‌କୋ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ କର୍ପୋରେଟ ଆମନ୍ତ୍ରଣୀୟ ଏକାଦଶ ୩୮ ରନ୍‌ରେ ଷ୍ଟାର୍ଟଅପ୍ ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କର୍ପୋରେଟ୍ ଏକାଦଶ ୨ ଉଇକେଟରେ ୨୨୦ ରନ୍ କରିଥିଲା। ଜବାବରେ ଷ୍ଟାର୍ଟଅପ୍ ଏକାଦଶ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା। କୃତବିଦ୍ୟ ଦାସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଉତ୍କଳ ସ୍ୱାର୍ଟାନ୍‌ସକୁ ୫୫ ରନ୍‌ରେ ପରାସ୍ତ କରିଥିଲା ଇସିସି। ଇସିସି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୯୫ ରନ୍ କରିଥିଲା। ଜବାବରେ ସ୍ୱାର୍ଟାନ ଦଳ ୯ ଉଇକେଟ ହରାଇ ୧୪୦ ରନ୍ କରିଥିଲା। ପ୍ରକାଶ ସାହୁଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଲୟର୍ସ ଏକାଦଶ ୩ ରନ୍‌ରେ ଇଡ୍‌କୋକୁ ପରାସ୍ତ କରିଛି। ଲୟର୍ସ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୬ ଉଇକେଟ ହରାଇ ୧୧୪ ରନ୍ କରିଥିଲା। ଜବାବରେ ଇଡ୍‌କୋ ୮ ଉଇକେଟ ହରାଇ ୧୧୧ ରନ୍ କରି ପାରିଥିଲା। ଭକ୍ତି ସାମଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ମାଇଣ୍ଡ ଟ୍ରି ଓ ଟିସିଏସ୍ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌କୁ ୪ ଉଇକେଟରେ ଜିତି ନେଇଥିଲା ମାଇଣ୍ଡ ଟ୍ରି। ଟିସିଏସ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟରେ ୧୧୫ ରନ୍ କରିଥିଲା। ଜବାବରେ ମାଇଣ୍ଡ ଟ୍ରି ୧୪.୧ ଓଭରରେ ୬ ଉଇକେଟରେ ୧୧୯ ରନ୍ କରିଥିଲା। ରାଜେଶ ନାୟକଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ଆନନ୍ଦଙ୍କ ପରେ ଅର୍ଜୁନ ଦ୍ୱିତୀୟ ଭାରତୀୟ

ନୂଆଦିଲ୍ଲୀ, ୧।୧୨ (ପି.ଟି.)

କିମ୍ବଦନ୍ତୀ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାସି ରବିବାର କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଏବଂ ବିଶ୍ୱର ୧୬ତମ ଚେସ୍ ଖେଳାଳି ଭାବେ ଗୋଲ୍ଡ-ଷ୍ଟାଣ୍ଡାର୍ଡ ଏଲୋ ରେଟିଂ ୨୮୦୦ ଅତିକ୍ରମ କରିବାରେ ସମର୍ଥ ହୋଇଛନ୍ତି। ଏହାଛଡ଼ା ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ସେ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୨୧ବର୍ଷୀୟ ଭାରତୀୟ ଖେଳାଳି ଚଳିତ ବର୍ଷ ଜବରଦସ୍ତ ଫର୍ମରେ ଅଛନ୍ତି। ନିକଟରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତର ଐତିହାସିକ ପ୍ରଦର୍ଶନ ଅବସରରେ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣ ବ୍ୟତୀତ ଟିମ୍ ଟାଇଟଲ ହାସଲ କରିପାରିଛନ୍ତି। ଡିସେମ୍ବର ୨୦୨୪ ଫିଡେ ରେଟିଂ ତାଲିକାରେ ତାଙ୍କ ରେଟିଂ ସଂଖ୍ୟା ୨୮୦୧ରେ ପହଞ୍ଚିଛି। ତେଲଙ୍ଗାନାର ୱାରାଙ୍ଗଲରେ ଜନ୍ମ ଗ୍ରହଣ କରିଥିବା ଏରିଗାସି ମାତ୍ର ୧୪ ବର୍ଷ, ୧୧ ମାସ ଓ ୧୩ ଦିନ ବୟସରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ୨୦୨୪ ସେପ୍ଟେମ୍ବରରେ ସେ ଭାରତର ଟପ୍ ରେଟିଂ ଖେଳାଳି ବିବେଚିତ ହୋଇଥିଲେ।

# ବର୍ଷାରେ ଧୋଇଗଲା ଓଡ଼ିଶା ମ୍ୟାଚ୍

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଭୁବନେଶ୍ୱର,୧।୧୨(ସରୋଜ ଜେନା)

ଆନ୍ଧ୍ରପ୍ରଦେଶରେ ଅନୁଷ୍ଠିତ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯାଇଛି। ଗ୍ରୁପ୍ ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ଚତୁର୍ଥ ମ୍ୟାଚ୍‌ରେ ଛତିଶଗଡ଼କୁ ଭେଟିଥିଲା। ବର୍ଷା କାରଣରୁ ମ୍ୟାଚ୍ ସମ୍ଭବ ହୋଇ ନ ଥିବା ବେଳେ ଟସ୍ ମଧ୍ୟ ପଡ଼ି ପାରି ନ ଥିଲା। ଏହା ପୂର୍ବରୁ ପ୍ରଥମ ୩ ମ୍ୟାଚ୍‌ରେ ପରାଜିତ ହୋଇଥିଲା ଓଡ଼ିଶା। ଅଦ୍ୟାବଧି ୪ ମ୍ୟାଚ୍ ଖେଳି ଦଳ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି।

# ୧୫ ପଦକ ସହ କିଟ୍ ତୃତୀୟ

**ଇଷ୍ଟଜୋନ୍ ସନ୍ତରଣ**

ଭୁବନେଶ୍ୱର,୧।୧୨(ସରୋଜ ଜେନା)

କିସ୍ କ୍ୟାମ୍ପସ-୨ରେ ଆୟୋଜିତ ଇଷ୍ଟଜୋନ୍ ସନ୍ତରଣ ପ୍ରତିଯୋଗିତାରେ ୧୫ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛି କିଟ୍ ବିଶ୍ୱବିଦ୍ୟାଳୟ। ୨୮ ତାରିଖରୁ ଆରମ୍ଭ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। କିଟ୍ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସହ ସମୁଦାୟ ୧୫ ପଦକ ହାସଲ କରିଛି। ୧୧୦ ବିଶ୍ୱବିଦ୍ୟାଳୟ ପକ୍ଷରୁ ୫୦୦ରୁ ଅଧିକ ଆଥ୍‌ଲେଟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଚଣ୍ଡୀଗଡ ବିଶ୍ୱବିଦ୍ୟାଳୟ ୩୨(୧୪ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୭ ବ୍ରୋଞ୍ଜ) ପଦକ ସହ ପ୍ରଥମ ସ୍ଥାନରେ ରହିଥିଲା। ଆଡାମାସ ବିଶ୍ୱବିଦ୍ୟାଳୟ ୨୮ ପଦକ ସହ ଦ୍ୱିତୀୟ ଓ କିଟ୍ ୧୫ ପଦକ ସହ ତୃତୀୟ ସ୍ଥାନରେ ରହିଥିଲା। ଏହି ଟୁର୍ନାମେଣ୍ଟର ଟପ୍ ୧୬ ପ୍ରତିଯୋଗୀ ଆନ୍ତଃଜୋନ୍ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ।

କୁଳପତି ଦୀପକ କୁମାର ବେହେରା, ମହା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ, ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଓ ରୁଦ୍ରକେଶ ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ତୃତୀୟ ସ୍ଥାନରେ ଥିବା କିଟ୍ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।


ଅତିଥିଙ୍କ ଗହଣରେ ସ୍ୱର୍ଣ୍ଣ ପଦକ ବିଜୟୀ କିଟ୍ ମହିଳା ରିଲେ ଦଳ।

# ଟେବୁଲ ଟପ୍ପରଙ୍କୁ ହରାଇଲା ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ୍ ସୁପର ଲିଗ୍**

■ ଡିଏଗୋ ମରିସିଓଙ୍କ ଡବଲ୍ ଗୋଲ୍

ଭୁବନେଶ୍ୱର,୧।୧୨(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ୍ ସୁପର ଲିଗ୍(ଆଇଏସ୍ଏଲ୍) ମ୍ୟାଚ୍‌ରେ ଟେବୁଲ ଟପ୍ପର ବେଙ୍ଗାଲୁରୁ ଏଫ୍‌ସିକୁ ୪-୨ ଗୋଲରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଘରୋଇ ଦଳ ପକ୍ଷରୁ ଡିଏଗୋ ମରିସିଓ (୪୫+୩, ୬୦) ମିନିଟରେ ଡବଲ୍ ଗୋଲ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜେରୀ ମାୱିମିଙ୍ଗଥାଙ୍ଗା(୧୦) ଓ ମୋର୍ଟାଡା ଫଲ(୨୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ୫୨ ତମ ମିନିଟରେ ସୁନୀଲ ଛେତ୍ରୀ ଓ ୮୮ ତମ ମିନିଟରେ ଏଡଗାର ମେଣ୍ଡେଜ ବେଙ୍ଗାଲୁରୁ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମ୍ୟାଚ୍‌ର ପ୍ରଥମାର୍ଦ୍ଧରୁ ଓଡ଼ିଶା ଏଫ୍‌ସି ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ୧୦ମ ମିନିଟରେ ଜେରୀ ଓଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ୍ ଦେଇଥିଲେ। ଆଇଜାକ ଭନଲାଲରୁଆଟଫେଲାଙ୍କ ଆସିଷ୍ଟରେ ସେ ଏହି ଗୋଲ ସ୍କୋର କରିଥିଲେ। ୨୭ ତମ ମିନିଟରେ ଓଏଫ୍‌ସିକୁ ଏକ ଫ୍ରି କିକ ମିଳିଥିବା ବେଳେ ଏଥିରୁ ସ୍କୋର କରିଥିଲେ ମୋର୍ଟାଡା ଫଲ୍। ଅହମଦ୍ ଜାହୋହଙ୍କ ଫ୍ରି କିକ୍‌ରୁ ଫଲ୍ ସ୍କୋର କରିବା ସହ ଓଏଫ୍‌ସିକୁ ୨-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଜେରୀଙ୍କ ଆସିଷ୍ଟରେ ସ୍କୋର କରିଥିଲେ ଡିଏଗୋ ମରିସିଓ। ପ୍ରଥମାର୍ଦ୍ଧ ସୁଦ୍ଧା ଓଏଫ୍‌ସି ୩-୦ରେ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧରେ ପ୍ରତ୍ୟାବର୍ତ୍ତନର ପ୍ରୟାସ କରିଥିଲା ବେଙ୍ଗାଲୁରୁ। ୱିଲିୟମ୍ସଙ୍କ ଲମ୍ବା ପାଶ୍‌କୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ସୁନୀଲ ଛେତ୍ରୀ। ୬୦ ତମ ମିନିଟରେ ଡିଏଗୋ ମରିସିଓ ଆଉ ଏକ ଚମତ୍କାର ଗୋଲ ଦେଇ ଓଏଫ୍‌ସିକୁ ୪-୧ରେ ଆଗୁଆ କରିଥିଲେ। ୮୮ ତମ ମିନିଟରେ ଏଡଗାର ମେଣ୍ଡେଜ ବେଙ୍ଗାଲୁରୁ ପକ୍ଷରୁ ଗୋଲ ଦେଇଥିଲେ ମଧ୍ୟ ଓଏଫ୍‌ସି ବିଜୟୀ ହୋଇଥିଲା।


ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ସୁନୀତା ଉଇଲିୟମ୍ସଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ: ଆଶା ଓ ଆଶଙ୍କା



ନିକୁଞ୍ଜ ବିହାରୀ ସାହୁ

''ପରବର୍ତ୍ତୀ ସମୟରେ ମହାକାଶରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଶିଳ୍ପପତି ଏଲନ୍ ମସ୍କଙ୍କ 'ସ୍ପେସ୍ ଏକ୍ସ' କମ୍ପାନୀର ଏକ ସ୍ୱତନ୍ତ୍ର ଯାନ କ୍ରୁ ଡ୍ରାଗନ-୯ ଜରିଆରେ ପୃଥିବୀକୁ ଫେରାଇ ଆଣିବାର ଯୋଜନା କରାଯାଇଛି। ଏହି ଅଭିଯାନ ନିମନ୍ତେ ଉକ୍ତ ଯାନର ଗଠନକୁ ପୁନର୍ବିନ୍ୟାସ କରାଯାଇଛି। ଏବେ ଏଥିରେ ଚାରି ଜଣ ମହାକାଶଚାରୀଙ୍କ ପରିବର୍ତ୍ତେ କେବଳ ଦୁଇ ଜଣ ଯାତ୍ରୀ (ଜଣେ ଆମେରିକୀୟ ଓ ଅନ୍ୟ ଜଣେ ରୁଷୀୟ) ରହିଛନ୍ତି ଏବଂ ଆଉ ଦୁଇଟି ଆସନକୁ ଖାଲି ଛଡ଼ାଯାଇଛି, ଯାହା ସ୍ପେସ୍ ଷ୍ଟେଶନରେ ଅଟକି ରହିଥିବା ଦୁଇ ଯାତ୍ରୀଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ନିମନ୍ତେ ବ୍ୟବହାର କରାଯିବ। ଏହି ଯାନକୁ ଗତ ସେପ୍ଟେମ୍ବର ୩୦ ତାରିଖରେ ମହାକାଶ ଷ୍ଟେଶନ ଅଭିମୁଖେ ଅନ୍ତରୀକ୍ଷକୁ ପ୍ରେରଣ କରାଯାଇଛି ଏବଂ ଯାନଟି ଅନ୍ତରୀକ୍ଷ ଯାତ୍ରାକରି ସଫଳତାର ସହିତ ସ୍ପେସ୍ ଷ୍ଟେଶନ ସହିତ ମିଳିତ ହୋଇଛି।''



ବିଗତ ଦିନରେ ଆମେରିକୀୟ କମ୍ପାନୀ 'ବୋଇଙ୍ଗ'ର 'ଷ୍ଟାରଲାଇନର୍' ଅନ୍ତରୀକ୍ଷ ଯାନରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ ଯାତ୍ରା କରିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ଉଇଲିୟମ୍ସ ତଥା ଅନ୍ୟ ଜଣେ ସହ-ମହାକାଶଯାତ୍ରୀ ବୁଚ ୱିଲମୋରଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ନେଇ ଘୋର ଅନିଶ୍ଚିତତା ପ୍ରକାଶ ପାଇଛି। ସେମାନେ ଚଳିତ ବର୍ଷ ଜୁନ୍ ୫ ତାରିଖ ରାତି ୮ଟା ୨୨ ମିନିଟ ସମୟରେ ଆଟଲାସ V (ଭି) ରକେଟ ଜରିଆରେ ମହାକାଶକୁ ଯାତ୍ରା କରି ପୃଥିବୀକୁ ପ୍ରଦକ୍ଷିଣ କରୁଥିବା ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ ସହିତ ମିଳିତ ହୋଇଥିଲେ। ତାଙ୍କର ଯାନ ପରଦିନ ଅର୍ଥାତ ୬ ତାରିଖରେ ସ୍ପେସ୍ ଷ୍ଟେଶନଠାରେ ରାତି ୯ଟା ୪୫ ମିନିଟ ସମୟରେ ପହଞ୍ଚିବାର ଥିଲା। ମାତ୍ର ହିଲିୟମ ଲିକ୍ ଘଟି ଯାନର ସମୁଦାୟ ୨୮ ଥ୍ରଷ୍ଟରରୁ ୫ଟିରେ ତ୍ରୁଟି ପରିଲକ୍ଷିତ ହେବାରୁ ସେମାନେ କଷ୍ଟେମଷ୍ଟେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବାରେ ସକ୍ଷମ ହୋଇଥିଲେ ସୁଦ୍ଧା ପ୍ରାୟ ଦେଢ଼ ଘଣ୍ଟା କାଳ ବିଳମ୍ବ ଘଟିଥିଲା (ସେମାନେ ପ୍ରକୃତରେ ରାତି ୧୧ଟା ୩ ମିନିଟ ସମୟରେ ପହଞ୍ଚିଥିଲେ)। ଥ୍ରଷ୍ଟର୍ ଠିକ୍ ରୂପେ କାର୍ଯ୍ୟକ୍ଷମ ନ ହେବାରୁ ସେଗୁଡ଼ିକର ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଥିଲା; ଫଳରେ ଯାନର ତାପନିରୋଧକ ଟେଫଲୋନ ଆବରକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଥିଲା, ଯାହା ପ୍ରତ୍ୟାବର୍ତ୍ତନ ସମୟରେ ବାୟୁମଣ୍ଡଳ ମଧ୍ୟରେ ଘର୍ଷଣ ଜନିତ ପ୍ରଚଣ୍ଡ ତାପମାତ୍ରାରୁ ଯାତ୍ରୀମାନଙ୍କୁ ସୁରକ୍ଷା ଯୋଗାଇଥାଏ। ଆହୁରି ମଧ୍ୟ ଯାନକୁ ଅଗ୍ରଗାମୀ ବେଗ ପ୍ରଦାନ କରୁଥିବା ନିର୍ଗତ ଗ୍ୟାସ୍‌ର ବେଗ ହ୍ରାସ ପାଇ ଏହାର ଦିଗ-ଚାଳନା ଓ ନିୟନ୍ତ୍ରଣ କୌଶଳ ଗୁରୁତର ପ୍ରଭାବିତ ହୋଇଥିଲା। ସୁତରାଂ ନାସା ଷ୍ଟାରଲାଇନର୍‌ର ସେହି ଫେରନ୍ତା ଅନ୍ତରୀକ୍ଷ ଯାନରେ ମହାକାଶଚାରୀମାନଙ୍କୁ ଫେରାଇ ଆଣିବା ନିମନ୍ତେ କୌଣସି ରିସ୍କ ନ ନେଇ ସେମାନଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ଯାତ୍ରା ସାମୟିକ ପାଇଁ ସ୍ଥଗିତ ରଖିଥିଲା। ଫଳରେ ମହାକାଶଚାରୀ ଦୁହେଁ ସେହି ଦିନଠୁ ଏବେ ସୁଦ୍ଧା ସ୍ପେସ୍ ଷ୍ଟେଶନରେ ଅଟକି ରହିଛନ୍ତି ଏବଂ ଏଇ ବର୍ଷ ସେମାନଙ୍କୁ ପୃଥିବୀ ଫେରାଇ ଆଣିବାରେ ନାସା ନିକଟରେ କୌଣସି ମହାକାଶଯାନ କିମ୍ବା ଯୋଜନା ନାହିଁ।

ନାସା ନିକଟରେ ଅଡୁଆର ଖିଅ ଲମ୍ବି ଲମ୍ବି ଯାଉଛି! ଷ୍ଟାରଲାଇନର୍ ଯାନଟି ସ୍ପେସ୍ ଷ୍ଟେଶନର ଡକିଙ୍ଗ ପୋର୍ଟ ସହିତ ଅତି ବେଶିରେ ୯୦ ଦିନ ପର୍ଯ୍ୟନ୍ତ ସଂଯୁକ୍ତ ହୋଇ ରହିପାରିବ। କାରଣ ଉଦ୍ଧାରକାରୀ କ୍ରୁ ଡ୍ରାଗନ ଯାନ ପୃଥିବୀରୁ ଯାଇ ସିଧାସଳଖ ସ୍ପେସ ଷ୍ଟେଶନର ସେହି ପୋର୍ଟ ସହିତ ହିଁ ସଂଲଗ୍ନ ହେବ। ଏହି ସବୁ କାରଣ ଯୋଗୁ ମହାକାଶରେ ଅଟକି ରହିଥିବା ମହାକାଶଚାରୀଙ୍କ ପୃଥିବୀ ଫେରିବା ସମୟ ନିର୍ଘଣ୍ଟରେ ଅନିଶ୍ଚିତତା ପ୍ରକାଶ ପାଇଛି। ଏହା ମଧ୍ୟରେ ନାସା ସୁରକ୍ଷା କାରଣରୁ ଅଟକି ରହିଥିବା ମହାକାଶଚାରୀଙ୍କ ପ୍ରତ୍ୟାବର୍ତ୍ତନର ତାରିଖକୁ ତିନି ଥର ଗଡ଼ାଇ ସାରିଲଣି।

ଏହି ପରିବର୍ତ୍ତିତ ପରିସ୍ଥିତିରେ ଷ୍ଟାରଲାଇନର୍ ଯାନର ଫେରନ୍ତା ଯାତ୍ରାକୁ ପରିବର୍ତ୍ତିତ କରାଯାଇଛି। ତାହା ଏବେ ସ୍ପେସ୍ ଷ୍ଟେଶନରୁ ବିଚ୍ଛିନ୍ନ ହୋଇ ବିନା ମହାକାଶଯାତ୍ରୀ ତଥା ବିନା ଚାଳକରେ (ଅର୍ଥାତ ଅଟୋ ପାଇଲଟିଙ୍ଗ କୌଶଳ ଜରିଆରେ) ପୃଥିବୀ ପ୍ରତ୍ୟାବର୍ତ୍ତନ କରିଛି। ପରବର୍ତ୍ତୀ ସମୟରେ ମହାକାଶରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଶିଳ୍ପପତି ଏଲନ୍ ମସ୍କଙ୍କ 'ସ୍ପେସ୍ ଏକ୍ସ' କମ୍ପାନୀର ଏକ ସ୍ୱତନ୍ତ୍ର ଯାନ କ୍ରୁ ଡ୍ରାଗନ-୯ ଜରିଆରେ ପୃଥିବୀକୁ ଫେରାଇ ଆଣିବାର ଯୋଜନା କରାଯାଇଛି। ଏହି ଅଭିଯାନ ନିମନ୍ତେ ଉକ୍ତ ଯାନର ଗଠନକୁ ପୁନର୍ବିନ୍ୟାସ କରାଯାଇଛି। ଏବେ ଏଥିରେ ଚାରି ଜଣ ମହାକାଶଚାରୀଙ୍କ ପରିବର୍ତ୍ତେ କେବଳ ଦୁଇ ଜଣ ଯାତ୍ରୀ (ଜଣେ ଆମେରିକୀୟ ଓ ଅନ୍ୟ ଜଣେ ରୁଷୀୟ) ରହିଛନ୍ତି ଏବଂ ଆଉ ଦୁଇଟି ଆସନକୁ ଖାଲି ଛଡ଼ାଯାଇଛି, ଯାହା ସ୍ପେସ୍ ଷ୍ଟେଶନରେ ଅଟକି ରହିଥିବା ଦୁଇ ଯାତ୍ରୀଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ନିମନ୍ତେ ବ୍ୟବହାର କରାଯିବ। ଏହି ଯାନକୁ ଗତ ସେପ୍ଟେମ୍ବର ୩୦ ତାରିଖରେ ମହାକାଶ ଷ୍ଟେଶନ ଅଭିମୁଖେ ଅନ୍ତରୀକ୍ଷକୁ ପ୍ରେରଣ କରାଯାଇଛି ଏବଂ ଯାନଟି ଅନ୍ତରୀକ୍ଷ ଯାତ୍ରାକରି ସଫଳତାର ସହିତ ସ୍ପେସ୍ ଷ୍ଟେଶନ ସହିତ ମିଳିତ ହୋଇଛି। ମାତ୍ର ସୁରକ୍ଷା ଦୃଷ୍ଟିକୋଣରୁ ଏହା ସଙ୍ଗେ ସଙ୍ଗେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଧରି ପୃଥିବୀ ଫେରିପାରିବ ନାହିଁ। ଏହା ଆଗାମୀ ୨୦୨୫ ମସିହା ଫେବୃଆରୀ ବେଳକୁ ଅଟକି ରହିଥିବା ଦୁଇ ମହାକାଶଚାରୀଙ୍କୁ ସଙ୍ଗରେ ନେଇ ପୃଥିବୀ ଫେରିବ ବୋଲି ଆଶା କରାଯାଉଛି।

ନାସାର ଏହି ଯୋଜନା ସଫଳ ହେଲେ ଏହା ଅନ୍ତରୀକ୍ଷ ଯାତ୍ରା କ୍ଷେତ୍ରରେ କୌଣସି ଅଭିଯାନରେ ଏକକାଳୀନ ଦୁଇଟି ଯାନ ବ୍ୟବହାର କରିବା ଦୃଷ୍ଟିରୁ ଏକ ଇତିହାସ ରଚନା କରିବ। ସାଧାରଣତଃ ଯେଉଁ ଯାନ ମହାକାଶଚାରୀଙ୍କୁ ନେଇ ଅନ୍ତରୀକ୍ଷ ଯାଇଥାଏ ସେହି ଯାନ ହିଁ ମହାକାଶଚାରୀଙ୍କୁ ନେଇ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଥାଏ। ମାତ୍ର ଏ କ୍ଷେତ୍ରରେ, ମହାକାଶଚାରୀଙ୍କୁ ନେଇ 'ଷ୍ଟାରଲାଇନର୍' ଯାନ ଯାଇଥିଲାବେଳେ ସେମାନଙ୍କୁ ପୃଥିବୀକୁ ଫେରାଇ ଆଣିବାରେ ଅନ୍ୟ ଏକ ମହାକାଶ ଯାନ ସ୍ପେସ୍ ଏକ୍ସ ର 'କ୍ରୁ ଡ୍ରାଗନ'ର ସହାୟତା ନିଆଯାଇଛି। ଗୋଟିଏ ଅଭିଯାନ କ୍ଷେତ୍ରରେ ଦୁଇଟି ପୃଥକ ଯାନର ବ୍ୟବହାର ଯୋଗୁ ଏହା ମହାକାଶ ଅଭିଯାନ କ୍ଷେତ୍ରରେ ଏକ ବିରଳ ରେକର୍ଡ ସୃଷ୍ଟି କରିବ। (କ୍ରମଶଃ...)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ଚାରୋଟି କଥା



ସୁସ୍ଥ ରହିବାକୁ କିଏ ବା ନ ଚାହେଁ ? ସ୍ୱାସ୍ଥ୍ୟ ଅବସ୍ଥାକୁ ଚାରୋଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମତଃ ଯେଉଁମାନେ ସମ୍ପୂର୍ଣ୍ଣ ସୁସ୍ଥ, ତାଙ୍କର କୌଣସି ଚିକିତ୍ସା ଆବଶ୍ୟକତା ନ ଥାଏ। ମାତ୍ର ସେମାନେ ମଧ୍ୟ ସୁସ୍ଥ ରହିବା ପାଇଁ ଓ ରୋଗ ନ ହେବା ପାଇଁ ସତର୍କ ରହିବା ଦରକାର। ଦ୍ୱିତୀୟତଃ ଯେଉଁମାନେ ସାଧାରଣ ଅଣ ଗୁରୁତର ରୋଗରେ ପୀଡ଼ିତ, ଯାହାର କି ଚିକିତ୍ସା ସହଜ ଓ ଆରୋଗ୍ୟ ମଧ୍ୟ ହୋଇଥାଏ। ତୃତୀୟ ପ୍ରକାର ରୋଗ ଯାହା ଏକ ବହୁଳ ପରିଲକ୍ଷିତ ହେଉଛି। ସେଗୁଡ଼ିକ ମଧ୍ୟରେ ରହିଛି ଦୀର୍ଘ ଦିନ ଧରି ଓ ପ୍ରାୟ ଜୀବନ ସାରା ଚିକିତ୍ସା ଦରକାର କରୁଥିବା ରୋଗ ସମୂହ। ଏହି ରୋଗ ପାଇଁ ପ୍ରଥମରୁ ଯାଞ୍ଚ କରିବା ଆବଶ୍ୟକ ଓ ରୋଗ ନିର୍ଣ୍ଣୟ ପରେ ନିୟମିତ ଭାବରେ ଔଷଧ ଖାଇବା ଓ ଯାଞ୍ଚ କରିବା ଉଚିତ। ସାଧାରଣତଃ ଉଚ୍ଚ ରକ୍ତଚାପ, ମଧୁମେହ, ଥାଇରଏଡ ନ୍ୟୂନତା, ମାନସିକ ଅବସାଦ, ହୃଦ୍‌ରୋଗ ଓ କେତେଗୁଡ଼ିଏ ସ୍ନାୟୁଜନିତ ରୋଗ ତଥା କେତେକ କ୍ଷେତ୍ରରେ କ୍ୟାନସର ଓ ରକ୍ତରୋଗର ସାରା ଜୀବନ ଚିକିତ୍ସାର ଆବଶ୍ୟକ ହୋଇଥାଏ। ମାତ୍ର କେତେକ ପ୍ରକାର ରୋଗ ପାଇଁ ଡାକ୍ତରଖାନାରେ ରହି ଚିକିତ୍ସିତ ହେବାକୁ ପଡ଼ିଥାଏ। ଦୁର୍ଘଟଣା, ହାର୍ଟଆଟାକ୍, ଷ୍ଟ୍ରୋକ୍, ରେନାଲ (କିଡନୀ) ଫେଲ୍ୟୁୟର, ମଧୁମେହ ଜଟିଳତା, ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ, ବିଭିନ୍ନ ପ୍ରକାରର ଅସ୍ତ୍ରୋପଚାର (ଅପରେଶନ) ଦ୍ୱାରା ହେଉଥିବା ଚିକିତ୍ସା ଓ ଆହୁରି ଅନେକ ରୋଗ ପାଇଁ ହସପିଟାଲରେ ଆଡମିଶନ ଦରକାର ପଡିଥାଏ।

# ଡିପ୍ରେସନଠାରୁ ଦୂରେଇ ରହିବାର ସହଜ ଉପାୟ



ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ଡିପ୍ରେସନ୍‌ର ମଧ୍ୟ ସମ୍ମୁଖୀନ ହେଉଛେ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ନିକଟରେ 'ଡିପ୍ରେସନ ଓ ଖାଦ୍ୟ' ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ କରାଯାଇଥିଲା। ଏଥିରେ ଯେଉଁମାନେ ପ୍ରାୟ ଅଧିକାଂଶ ସମୟ ସୁଷମ ଖାଦ୍ୟ ଖାଉ ନ ଥିଲେ, ସେମାନେ ଡିପ୍ରେସନ୍‌ର ସମ୍ମୁଖୀନ ହେଉଥିବାର ଜଣାପଡ଼ିଥିଲା। ତେଣୁ ଜଣେ ଯଦି ନିଜ ଖାଦ୍ୟପେୟ ପ୍ରତି ସତର୍କ ରହିବ ସେ ନିଜକୁ କେତେକାଂଶରେ ଡିପ୍ରେସନଠାରୁ ଦୂରେଇ ରଖିପାରିବ। କାରଣ ସୁଷମ ଖାଦ୍ୟ ଖାଇବା ଦ୍ୱାରା ଆମର ମନ କେତେକାଂଶରେ ସକାରାତ୍ମକ ରହିଥାଏ। ଯଦି ଜଣେ ବ୍ୟକ୍ତିଙ୍କର ମନ ଅଧିକାଂଶ ସମୟ ସକାରାତ୍ମକ ରହିଲା ତେବେ ସେ ନିଜକୁ ଡିପ୍ରେସନଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଆଉ ଏହାପଛରେ ସୁଷମ ଖାଦ୍ୟରେ ଭୂମିକା ରହିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଯଦି ଗୁରୁତ୍ୱ ଦେବା...



ଆମେ ସୁସ୍ଥ ରହିବାକୁ ଖାଦ୍ୟ ଖାଇବା ନିହାତି ଦରକାର। ତେବେ ଏହି ଖାଦ୍ୟ ଖାଇବା ପରେ ଆମକୁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ଅନେକଙ୍କର ଖାଇବା ପରେ ଏଭଳି କିଛି ଅଭ୍ୟାସ ରହିଛି ଯାହା ପରୋକ୍ଷରେ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଖାଇବାର ଠିକ୍ ପରେ ପରେ କେତେକେ ପାଣି ପିଅନ୍ତି। ଏହା ଏକ ଖରାପ ଅଭ୍ୟାସ। ଏହାଦ୍ୱାରା ମେଦବହୁଳତା ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଖାଦ୍ୟ ଖାଇବାର ଅତିକମ୍‌ରେ ଅଧ ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ଭିତରେ ପାଣି ପିଅନ୍ତୁ। ଆଉ ଏକ ସାଧାରଣ ଅଭ୍ୟାସ ସହ ଆମେ ପ୍ରାୟ ଜଡ଼ିତ। ତାହା ହେଲା ରାତ୍ରଭୋଜନ ଶେଷ କରିବା ପରେ ପରେ କେତେକେ ଶୋଇବାକୁ ଯାଇଥାଆନ୍ତି। କିନ୍ତୁ ଗୋଟିଏ କଥା ମନେ ରଖିବା ଦରକାର ଯେ ରାତ୍ରଭୋଜନ ଏବଂ ଶୋଇବା ଭିତରେ ଅତିକମ୍‌ରେ ଦୁଇ ଘଣ୍ଟା ଗ୍ୟାପ୍ ରହିବା ଭଲ। ଏହାଦ୍ୱାରା ଖାଦ୍ୟ ଭଲ ଭାବରେ ହଜମ ହୁଏ ଏବଂ ଭଲ ନିଦ ହୁଏ। ରାତ୍ରଭୋଜନ ଶେଷ କରିବା ପରେ ଗୋଟିଏ ସ୍ଥାନରେ ନ ବସି କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ହଜମ ହୋଇଥାଏ। ଖାଇବା ପରେ କଦାପି ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ସବୁବେଳେ ଖାଇବା ପରେ ନିଶାଦ୍ରବ୍ୟ ସେବନ କରନ୍ତି ତେବେ ସେ ଭବିଷ୍ୟତରେ କ୍ୟାନ୍‌ସର ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।

# ସ୍ୱାସ୍ଥ୍ୟ ସୂଚନା

➢ଗ୍ରୀନ୍ ମଟରରେ ଆଇରନ୍ ଓ ଫାଇବର୍ ଅଧିକ ପରିମାଣରେ ରହିଛି। କୋଷ୍ଠକାଠିନ୍ୟ ସମସ୍ୟାରୁ ଏହା କେତେକାଂଶରେ ରକ୍ଷା କରିଥାଏ।

➢ବୟସ୍କ ବ୍ୟକ୍ତିମାନେ ସେମାନଙ୍କର ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉଚିତ। ଏହି ସମୟରେ ଅଧିକ ଗରିଷ୍ଠ ଖାଦ୍ୟ ନ ଖାଇବା ଭଲ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।

➢ସବୁ ଋତୁ ପରି ଶୀତଦିନେ ଆମେ ଚର୍ମର ଯତ୍ନ ନେବା ଦରକାର। ଏହି ସମୟରେ ଭଲ କ୍ୱାଲିଟିର ବଡି ଲୋଶନ ବ୍ୟବହାର କରିପାରିବେ।

➢ତଟକା ଫଳମୂଳରେ ଭିଟାମିନ୍ ଭରି ରହିଛି। ତେଣୁ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

➢ଯଦି କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତେବେ ସେ ନେଇ ଭାଙ୍ଗି ପଡନ୍ତୁ ନାହିଁ। ଏହି ସମୟରେ ନିଜର ଧୈର୍ଯ୍ୟ ରଖି ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ।

➢କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ। କାରଣ ଏହାଦ୍ୱାରା ଏସିଡିଟି ସମସ୍ୟା ବଢ଼ିଯାଇଥାଏ। ଯଦି ଆମେ ଏଭଳି ସମସ୍ୟାକୁ ଠିକ୍ ସମୟରେ ଗୁରୁତ୍ୱ ନ ଦେବା ତେବେ ଭବିଷ୍ୟତରେ ଏଥିରୁ ଆରୋଗ୍ୟ ଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।



# ରକ୍ତ ସଞ୍ଚାଳନକୁ ସକ୍ରିୟ କରେ କଲରା

କଲରା ଏଭଳି ଏକ ଖାଦ୍ୟ ଯେଉଁଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ସାମିଲ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିୟମିତ କଲରା ଖାଇଲେ ତାହା ରକ୍ତ ସଞ୍ଚାଳନକୁ ଆହୁରି ସକ୍ରିୟ କରାଇଥାଏ। ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ କିଛି ସପ୍ତାହ ନିୟମିତ କଲରା ଖାଇବାକୁ ପରାମର୍ଶ ଦେବା ପରେ ସେମାନେ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ସାହାଯ୍ୟ କରିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ଭରି ରହିଛି। ଭିଟାମିନ୍ 'ଏ'ର ମଧ୍ୟ ଏହା ଅନ୍ୟତମ ଉତ୍ସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜଣେ ଡାଇବେଟିସ୍ ରୋଗୀ ଏହାକୁ ଖାଇବା ଦରକାର। କାରଣ ଏହା ରକ୍ତରେ ଶର୍କରା ଅଂଶକୁ କେତେକାଂଶରେ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। କଲରା ଜୁସ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର। ଏହା ମଧ୍ୟ ଓଜନକୁ ସନ୍ତୁଳିତ ରଖିଥାଏ। ଶରୀରକୁ ଆଲର୍ଜିଠାରୁ ରକ୍ଷା କରିଥାଏ କଲରା। ଅନ୍ୟପକ୍ଷରେ ଖାଦ୍ୟ ହଜମରେ ମଧ୍ୟ ସହାୟତା କରିଥାଏ।



# ଜାଣି ରଖନ୍ତୁ



ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯଦି ଆପଣ ରକ୍ତଦାନ କରିବାକୁ ଯାଉଛନ୍ତି, ତେବେ ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ। ଏବେ ରକ୍ତଦାନ କରିବାକୁ ଅନେକ ଆଗଭର ହେଉଛନ୍ତି। ତେଣୁ ସେଭଳି ମହତ କାମ କରିବା ପୂର୍ବରୁ କେତୋଟି ବିଷୟରେ ଜାଣିବା ନିହାତି ଦରକାର। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ବ୍ୟକ୍ତି ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେଦୂର ଠିକ୍ ତାହା ଡାକ୍ତରଙ୍କୁ ପଚାରି ବୁଝି ନିଅନ୍ତୁ।

# ଭିଟାମିନ୍ 'ଡି' ପରିମାଣ କମିଗଲେ ହୋଇପାରେ ହୃଦ୍‌ଘାତ

ହୃଦ୍‌ଘାତ ହେବା ପଛରେ ଅନେକ କାରଣ ରହିଛି। ରକ୍ତରେ କୋଲେଷ୍ଟରଲ ପରିମାଣ ବଢ଼ିଗଲେ, ଦୀର୍ଘଦିନ ଧରି ଡାଇବେଟିସ୍ ଏବଂ ବ୍ଲଡପ୍ରେସର ଅସନ୍ତୁଳିତ ରହିଲେ ଏଭଳି ଆଶଙ୍କା ଅଧିକ ଥାଏ। କିନ୍ତୁ ଯଦି ଆମେ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଆବଶ୍ୟକତାଠାରୁ କମ୍ ଖାଉ ତେବେ ଏଭଳି ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ସର୍ଭେ ସମୟରେ ସେମାନେ କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟକୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଶରୀରରେ ଭିଟାମିନ୍ 'ଡି' ପରିମାଣ ଅଧିକାଂଶ ସମୟ କମ୍ ରହୁଥିଲା, ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ହୃଦ୍‌ଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭିଟାମିନ୍ 'ଡି'ରେ ଏଭଳି ତତ୍ତ୍ୱ ରହିଛି, ଯାହା ହାର୍ଟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ବୋଲି ସେମାନେ ମତ ଦେଇଛନ୍ତି। ତା' ସହ ସବୁବେଳେ ଏଭଳି ଖାଦ୍ୟ ଅଧିକ ପରିମାଣରେ ଖାଇବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। କଦଳୀ, କମଳା, ଆଳମଣ୍ଡ, ଛତୁ, କ୍ଷୀର, ଜୁସ୍ ଆଦିରେ ଭିଟାମିନ୍ 'ଡି' ଭରି ରହିଛି।






# ୟଙ୍ଗଷ୍ଟର ପ୍ରିମିୟର ଲିଗ୍ ନିଲାମୀ ଆରମ୍ଭ

**ଭୁବନେଶ୍ୱର, ୧।୧୨ (ସରୋଜ ଜେନା):** ରାଜ୍ୟରେ ଯୁବ ଖେଳାଳିଙ୍କ ବିକାଶ ପାଇଁ କ୍ରିକେଟ୍ ଏକାଡେମୀ ଅଫ୍ ପଠାନ୍ସ (ସିଏପି) ପକ୍ଷରୁ ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସିଜନ ପାଇଁ ଖେଳାଳି ନିଲାମୀ ରବିବାର ହୋଇଛି। ଆଇପିଏଲ ଢାଞ୍ଚାରେ ହେଉଥିବା ଟୁର୍ନାମେଣ୍ଟରେ ୮ ଫ୍ରାଞ୍ଚାଇଜ ରହିଥିବା ବେଳେ ରବିବାର ପ୍ରଥମ ଦିନର ନିଲାମୀ ଶେଷ ହୋଇଛି। ଲୋୟଲା ସ୍କୁଲରେ ଥିବା ସିଏପି ଗ୍ରାଉଣ୍ଡରେ ଏହି ଟୁର୍ନାମେଣ୍ଟର ନିଲାମୀ ହୋଇଥିଲା। ପ୍ରତି ଟିମରେ ସର୍ବାଧିକ ୨୧ ଜଣ ବିଭିନ୍ନ ବୟସ ବର୍ଗର ଖେଳାଳି ରହିବେ। ସେହିପରି ଚୂଡାନ୍ତ ଏକାଦଶରେ ଜଣେ ରାଜ୍ୟ ପ୍ରତିନିଧିତ୍ୱ କରିଥିବା ଖେଳାଳି, ୪ ଜଣ ୧୬ ବର୍ଷରୁ କମ୍ ଓ ୨ ଜଣ ୧୪ ବର୍ଷରୁ କମ୍ ବୟସର ଖେଳାଳିଙ୍କ ରହିବା ବାଧ୍ୟତାମୂଳକ କରାଯାଇଛି। ଏହି ଟୁର୍ନାମେଣ୍ଟ ପାଇଁ ମୋଟ ୪୫୬ଜଣ ଖେଳାଳି ନାମ ପଞ୍ଜୀକୃତ କରିଥିବା ବେଳେ ୨୧୮ ଜଣ ଖେଳାଳିଙ୍କୁ ଶର୍ଟଲିଷ୍ଟ କରାଯାଇଥିଲା। ସୁରଞ୍ଜନା ମହାପାତ୍ର ଓ ଯୁଧିଷ୍ଠିର ଅଙ୍କନ ପରିଚାଳନା କରିଥିଲେ। ପ୍ରଥମ ଦିନରେ ଅଭିଷେକ ମିଶ୍ର ସବୁଠୁ ଦାମୀ ଖେଳାଳି ରହିଛନ୍ତି। ଅଭିଷେକଙ୍କୁ ୪୭ ହଜାର ଟଙ୍କାରେ କିଣିଥିଲା ଏଚ୍‌ଟୁଓ ହରିକେନ୍ସ। ଏହା ସହିତ ୟଙ୍ଗଷ୍ଟର ପ୍ରିମିୟର ଲିଗର ଟ୍ରଫି ମଧ୍ୟ ଉନ୍ମୋଚିତ ହୋଇଥିଲା। ଲୋୟଲା ସ୍କୁଲର ରେକ୍ଟର ଫାଦର ଅଗଷ୍ଟିନ ଟ୍ରଫି ଉନ୍ମୋଚନ କରିଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ